# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୬/୨୦୨୩ (୨୦ ପୃଷ୍ଠା) | Bhubaneswar, Monday, October 16/2023 | Page 20 | ₹ 7.00

୪୯ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 322 | ମୂଲ୍ୟ ₹୭/-





# ଲକ୍ଷାଧିକ ପାଲେଷ୍ଟିନୀୟ ବିସ୍ଥାପିତ

## ▶▶ ସ୍ଥଳଭାଗରେ ଆକ୍ରମଣ ପ୍ରସ୍ତୁତି ▶▶ ଗାଜା ସୀମାରେ ଇସ୍ରାଏଲୀ ଟ୍ୟାଙ୍କ



ଇସ୍ରାଏଲର ରକେଟ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଏକ ଘରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି ଜଣେ ବ୍ୟକ୍ତି।

**ଜେରୁଜେଲମ୍/ଗାଜା ସିଟି, ୧୫।୧୦**

ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ସପ୍ତାହେ ଭିତରେ ଗାଜାରୁ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ସମର୍ଥନ କରୁଥିବା ଜାତିସଂଘର ଏକ ସହଯୋଗୀ ଏଜେନ୍ସି କହିଛି, ଗାଜାରେ ଅତ୍ୟନ୍ତ ବିଧ୍ୱଂସକ ସ୍ଥିତି ଲାଗିରହିଛି।

ଗତ ୭ ତାରିଖରୁ ଉଭୟ ପକ୍ଷରୁ ତୁହାକୁ ତୁହା ରକେଟ ମାଡ଼ ଜାରି ରହିଥିବାରୁ ଗାଜା ସୀମାନ୍ତ ଅଞ୍ଚଳରେ ଇସ୍ରାଏଲ ବିପୁଳ ଟ୍ୟାଙ୍କ ଓ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲ ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ହେଜ୍‌ବୋଲ୍ଲା ଫାଇଟର୍ସ ମିଶାଇଲ ମାଡ଼କରି ଇସ୍ରାଏଲର ଜଣେ ନାଗରିକଙ୍କୁ ହତ୍ୟା କରିବା ପରେ ଇସ୍ରାଏଲୀ ସେନା ଲେବାନନ୍ ଉପରେ ଆକ୍ରମଣ କରିଛି। ଗାଜା ବିରୋଧୀ ଅଭିଯାନରେ ଆମେରିକୀୟ ଏୟାରକ୍ରାଫ୍ଟ କେରିୟର ୟୁଏସ୍‌ଏସ୍ ଡ୍ୱିଟ୍ ଡି ଏସେନ୍‌ହୋଭର ସାମିଲ ହୋଇଛି। ଏହି ଯୁଦ୍ଧବିମାନ ଇସ୍ରାଏଲକୁ ସହଯୋଗ କରିବା ପାଇଁ ଭୂମଧ୍ୟସାଗରୀୟ ଅଞ୍ଚଳରେ ପହଞ୍ଚିଛି। ୟୁରୋପୀୟ ସଂଘ (ଇୟୁ) ନେତାମାନେ ମଧ୍ୟ ଇସ୍ରାଏଲକୁ ସମର୍ଥନ କରିଛନ୍ତି। ଅନ୍ତର୍ଜାତୀୟ ଆଇନାନୁସାରେ ଇସ୍ରାଏଲ ଆତ୍ମରକ୍ଷା କରିବା ପାଇଁ ନେଇଥିବା କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ସେମାନେ କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଅନ୍ୟୁନ ୭୨୪ ଶିଶୁଙ୍କ ସମେତ ୨,୩୨୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌ର ସାମରିକ ଅପରେଶନରେ ଇସ୍ରାଏଲର ୧,୩୦୦ ଜଣ ନିହତ ହେଲେଣି। ମୃତକଙ୍କ ମଧ୍ୟରେ ୨୮୬ ଇସ୍ରାଏଲୀ ସୈନ୍ୟ ଅଛନ୍ତି। ସେପଟେ ଗାଜା ବିରୋଧରେ 'ଯୁଦ୍ଧ ଅପରାଧ' ତୁରନ୍ତ ବନ୍ଦ କରିବାକୁ ଇସ୍ରାଏଲକୁ ଇରାନ୍ ଚେତାବନୀ ଦେଇଛି।

> ଇସ୍ରାଏଲ ଆତ୍ମରକ୍ଷା ବହିର୍ଭୂତ କାର୍ଯ୍ୟାନୁଷ୍ଠାନ ନେଉଛି। ପାଲେଷ୍ଟିନୀୟନଙ୍କ ଜାତୀୟ ଅଧିକାରକୁ ଦୀର୍ଘ ବର୍ଷ ଧରି ଅଣଦେଖା କରାଯାଇଛି। ସାମ୍ପ୍ରତିକ ସ୍ଥିତିର ଏହି ମୂଳ କାରଣକୁ ନେଇ ପାଲେଷ୍ଟାଇନ୍‌କୁ ବେଜିଂ ଯୁକ୍ତିଯୁକ୍ତ ସମର୍ଥନ କରେ।
>
> **-ୱାଙ୍ଗ୍ ୟି, ଚାଇନା ବହିର୍ବ୍ୟାପାର ମନ୍ତ୍ରୀ**

> ପାଲେଷ୍ଟିନୀୟଙ୍କ ଉପରେ ବର୍ବରତାକୁ ନେଇ ଚିନ୍ତିତ ଥିବା ଲୋକେ ନିଜ ଘର ପାଖରେ ସଂଖ୍ୟାଲଘୁଙ୍କ ବିରୋଧରେ ଘଟୁଥିବା ହିଂସାକୁ ସମାନ ଭାବେ ଧ୍ୟାନ ଦେବା ଉଚିତ।
>
> **-ତସଲିମା ନସରିନ୍, ପ୍ରଖ୍ୟାତ ବାଂଲାଦେଶୀ ଲେଖିକା**

> ପାଲେଷ୍ଟାଇନ୍ କେବଳ ମୁସଲମାନମାନଙ୍କ ପ୍ରସଙ୍ଗ ନୁହେଁ, ବରଂ ଏକ ମାନବୀୟ ସଙ୍କଟ। ନେତାନ୍ୟାହୁ ଜଣେ ପିଶାଚ, ଏକଚ୍ଛତ୍ରବାଦୀ ଯୁଦ୍ଧ ଅପରାଧୀ। ଯୁଦ୍ଧରେ ଉଭୟ ପକ୍ଷଙ୍କ ଅନେକ ହଜାର ଲୋକ ନିହତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାଜାବାସୀଙ୍କ ପ୍ରତି ସହାନୁଭୂତି ଦେଖାଇବା ଉଚିତ।
>
> **-ଅସାଦୁଦ୍ଦିନ୍ ଓ୍ୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ**

### ଗାଜା ଷ୍ଟ୍ରିପ୍




❖ଗାଜାର ଜନସଂଖ୍ୟା ହେଉଛି ପ୍ରାୟ ୨.୩ ନିୟୁତ। ଗାଜାବାସୀ ୫ଟି ଅଞ୍ଚଳରେ ବସବାସ କରନ୍ତି। ସେଗୁଡ଼ିକ ହେଲା ନର୍ଥ ଗାଜା, ଗାଜା ସିଟି, ଡେଇରେଲ-ବଲାହ, ଖାନ୍ ୟୁନିସ୍ ଏବଂ ରଫହ।

❖ଭୂମଧ୍ୟସାଗର ଉପକୂଳରେ ଇସ୍ରାଏଲ, ଇଜିପ୍ଟ ସୀମା ସହ ସଂଲଗ୍ନ ଗାଜା ଷ୍ଟ୍ରିପ୍‌ର ମୋଟ ଆୟତନ ହେଉଛି ୩୬୫ ବର୍ଗ କି.ମି. (୧୪୧ ବର୍ଗ ମାଇଲ)।

❖ଗାଜା ଷ୍ଟ୍ରିପ୍‌ର ଦକ୍ଷିଣରେ ଥିବା ରଫହରୁ ଉତ୍ତରରେ ସ୍ଥିତ ବେଇଟ୍ ହାନୁନ୍‌ର ଦୂରତା ହେଉଛି ୪୧ କି.ମି., ଯାହାକୁ କୌଣସି ଗାଡ଼ିରେ ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ କମ୍ ସମୟ ଲାଗିଥାଏ।

## ଅପରେଶନ୍ ଅଜୟ: ଫେରିଲେଣି ୯୦୬ ଭାରତୀୟ

**ନୂଆଦିଲ୍ଲୀ, ୧୫।୧୦**

ଯୁଦ୍ଧ ପ୍ରଭାବିତ ଇସ୍ରାଏଲର ତେଲ ଅଭିଭରୁ ଅଦ୍ୟାବଧି ୯୦୬ରୁ ଅଧିକ ଭାରତୀୟ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଓ ଶନିବାର ମୋଟ ୪୩୫ ଭାରତୀୟ ଫେରିଥିବାବେଳେ ରବିବାର ଦୁଇଟି ଫ୍ଲାଇଟ୍‌ରେ ୪୭୫ ଜଣ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବା ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଏକ୍ସ'ରେ ସୂଚନା ଦେଇଛନ୍ତି।

# ଯୌନ ପିପାସୁ ଶାନ୍ତିରକ୍ଷକ



**କୋହାନ୍ସବର୍ଗ, ୧୫।୧୦**

କଙ୍ଗୋ ସାଧାରଣତନ୍ତ୍ରରେ ଶିଶୁ ଓ ମହିଳାଙ୍କୁ ଯୌନ ଉତ୍ପୀଡ଼ନ କରିବା ଅଭିଯୋଗରେ ରବିବାର ଦକ୍ଷିଣ ଆଫ୍ରିକା ନିଜର ୮ ସୈନିକଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନରୁ ପ୍ରତ୍ୟାହାର କରିନେଇଛି। ଏହି ଶାନ୍ତିରକ୍ଷକମାନଙ୍କ ବିରୋଧରେ ମାମଲା ବିଚାରାଧୀନ ରହିଛି। ସେମାନଙ୍କୁ ଏହା ପୂର୍ବରୁ ବେନି ସହରରେ ଥିବା ବାରାକ୍‌ରେ ଅଟକ ରଖାଯାଇଥିଲା। ଅଭିଯୋଗ ଗମ୍ଭୀର ହୋଇଥିବାରୁ ଦକ୍ଷିଣ ଆଫ୍ରିକୀୟ ଜାତୀୟ ପ୍ରତିରକ୍ଷା ବଳ (ଏସ୍‌ଏଏନ୍‌ଡିଏଫ୍) ସେମାନଙ୍କୁ ପ୍ରତ୍ୟାହାର କରିନେବା ସହ ସ୍ପଷ୍ଟୀକରଣ ମାଗିଛି। ତଦନ୍ତକାରୀ ଅଧିକାରୀମାନେ କଙ୍ଗୋ ଯାଇ ଆନୁଷ୍ଠାନିକ ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଗୃହଯୁଦ୍ଧ ପ୍ରଭାବିତ କଙ୍ଗୋକୁ ସ୍ଥିତି ସମୀକ୍ଷା ପାଇଁ ଯାଇଥିବା ଜାତିସଂଘ ସାମରିକ ପୋଲିସ ଅଧିକାରୀମାନେ ସେଠାକାର ମହିଳା ଓ ଶିଶୁମାନଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ନେଇ ଏହା ପୂର୍ବରୁ ଅଭିଯୋଗ ହୋଇଥିଲା।

# ଆମେରିକା ମାଗିଥିଲା ଚନ୍ଦ୍ରୟାନ-୩ କାରିଗରି: ଇସ୍ରୋ ମୁଖ୍ୟ

**ରାମେଶ୍ୱରମ୍, ୧୫।୧୦**



ଚନ୍ଦ୍ରୟାନ୍-୩ର ବିକାଶମୂଳକ କାର୍ଯ୍ୟକଳାପ ଦେଖିବା ପରେ ଏହି ମିଶନରେ ସହାୟତା ଦେଇଥିବା ଆମେରିକୀୟ ବୈଜ୍ଞାନିକମାନେ ଭାରତ ସେମାନଙ୍କ ସହ ମହାକାଶ କାରିଗରି ଶେୟାର କରୁ ବୋଲି ଚାହିଁଥିଲେ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଅଧ୍ୟକ୍ଷ ଏସ୍. ସୋମନାଥ ରବିବାର ଏହା ପ୍ରକାଶ କରିଛନ୍ତି। ସୋମନାଥ କହିଛନ୍ତି, ସମୟ ବଦଳିଯାଇଛି। ଭାରତ ଏବେ ସର୍ବୋତ୍ତମ ଉପକରଣ ଓ ରକେଟ୍ ନିର୍ମାଣ କରିବାକୁ ସମର୍ଥ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘରୋଇ ପକ୍ଷଙ୍କ ପାଇଁ ମହାକାଶ କ୍ଷେତ୍ରକୁ ଉନ୍ମୁକ୍ତ କରିଦେଇଛନ୍ତି। ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର। ଦେଶର ଜ୍ଞାନ ଓ ବୁଦ୍ଧିମତ୍ତାର ସ୍ତର ବିଶ୍ୱରେ ଉତ୍କୃଷ୍ଟ ବୋଲି ସେ କହିଛନ୍ତି।

# ପୂର୍ବତନ ସିଇସି ଏମ୍.ଏସ୍. ଗିଲ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ, ୧୫।୧୦(ପି.ଟି.)**



ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏମ୍.ଏସ୍. ଗିଲ୍ (୮୬)ଙ୍କ ପରଲୋକ ହୋଇଛି। ଅସୁସ୍ଥ ଗିଲ୍ ଦକ୍ଷିଣ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଶେଷକୃତ୍ୟ ସମ୍ପନ୍ନ କରାଯିବ। ୧୯୫୯ ବ୍ୟାଚ୍‌ର ପଞ୍ଜାବ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ଗିଲ୍ ଜଣେ ଯୁବ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଟି.ଏନ୍. ସେଶାନ୍ ସିଇସି ପଦରେ ଥିବାବେଳେ ଗିଲଙ୍କୁ ନିର୍ବାଚନ କମିଶନ ନିଯୁକ୍ତ କରାଯାଇଥିଲା। ଗିଲ୍ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଦେଶର ଏକାଦଶ ସିଇସି ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଦଳରୁ ରାଜ୍ୟ ସଭାକୁ ଯାଇଥିଲେ। ୨୦୦୮ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ହୋଇଥିଲେ।

# ପ୍ରଶ୍ନ କରିବାକୁ ଲାଞ୍ଚ ନେଇଛନ୍ତି ମହୁଆ

## ଭାଜପା ଏମ୍‌ପିଙ୍କ ସାଂଘାତିକ ଅଭିଯୋଗ

**ନୂଆଦିଲ୍ଲୀ, ୧୫।୧୦**



ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ଆକାରରେ ଟଙ୍କା ଓ ଉପହାର ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଛନ୍ତି।

ଝାଡ଼ଖଣ୍ଡର ଗୋଡ୍ଡାରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ କହିଛନ୍ତି, ଟିଏମ୍‌ସିର କ୍ରିଷ୍ଣନଗର ଏମ୍‌ପି ମହୁଆ ଲାଞ୍ଚ ନେଇ ପାର୍ଲାମେଣ୍ଟରେ ପ୍ରାୟ ୫୦ ପ୍ରଶ୍ନ କରିଛନ୍ତି। ଆଇନଜୀବୀ ଜୟ ଅନନ୍ତ ଦେହାଦ୍ରୀଙ୍କ ଗବେଷଣାକୁ ଭିତ୍ତିକରି ସେ ଏପରି ଅଭିଯୋଗ ଆଣିଛନ୍ତି। ଏନେଇ ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ମହୁଆଙ୍କୁ ତୁରନ୍ତ ଗୃହରୁ ବହିଷ୍କାର କରାଯାଉ ବୋଲି ସେ ଦାବି କରିଛନ୍ତି। ଏହା ଉପରେ ମହୁଆ ଜବାବ ରଖି କହିଛନ୍ତି, ଏହି ପ୍ରସଙ୍ଗରେ ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ୱାଗତ କରୁଛି। କିନ୍ତୁ ଏହା ପୂର୍ବରୁ ସେମାନେ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆଗତ ମନି ଟ୍ରାଏଲ, ଓଭର-ଇନ୍‌ଭଏସିଂ ଏବଂ ବେନାମୀ କାରବାରଗୁଡ଼ିକର ତଦନ୍ତ କରାନ୍ତୁ। ଭାଜପାବାଲା ମୋତେ ଚୁପ୍ କରାଇବା ପାଇଁ ନିଜ ସମୟ ନଷ୍ଟ କରୁଛନ୍ତି। ସେମାନେ ନିଜ ଓକିଲଙ୍କ ସଦୁପଯୋଗ କରନ୍ତୁ ବୋଲି ମହୁଆ କହିଛନ୍ତି। ନିଶିକାନ୍ତ ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ସଂସଦର ସ୍ୱତନ୍ତ୍ର ଅଧିବେଶନ ଶେଷ ଦିନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି ଦାନିସ୍ ଅଲୀଙ୍କୁ ମୁସଲମାନ ଆତଙ୍କବାଦୀ କହି ବିବାଦୀୟ ହୋଇଥିଲେ।

# ଆଫଗାନିସ୍ତାନ: ସପ୍ତାହେ ଭିତରେ ୩ୟ ଭୂକମ୍ପ

**କାବୁଲ, ୧୫।୧୦**

ଆଫଗାନିସ୍ତାନ ରବିବାର ପୁଣି ଏକ ଭୂକମ୍ପକୁ ସାମ୍ନା କରିଛି। ତାଲିବାନ୍ ଶାସନାଧୀନ ଦେଶରେ ସପ୍ତାହକ ମଧ୍ୟରେ ଏହା ହେଉଛି ତୃତୀୟ ଭୂମିକମ୍ପ। ହେରାତ୍‌ରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୩ ମପାଯାଇଥିବା ଆମେରିକା ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ସ୍ପଷ୍ଟ କରିଛି। ମୃତ୍ୟୁସଂଖ୍ୟା ଜଣାପଡ଼ି ନ ଥିବାବେଳେ ଅନେକ ଶହ ଆହତ ହୋଇଛନ୍ତି। ହେରାତ୍ ରିଜିଓନାଲ ହସ୍ପିଟାଲରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହାବାଦ୍ ୧୫୩ ଚିକିତ୍ସାଧୀନ ଅଛନ୍ତି। ଗତ ୭ ତାରିଖରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପରେ ୨ ହଜାରରୁ ଅଧିକ ଆଫଗାନ୍ ପ୍ରାଣ ହରାଇଥିଲେ। ଏହା ପରେ ହେରାତ୍‌ରେ ପୁଣି ଭୂକମ୍ପ ହୋଇଥିଲା। ଅନେକ ହଜାର ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଥିଲା। ଶୀତ ଆଖେଇ ଆସୁଥିବାବେଳେ ଭୂକମ୍ପ ପ୍ରଭାବିତ ବାସହରା ଲୋକେ ଖୋଲା ଆକାଶ ତଳେ କାଳ ବିତାଉଛନ୍ତି।



ହେରାତ୍‌ର ଏକ ହସ୍ପିଟାଲ ବାହାରେ ଚିକିତ୍ସାଧୀନ ଭୂକମ୍ପ ପୀଡ଼ିତ।

# ୱାଶିଂଟନରେ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି'

## ଭାରତ ବାହାରେ ଆମ୍ବେଡକରଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ଅନାବରଣ

**ୱାଶିଂଟନ୍, ୧୫।୧୦**



ଭାରତୀୟ ସମ୍ବିଧାନର ସ୍ଥପତି ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୧୯ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ଆମେରିକାର ୱାଶିଂଟନ୍ ନିକଟରେ ଅନାବରଣ କରାଯାଇଛି। ଏହା ହେଉଛି ଭାରତ ବାହାରେ ଆମ୍ବେଡକରଙ୍କ ସର୍ବବୃହତ୍ ପ୍ରତିମୂର୍ତ୍ତି। ଏହି ଐତିହାସିକ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ-ଆମେରିକୀୟ ଯୋଗଦେଇ 'ଜୟ ଭୀମ' ସ୍ଲୋଗାନ ଦେଇଥିଲେ। ବିଖ୍ୟାତ ସ୍ଥପତି ରାମ ସୂତାର ଏହି ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ରାମ ସୂତାର ହେଉଛନ୍ତି ଗୁଜରାଟର ନର୍ମଦା ସରୋବର ଡ୍ୟାମ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ନିର୍ମାତା। ଅସମାନତା କେବଳ ଭାରତରେ ଅଛି ତାହା ନୁହେଁ, ବରଂ ସବୁଠି ବିଭିନ୍ନ ରୂପରେ ବିଦ୍ୟମାନ। ତେଣୁ ଆମେ ଏହାକୁ 'ସମାନତାର ପ୍ରତିମୂର୍ତ୍ତି' ନାମକରଣ କରିଛୁ ବୋଲି ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟର (ଏଆଇସି) ଅଧ୍ୟକ୍ଷ ରାମ କୁମାର କହିଛନ୍ତି।

# ଶିବରାଜଙ୍କୁ ଟକ୍କର ଦେବେ 'ହନୁମାନ'

## ଏମ୍‌ପି, ଛତିଶଗଡ଼, ତେଲଙ୍ଗାନା ପାଇଁ କଂଗ୍ରେସ ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

**ନୂଆଦିଲ୍ଲୀ, ୧୫।୧୦**

ମଧ୍ୟପ୍ରଦେଶ(ଏମ୍‌ପି), ଛତିଶଗଡ଼ ଓ ତେଲଙ୍ଗାନାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରଥମ ପ୍ରାର୍ଥୀତାଲିକା ଜାରି କରାଯାଇଛି। ଏମ୍‌ପିପାଇଁ ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଛତିଶଗଡ଼ ଏବଂ ତେଲଙ୍ଗାନା ସକାଶେ ଯଥାକ୍ରମେ ୩୦ ଓ ୫୫ ଜଣଙ୍କୁ ଦଳ ଟିକେଟ ଦେଇଛି।

ଛତିଶଗଡ଼ ବିଧାନସଭାର ୯୦ ଆସନ ପାଇଁ ନଭେମ୍ବର ୭ ଓ ୧୭ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୧୭ରେ ମଧ୍ୟପ୍ରଦେଶ ବିଧାନସଭାର ୨୩୦ ଏବଂ ୩୦ ତାରିଖରେ ତେଲଙ୍ଗାନାର ୧୧୯ ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ। ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ। ଏହାକୁ ଦୃଷ୍ଟିରେ ରଖି ଏମ୍‌ପିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି କମଲନାଥଙ୍କୁ ଛିନ୍ଦୱାଡାରେ ପ୍ରାର୍ଥୀ କରାଯାଇଛି। ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ପୁଅ ଜୟବର୍ଦ୍ଧନ ସିଂଙ୍କୁ ଦଳ ରାଘୋଗଡ଼ ଆସନ ପାଇଁ ଟିକେଟ ଦେଇଛି। ଜୟବର୍ଦ୍ଧନ କମଲନାଥ ସରକାରରେ ମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ବିରୋଧରେ ଲୋକପ୍ରିୟ ଅଭିନେତା ବିକ୍ରମ ମସ୍ତାଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଆନନ୍ଦ ସାଗରଙ୍କ ୨୦୦୮ ଟିଭି ଧାରାବାହିକ ରାମାୟଣରେ ହନୁମାନ ଭୂମିକାରେ ଅଭିନୟ କରିଥିବା ମସ୍ତାଲ ଗତ ଜୁଲାଇରେ କମଲନାଥଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ସେ ବୁଧନୀ ଆସନରେ ଶିବରାଜଙ୍କୁ କଡ଼ା ଟକ୍କର ଦେଇପାରନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପଟନ ଆସନରୁ ଏବଂ ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ ଅମ୍ବିକାପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। ତେଲଙ୍ଗାନାରେ ପିସିସି ସଭାପତି ଅନୁମାଲା ରେଭାନ୍ତ ରେଡ୍ଡୀଙ୍କୁ କଂଗ୍ରେସ କେଦଙ୍ଗଲ ଆସନରୁ ଲଢ଼ିବା ପାଇଁ ଟିକେଟ ଦେଇଛି। ବିଧାୟକ ଦଳ ନେତା ଭଟ୍ଟି ବିକ୍ରମର୍କା ମାଲ୍ଲୁଙ୍କୁ ମାଧିରା-ଏସ୍‌ସି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି।



ବିକ୍ରମ ମସ୍ତାଲ



ଶିବରାଜ ସିଂ ଚୌହାନ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୬/୨୦୨୩ | Bhubaneswar, Monday, October 16/2023 | ପୃଷ୍ଠା-୧




## ଦେବାଶିଷଙ୍କୁ ଆଇଟିଏଫ୍ ଟାଇଟଲ

ଓଡ଼ିଶା ଟେନିସ ଖେଳାଳି ଦେବାଶିଷ ସାହୁ ଘାନାର ଆକ୍ରାଠାରେ ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍ ହାସଲ କରିଛନ୍ତି ।

୧୬

୦୨

## ଲେଡି ସିଙ୍ଘମ୍ ବେଶରେ ଦୀପିକା

ଫିଲ୍ମ 'ସିଙ୍ଘମ୍ ଏଗେନ୍'ର ଫାଷ୍ଟ ଲୁକ୍‌ରେ ଅଭିନେତ୍ରୀ ଦୀପିକାଙ୍କୁ ପ୍ରଥମ ଥର ପାଇଁ ପୋଲିସ ପୋଷାକରେ ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ବେଶ ପସନ୍ଦ କରୁଛନ୍ତି।



# ୭୮ରେ ନବୀନ

- ଭଉଣୀଙ୍କ ବିୟୋଗ ଲାଗି ପାଳିବେନି ଜନ୍ମଦିନ
- ନବୀନ ନିବାସ ନ ଆସିବାକୁ ଶୁଭେଚ୍ଛୁଙ୍କୁ ଅନୁରୋଧ କଲେ

ଭୁବନେଶ୍ୱର, ୧୫।୧୦
(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୭୮ ବର୍ଷ ବୟସରେ ପଦାର୍ପଣ କରିବେ। ହେଲେ ଚଳିତଥର ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ କରିବେ ନାହିଁ ବୋଲି ରବିବାର ସୂଚନା ଦେଇଛନ୍ତି। ଗତ ମାସରେ ତାଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ବିୟୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଜନ୍ମଦିନ ପାଳନ କରିବେ ନାହିଁ ବୋଲି କହିଛନ୍ତି। ତେଣୁ ଏଥର ଶୁଭେଚ୍ଛା ଜଣାଇବା ଲାଗି ନବୀନ ନିବାସକୁ କେହି ନ ଆସିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ହେଲା ବିଭିନ୍ନ କାରଣ ସକାଶେ ମୁଖ୍ୟମନ୍ତ୍ରୀ ନିଜ ଜନ୍ମଦିନ ପାଳନ କରୁନାହାନ୍ତି। କୋଭିଡ ସମୟରେ ମଧ୍ୟ ସେ ତାଙ୍କ ଜନ୍ମଦିନ ପାଳନ କରି ନ ଥିଲେ।



କେନ୍ଦୁଝର ଜିଲାରେ ଏକ ଧାନକ୍ଷେତରେ ହାତୀପଲ ।

# ସଡ଼କ ଦୁର୍ଘଟଣାରେ ୨୦ ମୃତ

- ମହାରାଷ୍ଟ୍ରରେ ମିନିବସ୍-ଟ୍ରକ୍ ଧକ୍କା: ୧୨ ମୃତ, ୨୩ ଆହତ
- ତାମିଲନାଡୁରେ କାର୍-ଟ୍ରକ୍ ମୁହାଁମୁହିଁ: ୨ ଶିଶୁଙ୍କ ସମେତ ୮ ମୃତ

ଛତ୍ରପତି ସମ୍ଭାଜୀନଗର/ ତିରୁଭନ୍ନାମଲାଇ, ୧୫।୧୦

ରବିବାର ମହାରାଷ୍ଟ୍ର ଓ ତାମିଲନାଡୁରେ ଘଟିଥିବା ୨ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୨୦ ଯାତ୍ରୀ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲାରେ ସମୃଦ୍ଧି ଏକ୍ସପ୍ରେସ୍‌ୱେରେ ଏକ ଟ୍ରକ୍‌କୁ ମିନିବସ୍ କଣ୍ଟେନର ଧକ୍କା ଦେବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ମହିଳା, ୫ ପୁରୁଷ ଓ ଜଣେ ନାବାଳିକା ଅଛନ୍ତି। ସେହିପରି ତାମିଲନାଡୁର ତିରୁଭନ୍ନାମଲାଇରେ କାର୍-ଟ୍ରକ୍ ଧକ୍କା ହେବାରୁ ୨ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ୧୭ ଧାରଣ କ୍ଷମତା ବିଶିଷ୍ଟ ଉକ୍ତ ଘରୋଇ ବସ୍‌ରେ ୩୫ ଯାତ୍ରୀ ଥିଲେ। ସେମାନେ ସୈଲାନି ବାବା ଦରଘା ଦର୍ଶନ କରି ନାଶିକ ଫେରୁଥିବାବେଳେ ଦ୍ରୁତଗତିରେ ମାଡ଼ିଆସୁଥିବା ଗାଡ଼ିର ଡ୍ରାଇଭର ବୈଜାପୁର ଅଞ୍ଚଳରେ ଭାରସାମ୍ୟ ହରାଇବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଶୋକବ୍ୟକ୍ତ କରିଛନ୍ତି। ☞ପୃଷ୍ଠା-୨

# ଫରିଦାବାଦରେ ଭୂକମ୍ପ
## ଦିଲ୍ଲୀ-ଏନ୍‌ସିଆର୍‌ରେ ଝଟକା

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

ହରିୟାଣାର ଫରିଦାବାଦରେ ରବିବାର ଅପରାହ୍ନ ୪ଟା ୮ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି। ୩.୧ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣପୂର୍ବ ଦିଲ୍ଲୀରୁ ୩୦ କି.ମି. ଦୂର ଫରିଦାବାଦର ପୂର୍ବଭାଗରେ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ଏହାର ଝଟକା ଦିଲ୍ଲୀ ଓ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଅଗ୍ନିବୀରଙ୍କ ଦୁଃଖ

# ଧାନକ୍ଷେତ ଛାଡ଼ି ଯାଉନାହାନ୍ତି ହାତୀ

- ଅମଳକୁ ନେଇ ଆଶଙ୍କାରେ ଚାଷୀ
- ସହାୟତା ଟଙ୍କାରେ କ୍ଷତି ଭରଣା ହେଉନି

କେନ୍ଦୁଝର, ୧୫।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଚଳିତ ବର୍ଷ ଧାନ ଫସଲ ଭଲ ହୋଇଛି। କ୍ଷେତରେ ଏବେ ଧାନ କେଣ୍ଡା ମାରିଲାଣି। ଆଉ ପ୍ରାୟ ମାସକ ମଧ୍ୟରେ ଚାଷୀ ଫସଲ ଅମଳ କରିବ। ଧାନ ଅମଳ କଲେ ବିକି ଧାର କରଜ ଶୁଝିବ ଏବଂ ଆସନ୍ତା ଏକବର୍ଷ ପାଇଁ ପରିବାର ଗୁଜୁରାଣ କରିବ। କିନ୍ତୁ ଏବେ ସବୁଜ ଧାନ କ୍ଷେତରେ ହାତୀପଲଙ୍କ ଉପଦ୍ରବ ଚାଷୀର ନିଦ ହଜାଇଦେଇଛି। ହାତୀଙ୍କ ଖାଦ୍ୟର ସ୍ୱାଦରେ ପରିବର୍ତ୍ତନ ହୋଇଯାଇଥିବାରୁ ଧାନ ଫସଲ ଖାଇବାକୁ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହେଉଛନ୍ତି। ଧାନ ଫଳିବା ଆରମ୍ଭ ହୋଇଥିବାରୁ ଜମି ଛାଡ଼ି ଯାଉନାହାନ୍ତି। ହାତୀ ବିଲରେ ପଶି ଧାନ ଖାଇବା ସହ ବହୁ ପରିମାଣରେ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦିଓ ଫସଲ ନଷ୍ଟ ପାଇଁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଛି। ତେବେ ପ୍ରକୃତ କ୍ଷତିପୂରଣ ମିଳୁ ନ ଥିବାରୁ ଚାଷୀମାନେ ଜୀବନକୁ ବାଜି ଲଗାଇ ଫସଲର ସୁରକ୍ଷା କରିବାକୁ ଦିନରାତି ଜଗି ରହୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାରେ ପାଖାପାଖି ଏକ ଶହ ହାତୀ ବିଭିନ୍ନ ରେଞ୍ଜ ଅଞ୍ଚଳରେ ବିଚରଣ କରୁଛନ୍ତି। କେନ୍ଦୁଝର ସଦର ରେଞ୍ଜର କେରୀ, ମଇଦାନକେଲ, ତାଳପଦା, ଦେଓବନ୍ଧ ଆଦି ଗ୍ରାମାଞ୍ଚଳରେ ଏକ ୧୮ ଟିକିଆ ହାତୀପଲ ଏକ ମାସରୁ ଊର୍ଦ୍ଧ୍ୱ ହେଲା ଉପଦ୍ରବ ଜାରି ରଖିଛନ୍ତି। ଦିନରେ ହାତୀପଲ ପାଖ ଜଙ୍ଗଲରେ ରହୁଛନ୍ତି, ସନ୍ଧ୍ୟା ହେଲେ ଚାଷ ଜମିମୁହାଁ ହେଉଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ରାତି ଉଜାଗର ରହି ପିଲାଠାରୁ ବୃଦ୍ଧ ହାତୀ ଘଉଡ଼ାଉଛନ୍ତି। ଘଉଡ଼ାଇବା ସମୟରେ ହାତୀ ପଲ ଏଣେ ତେଣେ ବିଲରେ ଧାଉଁ ଥିବାରୁ ବହୁ ଫସଲ ଉଜୁଡ଼ି ଯାଉଛି। ଯଦିଓ ହାତୀ ଗତିପଥକୁ ଟ୍ରାକିଂ କରି ବନ ବିଭାଗ ଲୋକଙ୍କୁ ହାତୀ ଆସିବା ପୂର୍ବରୁ ବିଭିନ୍ନ ବାଟରେ ସଚେତନ କରୁଛି, କିନ୍ତୁ ଚାଷ ଜମିର ସୁରକ୍ଷା ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"'ଇଣ୍ଡିଆ' କେବଳ ଭୋଟ ପାଇଁ ନୁହେଁ, ବରଂ ନୀତି ନିର୍ଦ୍ଧାରଣ ସକାଶେ ଏକ ମେଣ୍ଟ। ତେଣୁ ୨୦୨୪ ଲୋକ ସଭା ନିର୍ବାଚନ ପରେ କେନ୍ଦ୍ରରେ ଆଉ ମୋଦି ସରକାର ରହିବ ନାହିଁ।"
-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗୀ ରାନ୍ଧିବ,**
**ବାଙ୍ଗେରୀ ପରଷିବ,**
**ଭେଣ୍ଡିଆ ଖାଇବ,**
**ଏହାକି ମୋ ଦେହ ସହିବ?**

ଅନ୍ୟମାନେ ଖଟି ଚାଲୁଥିବାବେଳେ ସମର୍ଥ ବ୍ୟକ୍ତି ଜଣକ କୌଣସି କାମ ନ କରି ବସି ଖାଇବା ନିହାତି ଏକ ଅବିବେକୀର କାର୍ଯ୍ୟ ହୋଇଥାଏ। ନିକମା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡଗର ପଠାଇ ଆଣିବେ ଧରି**
**ମାଡ଼ ମରାଇବେ ଯନ୍ତାରେ ଭରି**

ଇଂରେଜ ଶାସନ କାଳରେ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ଦୟନୀୟ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେ କାଳରେ ସବୁ ଅନ୍ୟାୟ ଅନୀତିକୁ ଆଖିବୁଜି ସହିଯିବାକୁ ପଡୁଥିଲା। ରାଜା ସୈନ୍ୟସାମନ୍ତ ପଠାଇ ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଲେଡି ସିଙ୍ଘମ୍ ବେଶରେ ଦୀପିକା



ମୁମ୍ବାଇ
ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଙ୍ଘମ୍ ଏଗେନ୍'ରେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ପ୍ରଥମ ଥର ପାଇଁ ପୋଲିସ ବେଶରେ ଦେଖିବାକୁ ମିଳିବ। ନବରାତ୍ରି ଅବସରରେ ଫିଲ୍ମର ଫାଷ୍ଟ ଲୁକ ରିଲିଜ୍ ହୋଇଛି, ଯେଉଁଥିରେ ଦୀପିକା ଦେହରେ ଖାକି ପୋଷାକ, ହାତରେ ବନ୍ଧୁକ, ମୁହଁରୁ ରକ୍ତ ଝରୁଥିବା ଲୁକ୍‌ରେ ନଜରକୁ ଆସିଛନ୍ତି; ଯାହା ପ୍ରଶଂସକଙ୍କୁ ବେଶ ଆକୃଷ୍ଟ କରିଛି। ସିନେମାରେ ଲେଡି ସିଙ୍ଘମ୍ ଦୀପିକାଙ୍କୁ ଶକ୍ତି ଶେଟ୍ଟୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ୨ଟି ଫୋଷ୍ଟର ଶେୟାର କରି ସୂଚନା ଦେଇଛନ୍ତି। ଦୀପିକାଙ୍କ ଲେଡି ସିଙ୍ଘମ୍ ରୂପକୁ ପ୍ରଶଂସକମାନେ ବେଶ ପସନ୍ଦ କରିଛନ୍ତି। ଦୀପିକାଙ୍କ ଏହି ପୋଷ୍ଟରେ ତାଙ୍କ ସ୍ୱାମୀ ତଥା ଅଭିନେତା ରଣବୀର ସିଂ କମେଣ୍ଟରେ ନିଆଁ ଲଗାଇ ଦେବେ ବୋଲି ଲେଖିଛନ୍ତି। ସେହିପରି ଅନେକ କଳାକାର ମଧ୍ୟ ଏହି ପୋଷ୍ଟରେ ଦୀପିକାଙ୍କ ଲୁକ୍‌କୁ ପ୍ରଶଂସା କରିଛନ୍ତି। ତେବେ 'ସିଙ୍ଘମ୍ ଏଗେନ୍' ଆସନ୍ତାବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବ। ଏଥିରେ ଅଜୟ ଦେବଗନ ଲିଡ ରୋଲରେ ନଜରକୁ ଆସିବେ। ତାଙ୍କ ବିପକ୍ଷରେ ଦୀପିକାଙ୍କୁ ଦେଖିବାକୁ ମିଳିବ। ଦୁହିଁଙ୍କ ବ୍ୟତୀତ ରଣବୀର ସିଂ, କରୀନା କପୁର, ଅକ୍ଷୟ କୁମାର, ଜ୍ୟାକି ଶ୍ରଫ ଓ ଭିକ୍କି କୌଶଲ ପ୍ରମୁଖ ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୁଧାଦିତ୍ୟ ଯୋଗରୁ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। କିନ୍ତୁ ସପ୍ତମସ୍ଥ ପାପଗ୍ରହ ପ୍ରଭାବରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। କଳା, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ**
କେନ୍ଦ୍ରସ୍ଥ ନୀଚାରୋହୀ ଶୁକ୍ରଜନିତ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ଭାଗ୍ୟାଧିପତିଙ୍କ ସ୍ୱଗୃହମଣ୍ଡନଜନିତ ପ୍ରତ୍ୟେକ କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହୋଇପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ**
ଅଷ୍ଟମସ୍ଥ ଶନି ପ୍ରଭାବରୁ ଆଜି ଦିନଟିରେ କୌଣସି ଅତୀତ ଘଟଣାର ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବ୍ୟବସାୟରେ ଉନ୍ନତି ଘଟିବା ସାଙ୍ଗକୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ**
ମୁଖଭାବରେ ବୁଧ ହେତୁ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟି କରିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉପରିସ୍ଥଙ୍କ ଆଦେଶାନୁଶାରେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା**
କେତୁଯୁକ୍ତ ମଙ୍ଗଳ ହେତୁ ଆପଣଙ୍କ ରୁକ୍ଷ ବ୍ୟବହାରରେ ବନ୍ଧୁ ଅତିଷ୍ଠ ହେବେ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟଗୁଡ଼ିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହେବ। ଯେତେ ଭଲ କାମ କଲେ ମଧ୍ୟ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ।

**ତୁଳା**
ପାପଗ୍ରହ ପ୍ରଭାବରୁ ଦୈହିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହୋଇପାରେ। ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ଲୋକସମ୍ପର୍କ ବୃଦ୍ଧି ପାଇବା ଦୁଷ୍କର ହୋଇପଡିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
କର୍ମକ୍ଷେତ୍ରରେ ଶୁକ୍ରଜନିତ ପ୍ରତ୍ୟେକ ସ୍ତରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ।

**ଧନୁ**
ଶନିଙ୍କ ପ୍ରଭାବରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ। ଆଶା ପୂରଣ ହେବ। ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହେବ।

**ମକର**
ଭାଗ୍ୟ ସ୍ଥାନରେ ରବି ଓ ବୁଧଜନିତ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଭୁଲ୍ ବୁଝାମଣା କାରଣରୁ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଠିକ୍ ଭାବେ ବୁଝି ପାରିବେନି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ଶୁକ୍ର ଓ ଶନିଙ୍କ ପାରସ୍ପରିକ ଦୃଷ୍ଟିଜନିତ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ତଥାପି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି।

**ମୀନ**
ଦ୍ୱିତୀୟସ୍ଥ ଗୁରୁଚଣ୍ଡାଳ ଯୋଗ ପ୍ରଭାବରେ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀହୋଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ସୋମବାର, ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ, ଘ.୦୭।୧୧ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୧ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

## ଦେବୀ ନଦୀବନ୍ଧରେ ୨ଶହ ଫୁଟ୍‌ର ଫାଟ



କାକଟପୁର(ଶୁଭଦର୍ଶନ ମିଶ୍ର)/ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ), ୧୫।୧୦

ପୁରୀ ଜିଲା କାକଟପୁର ଜଳସମ୍ପଦ ବିଭାଗ ଅଧୀନସ୍ଥ ଦେବୀ ନଦୀବନ୍ଧ ରାସ୍ତାରେ ୨ଶହ ଫୁଟ ଲମ୍ୱ ପର୍ଯ୍ୟନ୍ତ ଫାଟ ସୃଷ୍ଟି ହୋଇଛି। ଏଥିଯୋଗୁ ନଦୀ ତଟବର୍ତ୍ତୀ ଓ ତଳିଆ ଅଞ୍ଚଳ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏହା ଏକ ସମ୍ୱେଦନଶୀଳ ବନ୍ଧ ଭାବେ ଜଣାଶୁଣା। ବାଉରିଆକଣଠାରୁ ଖଣ୍ଡାସାହି ଓ ଷାଠିଏବାଟି ମଧ୍ୟରେ ବିପୁଳ ଅର୍ଥ ବ୍ୟୟରେ ନଦୀବନ୍ଧ ସୁଦୃଢ଼ୀକରଣ ଯୋଜନାରେ ଏହି ନଦୀବନ୍ଧ ନିର୍ମାଣ କରାଯାଇଥିଲା। ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ଦେଖିବାକୁ ମିଳିଛି। ବିଶେଷକରି ବାଉରିଆକଣଠାରେ ବନ୍ଧର ୨ଶହ ଫୁଟ ଲମ୍ୱର ପିଚୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ତେବେ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ଠିକ କମ୍ପାକ୍ସନ କରା ନ ଯାଇ ରାସ୍ତା ନିର୍ମାଣ କରାଯାଇଥିବାରୁ ବନ୍ୟାଜଳ ଛାଡ଼ିବା ପରେ ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାକଟପୁର ଅଞ୍ଚଳକୁ ବନ୍ୟା ଦାଉରୁ ବାଉରିଆକଣ ଦେବୀ ନଦୀବନ୍ଧ ରକ୍ଷା କରିଥାଏ। ଯଦି ଏହି ବନ୍ଧ ଅଧିକ ଧସିଯାଏ ବା ବନ୍ଧରେ ବଡ଼ଧରଣର ଫାଟ ସୃଷ୍ଟି ହୁଏ ତା'ହେଲେ ଅନେକ ଗ୍ରାମ ନଦୀଗର୍ଭରେ ଲୀନ ହୋଇଯିବ। ତେଣୁ ନଦୀତଟବର୍ତ୍ତୀ ବାସିନ୍ଦା ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ଚିନ୍ତିତ ହୋଇପଡ଼ିଛନ୍ତି। ତୁରନ୍ତ ନଦୀବନ୍ଧ ରାସ୍ତା ମରାମତି କରାଯିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ଭାରପ୍ରାପ୍ତ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ କହିଛନ୍ତି, ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ଚେନ୍ନାଇସ୍ଥିତ ଓସେନ୍ ଇଞ୍ଜିନିୟରିଂ ସଂସ୍ଥାର ଅଧିକାରୀମାନେ ସେହି ସ୍ଥାନ ଗସ୍ତ କରି ବନ୍ଧ ଫାଟିଥିବା ସ୍ଥାନର ମୃତ୍ତିକା ପରୀକ୍ଷା କରିଛନ୍ତି। ଶୀଘ୍ର ସମ୍ପୃକ୍ତ ସ୍ଥାନର ମରାମତି କରାଯିବ।

# ଓଜେଇ ରିପୋର୍ଟ ପରେ ବି ନିଆଯାଉନି କାର୍ଯ୍ୟାନୁଷ୍ଠାନ

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ**

- **ନକଲି ସାର୍ଟିଫିକେଟ ପଛରେ ବଡ଼ ରାକେଟ**
- **ଆୟୁଷ ବିଭାଗ ଚାପିଥିଲା, ଧରାପଡ଼ିଲା**

ଖୋର୍ଦ୍ଧା,୧୫।୧୦
(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ(ଜିଏଏମ୍)ରେ ବିନା ଏନ୍‌ଇଇଟି, ଓଜେଇ ଆଲଟ୍‌ମେଣ୍ଟ ନମ୍ବର ଏପରି କି ପୂର୍ବରୁ କୌଣସି କଲେଜରେ ନାମ ଲେଖାଇ ନ ଥିବା ପିଲାଙ୍କୁ ଡାକ୍ତରୀ ପାଠ୍ୟକ୍ରମ ପାଇଁ ନାମ ଲେଖାଇବାକୁ ସୁଯୋଗ ଦିଆଯାଉଛି। ଏହାର ସମସ୍ତ ତଥ୍ୟ ପ୍ରମାଣ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟର ପଛଘୁଞ୍ଚା ତଦନ୍ତରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି। ଏପରି କି ଓଜେଇ ଚେୟାରମ୍ୟାନ ଆୟୁଷ ନିର୍ଦ୍ଦେଶକଙ୍କୁ ଦେଇଥିବା ରିପୋର୍ଟକୁ ମଧ୍ୟ ଚାପି ଦିଆଯାଇଛି। ଧରିତ୍ରୀକୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜୁନ ୨୭ ରେ ଓଜେଇ ଏହାର ରିପୋର୍ଟ ଆୟୁଷ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛି, ଯେଉଁଥିରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖାରେ ଅନିୟମିତତା ହୋଇଥିବା ସ୍ପଷ୍ଟ ହେଉଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ଘଟଣାରେ ୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବାବେଳେ ଏଠାରେ ସବୁ ପ୍ରମାଣ ମିଳିବା ପରେ ମଧ୍ୟ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଜିଏଏମ୍ କଲେଜରେ ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଲିଭିଂ ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ବେଆଇନଭାବେ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି ବୋଲି ଓଜେଇ ରିପୋର୍ଟରୁ ଜଣାପଡ଼ିଛି। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପୃକ୍ତି ରହିଛି। ଏଥିସହିତ ୨୦୧୬ ନାମଲେଖା ପଛରେ ଜଣେ ଆଇଏଏସ୍ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିବା ପରେ ଏହି ଘଟଣାକୁ ଚାପି ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା କୁହାଯାଉଛି। କାହା ଇଙ୍ଗିତରେ ଏହି ବେଆଇନ ନାମଲେଖାକୁ ପ୍ରଶ୍ରୟ ଦିଆଯାଇଛି ଏବଂ କେଉଁମାନଙ୍କ ଏଥିରେ ସମ୍ପୃକ୍ତି ରହିଛି। ତାହାର ଖୋଳତାଡ଼ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିପାରିବ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାର ତଦନ୍ତ ପାଇଁ ଗତ ଅକ୍ଟୋବର ୫ରେ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଏବଂ ୧୦ତାରିଖରେ ଭୁବନେଶ୍ୱର ଦୁର୍ନୀତି ନିବାରଣ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ପାଠପଢ଼ା ସୁଯୋଗ ଦିଆଯାଇଛି। ୨୦୧୬ରେ ବିନା ଏନ୍‌ଇଇଟିଧାରୀ ଜଣେ ଛାତ୍ରୀ ପାସ୍ କରିଥିବାବେଳେ ୨୦୧୭ରେ ନାମ ଲେଖାଇଥିବା ଦୁଇଜଣ ଗତ ଜୁଲାଇ ମାସରେ ହାଉସ ସର୍ଜନ କାର୍ଯ୍ୟ ସାରି ସାର୍ଟିଫିକେଟ ହାସଲ କରିଛନ୍ତି। ୨୦୨୦-୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରିଦେଇଥିବା ଖୋଦ୍ କଲେଜ ଅଧକ୍ଷ ସୁଦର୍ଶନ ବେହେରା ଗଣମାଧ୍ୟମ ଆଗରେ ସ୍ୱୀକାର କରିଥିବାବେଳେ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏସମ୍ପର୍କରେ ପୂର୍ବରୁ ଧରିତ୍ରୀରେ ପ୍ରକାଶିତ ଖବର ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ଏହା ସତ୍ତ୍ୱେ ବିଭାଗୀୟ ଶୀଥିଳତା ନେଇ ଗତ ଜୁଲାଇ ମାସରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଦାଖଲ ହୋଇଥିଲା। ଏହି ଅଭିଯୋଗକୁ ୩ ମାସ ବିତିଯାଇଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

## ପିଏଚ୍‌ଓ ଡାକ୍ତରଙ୍କ ଗିରଫ ପରେ ଗୁମର ଖୋଲୁଛି

- **ଅଡିଓ ଭିଡିଓ ଭାଇରାଲ**
- **ଖୁସି ମନାଇଲେ ଏଜେଣ୍ଟ କର୍ମଚାରୀ**

ପାରାଦୀପ,୧୫।୧୦
(ଶରତ ରାଉତ)

ପିଏଚ୍‌ଓ (ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ)ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିବା ପରେ ପାରାଦୀପର ମଧୁବନ ଭୂୟାଁ ଛକ ନିକଟରେ ରବିବାର ସନ୍ଧ୍ୟାରେ ବନ୍ଦର ଏଜେଣ୍ଟ କର୍ମଚାରୀମାନେ ଖୁସି ମନାଇଛନ୍ତି। ଏପରିକି ସିବିଆଇରେ ଅଭିଯୋଗ କରିଥିବା ଆଲୋକ ରାଉତଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଛନ୍ତି। ଅପରପକ୍ଷେ ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥା ମଧ୍ୟରେ କେତେକ ଅଡିଓ ଭିଡିଓ ଭାଇରାଲ ହୋଇଛି। ପିଏଚ୍‌ଓ ଡାକ୍ତର ରାଜେନ୍ଦ୍ର କିପରି ଏଜେଣ୍ଟ କର୍ମଚାରୀ, ଜାହାଜର ନାବିକ, କ୍ୟାପଟେନମାନଙ୍କୁ ଅର୍ଥ, ମଦ, ସିଗାରେଟ, ବିଦେଶୀ ସୌଖୀନ ସାମଗ୍ରୀ ଆଦି ପାଇଁ ହଇରାଣ କରୁଥିଲେ ସେ ସମ୍ପର୍କିତ ଦୃଶ୍ୟ ଉକ୍ତ ଭିଡିଓରେ ରହିଛି।

ଡାକ୍ତର ରାଜେନ୍ଦ୍ରଙ୍କ ସମ୍ପର୍କରେ ଅଧିକ ତଦନ୍ତ କରିବା ପାଇଁ ସିବିଆଇ ତାଙ୍କୁ ରିମାଣ୍ଡରେ ନେବ ବୋଲି କୁହାଯାଉଛି। ଏସବୁ ଖୋଳତାଡ଼ ହେଲେ ଆହୁରି ଅଧିକ କେଳେଙ୍କାରୀ ଖୋଲିବ ବୋଲି ରାଜେନ୍ଦ୍ରଙ୍କ ପୂର୍ବତନ ଡ୍ରାଇଭର ମନୋରଞ୍ଜନ ରାଉତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ରାଜେନ୍ଦ୍ର ଅର୍ଥ ଓ ବିଦେଶୀ ସାମଗ୍ରୀ ନେବା ବ୍ୟତୀତ ଏଜେଣ୍ଟ ଥିବା କମ୍ପାନୀର କର୍ମଚାରୀଙ୍କୁ ପ୍ରାୟତଃ ଅଶାଳୀନ ବ୍ୟବହାର ଦେଖାଉଥିଲେ। ଏନେଇ ଅନେକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଥିଲା ବୋଲି ସମରଜିତ୍



ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

ବିଶ୍ୱାଳ ନାମକ କର୍ମଚାରୀ କୁହନ୍ତି। ସେହିପରି ଆଉ ଜଣେ ଏଜେଣ୍ଟ କର୍ମଚାରୀ ସୌଭାଗ୍ୟ ମାଝୀ କୁହନ୍ତି,ଯେତେବେଳେ ଜାହାଜ ଲାଗେ ସେତେବେଳେ ଆମେ ଅନ୍‌ଲାଇନ ଜରିଆରେ ସମସ୍ତ ସୂଚନା ବିଭାଗୀୟ ଅଧିକାରୀଙ୍କୁ ଦେଇଥାଉ। କାରଣ ଜାହାଜ ବନ୍ଦରରେ ବର୍ଥ ପରଠାରୁ ମିନିଟ ହିସାବରେ ଅର୍ଥ ଦେବାକୁ ପଡ଼ିଥାଏ। ବିଳମ୍ବ ହେଲେ ଏଜେଣ୍ଟ କମ୍ପାନୀକୁ ଅଧିକ ଅର୍ଥ ଦେବାକୁ ପଡ଼େ। ଏହାଛଡ଼ା କମ୍ପାନୀ ବଦନାମ ହେବାର ଆଶଙ୍କା ମଧ୍ୟ ଥାଏ। ଏପରି ସ୍ଥିତିରେ ଡାକ୍ତର ରାଜେନ୍ଦ୍ର କେବଳ ଅର୍ଥ ଲୋଭରେ ସମୟ ଗଡ଼ାଇବା ସହ ହଇରାଣ କରିଥାନ୍ତି। ଏପରିକି ଜାହାଜ କ୍ୟାପଟେନ ଓ ନାବିକମାନଙ୍କୁ ସ୍ୱାସ୍ଥ୍ୟ ରିପୋର୍ଟ ଦେବା ଆଳରେ ବିଦେଶୀ ସାମଗ୍ରୀ, ଡଲାର ଆଦି ନେଇଥାନ୍ତି। ଏହାଦ୍ୱାରା ଆମ ଦେଶ ମଧ୍ୟ ବଦନାମ ହୋଇଥାଏ ବୋଲି ସୌଭାଗ୍ୟ କହିଛନ୍ତି।

# ୧୮ରୁ ବଦଳିପାରେ ପାଗ

**ଶୀତକୁ ପ୍ରତିବନ୍ଧକ ଶୁଷ୍କ ପବନ**

ଭୁବନେଶ୍ୱର, ୧୫।୧୦
(ଅସମାପିକା ସାହୁ)

ସାରା ରାଜ୍ୟରେ ତାତି ଜାରି ରହିଛି। ଉପାନ୍ତରୁ ଉପକୂଳ ସବୁଠି ଗରମ, ଗୁଳୁଗୁଳି ଅନୁଭୂତ ହେଉଛି। ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହୁଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ପାରାଦୀପ ଓ ଚାନ୍ଦବାଲିରେ ସର୍ବାଧିକ ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ଅନୁଗୋଳରେ ୩୬.୧ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଉପରେ ତାପମାତ୍ରା ରହିବ। ୧୮ ତାରିଖରୁ ପାଗ ବଦଳିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉତ୍ତର ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ଶୀତକୁ ପ୍ରତିବନ୍ଧକ ସାଜିଛି ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଶୁଷ୍କ ପବନ। ସ୍ୱାଭାବିକ ସମୟର ୩ଦିନ ପୂର୍ବରୁ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିବା ବେଳେ ପାଗ କିନ୍ତୁ ବଦଳୁନି। ଅଧିକାଂଶ ସହରରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାତି ଜୋର୍ ରହୁଛି। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନ ଥିବାବେଳେ ବିହାରଠାରୁ ଦକ୍ଷିଣ ବାଂଲାଦେଶ ପର୍ଯ୍ୟନ୍ତ ଏକ ଟ୍ରଫ୍‌ଲାଇନ୍ ରହିଛି। ଏହା ପ୍ରଭାବରେ ଆସନ୍ତା ୧୮ ବେଳକୁ ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ପ୍ରଥମ ପୃଷ୍ଠାରୁ...

### ସଡ଼କ ଦୁର୍ଘଟଣାରେ ...

ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତ ବ୍ୟକ୍ତିମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ତାମିଲନାଡୁରେ ଜଣେ କାର୍ ମାଲିକ ଏକ ମନ୍ଦିରରେ ଦର୍ଶନ ସାରି ରାଜଧାନୀ ବେଙ୍ଗାଲୁରୁକୁ ଫେରୁଥିଲେ। ତିରୁଭନ୍ନାମଲାଇ-ବେଙ୍ଗାଲୁରୁ ରାଜପଥରେ ଉକ୍ତ କାର୍ ଓ ଏକ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ପୁରୁଷ, ଜଣେ ମହିଳା ଓ ୨ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଦୁର୍ଘଟଣା ଘଟିବାର କାରଣ ସ୍ପଷ୍ଟ ହୋଇନାହିଁ ବୋଲି ଚେନ୍‌ଗାମ ଟାଉନ୍ ପୋଲିସ କହିଛି।

### ଧାନକ୍ଷେତ ଛାଡ଼ି ...

କରିପାରୁ ନ ଥିବାରୁ ଅନେକ ସମୟରେ ଚାଷୀଙ୍କ ସହିତ ବନ କର୍ମଚାରୀଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରାମବାସୀ ଫସଲର ସୁରକ୍ଷା ପାଇଁ ହାତୀପଲକୁ ଘଉଡ଼ାଇବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ସମୟରେ ଉତ୍ତେଜନା ଦେଖାଯାଉଛି। ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂ କହିଛନ୍ତି, ହାତୀ ଉପଦ୍ରବ ଯୋଗୁ ଜିଲାରେ ଅନେକ ଶହ ଏକର ଧାନ ଫସଲ ନଷ୍ଟ ହେଉଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଏକର ପିଛା ମିଳୁଥିବା ୨୦ ହଜାର ଟଙ୍କାରେ ଉକ୍ତ କ୍ଷୟକ୍ଷତି ଭରଣା ହେଉନାହିଁ। ଅନେକ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ମଧ୍ୟ ଠିକ୍ ଭାବରେ ହେଉନାହିଁ। ଫଳରେ ବହୁ ଚାଷୀ କ୍ଷତିପୂରଣ ପାଉନାହାନ୍ତି। ହାତୀ ଉପଦ୍ରବ ଲାଗି ରହୁଥିବାରୁ ଅନେକ ଚାଷ କାର୍ଯ୍ୟ ଛାଡ଼ି ଦେଲେଣି। କେନ୍ଦୁଝର ସଦର ବନାଞ୍ଚଳ ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ଲୋକ ଓ ହାତୀଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀମାନେ ଦିନରାତି କାମ କରୁଛନ୍ତି। ହାତୀ ପଲ ଏ ପର୍ଯ୍ୟନ୍ତ ୬ ଏକର ଧାନ କ୍ଷେତ ନଷ୍ଟ କରିଥିବା ଜଣାପଡ଼ିଥିବାବେଳେ ତଦନ୍ତ ପରେ ପ୍ରକୃତ ରିପୋର୍ଟ ଆସିବ। ତେବେ ଫସଲହାନୀ ହେଲେ ଆକଳନ କରି କ୍ଷତିପୂରଣ ଦିଆଯାଉଛି ବୋଲି ମହାନ୍ତ କହିଛନ୍ତି।

### ଫରିଦାବାଦରେ ଭୂକମ୍ପ...

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ମଧ୍ୟ ଅନୁଭୂତ ହୋଇଥିଲା। ଫଳରେ ଘର ଭିତରେ ଆସବାବପତ୍ର ହଲିବାରେ ଲାଗିଥିଲା। ନୋଏଡାରେ ମଧ୍ୟ ଭୂକମ୍ପକୁ ନେଇ ଲୋକେ ଆତଙ୍କିତ ହୋଇଯାଇଥିଲେ। ଘର ଓ ଅଫିସ କୋଠାରୁ ବାହାରି ଖୋଲାସ୍ଥାନକୁ ଚାଲିଯାଇଥିଲେ। ଏହା ପୂର୍ବରୁ ଅକ୍ଟୋବର ୩ରେ ନେପାଳରେ ୨୫ମିନିଟ ଅନ୍ତରରେ ୨ଥର ଭୂକମ୍ପ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ଅନୁଭୂତ ହୋଇଥିଲା। ସେହିପରି ଗତ ଅଗଷ୍ଟ ୫ ଏବଂ ଜୁନ୍ ୨୩ରେ ଯଥାକ୍ରମେ ୫.୮ ଏବଂ ୫.୨ ରିକ୍ଟର ସ୍କେଲରେ ଭୂକମ୍ପ ହୋଇଥିଲା। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ନିର୍ଦ୍ଦେଶକ ଓ.ପି. ମିଶ୍ରା କହିଛନ୍ତି, ଭାରତ ଏକ ଭୂକମ୍ପ ପ୍ରବଣ କ୍ଷେତ୍ରରେ ଅବସ୍ଥିତ। ଦେଶରେ ପ୍ରତିଦିନ ଅନେକ ସୂକ୍ଷ୍ମ ଭୂକମ୍ପ ହେଉଥିବାରୁ ବଡ଼ ଭୂକମ୍ପ ଅନୁଭୂତ ହେଉନାହିଁ।


1.5 CRORE HAPPY CUSTOMERS
TVS
TVS XL100
ଉପଯୋଗିତା ରେ ଉତ୍ତମ
ସଞ୍ଚୟରେ ସର୍ବୋତ୍ତମ
₹44 999#
ରୁ ଆରମ୍ଭ
* Use Scheme Code SPL_S_9552 at your nearest dealership to avail this offer.
ସ୍କାନ୍ କରନ୍ତୁ
1800 3157 100
15% ଅଧିକ ମାଇଲେଜ୍+
ଶବ୍ଦହୀନ ଷ୍ଟାର୍ଟ 2018 ଠାରୁ ସହଜ ଅନ୍-ଅଫ୍ ସ୍ୱିଚ୍
ମୋବାଇଲ୍ ଚାର୍ଜର୍^
ଡିଟାଚବେଲ୍ ରାଅର୍ ସାଟ୍
କମ ଡାଉନ୍ ପେମେଣ୍ଟ ₹3 333* ରୁ ଆରମ୍ଭ
# Ex-showroom price of TVS XL100 Heavy Duty Kick Start variant in Orissa. T&C apply. + Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. T&C apply. * Finance at the sole discretion of the financier. T&C apply.
TVS 3 YEAR WARRANTY
TVS CREDIT
L&T Finance
IDFC FIRST Bank ALWAYS YOU FIRST
SHRIRAM Finance
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. Authorised Dealers: Rohibank:6371229226, Kalapathar: 9937844941, Ranpur:9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali:9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.
dentsu/dha bhu/06/23


MARUTI SUZUKI
NEXA
SOME JOURNEYS
TAKE IMPOSSIBLE TURNS
Out there, you'll encounter many narrow trails that will test you at every twist and turn. However, if you are behind the wheel of the iconic Jimny with the ALLGRIP PRO, 3-Link Rigid Axle Suspension, and Low Turning Radius, the drive to the summit will definitely become a tad easier.
Jimny
NEVER TURN BACK
No.1 SUV MAKERS
CREATE. INSPIRE.
ALLGRIP PRO
3 LINK RIGID AXLE SUSPENSION
HEADLAMP WASHERS
6 AIRBAGS
WIRELESS ANDROID AUTO AND APPLE CARPLAY CONNECTIVITY
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA CYBER CITY (JYOTE MOTORS PH: 9776615032), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), NEXA RAJ BHAVAN ROAD (NARAYANI MOTORS PH: 9583022008, 9583022012), PANIKOILI: NEXA GAJAPATI NAGAR (TUSH I MOTORS PVT. LTD. PH: 6372802153), CUTTACK: NEXA STADIUM ROAD (JYOTE MOTORS PH: 7440005202, 7440005239).
Scan to book
Creative visualization. Accessories and features shown may not be part of standard equipment. Black glass on the vehicle is due to lighting effect. Trademarks used belong to respective Trademark Owners.
For details on functioning of safety features, including air bag, kindly refer to the Owner's Manual. Maruti Suzuki is the no. 1 makers of SUVs as per certificate issued by JATO dynamics limited on 12-September-2023 basis sales figures from April '2023 to August '2023.

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୦।୨୦୨୩

| | |
|---|---|
| ୬,୩୫, ୦୧୯ ଟଙ୍କା | |
| ସୁନା | ୮.୮୫୦ ଗ୍ରାମ୍ |
| ରୁପା | ୭୩.୪୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସାଉଣ୍ଡ ଆଣ୍ଡ ଲାଇଟ ଓନର୍ସ ଆସୋସିଏଶନ ଅଫ ଓଡ଼ିଶାର ରାଜ୍ୟସ୍ତରୀୟ ବୈଠକ, ବ୍ଲାଇଣ୍ଡ ଆସୋସିଏଶନ, ବିଗ୍ ବଜାର ପାଖ, ରାମ ମନ୍ଦିର, ଅପରାହ୍ନ ୧ଟା।
- ସଙ୍ଗୀତ ଦି ସାଉଣ୍ଡ ଅଫ ମ୍ୟୁଜିକ୍ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ 'ସୁରୋ କି ମେହେଫିଲ', ସୂଚନା ଭବନ, ଅପରାହ୍ନ ୫ଟା।
- ମନୋରମା ଚୌଧୁରୀଙ୍କ 'ଅଷ୍ଟନାୟିକା' ପୁସ୍ତକ ଉନ୍ମୋଚନ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।

ବଡ଼ମ୍ବା

- ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା-୨୦୨୩, ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସକାଳ ୮ଟା।

# ରଙ୍ଗିନ ରାତି ପାଇଁ ନିୟମ ଫୁଁ'

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ୍ ରାଉତ)

କମିଶନରେଟ ପୋଲିସର କଡ଼ା ନିୟମ, ହେଲେ ଢିଲା ପାଳନ। ବାରମ୍ବାର ଚଢ଼ାଉ ଚାଲୁଛି, କିନ୍ତୁ ସବୁ ନିୟମ ଭାଙ୍ଗି ରାତି ସେମିତି ରଙ୍ଗିନ ହେଉଛି। ରାଜଧାନୀରେ ଥିବା ବାର୍, ନାଇଟ୍ କ୍ଲବ୍ ଓ ଡ୍ୟାନ୍ସବାର୍‌ଗୁଡ଼ିକ ବିଳମ୍ବିତ ରାତି ଯାଏ ଖୋଲା ରହୁଥିବାବେଳେ ମାଲିକମାନେ ସବୁ ନିୟମକୁ ଫୁଁ' କରି ଉଡାଇ ଦେଉଛନ୍ତି। ରେଜିଷ୍ଟରକୁ ଠିକ୍ ଭାବେ ପରିଚାଳନା ନ କରି ନାନା ବେଆଇନ କାର୍ଯ୍ୟ ଚଳାଉଛନ୍ତି। ବେଆଇନ ଭାବେ ନାବାଳିକାଙ୍କୁ ନଚାଉଥିବାବେଳେ ମଦ ଓ ନିଷିଦ୍ଧ ନିଶା ସେବନ କରି ଗ୍ରାହକମାନେ ମତୁଆଲା ହେଉଛନ୍ତି। ଟଙ୍କା ଉଡାଇବା ସହ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ କେବଳ ଚଢ଼ାଉ, ନୋଟିସ କରି ଭେଳିକି କରୁଥିବାରୁ ସହରର ରାତି ଅସୁରକ୍ଷିତ ହୋଇପଡୁଛି। ଏବେ ପାର୍ବଣକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ତତ୍ପରତା ଦେଖାଉଥିବା ଭଳି ସହରବାସୀ ମନେ କରୁଛନ୍ତି। 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶନିବାର ବିଳମ୍ବିତ ରାତିରେ କଟକ ରୋଡ୍, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଅଞ୍ଚଳରେ ଥିବା ନାଇଟ୍ କ୍ଲବ୍, ଡ୍ୟାନ୍ସ ବାର୍‌ଗୁଡ଼ିକ ଉପରେ ଚଢ଼ାଉ କରିଛି। ଏହି ସମୟରେ କିଛି ବାର୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଜଣାପଡ଼ିଥିଲା। ଚନ୍ଦ୍ରଶେଖରପୁରସ୍ଥିତ ଏମ୍ପାସି, ବିବିଆଇ, ମିଡିଲ୍‌ଟନ୍ ରାତି ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସେହିପରି କଟକ ରୋଡସ୍ଥିତ ପେଣ୍ଟାଗନ୍ ବାର୍ ମଧ୍ୟ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଖୋଲା ରହିଥିବାବେଳେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ଏଭଳି ନିୟମ ଭଙ୍ଗ ନ କରିବାକୁ ଏସବୁ ବାର୍‌କୁ ପୋଲିସ ପକ୍ଷରୁ ତାଗିଦ୍ କରିଦିଆଯାଇଛି।





କମିଶନରେଟ୍ ପୋଲିସ ପକ୍ଷରୁ ଏକ ବାର୍‌ରେ ଚଢ଼ାଉ କରାଯାଉଛି। ଡ୍ୟାନ୍ସ ବାର୍‌ରେ ଉଡ଼ାଯାଇଥିବା ନକଲି ଟଙ୍କାକୁ ସଂଗ୍ରହ କରାଯାଉଛି।

### ଚଢ଼ାଉ, ନୋଟିସ ଭେଳିକି

- ବାର୍‌ରେ କମିଶନରେଟ୍ ପୋଲିସର ଚଢ଼ାଉ
- ୫ ଡ୍ୟାନ୍ସ ବାର୍‌କୁ ଅବକାରୀ ନୋଟିସ୍

ଅନ୍ୟପକ୍ଷରେ ନିୟମ ଭଙ୍ଗ କରିଥିବା କଟକ ରୋଡସ୍ଥିତ ୫ଟି ଡ୍ୟାନ୍ସ ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେଗୁଡ଼ିକ ହେଲା ପେଣ୍ଟାଗନ୍, ଆଲିଶାନ୍, ମହାନ୍ତି, ଏକାମ୍ର ଓ ଦୀପାଳି ଡ୍ୟାନ୍ସ ବାର୍। ଏନେଇ ଭୁବନେଶ୍ୱର ଅବକାରୀ ଇନ୍‌ସ୍ପେକ୍ଟର ବିକାଶ ନାୟକ କହିଛନ୍ତି, ନିୟମ ଭଙ୍ଗ ନ ହେବା ପାଇଁ ନିୟମିତ ବାର୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି। ୮ଟି ଟିମ୍ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯାଞ୍ଚବେଳେ ୫ଟି ଡ୍ୟାନ୍ସ ବାର୍ ନିୟମ ଭଙ୍ଗ କରିଥିବା ଜଣାପଡ଼ିବାରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଉକ୍ତ ବାର୍‌ଗୁଡ଼ିକ ରେଜିଷ୍ଟର୍ ପରିଚାଳନା ଠିକ୍ ଭାବେ କରୁ ନ ଥିଲେ। କିଛି ସ୍ଥାନରେ ନକଲି ନୋଟ୍ ଉଡୁଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବାର୍‌ରେ ନାବାଳିକାଙ୍କୁ ଡ୍ୟାନ୍ସର ଭାବେ ନିୟୋଜିତ କରାଇ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଆସିବା ପରେ ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଅବକାରୀ ବିଭାଗ ପକ୍ଷରୁ କଟକ ରୋଡସ୍ଥିତ ୮ଟି ଡ୍ୟାନ୍ସ ବାର୍‌ରେ ମଧ୍ୟ ଚଢ଼ାଉ ହୋଇଥିଲା।

## ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରାଙ୍କ ପରଲୋକ

**ଭୁବନେଶ୍ୱର, ୧୫।୧୦(ଅସମାପିକା ସାହୁ):** ଓଡ଼ିଶା ମହାଲେଖାକାର (ଏଜି) କାର୍ଯ୍ୟାଳୟର ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରାଙ୍କ ଶନିବାର ରାତିରେ ପରଲୋକ ଘଟିଛି। ସେ ଫୁସ୍‌ଫୁସ୍‌ଜନିତ ସଂକ୍ରମଣରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ଭାଇ ବିଷ୍ଣୁ ଚରଣ ବେହେରା, ସ୍ତ୍ରୀ ଜୟଶ୍ରୀ ପରିଡ଼ା ଉପସ୍ଥିତ ଥିଲେ। ତାଙ୍କୁ ୫୨ବର୍ଷ ହୋଇଥିଲା। ରବିବାର ତାଙ୍କର ପାର୍ଥିବ ଶରୀରକୁ ଏମ୍ସରୁ ତାଙ୍କ ବାସଭବନକୁ ନିଆଯିବା ପରେ ବହୁ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଶେଷଦର୍ଶନ କରିଥିଲେ। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅର୍ଥ ବିଭାଗର ଶାସନ ସଚିବ ବିଶାଳ ଦେବ, କେନ୍ଦ୍ର ସରକାରଙ୍କ କୋଇଲା ଓ ଖଣି ମନ୍ତ୍ରାଳୟର ମହାନିର୍ଦ୍ଦେଶକ ବିଭୁଦତ୍ତ ବସନ୍ତିଆ, ଦିଲ୍ଲୀ ସିଏଜି କାର୍ଯ୍ୟାଳୟର ମହାନିର୍ଦ୍ଦେଶକ ବିଜୟ କୁମାର ମହାନ୍ତି, ପ୍ରଧାନ ମହାଲେଖାକାର ରାଜ କୁମାର ପ୍ରମୁଖ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ରବିବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ଉପଲକ୍ଷେ ରବିବାର ପୁରୀର ଶିଳ୍ପୀ ଶ୍ରୀଧର ଦାସଙ୍କ ଦ୍ୱାରା ପ୍ରସ୍ତୁତ ଭାସ୍କର୍ଯ୍ୟ କଳା।

## ଅସୀମ ବସୁଙ୍କ ସାମଗ୍ରିକ ଜୀବନ କଳା ପାଇଁ ସମର୍ପିତ ଥିଲା

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ମଞ୍ଚ ନାଟକ ନିର୍ଦ୍ଦେଶକ, ଅଭିନେତା, ନାଟ୍ୟକାର ଅସୀମ ବସୁଙ୍କର ୮୮ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ସ୍ୱର୍ଗତ ବସୁଙ୍କ ଜାମାତା ବିଜୟ ମଣ୍ଡଳ, ପୁଅ ଗୌତମ ବସୁ, ପୁତ୍ରବଧୂ ରୁଚିକା ବସୁ, ଉଇ ଫର୍ ଭୁବନେଶ୍ୱରର ନରେନ୍ ସାହୁ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବସୁ ବମ୍ବେ ଓ କୋଲକାତାର ସିନେମା ଜଗତ ପାଇଁ ସୁଯୋଗ ପାଇଥିଲେ ମଧ୍ୟ ନିଜ ଜନ୍ମମାଟି ଓଡ଼ିଶାରେ କଳାର ବିକାଶ ପାଇଁ ରହି କଳା କ୍ଷେତ୍ରରେ ବିକାଶ ନିମନ୍ତେ ନିଜ ସାମଗ୍ରିକ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ସେଥିପାଇଁ ସେ ଚିର ନମସ୍ୟ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ।

## ଚାପମୁକ୍ତ ଜୀବନ ହିଁ ଖୁସି ଜୀବନ

### ରାଜ୍ୟ ଗ୍ରନ୍ଥାଗାରରେ ଷଷ୍ଠ ପ୍ରେରଣାଦାୟକ ବକ୍ତୃତାମାଳା

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଚାପମୁକ୍ତ ଜୀବନ ହିଁ ଖୁସି ଜୀବନ। ଯୁବସମାଜ ଚାପମୁକ୍ତ ହୋଇ କିଭଳି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ଓଡିଶାର ସୁନାମ ଆଣିବେ ସେନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ବିଭାଗ ପକ୍ଷରୁ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ପାଠିକାପାଠକଙ୍କ ପାଇଁ ଏକ ପ୍ରେରଣା ଦାୟକ ବକ୍ତୃତାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବିଭାଗୀୟ ନିର୍ଦ୍ଦେଶକ ରାଉତରାୟ ଯୋଗଦେଇ, ପାଠିକାପାଠକମାନେ କିପରି ନିଜ ଜୀବନରେ ଉନ୍ନତି କରି ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ଓ ଚାପମୁକ୍ତ ରହି ପାରିବେ କେତେ ଗୋଟି ଉପାୟ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାସ ସ୍ୱାଗତ ଭାଷଣ ପ୍ରଦାନ ସହ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଗ୍ରନ୍ଥାଧ୍ୟକ୍ଷା ସଂଘମିତ୍ରା ସାହୁ, ପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, ସଲିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଟିଲୁ



@ ଶୁଭଶ୍ରୀ



@ ସନ୍ତୋଷ



@ ଗଣେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ତୁଷାରଙ୍କ 'ଟାଇପୋଗ୍ରାଫି'ରେ ସେଲିବ୍ରିଟିଙ୍କ ଚିତ୍ର



ଚିତ୍ରଶିଳ୍ପୀ ତୁଷାର ବେହେରା ଟାଇପୋଗ୍ରାଫିରେ କରିଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିତ୍ରକୁ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୫।୧୦
(ଅନୁରାଧା ମହାରଣା)

ଅନେକ ସେଲିବ୍ରିଟି ଓ ରାଜନେତାଙ୍କୁ ସେମାନଙ୍କ ଚିତ୍ର ଆଙ୍କି ଉପହାର ଦିଅନ୍ତି ନିଆରା ଶିଳ୍ପୀ ତୁଷାର ବେହେରା। ତେବେ ସେ ଆଙ୍କୁଥିବା ଚିତ୍ରଗୁଡ଼ିକର ସ୍ୱତନ୍ତ୍ରତା ରହିଛି। ଟାଇପୋଗ୍ରାଫିରେ ଚିତ୍ରଗୁଡ଼ିକ ପ୍ରସ୍ତୁତ କରାଯାଇଥାଏ। ଜଣେ ବ୍ୟକ୍ତି ବା ବସ୍ତୁର ଚିତ୍ରକୁ ଛୋଟବଡ଼ ଅକ୍ଷରରେ ସଜାଯାଇଥାଏ। ଏହି ଅକ୍ଷରକୁ ନେଇ ଗଠିତ ସଂପୃକ୍ତ ବ୍ୟକ୍ତି ବା ବସ୍ତୁ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥାଏ। ଅମିତାଭ ବଚ୍ଚନ, ବିଜୟ ମହାନ୍ତିଙ୍କଠାରୁ ଆରମ୍ଭ କରି ଇର୍‌ଫାନ୍ ଖାନ୍, ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ସମେତ ଅନେକ କଳାକାରଙ୍କ ଚିତ୍ର ଆଙ୍କିଛନ୍ତି ତୁଷାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ର ଉପହାରସ୍ୱରୂପ ପ୍ରଦାନ କରାଯାଇଥିଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କଠାରୁ ଏପରି ଚିତ୍ର ଗ୍ରହଣ କରିଛନ୍ତି। ସେହିପରି ଅଟଳ ବିହାରୀ ବାଜପେୟୀ, ସୁଷମା ସ୍ୱରାଜ, ଅରୁଣ ଜେଟ୍‌ଲୀ, ଡ. ବି. ଆର୍. ଆମ୍ବେଡକର ପ୍ରମୁଖଙ୍କୁ ଟାଇପୋଗ୍ରାଫି ମାଧ୍ୟମରେ ସେମାନଙ୍କ ପୁଣ୍ୟ ତିଥିରେ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଯାଜପୁରର ତୁଷାରଙ୍କ ଭୁବନେଶ୍ୱରସ୍ଥିତ ଆଇଟିଇଆର୍‌ରେ ପାଠପଢ଼ା ସମୟରୁ ଚିତ୍ରକଳା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କିଛି ସ୍ୱତନ୍ତ୍ର କରିବା ପାଇଁ ପ୍ରୟାସ କରୁଥିବା ତୁଷାର ଟାଇପୋଗ୍ରାଫିକୁ ନିଶା ଭାବରେ ଗ୍ରହଣ କରିନେଇଥିଲେ। ଆଗକୁ ଆହୁରି ଅନେକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱଙ୍କୁ ସେ କାଗଜ ଓ ପେନ୍‌ସିଲରେ ସଜାଇବେ ବୋଲି କହିଛନ୍ତି। ତାଙ୍କର ଏହି କଳା ପ୍ରତି ଆକର୍ଷିତ ହୋଇ ଯୁବପିଢ଼ି ଚିତ୍ର ପାଇଁ ବରାଦ ଦେବା ଆରମ୍ଭ କରିଛନ୍ତି। ରାଜ୍ୟ ତଥା ବାହାରକୁ ତାଙ୍କର ଏହି ଚିତ୍ର ଯାଉଛି। ଟାଇପୋଗ୍ରାଫି ଚିତ୍ରକଳା ସମ୍ପର୍କରେ ଅନେକେ ଜାଣନ୍ତି ନାହିଁ। ଏହି କଳାକୁ ଅଧିକ ପରିଚିତ କରିବା ପାଇଁ ସେ ଚେଷ୍ଟା କରୁଥିବା ତୁଷାର କହିଛନ୍ତି।

**ଦୁଇ ନିଆରା ଶିଳ୍ପୀ**





ଟାଇପୋଗ୍ରାଫିରେ ଅଭିନେତା ବିଜୟ ମହାନ୍ତି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ।

# ସୁଶ୍ରୀତାଙ୍କ 'ଡୁଡୁଲ ଆର୍ଟରେ' ଓଡ଼ିଶାର ମନ୍ଦିର

ଭୁବନେଶ୍ୱର ନୀଳାଦ୍ରି ବିହାର ଅଞ୍ଚଳର ସୁଶ୍ରୀତା ସାମନ୍ତରାୟ ଆଉ ଜଣେ ନିଆରା ଶିଳ୍ପୀ। ଡୁଡୁଲ୍ ଆର୍ଟ ବା ମାଇକ୍ରୋ ଆର୍ଟ ଏବଂ ଡିଜିଟାଲ ଟାଇପୋଗ୍ରାଫିରେ ଚିତ୍ରକଳା ପ୍ରସ୍ତୁତ କରି ପ୍ରଶଂସା ସାଉଣ୍ଟିବାରେ ଲାଗିଛନ୍ତି। ବିଭିନ୍ନ ପ୍ରକାର ଚିତ୍ର ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ସୁଶ୍ରୀତା ଡୁଡୁଲ ଆର୍ଟ ମାଧ୍ୟମରେ ରାଜ୍ୟର ସମସ୍ତ ପ୍ରସିଦ୍ଧ ମନ୍ଦିରର ଚିତ୍ର ଆଙ୍କିବାକୁ ଲକ୍ଷ୍ୟ ରଖିଛନ୍ତି। ନିଖୁଣ ଢଙ୍ଗରେ ସେ ମନ୍ଦିରମାଳିନୀ ଭୁବନେଶ୍ୱରର ଜଳେଶ୍ୱର ମନ୍ଦିର, ରାମ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଇସ୍କନ ମନ୍ଦିର ସମେତ ବ୍ରହ୍ମଗିରିର ଅଲାରନାଥ, ସୋନପୁରର ମେଟାକାନି ମନ୍ଦିର, ଛତିଆ ଜଗନ୍ନାଥ ମନ୍ଦିର, ଢେଙ୍କାନାଳ ରାଜମହଲ, ନୟାଗଡ଼ର ଲଡୁବାବା ମନ୍ଦିର, କଳାହାଣ୍ଡିର ମାଣିକେଶ୍ୱରୀ ମନ୍ଦିର, ପୁରୀ ଗୁଣ୍ଡିଚା ମନ୍ଦିର, ଗଜପତିର ଭୀମ ମନ୍ଦିର, ଖୋର୍ଦ୍ଧା ବରୁଣେଇ ମନ୍ଦିର, ରାୟଗଡ଼ା ମାର୍କମା ମନ୍ଦିର, ଝାରସୁଗୁଡ଼ାର ଝାଡେଶ୍ୱର ମନ୍ଦିର, ଦେବଗଡ଼ର କଟାସର ଘାଟିସ୍ଥିତ ବନଦୁର୍ଗା ମନ୍ଦିର, କେନ୍ଦୁଝରର ମୁର୍ଗା ମହାଦେବ ମନ୍ଦିର, ବାଙ୍କୀ ଚର୍ଚ୍ଚିକା ମନ୍ଦିର, ମା' ସାତଭଉଣୀ ଓ ବରାହନାଥ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର, କ୍ଷୀରଚୋରା ଗୋପୀନାଥ ମନ୍ଦିର, ବୌଦ୍ଧର ରାମନାଥ ମନ୍ଦିର, ହୁମ୍ମାର ବିମଳେଶ୍ୱର ମନ୍ଦିର ଆଦି ଶତାଧିକ ମନ୍ଦିରକୁ 'ଡୁଡୁଲ୍ ଆର୍ଟ' ମାଧ୍ୟମରେ ପ୍ରସ୍ତୁତ କରିଛନ୍ତି। ଏହାସହ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟାଳୟକୁ ମଧ୍ୟ ସେ ଡୁଡୁଲ୍ ଆର୍ଟରେ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି, ବିଭିନ୍ନ ଦୁର୍ଗ, ରାଜମହଲ ସମେତ ଅନ୍ୟ ପରମ୍ପରାକୁ ସେ ଡୁଡୁଲ୍ ଆର୍ଟରେ ବଖାଣିଛନ୍ତି। ଏହାସହ ବିଭିନ୍ନ ଖାଦ୍ୟକୁ ସିରିଜ୍ ଆର୍ଟରେ ପ୍ରସ୍ତୁତ କରିଛନ୍ତି। କେବଳ ଏତିକି ନୁହେଁ, ଓଡ଼ିଆ ବର୍ଣ୍ଣମାଳାର ପ୍ରତି ଅକ୍ଷରକୁ ସେ ନିଆରା ଢଙ୍ଗରେ ଚିତ୍ରିତ କରିବା ଆରମ୍ଭ କରି ଏବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସୁଶ୍ରୀତା।





ଡୁଡୁଲ ଆର୍ଟ ସହ ଶିଳ୍ପୀ ସୁଶ୍ରୀତା ସାମନ୍ତରାୟ।

## ଟଙ୍କା ହଡ଼ପ ଅଭିଯୋଗରେ ୩ ଗିରଫ

ପୁରୀ,(ଅଜିତ୍ ମହାନ୍ତି)- ଜଣେ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଟାଉନଥାନା ପୋଲିସ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିଲୀପ ଆଚାର୍ଯ୍ୟ, ଦୀପ୍ତିମୟୀ ଆଚାର୍ଯ୍ୟ ଏବଂ ରାକେଶ ରୋଶନ ଦାସ। ବିମଳ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ମା'ଙ୍କ ଦେହାନ୍ତ ହୋଇଯାଇଥିବାବେଳେ ସେ ଅନ୍ୟତ୍ର ରହୁଛନ୍ତି। ସେ ତାଙ୍କ ମା'ଙ୍କ ଆକାଉଣ୍ଟକୁ ଅଚଳ କରିବା ପାଇଁ ବ୍ୟାଙ୍କ ଯାଇଥିଲେ। ମାତ୍ର ବ୍ୟାଙ୍କ ୩ଦିନ ଛୁଟିଥିବାରୁ ସେ ତାଙ୍କ ଆକାଉଣ୍ଟ ଅଚଳ କରିପାରି ନ ଥିଲେ। ତେବେ ବ୍ୟାଙ୍କ ଖୋଲାହେବା ପରେ ସେ ଜାଣିବାକୁ ପାଇଥିଲେ ତାଙ୍କ ଘରେ ଭଡା ରହିଥିବା ଦିଲୀପ ଓ ତାଙ୍କ ପରିବାର ଲୋକେ ଚକ୍ରାନ୍ତ କରି ବ୍ୟାଙ୍କରେ ଥିବା ତାଙ୍କ ମା'ଙ୍କ ଟଙ୍କାକୁ ଦୁଇଟି ଚେକ୍ ମାଧ୍ୟମରେ ଜାଲ ଦସ୍ତଖତ କରି ଟଙ୍କା ଉଠାଇ ନେଇଛନ୍ତି। ଏନେଇ ସେ ଟାଉନଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ମଙ୍ଗଳା ମନ୍ଦିରରେ ନବଦିନାତ୍ମକ ପୂଜା ଆରମ୍ଭ

**କାକଟପୁର, ୧୫।୧୦ (ଶୁଭଦର୍ଶନ ମିଶ୍ର):** ପୁରୀ ଜିଲା କାକଟପୁରବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ଶାରଦୀୟ ପୂଜା ନିଷ୍ଠାର ସହ ଅନୁଷ୍ଠିତ ହେଉଛି। ମା' ମଙ୍ଗଳା ରାଜ୍ୟର ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଗଣାଯାଉଥିବାରୁ ପ୍ରତିଦିନ ମନ୍ଦିରରେ ଭକ୍ତଙ୍କ ସମାଗମ ହେଉଛି। ମନ୍ଦିର ମୁଖଶାଳାଠାରେ ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଦିନ ସପ୍ତଶତୀ ଚଣ୍ଡୀପାଠ କରାଯାଉଥିବାବେଳେ ପାରମ୍ପରିକ ପ୍ରଥା ଅନୁସାରେ ପାର୍ବଣ ରୋଷେଇରେ ଆମିଷ ଭୋଗ ପ୍ରସ୍ତୁତ କରାଯାଉଛି। ରବିବାରଠାରୁ ମନ୍ଦିରରେ ମା'ଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ମହାନବମୀ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବ ବୋଲି କହିଛନ୍ତି ମା'ଙ୍କ ପୂଜକ କମଳ ଲୋଚନ ଦୀକ୍ଷିତ। ରବିବାର ମା'ଙ୍କ ନାଲି କଲି ବେଶ ହୋଇଥିବା ବେଳେ ୧୬ରେ କଳା କଲିବେଶ, ୧୭ରେ ନାଲି କଲି ବେଶ, ୧୮ରେ ତୀର କମାଣ ବା ରଘୁନାଥ ବେଶ, ୧୯ରେ କାତି ଖର୍ପର ବା କାତ୍ୟାୟନୀ ବେଶ ସହିତ ତୀର କମାଣ ଲାଗି, ୨୦ରେ ପ୍ରସିଦ୍ଧ ସିଂହବାହିନୀ ବେଶ, ୨୧ରେ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ମା'ଙ୍କ ପୂଜକ ତୁଷାର ରଞ୍ଜନ ଦୀକ୍ଷିତ ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପିପିଲି, ୧୫।୧୦ (ପ୍ରଭାତ କୁମାର ମହାପାତ୍ର):** ଶନିବାର ରାତିରେ ନିମାପଡା-ପିପିଲି ମୁଖ୍ୟରାସ୍ତା ଜଗନ୍ନାଥପୁର ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧଜଣକ ସ୍ଥାନୀୟ ଜଗନ୍ନାଥପୁର ବାସିନ୍ଦା ଲକ୍ଷ୍ମୀଧର ପାଣ୍ଡେ (୬୧)। ଲକ୍ଷ୍ମୀଧର ପାଣ୍ଡେ ପାଖ ବଜାରକୁ ଯାଇ ଫେରୁଥିବା ବେଳେ ନିମାପଡାରୁ ଏକ ଦ୍ରୁତଗାମୀ ବୋଲେରୋ ଗାଡି ଲକ୍ଷ୍ମୀଧରଙ୍କୁ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣାରେ ଲକ୍ଷ୍ମୀଧର ଛିଟିକିଯାଇ ରାସ୍ତା ଉପରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ପିପିଲି ମେଡିକାଲକୁ ଆଣିଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସଂପର୍କରେ ଖବରପାଇ ପିପିଲି ପୋଲିସ ମେଡିକାଲରେ ଲକ୍ଷ୍ମୀଧରଙ୍କ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ମୃତ ଲକ୍ଷ୍ମୀଧରଙ୍କ ପୁଅ ସ୍ନେହାଶିଷ ପାଣ୍ଡେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଥାନାରେ ୪୬୩/୨୩ରେ ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଥାନା ଏସଆଇ ସନ୍ଦିପ ଦାଶ କହିଛନ୍ତି ।

## ଡିଜେ ଗାଡ଼ିକୁ ଜବତ କଲା ପୋଲିସ

**ପିପିଲି, ୧୫।୧୦(ପ୍ରଭାତ କୁମାର ମହାପାତ୍ର):** ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜରାସ୍ତା ଅବରୋଧ କରି ଜୋର୍ ସାଉଣ୍ଡରେ ଡିଜେ ବାଜୁଥିବାରୁ ପିପିଲି ପୋଲିସ ଏକ ଡିଜେ ଗାଡିକୁ ଜବତ କରିଛି। ଏହି ଗାଡିରେ ପ୍ରାୟ ୭୦ଲକ୍ଷ ଟଙ୍କାର ଅତ୍ୟାଧୁନିକ ସାଉଣ୍ଡ ସିଷ୍ଟମ୍ ଲଗାଯାଇଥିବା କୁହାଯାଇଛି। ସୂଚନାଥାଉକି ଶନିବାର ରାତିରେ ମଙ୍ଗଳପୁର ନିକଟ ଠଣଠଣା ଜେନାସାହିର ଗଣେଶ ଭସାଣିରେ ଏକ ଡିଜେ ଗାଡ଼ି ଜୋର୍ ସାଉଣ୍ଡ ସହ ଭୁବନେଶ୍ୱର-ପୁରୀ ମୁଖ୍ୟ ରାସ୍ତା ଅବରୋଧ କରିଥିବା ବେଳେ ସେହି ରାସ୍ତା ଦେଇ ଜଣେ ଅଧିକାରୀ ପୁରୀରୁ ଭୁବନେଶ୍ୱର ଫେରୁଥିଲେ। ରାସ୍ତା ଅବରୋଧ ଥିବାରୁ ଅଧିକାରୀ ଜଣକ ପିପିଲି ପୋଲିସର ସହାୟତା ନେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଡିଜେ ଗାଡିକୁ ଜବତ କରିଛି।

# ଚୋରା ବାଇକ୍ କାରବାରର ପେଣ୍ଠସ୍ଥଳ କବାଡ଼ିଆ ଗୋଦାମ

**ନିମାପଡ଼ା,୧୫।୧୦(ବିଚିତ୍ରାନନ୍ଦ ସାହୁ)** ନିମାପଡ଼ା ଗୋଲେଇ ଛକ, ବିଷ୍ଣୁପୁର ଦେଉଳି ସାହି ଛକ, ହାଟ ଛକ, ନିମାପଡ଼ା ବଜାର, ମୁସଲିମ୍ ବସ୍ତି ଛକ ସମେତ ବିଭିନ୍ନ ସ୍ଥାନରେ ଥିବା ବହୁ କବାଡ଼ିଆ ଗୋଦାମ ଚୋରା ବାଇକ୍ କାରବାରର ପେଣ୍ଠସ୍ଥଳ ପାଲଟିଛି। ବାଇକ୍ ଚୋରମାନେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ଆଣି କବାଡ଼ିଆ ଗୋଦାମରେ ଖୁବ୍ କମ୍ ମୂଲ୍ୟରେ ବିକ୍ରି କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଗୋଦାମ ମାଲିକମାନେ ବାଇକ୍‌ରୁ ଯନ୍ତ୍ରାଂଶ, ନମ୍ବର ପ୍ଲେଟ ଖୋଲି ବିଭିନ୍ନ ଚାରି ଚକିଆ ଯାନର ପାର୍ଟସ, ଲୁହା ସାମଗ୍ରୀକୁ ରାତାରାତି ବାହାରକୁ ଚାଲାଣ କରୁଛନ୍ତି। କେବଳ ବାଇକ୍ ନୁହେଁ, ବିଦ୍ୟୁତ୍ ତାର, ଟେଲିଫୋନ ତାର, ଲୁହା, ପାଣି ପାଇପ, ନଳକୂପ, ବିଦ୍ୟୁତ୍ ମୋଟର ଆଦିକୁ ଚୋରି କରି ଆଣି ଏହି କବାଡ଼ିଆ ଗୋଦାମଗୁଡ଼ିକରେ ଅନାୟାସରେ ବିକ୍ରି କରୁଛନ୍ତି। କବାଡ଼ିଆ ଗୋଦାମ ମାଲିକଙ୍କ ସହ ବାଇକ୍ ଚୋର, ତାର ଚୋର, ଲୁହା ସାମଗ୍ରୀ ଚୋରମାନଙ୍କ ବେଶ ମଧୁଚନ୍ଦ୍ରିକା, ସଲାସୁତରା ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ହେଲେ ଏ ଦିଗରେ ସ୍ଥାନୀୟ ପୋଲିସର ଆଦୌ ଦୃଷ୍ଟି ପଡୁ ନ ଥିବା ସ୍ପଷ୍ଟ ଜଣାପଡ଼ିଛି। ପୋଲିସ ପକ୍ଷରୁ କବାଡ଼ିଆ ଗୋଦାମଗୁଡ଼ିକ ଉପରେ ଚଢ଼ାଉ କରାଗଲେ ବହୁ ଚୋରା ବାଇକ୍ ସହ ଚୋରା ସାମଗ୍ରୀ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। କବାଡ଼ିଆ ଗୋଦାମ ମାଲିମାନେ ବହୁ ଚୋରା ଲୁହା ସାମଗ୍ରୀ କାରବାର କରି ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ସରକାରଙ୍କୁ ଆୟକର, ବାଣିଜ୍ୟକର, ଜିଏସ୍‌ଟି ନ ଦେଇ ଠକି ଚାଲିଛନ୍ତି। ଶନିବାର କ୍ରାଇମ ଇଣ୍ଟେଲିଜେନ୍ସ ବ୍ରାଞ୍ଚର ୨ ଜଣ ଅଧିକାରୀ ଆସି ନିମାପଡ଼ା ଗୋଲେଇ ଛକ, ଦେଉଳି ସାହି ଛକଠାରେ ଥିବା କେତେକ କବାଡ଼ିଆ ଗୋଦାମ ପରିଦର୍ଶନ କରି ବିଭିନ୍ନ ଗୋଦାମରେ ବହୁ ଚୋରା ସାମଗ୍ରୀ ବହୁଳ ଭାବେ ମହଜୁଦ ଥିବା ଆଶଙ୍କା କରିଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ନିମାପଡ଼ା ଅଞ୍ଚଳରେ ଥିବା କବାଡ଼ିଆ ଗୋଦାମ ଉପରେ ଚଢ଼ାଉକରିବା ସହ ଚୋରା ସାମଗ୍ରୀକୁ ଜବତ କରାଯାଇ ଏ ଦିଗରେ ପକ୍ଷେପ ନିଆଯିବାକୁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହେଉଛି।


ପୁରୀ: ରବିବାର ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ଭୈରବୀ ବେଶ ।


ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ କୁମାର ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁନି ପିଲାମାନେ ।

## ଡୁଗୁରେଇଙ୍କ ପାରମ୍ପରିକ କାଠିଯାତ୍ରା

**ସାକ୍ଷୀଗୋପାଳ, ୧୫।୧୦ (ଭରତ ରାଉତ)** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପୁରୀ ବଡ଼ଓଡିଆ ମଠ ଅଧୀନରେ ଥିବା ନରେନ୍ଦ୍ରପୁର ଗ୍ରାମ ସ୍ଥିତ ମା' ଡୁଗୁରେଇଙ୍କ ପାରମ୍ପରିକ କାଠିଯାତ୍ରା ରବିବାର ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ଓ ମାନସିକଧାରୀମାନେ ଅର୍ପଣ କରିଥିବା ଶାଢ଼ିକୁ ସେବକମାନେ କାଠିରେ ବାନ୍ଧିଥିଲେ। ସୁସଜ୍ଜିତ କାଠି ମା'ଙ୍କ ଶ୍ରୀଅଙ୍ଗରେ ଲଗାଯାଇ ବେଢ଼ା ପରିକ୍ରମା କରାଯାଇଥିଲା। ଭକ୍ତମାନଙ୍କ ଗହଣରେ କାଠିକୁ ଅଧ କିଲୋମିଟର ଦୂର ଚଉଦଗୁଣ୍ଠ ଗ୍ରାମର ତାରିଣୀ ସାହିକୁ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ସନ୍ଧ୍ୟାରେ କାଠି ମନ୍ଦିରକୁ ବିଜେ କରିଥିଲା। ମନ୍ଦିରରେ ମା'ଙ୍କ ନୀତିକାନ୍ତିରେ ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ମା'ଙ୍କ ପାଇଁ ସଙ୍କୁଡି ଭୋଗ, ପୋଡାବଳି, ଅର୍ଣ୍ଣ, ବେସର ଲାଗି କରିଥିଲେ। ଏହି ଅବସରରେ ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ଏହି ନିଆରା ପ୍ରଥା ଓ ପରମ୍ପରାକୁ ଦେଖିବା ପାଇଁ ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

## କୁମାର ଉତ୍ସବ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

**ପୁରୀ, ୧୫।୧୦(ଅଜିତ ମହାନ୍ତି):** ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଚଳିତ ମାସ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ୪୪ତମ କୁମାର ଉତ୍ସବ ପାଳନ ହେବାକୁ ଯାଉଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ସହ ବଲିଉଡ୍‌ର ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପୂର୍ବରୁ ରବିବାର ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସମ୍ପାଦକ ଗୋପୀନାଥ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶରଧା ବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ଅଙ୍କ ଦୌଡ଼, ଚିତ୍ରାଙ୍କନ, ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର, ପେରର କ୍ରପ୍ଟ, ସ୍ପେଲିଂ ବି, ଏକକ ନୃତ୍ୟ (ସିନିୟର ଓ ଜୁନିଅର), ବେଲୁନ୍ ବ୍ଲାଷ୍ଟ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ। କୃତୀ ପ୍ରତିଯୋଗୀଙ୍କୁ କୁମାର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ସଦାଶିବ ନାୟକ ସୂଚନା ଦେଇଛନ୍ତି। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ବିଜେଡି ଯୁବ ନେତା ଷ୍ଟାଲିନ୍ ପରିଜା, ବରିଷ୍ଠ ସେବାୟତ ଭଗବାନ ସୁଆର, ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ ଏବଂ ଅନୁଷ୍ଠାନର ଉପଦେଷ୍ଟା ଭକ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ବିଜୟ କୁମାର ଆପଟ, ଜିତେନ୍ଦ୍ରନାଥ ଦାସମହାପାତ୍ର, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କ୍ରୀଡ଼ା ସହସମ୍ପାଦକ ପ୍ରଶାନ୍ତ ମୁଦୁଲି, ବିକ୍ରମ ପରିଡ଼ା, କାର୍ଯ୍ୟାଳୟ ସମ୍ପାଦକ ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ ଦୀପକ କୁମାର ସାହୁ, ଲକ୍ଷ୍ମୀନାରାୟଣ ପଣ୍ଡା, ଅମିୟ ପ୍ରସାଦ ନାଗ, ରୁଦ୍ର ନାରାୟଣ ମିଶ୍ର, ହରେକୃଷ୍ଣ ମିଶ୍ର, ଅଭିନବ ପ୍ରଧାନ, ସୁରଞ୍ଜି ଦାଶ, ସରସ୍ୱତୀ ମହାନ୍ତି, ଜ୍ୟୋତିର୍ମୟୀ ବିଶ୍ୱାଳ, ମନିଷା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାଧିକ ସ୍ଥାନରୁ ଚୋରି: ୨ ଗିରଫ

**ଡେଲାଙ୍ଗ,୧୫।୧୦(ରଶ୍ମିରଞ୍ଜନ ପ୍ରଧାନ)** ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାମଚନ୍ଦ୍ରପୁର ଗ୍ରାମର ସନ୍ତୋଷ ମଲ୍ଲିକ(୨୮) ଓ ମୋହନପୁର ଗ୍ରାମର ରଘୁନାଥ ଦଳାଇ(୨୮)। ଏନେଇ ପୋଲିସ ୨୯୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ ୨ବସ୍ତା ଚାଉଳ, ଗୋଟେ ଗ୍ୟାସ ସିଲିଣ୍ଡର, ୫ ହଜାର ଟଙ୍କା ଓ ଚୋରି ବ୍ୟାଟେରି ଜବତ କରିଛି। ଅଭିଯୁକ୍ତମାନେ ପୂର୍ବରୁ ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ସୂଚନା ମୁତାବକ, ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ଗ୍ରାମପଞ୍ଚାୟତର ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ୮ ତାରିଖ ରାତିରେ କିଛି ଦୁର୍ବୃତ୍ତ ବିଦ୍ୟାଳୟ ପାଚେରି ଡେଇଁ ଷ୍ଟୋରରୁମ, ଅଫିସରୁମ୍ ତାଲା ଭାଙ୍ଗି ଚାଉଳ, ଗୋଟେ ଗ୍ୟାସ ସିଲିଣ୍ଡର ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରିନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ଆଚାର୍ଯ୍ୟ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେହି ରାତିରେ ଦୁର୍ବୃତ୍ତମାନେ କଲ୍ୟାଣପୁର ଗ୍ରାମର ବନମାଳୀ ପାଢ଼ଶାଣୀଙ୍କ ଘରେ ପଶି ୪୬ ହଜାର ଟଙ୍କା ଓ ଘର ସାମ୍ନାରେ ରଖାଯାଇଥିବା ତାଙ୍କ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଚୋରି ସାମଗ୍ରୀଗୁଡ଼ିକ ନିକଟସ୍ଥ ନିକାଞ୍ଚନ ସ୍ଥାନରେ ଏକ ଡାଲାଗାଡ଼ିରେ ନେବାକୁ ଅପେକ୍ଷା କରିଥିଲେ। ସେହି ସମୟରେ ଗ୍ରାମର କିଛି ଲୋକ ସେମାନଙ୍କ ଗତିବିଧିକୁ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଥାନା ଆଇଆଇସି ଦେବାଶିଷ୍ ମହାନ୍ତି, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ସିପେହୀ ଜିତେନ୍ଦ୍ର ସ୍ୱାଇଁ ପହଞ୍ଚି ସେମାନଙ୍କ ମଧ୍ୟରୁ ୨ଜଣକୁ କାବୁ କରିନେଇଥିଲେ।

## 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ'



ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ ।

**ଅସ୍ତରଙ୍ଗ, ୧୫।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):** ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ଓଡିଶାରେ ଚାଲିଛି 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ଅଭିଯାନ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ଶିଶୁଅ ପଞ୍ଚାୟତରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବା ପାଇଁ କଂଗ୍ରେସ ପକ୍ଷରୁ ଅଭିଯାନ ଜାରି ରହିଛି। କଂଗ୍ରେସ ପକ୍ଷରୁ ଲୋକଙ୍କ ସମର୍ଥନ ପାଇଁ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସର ଉପସଭାପତି ତଥା କାକଟପୁରର ନେତା ବିଶ୍ୱଭୂଷଣ ଦାସ, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରତାପ ଖୁଣ୍ଟିଆ, ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି, ଜିଲା କଂଗ୍ରେସ କମିଟିର ସମ୍ପାଦକ ତଥା ଶିଶୁଅ ଗ୍ରାମ ପଞ୍ଚାୟତର ସଭାପତି ଅଗାଧୁ ଚରଣ ମହାନ୍ତି, ଜୋନ-୧ର ସଭାପତି ବିକାଶ କୁମାର ବାରିକ୍, ଜୋନ-୨ର ସଭାପତି ପ୍ରଶାନ୍ତ କୁମାର ଭୋଳ, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି, କୃଷକନେତା ତୁଷାର କାନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ଦଳେଇ, ଲିଟୁ ବିଶ୍ୱାଳ ଓ ସୁବାଷ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

**କଣାସ, ୧୫।୧୦ (ବିଭୂତି ଭୂଷଣ ତ୍ରିପାଠୀ):** କଣାସରେ ନେହେରୁ ଯୁବକେନ୍ଦ୍ର ପୁରୀ ସହାୟତାରେ କଣାସ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ 'ମୋ ମାଟି ମୋ ଦେଶ' ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଣାସ ପଞ୍ଚାୟତ ସମିତି ସମ୍ମୁଖରେ ଥିବା ଶହୀଦ ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟ ଶଙ୍କର ଯୋଶୀ, ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶୀଲକାନ୍ତ ରାଉତ, ଆଞ୍ଚଳିକ କ୍ରୀଡା ଓ ସାଂସ୍କୃତିକ ପରିଷଦର ସଭାପତି ସଞ୍ଜୟ କୁମାର ଛୁଆଳସିଂହ, ସଂପାଦକ ମନୋରଞ୍ଜନ ସୁନ୍ଦରାୟ, ଅବସରପ୍ରାପ୍ତ କର୍ଣ୍ଣେଲ୍ ଦେବରାଜ ମଲ୍ଲିକ, ଅଧ୍ୟାପକ ସୁକାନ୍ତ ମହାନ୍ତି, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଓ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ, ଶତାଧିକ ଅଙ୍ଗନବାଡି କର୍ମୀ, ଆର୍‌ଏସ୍‌ଏସ୍ କର୍ମୀ ଓ ସଙ୍କୀର୍ତ୍ତନ ମଣ୍ଡଳୀ ଅମୃତ କଳସ ଧରି କଣାସ ବାଲିଘାଇ ଛକ, କଣାସ କୁଦେଶ୍ୱରୀ ଛକ, କଣାସ ବସଷ୍ଟାଣ୍ଡ, କଣାସ ଗୋଲାବଜାର ଦେଇ ଦୋକନ୍ଦା, କଲ୍ୟାଣମଣ୍ଡପଠାରେ ପହଞ୍ଚିବାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ କଳସର ମାଟିକୁ ଏକତ୍ର କରାଯାଇ ଦିଲ୍ଲୀ ଯିବାପାଇଁ ଗୋଟିଏ କଳସରେ ପୁରୀ ପଠାଯାଇଥିଲା।


ଶୋଭାଯାତ୍ରାରେ ଅମୃତ କଳସ ନିଆଯାଉଛି ।

## ବେଆଇନ ମାଟି ଉଠାଣ: ଜେସିବି, ହାଇୱା ଜବତ

**ଡେଲାଙ୍ଗ,୧୫।୧୦(ରଶ୍ମିରଞ୍ଜନ ପ୍ରଧାନ)** ଡେଲାଙ୍ଗ ଥାନା ଅଞ୍ଚଳର କାକୁଡ଼ିଆ ସନ୍ନିକଟ ଦୟାନଦୀ ପଠାରୁ ବେଆଇନ ମାଟି ଚୋରାଚାଲାଣ ଅଭିଯୋଗରେ ଡେଲାଙ୍ଗ ପୋଲିସ ରବିବାର ଜେସିବି ଓ ହାଇୱାକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ହରିରାଜପୁର ଫାଣ୍ଡି ଅଞ୍ଚଳ ତଥା କାକୁଡ଼ିଆ ସନ୍ନିକଟ ଦୟାନଦୀ ପଠାରୁ ଶନିବାର ରାତିରେ ବେଆଇନ ଭାବେ ମାଟି ଚୋରାଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, ଫାଣ୍ଡି ଅଧିକାରୀ ଗଦାଧର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଜେସିବି (ଓଡି ୩୩ଏବି୬୩୭୭) ଓ ହାଇୱା (ଓଡି ୦୨କେ ୨୯୧୦)କୁ ଜବତ କରିଥିବା ଆଇଆଇସି ମହାନ୍ତି ସୂଚନା ଦେଇଛନ୍ତି।

## 'ଟ୍ୟାଲେଣ୍ଟ ସର୍ଚ୍ଚ' ପୁରସ୍କାର ବିତରଣ ଉତ୍ସବ

**ଚାରିଛକ,୧୫।୧୦(ଶିଶିର ସ୍ୱାଇଁ)** ନିମାପଡ଼ା ବ୍ଲକ ଅଧୀନ ଚାରିଛକସ୍ଥିତ ମା' ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ କଲ୍ୟାଣମଣ୍ଡପଠାରେ 'ଟ୍ୟାଲେଣ୍ଟ ସର୍ଚ୍ଚ' ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପକ୍ଷରୁ ହୋଇଥିବା ଏହି ପରୀକ୍ଷାରେ ଅଞ୍ଚଳର ୨୫ଟି ହାଇସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ନାୟକ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କମଳ ପ୍ରସାଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ରାଜୀବ ପଣ୍ଡା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ ମିତ୍ର, ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସାମାଜିକ କର୍ମୀ ସନାତନ ପାତ୍ର, ସଦାନନ୍ଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିରାଜ କୁଳମଣି ସାହୁ, ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ଗଙ୍ଗାଧର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଉପଦେଷ୍ଟା ମଣ୍ଡଳୀ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ। ଅନୁଷ୍ଠାନର ଇଂଲିଶ୍ ଅଧ୍ୟାପକ ଲକ୍ଷ୍ମଣ ବେହେରା ଧନ୍ୟବାଦ ଦେଇଥିଲେ। ଖବରଦାତା ଓ ଅଞ୍ଚଳର କିଛି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଆଜିଠୁ ତିନିଦିନିଆ 'ଦିବ୍ୟ ସମାଗମ'

**ପୁରୀ,୧୫।୧୦(ଅଜିତ ମହାନ୍ତି):** ବିଶ୍ୱ ଭ୍ରାତୃତ୍ୱ ଓ ବନ୍ଧୁତ୍ୱ ନିମନ୍ତେ ଆଧ୍ୟାତ୍ମିକ ଉତ୍ସବ 'ଦିବ୍ୟ ସମାଗମ' ଶ୍ରୀଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁରୀ ହେଲିପ୍ୟାଡ଼ ନିକଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ୫ ହଜାର ସାଧୁସନ୍ଥ ଯୋଗଦେବେ। ଏ ନେଇ ଶ୍ରୀଚକ୍ରତୀର୍ଥ ରୋଡ ଗୋପୀନାଥ ଗୌଡ଼ୀୟ ମଠ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଠ ସଭାପତି ବି. ବି. ବୋଧାୟନ ସ୍ୱାମୀ ମହାରାଜ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦିବ୍ୟ ସମାବେଶ ଏଚ୍.ଡି.ଜି. ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆର୍ବିଭାବ ବାର୍ଷିକୀ ଏବଂ ଏଚ୍.ଡି.ଜି. ପ୍ରଭୁପାଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ। ମୂଳ ରୂପରେ 'ଦିବ୍ୟ ସମାଗମ' ସନାତନ ଧର୍ମର ବିଶ୍ୱ ଆଧ୍ୟାତ୍ମିକ ପରମ୍ପରାକୁ ଏକତ୍ରିତ କରି ତାହାକୁ ସମ୍ମାନ ଦେବାର ପ୍ରୟାସ କରିଥାଏ। କୃଷ୍ଣ ଚେତନା, ସନାତନ ଧର୍ମ ଏବଂ ଭିନ୍ନ ଭିନ୍ନ ସନାତନ ସମ୍ପ୍ରଦାୟ ମଧ୍ୟରେ ଏକତାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ବିବିଧ ସନାତନ ସମ୍ପ୍ରଦାୟର ଆଧ୍ୟାତ୍ମିକ ନେତୃବୃନ୍ଦ, ପ୍ରବକ୍ତା ଓ ଭକ୍ତ ଗଣଙ୍କୁ ପରସ୍ପର ସହ ଯୋଡ଼ିଥାଏ। ଆଜିର ସମୟରେ ବସ୍ତୁବାଦ ଦ୍ୱାରା ସୃଷ୍ଟି ହୋଇଥିବା ଆଧ୍ୟାତ୍ମିକ ସଙ୍କଟକୁ ଦୂର କରିବା ଏବଂ ହିନ୍ଦୁ ସଂପ୍ରଦାୟରେ ବିବିଧତା ମଧ୍ୟରେ ଏକତାର ପ୍ରତିପୋଷଣ କରିବା ଉଦ୍ଦେଶ୍ୟ ରହିଛି। ଆଧ୍ୟାତ୍ମିକ ଉତ୍ଥାନ ଜ୍ଞାନ ବଣ୍ଟନ ଓ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଦର୍ଶକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ହାସଲ କରିବେ, ଯାହା ତାଙ୍କର ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହିତ ଅନ୍ତର୍ନିହିତ ଶାନ୍ତି ଓ ସୁସ୍ଥତାକୁ ପ୍ରୋତ୍ସାହନ ଦେବ। 'ପରିବେଶ ସଚେତନତା ଗୋ ସୁରକ୍ଷା, ନଦୀ ସଂରକ୍ଷଣ ଏବଂ ଧାର୍ମିକ ପୀଠଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋଚନା' ଆମପରିବେଶ ସଂରକ୍ଷଣର ମହତ୍ତ୍ୱକୁ ନେଇ ସଚେତନତା ସୃଷ୍ଟି କରିବ। ଏଥିସହ ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଲୋକିତ କରି ପରମ୍ପରାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଲୋକଙ୍କ ମଧ୍ୟରେ ଗର୍ବ ଓ ଦାୟିତ୍ୱବୋଧ ଭାବନା ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବି.ଏସ୍. ଦାମୋଦର ସ୍ୱାମୀ, ସୁନିତା ନନ୍ଦନ ଦାସ, ବି.ଏସ୍. ବାମନ ସ୍ୱାମୀ, ରୋହିଣୀ ନନ୍ଦନ ଦାସ, ଭରତ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ସମାବେଶ ସମ୍ପର୍କରେ ସୂଚନା ଦିଆଯାଉଛି ।

**ଯୋଗଦେବେ ୫ ହଜାର ସାଧୁସନ୍ଥ**

# ପଳାଶୁଣୀରେ ଲକ୍ଷ୍ମୀନାରାୟଣ ମନ୍ଦିର ତୋରଣ




ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଅବତରଣ କରିବେ ମା' ଦୁର୍ଗା। ରବିବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥିବାବେଳେ ଦୁର୍ଗାପୂଜା ପାଇଁ ଆୟୋଜକମାନେ ସେମାନଙ୍କ ପ୍ରସ୍ତୁତିକୁ ଜୋର୍‌ଦାର କରିଛନ୍ତି। ରାଜଧାନୀର ଅନ୍ୟତମ ମଣ୍ଡପ ପଳାଶୁଣୀରେ ଏଥର ମଧ୍ୟପ୍ରଦେଶର ଲକ୍ଷ୍ମୀନାରାୟଣ ମନ୍ଦିର ଆକୃତିର ତୋରଣରେ ପୂଜା ପାଇବେ ମା'। ଏହାର ଉଚ୍ଚତା ଏବଂ ଓସାର ୫୦ଫୁଟ ରହିଛି। ମା'ଙ୍କ ମୂର୍ତ୍ତି ଓ ମେଢ଼ର ଉଚ୍ଚତା ୨୦ଫୁଟ ରହିବ। ଏଥିସହ ପାର୍ଶ୍ୱରେ ମଧ୍ୟ ଦେବଦେବୀଙ୍କ ମୂର୍ତ୍ତି ସ୍ଥାନ ପାଇବ। ଅଭିମନ୍ୟୁ ବେହେରା ଓ ୫ ସାଥୀ କାରିଗର ମୂର୍ତ୍ତି କାମରେ ଲାଗିପଡିଛନ୍ତି। ସେହିପରି କୋଲକାତାରୁ ୧୫ଜଣ କାରିଗର ତୋରଣ କାର୍ଯ୍ୟରେ ଲାଗିଛନ୍ତି। ଚଳିତ ବର୍ଷ ୨୫ ଲକ୍ଷର ବଜେଟ୍ ରହିଛି।

ଚିଲିକାର ମା' ନାରାୟଣୀଙ୍କ ଆଜ୍ଞାମାଳ ଆଣି ଷଷ୍ଠୀ ପୂଜା ଆରମ୍ଭ ହୁଏ। ବିଲ୍ୱବରଣ, କଳସ ପୂଜା, ସପ୍ତମୀରେ ଚକ୍ଷୁଦାନ, ପୂଜା, ଅଷ୍ଟମୀରେ ମା'ଙ୍କ ପାଖେ ଖେଚୁଡ଼ି ଭୋଗ କରି ୪ହଜାର ଭକ୍ତଙ୍କୁ ବଣ୍ଟାଯିବ। ବରିଷ୍ଠ ନାଗରିକ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା ହେବ। ୧୦ଟି ସିସି କ୍ୟାମେରା ଲଗାଯିବ। ସେହିପରି ପୋଲିସ ମିତ୍ର ୩୦ଜଣ ଓ ସ୍ୱେଚ୍ଛାସେବୀ ୧୦୦ଜଣ ନିୟୋଜିତ ରହିବେ। ମାଛ ମାର୍କେଟ୍ ପାଖେ ପାର୍କିଂର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଓ ମେଲୋଡି କାର୍ଯ୍ୟକ୍ରମ ହେବ। ଦଶମୀରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କରେ ରାବଣପୋଡ଼ି ହେବ। ଶୃଙ୍ଖଳିତ ଭାବେ ପାରମ୍ପରିକ ବାଦ୍ୟ ସହ ରୂପାଲି ଛକ ପର୍ଯ୍ୟନ୍ତ ଭସାଣି ଯାତ୍ରା ହେବ। ସେଠାରୁ ଫେରି କୁଆଖାଇ ନଦୀସ୍ଥିତ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କୁ ବିସର୍ଜନ କରାଯିବ।



## ରାଜଧାନୀର ଆବାହନ ମଣ୍ଡପ



୧୯୮୫ରୁ ପଳାଶୁଣୀ ହାଟରେ ୧୪ହଜାର ଟଙ୍କା ଖର୍ଚ୍ଚ କରାଯାଇ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ପଳାଶୁଣୀ ଦୁର୍ଗାପୂଜା ୩୯ ବର୍ଷରେ ପାଦ ଥାପିଛି। ରାଜଧାନୀରେ ଏହା ହେଉଛି ଆବାହନ ମଣ୍ଡପ। ଏଠାରୁ ଦର୍ଶନ ସାରି ଭକ୍ତମାନେ ଅନ୍ୟସବୁ ସ୍ଥାନକୁ ଯାଆନ୍ତି। ସବୁଥର ପରି ଏବର୍ଷ ମଧ୍ୟ ଭକ୍ତଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**– ପ୍ରଭାତ କୁମାର ପରିଡ଼ା, ସଭାପତି**

## ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ



ରାବଣପୋଡ଼ି ଏଥର ମୁଖ୍ୟ ଆକର୍ଷଣ ରହିବ। ପାଖାପାଖି ୪୦ ଫୁଟ୍ ଉଚ୍ଚର ରାବଣ ପ୍ରସ୍ତୁତ କରାଯିବ। ଏହି ସମୟରେ କିଭଳି କିଛି ଅସୁବିଧା ନ ହେବ ସେ ନେଇ ଧ୍ୟାନ ଦିଆଯାଇଛି। ଶୃଙ୍ଖଳାର ସହ ଏହି କାର୍ଯ୍ୟ ସମାପନ ହେବା ନେଇ କମିଟି ପକ୍ଷରୁ ପ୍ରୟାସ କରାଯାଉଛି।

**–ରମେଶ ସାହୁ, ଉପସଭାପତି**

## ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ସୁରକ୍ଷା ବ୍ୟବସ୍ଥା ନେଇ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏବେ ଖରା ମଧ୍ୟ ରହୁଛି। ତେଣୁ ଲୋକମାନେ କିଭଳି ସୁରୁଖୁରୁରେ ଦର୍ଶନ କରିବେ ତାହାକୁ ଆମେ ପ୍ରାଧାନ୍ୟ ଦେଉଛୁ। ଧାଡ଼ିରେ ଆସି ଲୋକମାନେ ମା'ଙ୍କ ପୂଜା କରିବେ। ବରିଷ୍ଠ ନାଗରିକ, ମହିଳା, ଦିବ୍ୟାଙ୍ଗଙ୍କ ପାଇଁ ବିଶେଷ ଦୃଷ୍ଟି ରହିବ।

**–ଅଶୋକ କୁମାର ସାହୁ, ସମ୍ପାଦକ**

## ସଂକ୍ଷେପରେ

### କେନାଲରୁ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**ବାଲିଅନ୍ତା,୧୫।୧୦(ନୀଳମାଧବ ସାହୁ):** ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଗ୍ରାମ ନିକଟ ଗୋପ ବ୍ରାଞ୍ଚ କେନାଲରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ଏନେଇ ପୋଲିସ ୩୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତା ମହିଳାଙ୍କ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ମହିଳାଙ୍କ ମୃତଦେହ ଉପରମୁଣ୍ଡ ପୁରୀ ମୁଖ୍ୟ କେନାଲରେ ଭାସି ଭାସି ଗୋପ ବ୍ରାଞ୍ଚ କେନାଲ ଦେଇ ଭିଙ୍ଗାରପୁର ଆଡ଼େ ଯାଉଥିବା ଦେଖିବାକୁ ମିଳିଥିଲା। ମୃତଦେହ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତ ମହିଳା ଜଣଙ୍କ ନାଲି ରଙ୍ଗର ସାୟା ଓ ନେଳି ରଙ୍ଗର ବ୍ଲାଉଜ ପିନ୍ଧିଥିବାବେଳେ ତାଙ୍କ ବେକରେ ଏକ ମାଳି ରହିଛି। ବାମ ପଟ ପାଦରେ ଏକ ପାଷ୍ଟିକ ଚପଲ ଥିବା ଦେଖିବାକୁ ମିଳିଛି। ମହିଳା ଜଣଙ୍କ କେନାଲରେ ଗାଧୋଇବାବେଳେ ତାଙ୍କ ଗୋଡ଼ଖସି ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଥିଲା। ତେବେ ମୃତଦେହ ଚିହ୍ନଟ ପାଇଁ ହସ୍ପିଟାଲର ଶବାଗାର ଗୃହରେ ରଖାଯାଇଛି।

### ପୁସ୍ତକ 'ଭସା ବାଦଲର ଛାଇ' ଲୋକାର୍ପିତ

**ବାଲକାଟୀ,୧୫।୧୦(ମନୋଜ ମଣ୍ଡଳ):** ରାଜଧାନୀ ଉପକଣ୍ଠ ସରଦେଇପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରବିବାର ଗଳ୍ପ ପୁସ୍ତକ 'ଭସା ବାଦଲର ଛାଇ' ଲୋକାର୍ପଣ ହୋଇଯାଇଛି। ଗାଳ୍ପିକା କମଳିନୀ ମଲ୍ଲିକଙ୍କ ରଚିତ ଏହି ଗଳ୍ପ ପୁସ୍ତକର ଲୋକାର୍ପଣ ଉତ୍ସବରେ ଆୟୋଜିତ ସଭାରେ ଡ. ଜଗନ୍ନାଥ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ. ଅଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସିନେ ସଂଳାପକାର ଡ. ରଜନୀ ରଞ୍ଜନ ଯୋଗଦେଇଥିଲେ। ରତ୍ନଚିରା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଉପରେ ସାହିତ୍ୟିକ ପ୍ରଶାସକ ଡ. ସୁରେନ୍ଦ୍ର ଛୋଟରାୟ ସମୀକ୍ଷା କରିଥିଲେ। ଯୁବନେତା ଶିବ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ତନୟା ଶିଶୁଗୋସ୍ୱାମୀ, ବିକ୍ରମଚନ୍ଦ୍ର ନାୟକ, କବି ପୂର୍ଣ୍ଣଚନ୍ଦ୍ର ମହାରଣା, ବାଦଲ ମହାନ୍ତି, ଅକ୍ଷୟ ସ୍ୱାଇଁ, ଭଗବାନ ସ୍ୱାଇଁ, ଡ. ମାଧବ ବେହୁରା, ଦିଲୀପ ଓଝା, ବ୍ୟଙ୍ଗ କବି ସତ୍ୟାନାଶ, ବିପିନ ମହାନ୍ତି, ମିନତି ମିଶ୍ର, ଗୁଲଜାର, ଦୀନବନ୍ଧୁ ଭୋଇ, ସବିତା ମହାପାତ୍ର, ସୋମନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

### ଡ. ରଘୁନାଥ ରାଉତଙ୍କୁ ମିଳିବ ଭିକାରୀ ବଳ ସମ୍ମାନ

**ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷର ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ ଘୋଷଣା କରାଯାଇଛି। ଗୀତିକାର ଡ. ରଘୁନାଥ ସାହୁଙ୍କୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନରେ ସମ୍ମାନିତ କରାଯିବ। ଆସନ୍ତା ୨ତାରିଖରେ ସୂଚନା ଭବନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରବୀନ୍ଦ୍ର ମହାପାତ୍ର ଓ ତାଙ୍କ ସାଥୀ କଳାକାରଙ୍କ ପକ୍ଷରୁ ପଲ୍ଲିଗୀତ ଓ ଭଜନ ସମାରୋହ ପରିବେଷଣ କରାଯିବ ବୋଲି ସଂସଦର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# 'ବିହାଇଣ୍ଡ୍ ଦି ଉଡ୍‌ସ୍'ରେ ମନମୋହିଲା ଓଡ଼ିଶାର ଲୋକକଳା




ଓଡ଼ିଶାର କଳାକାରଙ୍କ ସହ ଅତିଥିମାନେ।

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ କଳିଙ୍ଗ କଳାକେନ୍ଦ୍ର ଟ୍ରଷ୍ଟ, ପୁଣେର ମିଳିତ ଆନୁକୂଲ୍ୟରେ ପୁଣେ ୟେରାୱାଡା ଆନ୍ନା ଭାଇ ସାଠେ ରଙ୍ଗ ମନ୍ଦିରଠାରେ 'ବିହାଇଣ୍ଡ୍ ଦି ଉଡ୍‌ସ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୁପ୍ତ ହେବାକୁ ଲାଗିଥିବା ଲୋକକଳା, ସଙ୍ଗୀତ ତଥା ନୃତ୍ୟର ପୁନରୁଦ୍ଧାର କରିବା ସଙ୍ଗେସଙ୍ଗେ ସେମାନଙ୍କ ସମୃଦ୍ଧି ଓ ବିକାଶ ପାଇଁ ସମ୍ମିଳିତ ପ୍ରଚେଷ୍ଟା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଉତ୍ସବରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ଲୋକ ସଙ୍ଗୀତ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ଅନିନ୍ଦିତା ଦାସଙ୍କ ଓଡ଼ିଆ ଲୋକ ସଙ୍ଗୀତ, ମୟୂରଭଞ୍ଜ ଜିଲାର ଛଉ ନୃତ୍ୟ ତଥା ଗଞ୍ଜାମ ଜିଲାର ବାଘ ନୃତ୍ୟ କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା। ଏଥିସହ ଅର୍ଚ୍ଚନା ବସୁଙ୍କ ଓଡ଼ିଶୀ ନୃତ୍ୟ, ପଉଲବୀ ଚାଟାର୍ଜୀଙ୍କ ଗୌଡୀୟ ନୃତ୍ୟ, ଅନ୍ୱେଷା ସିଂଙ୍କ ଉଦୟ ଶଙ୍କରୀୟ ନାଟକ, ସାୟାନା ନନ୍ଦଙ୍କ କଥକ ନୃତ୍ୟ ସାଙ୍ଗକୁ ମହାରାଷ୍ଟ୍ରର ବିଭିନ୍ନ ଲୋକନୃତ୍ୟ ଏବଂ ପଶ୍ଚିମବଙ୍ଗର ଲୋକସଙ୍ଗୀତ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଚଞ୍ଚଳା ପାଟିଲ ଯୋଗଦେଇଥିଲେ। ଏହି ଅବସରରେ ଅନିନ୍ଦିତାଙ୍କୁ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ 'ସଙ୍ଗୀତ ଶ୍ରୀ' ଏବଂ ଅର୍ଚ୍ଚନା ବସୁଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ 'ରିତା ଦେବୀ' ସମ୍ମାନ ପ୍ରଦାନ କରାଯାଇଥିଲା। କଳିଙ୍ଗ କଳାକେନ୍ଦ୍ର ଟ୍ରଷ୍ଟର ଅଧ୍ୟକ୍ଷା ମମତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଦୃଷ୍ଟିବାଧିତମାନେ ହୃଦୟରୁ ସତ୍ୟ, ସୌନ୍ଦର୍ଯ୍ୟର ସନ୍ଧାନ ପାଇଥାନ୍ତି'

ଭୁବନେଶ୍ୱର, ୧୫।୧୦(ଅସମାପିକା ସାହୁ)

ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ଏସ୍‌ଭି ନିର୍‌ତାର, ଆନନ୍ଦ ଚାରିଟେବୁଲ୍ ଟ୍ରଷ୍ଟ, ଶାନ୍ତିଧାମ ଫାଉଣ୍ଡେଶନ, ସାଇଟ୍ ସେଭର୍ସ ଇଣ୍ଡିଆ ସଂଗଠନ ସହଯୋଗରେ ସତ୍ୟନଗରସ୍ଥିତ ସଂଘର ସମ୍ମିଳନୀ କକ୍ଷରେ 'ବିଶ୍ୱ ଧଳାବାଡ଼ି ଦିବସ' ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସଂଘ ସଭାପତି ସନ୍ନ୍ୟାସୀ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତଙ୍କ ଶିକ୍ଷା, ବୃତ୍ତିଗତ ସଫଳତା ଓ ନିରାପତ୍ତା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଦିଲୀପ କୁମାର ରାୟ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସିନେ ଅଭିନେତା ପୃଥ୍ୱିରାଜ ଶତପଥୀ, ନୈନା ଦାସ, ଚନ୍ଦନ କର ଯୋଗଦେଇ ଦୃଷ୍ଟିବାଧିତମାନେ ହୃଦୟରୁ ସତ୍ୟ ଓ ସୌନ୍ଦର୍ଯ୍ୟର ସନ୍ଧାନ ପାଇଥାନ୍ତି ବୋଲି ପ୍ରକାଶ କରିଥିଲେ। ଦୃଷ୍ଟିବାଧିତମାନଙ୍କ ମଧ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରାୟ ପାଞ୍ଚଶହ ଧଳାବାଡ଼ି ବଣ୍ଟନ କରାଯାଇଥିଲା।

## ମଦ ବୋଝେଇ କାର୍ ଧକ୍କାରେ ଆହତ ଛାତ୍ରଙ୍କ ମୃତ୍ୟୁ

ବୋଲଗଡ଼/ ବେଗୁନିଆ,୧୫।୧୦
(ଦେବବ୍ରତ ହୋତା/ହର ପ୍ରସନ୍ନ ପଣ୍ଡା)

ମଦ ବୋଝେଇ କାର୍ ଧକ୍କାରେ ଆହତ ହୋଇଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅଧୀନ ଟିକାତାଳ ଗ୍ରାମର ବିଶ୍ୱଜିତ୍ ବରାଡ଼। ତେବେ ବିଶ୍ୱଜିତ୍‌ଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ରବିବାର ଉତ୍ତେଜନା ଦେଖାଦେଇଥିଲା। ଏହା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟିକାତଳ ଛକଠାରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଆସୁଥିବା ଯାନବାହନ ଅଟକି ରହିଥିଲା। ସୂଚନା ମୁତାବକ, ଶନିବାର ରାତିରେ ବେଗୁନିଆ ବ୍ଲକ ଛକ ନିକଟରେ କାର୍ (ଓଡି୩୩ଏଜି – ୫୪୬୮) ଏକ ସ୍କୁଟିକୁ ଧକ୍କା ଦେଇ ପଳାଉଥିବା ବେଳେ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଆହତ ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ଅପରାହ୍ଣରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ,ଏସ୍‌ଡିପିଓ ଦିଲ୍ଲୀପ ଦାସ, ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ରାସ୍ତାରେ ଜଳିଗଲା ବାଇକ୍

**ଭୁବନେଶ୍ୱର,୧୫।୧୦(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ତମାଣ୍ଡୋଠାରେ ରବିବାର ଅପରାହ୍ଣ ପ୍ରାୟ ୨ଟାରେ ଏକ ବାଇକ୍ (ସିଜି୦୭ବିଆର୍୨୧୭୫) ଜଳିଯାଇଛି। ତମାଣ୍ଡୋ ଫାୟାର ଷ୍ଟେଶନ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ଉକ୍ତ ବାଇକ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ବାଇକ୍ ଚାଳକ ଦୀପକ କୁମାର ଜେନା (୨୧) ଓ ପଛରେ ବସିଥିବା ତାଙ୍କ ବାପାଙ୍କର କୌଣସି କ୍ଷତି ହୋଇନାହିଁ। ଦୀପକ ତାଙ୍କ ବାପାଙ୍କୁ ସମ୍ବଲପୁରରୁ ବାଇକ୍‌ରେ ବସାଇ ଭୁବନେଶ୍ୱର ଆସୁଥିଲେ। ଦୂର ଯାତ୍ରା ପାଇଁ ବାଇକ୍‌ଟି ଅତ୍ୟଧିକ ଉତ୍ତାପ କାରଣରୁ ନିଆଁ ଲାଗିଯାଇଥିଲା। ତମାଣ୍ଡୋ ଭି୨ ସପିଙ୍ଗ୍ ମଲ୍ ନିକଟରେ ବାଇକ୍‌ରେ ନିଆଁ ଲାଗିଥିବା ଦେଖି ଦୀପକ ଓ ତାଙ୍କ ବାପା ଓହ୍ଲାଇ ପଡ଼ିଥିଲେ।

# ଓଡ଼ିଆ ଭାଷା, ଜାତି ପ୍ରତି ଶ୍ରଦ୍ଧା ଆବଶ୍ୟକ

**ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ):** ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମିତି ଭୁବନେଶ୍ୱର ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ଏକ ବୈଠକ ରବିବାର ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉପଦେଷ୍ଟା ତଥା ଗାନ୍ଧୀବାଦୀ ପଦ୍ମ ଚରଣ ନାୟକ ଯୋଗଦେଇ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଓଡିଆ ଭାଷା ଓ ଜାତିକୁ ଶ୍ରଦ୍ଧା କରିବା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ସାରା ରାଜ୍ୟ ବୁଲି ଉତ୍କଳ ସମ୍ମିଳନୀ ଶାଖାଗୁଡିକୁ ସକ୍ରିୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଂଯୋଜନା କରିଥିବାବେଳେ ବରିଷ୍ଠ ସଦସ୍ୟ ନଟବର ଖୁଣ୍ଟିଆ, କୋଷାଧ୍ୟକ୍ଷା ସୌଦାମିନୀ ସାମନ୍ତରାୟ, ସମ୍ପାଦିକା ବାସନ୍ତୀ ସିଂ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ହେଲ୍ପମେଟ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୁରୁ ନାନକ ସ୍କୁଲ୍‌ରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାମାନେ ଚିତ୍ର ଆଙ୍କୁଛନ୍ତି।

# ବୈଜ୍ଞାନିକ ପଦ୍ଧତିରେ ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନକୁ ଗୁରୁତ୍ୱ




କର୍ମଶାଳାରେ ଏଏସ୍‌ଆଇର ମହାନିର୍ଦ୍ଦେଶକ ଡ. କିଶୋର କୁମାର ବାସା ଓ ଅନ୍ୟ ଅଧିକାରୀମାନେ।

## ଏଏସ୍‌ଆଇର ୨ଦିନିଆ ପ୍ରଶିକ୍ଷଣ କର୍ମଶାଳା

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନର କାର୍ଯ୍ୟ ଯୋଜନାକୁ ଫଳପ୍ରଦ କରିବା ପାଇଁ ଭାରତର ପୂର୍ବକ୍ଷେତ୍ର ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଅଞ୍ଚଳରେ ୨୦୩୫ବର୍ଷ ପାଇଁ କିପରି ବୈଜ୍ଞାନିକ ପଦ୍ଧତିରେ କାମ କରାଯିବ ସେ ନେଇ ଏକ କର୍ମଶାଳା ରବିବାର ପାନ୍ଥନିବାସଠାରେ ଆରମ୍ଭ ହୋଇଛି। ୨ଦିନ ହେବାକୁ ଥିବା ଏହି କର୍ମଶାଳାର ପ୍ରଥମ ଦିବସରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ)ର ମହାନିର୍ଦ୍ଦେଶକ ଡ. କିଶୋର କୁମାର ବାସା ଆଗାମୀ ବର୍ଷଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ସ୍ଥାନଗୁଡ଼ିକର ମହତ୍ତ୍ୱକୁ ଅନୁଧ୍ୟାନ କରିବା ସହ ସେଗୁଡ଼ିକର ଉତ୍‌ଖନନ, ଦସ୍ତାବୀଜକରଣ ତଥା ରିପୋର୍ଟ ପ୍ରକାଶ ନେଇ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ଅଗ୍ରଦୃଷ୍ଟି ୨୦୩୫ ପର୍ଯ୍ୟନ୍ତ ଉତ୍‌ଖନନ ପାଇଁ ଭିଜନ ଷ୍ଟେଟ୍‌ମେଣ୍ଟ କ୍ଷେତ୍ରୀୟ ନିର୍ଦ୍ଦେଶାଳୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୂର୍ବକ୍ଷେତ୍ର କୋଲକାତା ନିର୍ଦ୍ଦେଶରେ ଆୟୋଜିତ ହୋଇଛି। ଏହି କର୍ମଶାଳାରେ ଅଶୋକ କୁମାର ଦାସ, କେ.କେ. ବାସା, ସଞ୍ଜୁକ୍ତା ମୁଦଗଲ୍, ଡ. ଦିଲ୍ଲୀପ କୁମାର ଖମାରୀ, ଡ. ଭୁବନ ବିକ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାହିତ୍ୟିକଙ୍କ ମଧ୍ୟରେ ଅସୂୟା ଭାବ ନ ରହୁ'

## 'ଶାନ୍ତ ସକାଳ', 'ବିଗତ ଅପରାହ୍ଣ' ଓ 'ସମଲେଇ ଗାଥା' ଉନ୍ମୋଚିତ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)




ଅତିଥିମାନେ ସାହିତ୍ୟିକା ଡ. ଅନିତା ପଣ୍ଡା ଓ ଚିତ୍ରଶିଳ୍ପୀ ଉଦୟନ ସୂପକାରଙ୍କ ୩ଟି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଦିଲ୍ଲୀ – ଉତ୍କଳ ଅସ୍ମିତା ପକ୍ଷରୁ ରବିବାର ଜାତୀୟ ଅଭିଲେଖାଗାରଠାରେ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାନେତ୍ରୀ ତଥା ସଭାହିତ୍ୟିକା ଡ. ଅନିତା ପଣ୍ଡାଙ୍କ ଲିଖିତ ଉପନ୍ୟାସ 'ଶାନ୍ତ ସକାଳ', ପ୍ରବନ୍ଧ ସଙ୍କଳନ 'ବିଗତ ଅପରାହ୍ଣ' ଏବଂ ସାହିତ୍ୟିକ ଓ ଚିତ୍ରଶିଳ୍ପୀ ଉଦୟନ ସୂପକାରଙ୍କ ରଚିତ କ୍ଷୁଦ୍ର କାବ୍ୟ 'ସମଲେଇ ଗାଥା' ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ଗୀତିକାର ଡ. ଅଲେଖଚନ୍ଦ୍ର ପଡ଼ିଆରୀ ପୁସ୍ତକ ତିନୋଟିର ଉନ୍ମୋଚନ କରି କହିଲେ, ସାହିତ୍ୟିକଙ୍କ ମଧ୍ୟରେ ଅସୂୟା ଭାବ ନ ରହୁ। ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଲେଖିକା ଓ ଲେଖକ ଦ୍ୱୟ ଅଧିକରୁ ଅଧିକ ପୁସ୍ତକ ରଚନା କରିବାକୁ ପରାମର୍ଶ ଦେଇଥିଲେ। କବି ଅମରେଶ ପଟ୍ଟନାୟକ କହିଲେ, ପ୍ରବଳ ବିରୋଧାଭାସ ମଧ୍ୟରେ ଜୀବନ ଦୁର୍ବିଷହ ହୋଇଯାଉଛି। ସାହିତ୍ୟିକ ବ୍ୟକ୍ତି କୈନ୍ଦ୍ରିକ ହେବା ପରିବର୍ତ୍ତେ ବିଶ୍ୱକୈନ୍ଦ୍ରିକ ହେବା ଉଚିତ। ଇନ୍ଦିରା ଦତ୍ତ ପୁସ୍ତକଗୁଡିକର ସମୀକ୍ଷା କରିଥିଲେ। ଔପନ୍ୟାସିକା ଡ. ପଣ୍ଡା ଏବେର ସାମାଜିକ ଓ ମନସାତ୍ତ୍ୱିକ ଘଟଣା ସବୁକୁ ଉପନ୍ୟାସରେ ଚିତ୍ରଣ କରିଥିବା କଥା ପ୍ରକାଶ କରିଥିଲେ। ଅନୁଷ୍ଠାନର ଉପ-ସଭାପତି ଗୁରୁ କଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କମଳ କୁମାରୀ ଦାଶ ଧନ୍ୟବାଦ ଦେଇଥିଲେ। ପୁସ୍ତକ ଉନ୍ମୋଚନ ପୂର୍ବରୁ ସାହିତ୍ୟିକ ଉଦୟନ ସୂପକାରଙ୍କ ଅନୁଷ୍ଠିତ କବିତା ପାଠୋତ୍ସବରେ କାନନ ପଟ୍ଟନାୟକ, ବୀଣାପାଣି ସାହୁ, ମନିକା ମହାପାତ୍ର, ଗୀତାଞ୍ଜଳି ପାଣି ଓ ଇନ୍ଦିରା ଦତ୍ତ ଅଂଶଗ୍ରହଣ କରିଥିଲେ। ସମାଜସେବୀ ତଥା ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ରଙ୍କୁ ଦିଲ୍ଲୀ-ଉତ୍କଳ ଅସ୍ମିତା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲୋଭରେ ପଡ଼ିଲେ ଠକିବେ, ସତର୍କ ରୁହନ୍ତୁ

## ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ

ଖୋର୍ଦ୍ଧା, ୧୫।୧୦ (ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପୋଲିସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ସାଇବର ସୁରକ୍ଷା ଅଭିଯାନ ରବିବାର ଜୟୀ ରାଜଗୁରୁ ଟାଉନ ହଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, କିଶୋର ଚନ୍ଦ୍ର ମୁଣ୍ଡ, ଆଇସିଆଇସିଆଇ ବ୍ୟାଙ୍କ ଆଞ୍ଚଳିକ ଜେନରାଲ ମ୍ୟାନେଜର ସୁଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଡିଏସ୍‌ପି ଏସ୍.କେ.ପଣ୍ଡା ସ୍ୱାଗତ ଭାଷଣରେ ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଆଜିର ଯୁଗ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର। ଗାଁଠୁ ସହର ସବୁଠି ଇଣ୍ଟରନେଟ ବ୍ୟବହାର କରାଯାଉଛି। ଏହାର ବ୍ୟବହାର ବେଳେ ସର୍ତକତା ଜରୁରୀ ବୋଲି କହିଥିଲେ। ବିଧାୟକ ମିତ୍ର କହିଥିଲେ, ଦିନକୁ ଦିନ ସାଇବର ଅପରାଧ ବଢ଼ିଚାଲିଛି। ଲୋକେ ସତର୍କ ରହିଲେ, ସୁରକ୍ଷିତ ହୋଇପାରିବେ। ସେହିପରି ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ପରିବାରରେ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି। ସଚେତନ ଅଭାବରୁ ଅନେକ ସମୟରେ ସାଇବର ଠକେଇର ଶିକାର ହେଉଛନ୍ତି। ଏଥିପ୍ରତି ସତର୍କ ରୁହନ୍ତି। ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରକୁ କଲ କରି ସମସ୍ୟା ଜଣାନ୍ତୁ। ଆଇସିଆଇସିଆଇ ମ୍ୟାନେଜର ନାୟକ କହିଥିଲେ, ବ୍ୟାଙ୍କ କେବେ ବି ଆକାଉଣ୍ଟ ବନ୍ଦ କରିବାକୁ ମେସେଜ କରେ ନାହିଁ। କେୱାଇସି, ଓଟିପି ମାଗେ ନାହିଁ, ଲୋଭ ଏବଂ ଭୟ ଯୋଗୁ ଲୋକେ ସାଇବର ଠକାମୀର ଶିକାର ହୁଅନ୍ତି। ଏଥିପ୍ରତି ସର୍ତକ ରହିବାକୁ କହିଥିଲେ। ଅତିରିକ୍ତ ଏସ୍‌ପି ମୁଣ୍ଡ କହିଥିଲେ ଯେ, ଏହି ଅଭିଯାନ ସମସ୍ତ ପଞ୍ଚାୟତ, ବ୍ଲକ, ସ୍କୁଲ କଲେଜ, ଶିକ୍ଷାନୁଷ୍ଠାନରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା ଉଦ୍ଦେଶ୍ୟ ଲୋକଙ୍କୁ ସଚେତନ କରିବା। କେବଳ ସଚେତନ ହେବେନି, ଏହାକୁ କାର୍ଯ୍ୟରେ ଲଗାଇଲେ ଏହି ପ୍ରୟାସ ସଫଳ ହେବ। ସଭାପତିତ୍ୱ ଭାଷଣରେ ଏସ୍‌ପି କଟାରିଆ କହିଥିଲେ, ସାଇବର ଠକେଇର ଶିକାର ହେଲେ ନିକଟସ୍ଥ ଥାନାରେ ଜଣାନ୍ତୁ। ପୋଲିସ ଆପଣଙ୍କ ବନ୍ଧୁ। ଅସୁବିଧାରେ ପଡିଲେ ସିଧାସଳଖ ଏସପିଙ୍କ ସହ ଯୋଗାଯୋଗ କରନ୍ତୁ। ପିଲାଙ୍କ ଗେମ୍ସ ଉପରେ ଅଭିଭାବକ ନଜର ରଖନ୍ତୁ। ଅଜଣା ବ୍ୟକ୍ତିଙ୍କ ସହ ସୋସିଆଲ ମିଡିଆରେ ବନ୍ଧୁ ଯୋଡନ୍ତୁ ନାହିଁ। ସର୍ତକ ରହିଲେ ସୁରକ୍ଷିତ ରହିବେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜର ଆୟୋଜିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ପାଇଁ କର୍ତ୍ତୃପକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିଏସପି(କ୍ରାଇମ) ମିନାକ୍ଷୀ ଠାକୁର ଧନ୍ୟବାଦ ଦେଇଥିଲେ। ସମସ୍ତ ଥାନାର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ, ଜନପ୍ରତିନିଧି, କଲେଜ ଛାତ୍ରୀଛାତ୍ର, ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର, ୧୫।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ନବରାତ୍ରର ପ୍ରଥମ ଦିବସରେ ବନଦୁର୍ଗା ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ରବିବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ବୋଲଗଡ଼, ୧୫।୧୦ (ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଛବି ବେହେରାଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସ୍ନେହୀ, ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ଜଣାଶୁଣା ଥିଲେ। ତେବେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଇ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ସୀତାକାନ୍ତ ମୁଖାଗ୍ନି ଦେଇଥିଲେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ, ଲୋକେ ଭୟଭୀତ



ନିରାକାରପୁର, ୧୫।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ଗଡ଼ଖାରଦ ଠାରେ ଥିବା ୬୩ କେଭି ଟ୍ରାନ୍ସଫରମରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ । ଖବରପାଇ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଉକ୍ତ ଟ୍ରାନ୍ସଫର୍ମରରେ ଅନାବନା ଗଛ ମାଡି ଏଭଳି ଅଘଟଣ ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

# ଆମ ଗାଁ-ଆମ ସ୍ୱାସ୍ଥ୍ୟସେବା ଶିବିର

ନିରାକାରପୁର, ୧୫।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତରେ ଥିବା ଶ୍ରୀଜୟଦୁର୍ଗା କ୍ଲବ୍ ପରିସରରେ ଏକ ଦିନିକିଆ ଆମ ଗାଁ-ଆମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଚକ୍ଷୁ ଓ ଦନ୍ତ ଚିକିତ୍ସା ହେବା ସହିତ ନିରାପଦ ଶିଶୁବସ୍ତ୍ର ଓ ସ୍ତ୍ରୀ ଋତୁକାଳୀନ ଅବଶୋଷକ ବଣ୍ଟନ କରାଯାଇଥିଲା। ୧୫୦ଜଣ ରୋଗୀ ନାମ ପଞ୍ଜୀକରଣ କରି ଆଖି ଦେଖାଇଥିବା ବେଳେ ଦନ୍ତ ଚିକିତ୍ସା ପାଇଁ ୧୧୦ଜଣ ପଞ୍ଜୀକରଣ କରିଥିଲେ। ସେହିପରି ୧୫୦ଜଣ ଅଢେଇ ବର୍ଷର ଶିଶୁଙ୍କୁ ବେବି ସ୍ଲିପିଙ୍ଗ୍ କିଟ ପାଇଥିବା ବେଳେ ୧୫୦ଜଣ ଝିଅଙ୍କୁ ଋତୁକାଳୀନ ଅବଶୋଷକ ବଣ୍ଟନ ସହିତ ଛୋଟ ପିଲାମାନଙ୍କୁ ପେନ, ପେନସିଲ ରବର ବଣ୍ଟନ କରାଯାଇଥିଲା। ଜୟଦୁର୍ଗା କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାମଚଣ୍ଡୀଙ୍କ ଛତ୍ରିଯାତ୍ରା ଆରମ୍ଭ



ବୋଲଗଡ଼, ୧୫।୧୦ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ବାଙ୍କୋଇ ଗ୍ରାମର ମା'ରାମଚଣ୍ଡୀଙ୍କ ଛତ୍ରିଯାତ୍ରା ରବିବାର ରାତିରେ ଆରମ୍ଭ ହୋଇଛି। ଛୋଟ ପିଲାମାନେ ଛତ୍ରିଧରି ଅପେକ୍ଷା କରିଥିବା ବେଳେ ଶୋଭାଯାତ୍ରା ସେମାନଙ୍କ ଘର ଆଗରେ ପହଞ୍ଚିବା ପରେ ସେମାନେ ଏଥିରେ ଅଂଶଗ୍ରହଣ କରି ପର୍ବରେ ସାମିଲ ହୋଇଥିଲେ। ଏହି ଯାତ୍ରାରେ ଶ୍ରେଷ୍ଠ ଛତ୍ରିଗୁଡିକୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ଥିବାରୁ ପିଲାମାନେ ବାଉଁଶ ପାତିଆରେ ତିଆରି ରଙ୍ଗବେରଙ୍ଗର ଛତ୍ରି ଧରିଥିଲେ। ଛତ୍ରି ଉପରେ ଦୁହୁଡି ପରି ଅଗ୍ନି ସଂଯୋଗର ବ୍ୟବସ୍ଥା ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ରବିବାର ରାତି ପ୍ରାୟ ସାଢ଼େ ୧୧ଟାରେ ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଏହି ପୀଠକୁ ତାଙ୍କର ଦୁଇଭଉଣୀ ଜଟେଇଶୁଣୀ ଓ ଫୁଲକାଶୁଣୀ ସେମାନଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ପରେ ମା'ଙ୍କ ଚଳନ୍ତି ପ୍ରତିମା ସହ ଦୁଇଭଉଣୀ ଏକ ଆଟପ ଶୋଭାଯାତ୍ରାରେ ବାହାରି କଚେରିବର ସ୍ଥିତ ଆସ୍ଥାନକୁ ଆସିବା ବେଳେ ଶୋଭାଯାତ୍ରାରେ ଛତ୍ରି ଦେଖିବାକୁ ମିଳିଥିଲା। ଠାକୁରାଣୀ ବାଙ୍କୋଇଦେଶ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସମୟରେ ପ୍ରତି ଦ୍ୱାରରେ ପୋଡପିଠା ଭୋଗ ଲାଗି ହୋଇଥିଲା। ଠାକୁରାଣୀ ଶୋଭାଯାତ୍ରାରେ ଆସୁଥିବା ବେଳେ ଛୋଟ ଛୋଟ ପିଲାମାନେ ପାଇକ ଖେଳ ପ୍ରଦର୍ଶନ କରିବା ସହ ସଂକୀର୍ତ୍ତନର ଆସର ମଧ୍ୟ ଜମିଥିଲା। ରାତି ପ୍ରାୟ ସାଢ଼େ ୧ଟାରେ ଶୋଭାଯାତ୍ରା ଆସି କଚେରିବର ଅଞ୍ଚଳରେ ପହଞ୍ଚିଥିଲା। ଠାକୁରାଣୀ ଦୁଇଭଉଣୀଙ୍କ ସହ ଏଠାରେ ଅବସ୍ଥାନ କରିଥିବା ବେଳେ ସେଠାରେ ଚାଲୁରହିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କଚେରିବରଠାରେ ଠାକୁରାଣୀ ୧୦ଦିନ ଅବସ୍ଥାନ କରନ୍ତି ଏବଂ ଏହି ରହଣି ସମୟରେ ପ୍ରତ୍ୟହ ଠାକୁରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ ବୋଲି ପୂଜାରୀ କହିଛନ୍ତି। ଏହି ପର୍ବର ଦ୍ୱିତୀୟା ଓ ଅଷ୍ଟମୀ ତିଥିରେ ପାଣିକଖାରୁ ବଳି ପକାଯାଉଛି। ଏହି ଅବସରରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଛତ୍ରିଯାତ୍ରାରେ ସାମିଲ ହୋଇଥିଲେ।

# ମାନସିକ ବିକାରଗ୍ରସ୍ତ ଯୁବକ ଉଦ୍ଧାର

ଜଟଣୀ, ୧୫।୧୦ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥ ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେଶନ ଅଞ୍ଚଳରେ ଜଣେମାନସିକ ବିକାରଗ୍ରସ୍ତ ଯୁବକ ରାସ୍ତାକଡ଼ରେ ଭୋକଉପବାସରେ ପଡ଼ି ରହିଥିଲେ। ଗତ ୧୩ ତାରିଖରେ ସ୍ଥାନୀୟ ଅଞ୍ଚଳର ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ସମ୍ପୃକ୍ତ ଯୁବକଙ୍କୁ ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳର କେତେଜଣ କେତେଜଣ ଲୋକଙ୍କୁ ଜଣାଇଥିଲେ। ରବିବାର ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସୁନୀଲ କୁମାର ପରିଡା, ଦେବାଶିଷ ମହାପାତ୍ର ଏବଂ ଖବରଦାତା ମହାକୁଡ଼ ମିଳିତଭାବେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ତାପଙ୍ଗ (କୁରୁମପଡା), ହାଡ଼ପଡା, ଭୈରବ କ୍ଲବ ସେବାକେନ୍ଦ୍ରକୁ ପଠାଇଥିଲେ। ତେବେ ଯୁବକ ଜଣଙ୍କ ସେବାକେନ୍ଦ୍ରରେ ଖୁସିରେ ଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ କିମ୍ବା କୌଣସି ଏନ୍‌ଜିଓ ସଂସ୍ଥା ଯୁବକଙ୍କୁ ଉଦ୍ଧାର ପାଇଁ ଆସିନଥିବା ବେଳେ ଉକ୍ତ ଅଞ୍ଚଳର ଉପରୋକ୍ତ ୩ ବ୍ୟକ୍ତିଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି। ପ୍ରଶାସନର ଦାୟିତ୍ୱବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ହାତୀ ଉପଦ୍ରବ, ଫସଲ ନଷ୍ଟ

ଟାଙ୍ଗୀ, ୧୫।୧୦ (ରଘୁନାଥ ସାହୁ)


କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରିଥାନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଥାନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ଏହିକ୍ରମରେ ଶନିବାର ବିଳମ୍ବିତ ରାତିରେ ଏହି ବନାଞ୍ଚଳ ଅଧୀନ କେରଣ୍ଡାଟାଙ୍ଗୀ ପଞ୍ଚାୟତ ଗୌରଚନ୍ଦ୍ରପୁର ଅଞ୍ଚଳର ଧାନ ଜମିରେ ହାତୀ ପଶି ଦଳିଚକଟି ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଫଳରେ ହାତୀ ଉପଦ୍ରବ ଚାଷୀଙ୍କ ପାଇଁ ପାଇଁ ଚିନ୍ତାର କାରଣ ପାଲଟିଛି। ଏଥିପ୍ରତି ବନ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ହାତୀଙ୍କ ଉପରେ ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି।

# ମା'ଭଗବତୀ-ବିରଜାଈଙ୍କ ଭେଟଯାତ୍ରା



ଗମ୍ଭାରୀମୁଣ୍ଡା/ ବାଣପୁର, ୧୫।୧୦ (ଦିଲ୍ଲୀପ ସ୍ୱାଇଁ/ଶଙ୍କର ବସ୍ତି)

ଖୋର୍ଦ୍ଧା ଜିଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ଶାରଦୀୟ ପର୍ବ ଅବସରରେ ଶନିବାର ବିଳମ୍ବିତ ରାତିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଭେଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମଭକ୍ତ ବଳିଜେନାକୁ ସାଥିରେ ନେଇ ମା' ଭଗବତୀ ଭେଟ ଅମାବାସ୍ୟା ଯାତ୍ରା ଆରମ୍ଭ କରିଛନ୍ତି। ଭଗବତୀଙ୍କ ବଡ଼ଭଉଣୀ ବିରଜାଈଙ୍କ ବିଜେ ପ୍ରତିମା ସ୍ୱରୂପ କାଠି ଠାକୁରାଣୀଙ୍କ ଘଣ୍ଟ ଘଣ୍ଟା, ଢୋଲ, ତୂରୀ, ଛତ୍ରୀ ଓ ଶଙ୍ଖନାଦରେ ତାଳେ ତାଳେ ନାଚି ନାଚି ପହଞ୍ଚିଥିଲେ। ସେହିପରି ଭଗବତୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରୁ ନାଚି ନାଚି ପୁରୁଣା ବଜାରରେ ବିଜେ ହୋଇଥିଲେ। ମା'ଙ୍କର ସେବକ ଦିଅଁ ବିଜେ କରିଥିବା ବେଳେ କାଠି ନାହକ ସମେତ ଅଙ୍ଗରକ୍ଷୀ ସେବକ ମାନେ ମା'ଙ୍କର ଭେଟ ଯାତ୍ରାରେ ସାମିଲ ହୋଇଥିଲେ। ମା' ଭଗବତୀଙ୍କ ସହ ବିରଜାଈଙ୍କର ଭେଟ ହୋଇଥିଲା। ଭେଟ ଯାତ୍ରା ପରେ ବିରଜାଈଙ୍କ କାଠି ଠାକୁରାଣୀ ସାତବଖରା ଗୃହକୁ ପତ୍ୟାବର୍ତ୍ତନ କରିଥିଲେ। ସେହିପରି ଭଗବତୀଙ୍କ କାଠି ଠାକୁରାଣୀ ସ୍ୱରୂପ ବିଜେ ପ୍ରତିମା ମୁଖ୍ୟ ମନ୍ଦିରକୁ ବିଜେ କରିଥିଲେ। ଏହି ଭେଟ ଯାତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦବୋସ୍ତ କରାଯାଇଥିଲା।

# ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ

## ଉଗ୍ରତାରାଙ୍କ ପୀଠରେ ନବରାତ୍ର ଆରମ୍ଭ

ଖୋର୍ଦ୍ଧା, ୧୫।୧୦ (ପ୍ରଭାତ ପାଣିଗ୍ରାହୀ)



ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ମୂଳିଝିରଗଡ଼ ନିକଟରେ ରହିଛି ମା'ଉଗ୍ରତାରାଙ୍କ ପୀଠ। ରବିବାରଠାରୁ ଏଠାରେ ଆରମ୍ଭ ହୋଇଛି ନବରାତ୍ର ପୂଜା। ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି ମା'ଉଗ୍ରତାରା। ଅଖଣ୍ଡ ଦୀପ ଜାଳି ମାନସିକ ପୂରଣ ଲାଗି ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି ଶ୍ରଦ୍ଧାଳୁ। ନବରାତ୍ର ସମୟରେ କୁମ୍ଭ ସ୍ଥାପନ କରି ମା'ଙ୍କ ପୂଜାର୍ଚ୍ଚନା କଲେ ଅଶେଷ ପୂର୍ଣ୍ଣପ୍ରାପ୍ତି ସହ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଦିନତମାମ ମନ୍ଦିର ପରିସରରେ ଲାଗିରହିଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ମନ୍ଦିର ପୂଜକ ଯୁଧିଷ୍ଠିର ସାମନ୍ତରାୟ କହିଛନ୍ତି, ଶାରଦୀୟ ଦୁର୍ଗାପୂଜା ମୂଳାଷ୍ଟମୀଠାରୁ ସହସ୍ର କୁମ୍ଭ ବରଣ ହୋଇ ପୀଠରେ କଳସ ସ୍ଥାପନ ହୋଇ ଷୋଡ଼ଶ ପୂଜା ଆରମ୍ଭ ହୋଇଥାଏ। ଅମାବାସ୍ୟାର ପ୍ରତିପଦାଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ସପ୍ତମୀ, ଅଷ୍ଟମୀ ଓ ମହାନବମୀରେ ରାତ୍ରି ମହାପୂଜା ଅନୁଷ୍ଠିତ ହୋଇଥାଏ। ସପ୍ତମୀ ପୂଜା ରାତ୍ରିରେ ହରିପୁରସ୍ଥ ମା'ବଘେଇଙ୍କ କଳସ ଏବଂ କାଶୀପୁରସ୍ଥ ମା'ଭୈରବୀଙ୍କ ଆଜ୍ଞାମାଳ ଆସି ପୀଠରେ ସ୍ଥାପନ ହେବା ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ମହାଷ୍ଟମୀରେ ମା'ଙ୍କ ସନ୍ଧିପୂଜା ସହିତ ପାଇକମାନଙ୍କୁ ସମ୍ମାନିତ କରାଯାଏ। ମହାନବମୀରେ ଶାନ୍ତିପୂଜା ଏବଂ ବିଜୟାଦଶମୀରେ ମା'ଙ୍କ ବର୍ଦ୍ଧନୀ କଳସ ପାଇକ ସେବାୟତମାନଙ୍କ ଦ୍ୱାରା ନିକଟ ପାଇକପଦାକୁ ଶୋଭାଯାତ୍ରାକୁ ଯାଇଥାଏ। ପାଇକପଦାଠାରେ ମା'ଙ୍କ ହୋମ ପୂଜାପାଠ ସହ କଳସ ବିସର୍ଜନ କରାଯାଇଥାଏ।

# ଦେଉଳିଆପାଟଣା ଚାମ୍ପିୟନ




ଯାଁଳା, ୧୫।୧୦ (ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ମଦନପୁର ପଞ୍ଚାୟତ ଦେଉଳିଆପାଟଣା ଖେଳପଡିଆରେ ୫ମ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଡ଼ରଘୁନାଥପୁର ଟିମକୁ ୨୬ରନରେ ହରାଇ ଦେଉଳିଆପାଟଣା ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ଏହି ଅଞ୍ଚଳର ଖେଳପଡିଆର ଉନ୍ନତୀକରଣ ସହ ଖେଳ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ଅଜିତ ସାମନ୍ତରାୟ ଓ ସରପଞ୍ଚ ରଶ୍ମି ରଞ୍ଜନ ସାହୁଙ୍କ ସମେତ, ବିଜୟ ଚୌଧୁରି, ରମେଶ ଚନ୍ଦ୍ର ସାହୁ, ବାବୁନି ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଟିମକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ମଦ ବୋଝେଇ କାର୍ ଧକ୍କାରେ ଆହତ ଛାତ୍ରଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବୋଲଗଡ଼/ ବେଗୁନିଆ, ୧୫।୧୦ (ଦେବବ୍ରତ ହୋତା/ହର ପ୍ରସନ୍ନ ପଣ୍ଡା)


ଟିକାତଳ ଛକଠାରେ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ମଦ ବୋଝେଇ କାର୍ ଧକ୍କାରେ ଆହତ ହୋଇଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅଧୀନ ଟିକାତାଳ ଗ୍ରାମର ବଶ୍ୱଜିତ୍ ବରାଡ଼। ତେବେ ବିଶ୍ୱଜିତ୍‌ଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ରବିବାର ଉତ୍ତେଜନା ଦେଖାଦେଇଥିଲା। ଏହା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟିକାତଳ ଛକଠାରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଆସୁଥିବା ଯାନବାହନ ଅଟକି ରହିଥିଲା।

ସୂଚନା ମୁତାବକ, ଶନିବାର ରାତିରେ ବେଗୁନିଆ ବ୍ଲକ ଛକ ନିକଟରେ କାର୍ (ଓଡି୩୩ଏଜି - ୫୪୬୮) ଏକ ସ୍କୁଟିକୁ ଧକ୍କା ଦେଇ ପଳାଉଥିବା ବେଳେ ଲୋକେ ଧରି ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଆହତ ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରି ଏକ ମାମଲା (ନଂ.୩୬୫/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ଅପରାହ୍ନରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟିକାତଳଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସ, ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ବୋଲଗଡ଼ ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ଦାସ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ବୁଝାଶୁଝା କରିବା ସହିତ ରେଡକ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।









ଷୋଳପୂଜା ଅବସରରେ: ମା' କଟକ ଚଣ୍ଡୀଙ୍କ ନାରାୟଣୀ ବେଶ। | ମା' ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ। | ମା' ଝାଞ୍ଜିରୀମଙ୍ଗଳାଙ୍କ ଚାମୁଣ୍ଡା ବେଶ। | ମା' ବାସନ୍ତୀ ଦୁର୍ଗାଙ୍କ ଜଗଦ୍ଧାତ୍ରୀ ବେଶ। | ପିଠାପୁରସ୍ଥିତ ମା' ଧାକୁଲେଇଙ୍କ ବଗଳାମୁଖୀ ବେଶ। | ବଡ଼ମ୍ବା ଭଟ୍ଟାରିକାଙ୍କ ଜଗଦ୍ଧାତ୍ରୀ ବେଶ। | ନୂଆପାଟଣା କଳାପାଟ ଠାକୁରାଣୀଙ୍କ ଦଶମ ଦିନର ବେଶ।

## ସଂକ୍ଷେପରେ

### କଂଗ୍ରେସ ନେତୃବୃନ୍ଦଙ୍କୁ ବ୍ଲକ ପ୍ରଶାସନର ଉପେକ୍ଷା

**କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ବିରୋଧୀ କଂଗ୍ରେସ ନେତୃବୃନ୍ଦଙ୍କୁ ଉପେକ୍ଷା କରାଯାଉଥିବା ବ୍ଲକ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଅଭିଯୋଗ କରିଛନ୍ତି। ଲୋକଙ୍କ ସମସ୍ୟା ନେଇ ବିଡ଼ିଓଙ୍କ ଅଧସ୍ତନ କର୍ମଚାରୀଙ୍କୁ ଦେଖାକଲେ କେହି ଅଭିଯୋଗ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଥଚ ବିଧାୟକ ଓ ଏମ୍‌ପିଙ୍କ ଦ୍ୱାରା ମନୋନୀତ ପ୍ରତିନିଧିମାନଙ୍କୁ ବ୍ଲକରେ ପ୍ରଶାସନିକ ମର୍ଯ୍ୟାଦା ଦିଆଯିବା ପକ୍ଷପାତ ନୀତି ବୋଲି ଗୋଚ୍ଛାୟତ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏହା ଓଡ଼ିଶା ପଞ୍ଚାୟତ ସମିତି ନିୟମ ୧୯୫୯କୁ ଉଲ୍ଲଘଂନ କରୁଥିବା ଦଳ ପକ୍ଷରୁ କୁହାଯାଇଛି। ୧ ମାସ ତଳେ ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଅଦ୍ୟାବଧି ଏହା ଉପରେ ପଦକ୍ଷେପ ନିଆଗଲାନାହିଁ। ବିଧାୟକ ଯଦି ମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତି, ବିରୋଧୀ ଦଳର ନେତା, ଶାସକ ଦଳର ମୁଖ୍ୟ କିମ୍ବା ଉପ ମୁଖ୍ୟ ସଚେତକ ପଦବୀରେ ଥିବେ ତା'ହେଲେ ସେ କେବଳ ସମିତି ବୈଠକରେ ଅଂଶଗ୍ରହଣ କରିବା ପାଇଁ ନିଜ ପ୍ରତିନିଧି ମନୋନୀତ କରିପାରିବେ। ଅନ୍ୟପକ୍ଷରେ ଏମ୍‌ପିଙ୍କ ନିର୍ବାଚନ କ୍ଷେତ୍ର ୭ଟି ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ହୋଇ ଥିବାରୁ ସେମାନେ ପ୍ରତିନିଧି ଦେବାର ନିୟମ ରହିଛି। ଏକଥା ପଞ୍ଚାୟତ ସମିତି ଆଇନର ଧାରା ୧୬ ଓ ୧୮(୨)ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଅନ୍ୟ ସମୟରେ ଏହି ମନୋନୀତ ପ୍ରତିନିଧିମାନେ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବା କଥା ନୁହେଁ ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ସବୁ ରାଜନୈତିକ ଦଳର ପଦାଧିକାରୀଙ୍କ ପ୍ରତି ଆମର ସମ୍ମାନ ରହିଛି। କ୍ଷମତା ପରିସରରେ ଥାଇ ବିଭିନ୍ନ ଅଭିଯୋଗର ସମାଧାନ କରାଯାଇଥାଏ ବୋଲି ସେ କହିଛନ୍ତି।

# ସବୁବର୍ଗର ଲୋକଙ୍କୁ ମିଳିଛି ସାଇବର ସଚେତନତା ବାର୍ତ୍ତା

**କଟକ,୧୫।୧୦ (କାର୍ତ୍ତିକ ସାହୁ)**

ସାଇବର ଅପରାଧ ନିୟନ୍ତ୍ରଣ ତଥା ସାଇବର ସୁରକ୍ଷା ନିମନ୍ତେ କଟକ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ହେବା ପରେ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଦେଶରେ ପ୍ରଥମ କରି ଓଡ଼ିଶା ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବାକୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଓଡ଼ିଶା ପୋଲିସ ଅପରାଧ ନିୟନ୍ତ୍ରଣ ଶାଖାର ଜନସଚେତନତା ଅଭିଯାନ ଏକ ବଡ଼ କାର୍ଯ୍ୟକ୍ରମ। ଏହି ସାଇବର ସଚେତନତା ବାର୍ତ୍ତା ସମାଜର ସବୁବର୍ଗର ଲୋକଙ୍କୁ ମିଳିପାରିଛି। ଏଥିପାଇଁ ଉଭୟ ପୋଲିସ ଓ ଗଣମାଧ୍ୟମର ନିରନ୍ତର ପ୍ରୟାସ ହିଁ ଫଳପ୍ରଦ ହୋଇଛି। ଜିଲାରେ ଏହି କାର୍ଯ୍ୟକ୍ରମ ସଫଳତା ସହ ଆୟୋଜନ କରାଯାଇ ଜନସଚେତନତା ସୃଷ୍ଟି କରିଥିବାରୁ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ। ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା କହିଥିଲେ, ଗତ ଦୁଇ ସପ୍ତାହ ଧରି ସମସ୍ତ ବ୍ଲକର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। ସାଇବର ସୁରକ୍ଷା ପ୍ରସଙ୍ଗରେ ସୂଚନାପ୍ରାପ୍ତ ଓ ସୂଚନା ପ୍ରଦାନ ଦୁଇଟି କଥାକୁ ଗୁରୁତ୍ୱ ଦେବା ଉଚିତ।



କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବକ୍ତବ୍ୟ ଦେଉଛନ୍ତି।

**ଜିଲାରେ ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ**

ଲିଙ୍କ୍, ଆପ୍ ଆଦି ମାଧ୍ୟମରେ ବ୍ୟକ୍ତିଗତ ସୂଚନା ପ୍ରଦାନ ନ କରିବାକୁ ଏସ୍‌ପି ପଣ୍ଡା କହିଥିଲେ। ଏଥିସହ ସାଇବର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ଟୋଲ ଫ୍ରି ନମ୍ବର ୧୯୩୦ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଉପ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, ଆରକ୍ଷୀ ଅଧୀକ୍ଷକ ସନ୍ଧ୍ୟାରାଣୀ ବେଉରିଆ, ଅବସରପ୍ରାପ୍ତ କମାଣ୍ଡାଣ୍ଟ ବିଭୁତି ଭୂଷଣ ପଟ୍ଟନାୟକ, ସାଇବରସେଲ ଇନ୍‌ଚାର୍ଜ କୃତିବାସ ପଣ୍ଡାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ ସ୍ୱାଗତ ଭାଷଣ ଓ ଉପ ଆରକ୍ଷୀ ଅଧୀକ୍ଷକ ତଥା ସାଇବର ସେଲ୍ ନୋଡାଲ ଅଧିକାରୀ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, କଟକ ଜିଲାର ସମସ୍ତ ବ୍ଲକରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସାଇବର ସଚେତନତା ରଥ ବାହାରି ୧୪ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଗତ ସେପ୍ଟେମ୍ବର ୨୮ ତାରିଖରେ ଜିଲାପାଳ ଚୟନୀଙ୍କ ଦ୍ୱାରା ଗ୍ରାମାଞ୍ଚଳ ଏସ୍‌ପିଙ୍କ ଉପସ୍ଥିତିରେ ପୂର୍ବାଭ୍ୟାସ ପ୍ରସ୍ତୁତି ସହ ଲୋଗୋ, ମାସ୍କଟ, ଥିମ ବ୍ୟାକଡ୍ରପ୍ ଓ ଥିମ ସଙ୍ଗ୍ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଶିଶୁ ପର୍ନୋଗ୍ରାଫି ଓ ବ୍ୟାଙ୍କ ଲୋନ୍ ଠକେଇ ସମ୍ବନ୍ଧିତ ଦୁଇଟି ଭିଡିଓ ପ୍ରଦର୍ଶିତ ହୋଇଥିଲା। ସଚେତନତା ରଥ ଜିଲା ପୋଲିସ କାର୍ଯ୍ୟାଳୟରୁ ବାହାରି ସମସ୍ତ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାପ୍ତାହିକ ହାଟ ଭଳି ଜନଗହଳି ସ୍ଥାନ ପରିକ୍ରମା କରିଥିଲା। ଏଥିରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ସହାୟତାରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ବିଭିନ୍ନ ସ୍ଥାନରେ ଗଣଦୌଡ଼ ଆୟୋଜନ କରାଯାଇଥିଲା। ମିଶନ ଶକ୍ତି ମହିଳା, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବରିଷ୍ଠ ନାଗରିକ, ବେସରକାରୀ ସଂସ୍ଥାଗୁଡ଼ିକୁ ଏହି ଅଭିଯାନରେ ସାମିଲ କରାଯାଇଥିଲା।



କଟକ ସିଡିଏ ସେକ୍ଟର-୯ସ୍ଥିତ ଏକ ମଣ୍ଡପରେ ପାକ୍ଷିକ ଖବରକାଗଜ 'ବିଶ୍ୱାସ'ର ସ୍ୱନକ୍ଷତ୍ର ଉତ୍ସବରେ ଶାରଦୀୟ ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଫୁଟ୍‌ବଲ ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ

**କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରସ୍ଥିତ ଆଞ୍ଚଳିକ କଳା ଓ କ୍ରୀଡା ସଙ୍ଗଠନ(ଆକା) ପକ୍ଷରୁ ୫ମ ଆକା ଆମେଚର୍ ଫୁଟ୍‌ବଲ୍ ଲିଗ୍ ରବିବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ଜିଲା ପରିଷଦର ଉପସଭାପତି ସୁଭଦ୍ରା ଦାସ ଉଦ୍‌ଘାଟନ କରିଥିଲେ। ବୋଧପୁର ଓ ଶଗଡ଼ିପାଟଣା ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ବୋଧପୁର ଟିମ୍ ବିଜୟୀ ହୋଇଥିଲା। ଦେବବ୍ରତ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କ୍ରୀଡା ସଙ୍ଗଠକ ଅଜୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ବିଶୋଇ, ସଙ୍ଗଠନ ଉପସଭାପତି ସୈୟଦ ଇର୍‌ଫାନ୍ ଅଲ୍ଲି, ସୈୟଦ ସାଜିଦ ଅଲ୍ଲି, ମହମ୍ମଦ ଅସ୍‌ଫାକ୍, ଆସିଫ ଅଲ୍ଲି ଖାଁ ଓ ପ୍ରଦୋଷ ମହାନ୍ତି ଯୋଗଦେଇଥିଲେ।

# ପୂଜା ପୂର୍ବରୁ କାମ ସରିବ



ଦେବୀଗଡ଼ାଠାରେ ମେୟର, କମିଶନରଙ୍କ ସହ ପୂଜା କମିଟି କର୍ମକର୍ତ୍ତା ସ୍ଥିତି ଅନୁଧାନ କରୁଛନ୍ତି।

**କଟକ,୧୫।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

**ଦେବୀଗଡ଼ାରେ ସ୍ଥିତି ଅନୁଧାନ କଲେ ମେୟର, କମିଶନର**

ଚଳିତବର୍ଷ କଟକ ସହରର ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ। ପୂଜା ପରେ କାଠଯୋଡ଼ି ନଦୀର ଦେବୀଗଡାଠାରେ ମା'ଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯିବ। ଏଥିପାଇଁ ଦେବୀଗଡାଠାରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଅସ୍ଥାୟୀ ପୋଖରୀ, ରାସ୍ତା ତିଆରି, ଆଲୋକ ବ୍ୟବସ୍ଥା କାମ ଜାରି ରହିଛି। ରବିବାର ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ ଦେବୀଗଡାଠାରେ ପହଞ୍ଚି ଉକ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ପୂଜା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ମେୟର ଏବଂ କମିଶନର ସୂଚନା ଦେଇଛନ୍ତି। ଏହାପରେ ସେମାନେ ଚୌଧୁରୀବଜାର ପୂଜା ମଣ୍ଡପ ନିକଟରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ବିଜୟ କୁମାର ସାହୁ ଓ ପ୍ରଫୁଲ୍ଲ ସାହୁ, ଡ. ଦୀପାୟନ ପଟ୍ଟନାୟକ, ଦେବାଶିଷ ରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ପୋରେଟର ସାମିଲ ହୋଇଥିଲେ। ପ୍ରତିବର୍ଷ ଦେବୀଗଡ଼ାରେ ଭସାଣି ଦେଖିବା ପାଇଁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥାଏ। ତେଣୁ ସିଏମ୍‌ସି ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସେଠାରେ ସ୍ଥାୟୀ ଶେଡ୍ ସହ ଶୌଚାଳୟ ବ୍ୟବସ୍ଥା କରାଯିବ। ଦେବୀଗଡା ରାସ୍ତାକୁ ପ୍ରଶସ୍ତ କରାଯିବା ସହ ସେଠାରେ ୬ଟି ଅସ୍ଥାୟୀ ପୋଖରୀ ଖୋଳାଯିବ। ଆଗାମୀ ଦିନରେ ଦେବୀଗଡ଼ାଠାରେ ସ୍ଥାୟୀ ବିସର୍ଜନ ସ୍ଥଳୀ ନିର୍ମାଣ ପାଇଁ ସିଏମ୍‌ସି ଯୋଜନା କରୁଛି।

### ଆସିଲେନି ଜିଲା କଂଗ୍ରେସ ସଂଖ୍ୟାଲଘୁ ସଭାପତି, ବନ୍ଦ ହେଲା ପଦଯାତ୍ରା

**ମଙ୍ଗୁଳି-ଜଗତପୁର,୧୫।୧୦(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ପଦଯାତ୍ରା ପ୍ରତି ପଞ୍ଚାୟତରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଉକ୍ତ ବ୍ଲକ ଅଧୀନ ସଫା ପଞ୍ଚାୟତର ଅଭୟପୁର ଗ୍ରାମରେ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଥିଲା। ଏଥିରେ କଟକ ଜିଲା କଂଗ୍ରେସ ସଂଖ୍ୟାଲଘୁ ସଭାପତି ଆକିବ୍ ଖାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଦଳ ପକ୍ଷରୁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରି ପାଛୋଟି ନେବା ପାଇଁ ବ୍ଲକ କଂଗ୍ରେସ କମିଟି ସଭାପତି ଆଶୁତୋଷ ବରାଳଙ୍କ ନେତୃତ୍ୱରେ ଶତାଧିକ ଯୁବ ନେତୃତ୍ୱ, ମହିଳା, ପୁରୁଷକର୍ମୀ ଅଭୟପୁର ଛକରେ ଚାହିଁ ରହିଥିଲେ। ଅପରାହ୍ନ ପ୍ରାୟ ୧ଟାରେ ଖାନ୍ ପ୍ରଥମେ ଏକ ସାଧାରଣ ସଭାରେ ଯୋଗଦେଇଥାନ୍ତେ। ପରେ ଅଭୟପୁର ଛକରୁ ଗ୍ରାମ ପରିକ୍ରମା କରିଥାନ୍ତେ। ହେଲେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଖ୍ୟ ଅତିଥି ନ ଆସିବାରୁ ସ୍ଥାନୀୟ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିବା ସହ ନିରାଶ ହୋଇ ଫେରିଯାଇଥିଲେ। ଚିତ୍ରସେନ ଧଳ, ସେକ୍ ହମିଦ୍, ତ୍ରିନାଥ ବରାଳ, ଯୁବ ସଙ୍ଗଠକ ମନୋଜ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆକିବ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ଶୁକପାଇକା ନଦୀ ମୁହାଣ ଖନନ ପାଇଁ ଜମି ରେକର୍ଡ ଯାଞ୍ଚ

**କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)**

**ତହସିଲ କାର୍ଯ୍ୟାଳୟରୁ ମୂଳ ଜମିପଟ୍ଟା ଗାଏବ**

କିଶନ ନଗର ତହସିଲ ଅନ୍ତର୍ଗତ ଶୁକପାଇକା ନଦୀର ମୁହାଣ ଖୋଲିବା ପାଇଁ କୋଲକାତାସ୍ଥିତ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ସବୁଜ ସଙ୍କେତ ଦେଇଛନ୍ତି। ଏହାପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୧ ସପ୍ତାହ ହେବ ସର୍ଭେ କାର୍ଯ୍ୟ ଜାରି ରହିଛି। ମହାନଦୀର ଆୟଡପୁରଠାରେ ବନ୍ଦ କରାଯାଇଥିବା ଶୁକପାଇକା ନଦୀର ମୁହାଣକୁ ପୁନଃ ଖନନ କରାଯିବ। ଏଥିପାଇଁ ପ୍ରାରମ୍ଭିକ ସ୍ତରରେ ଜମିଜମା ରେକର୍ଡ ଯାଞ୍ଚ ଆରମ୍ଭ ହୋଇଛି। ଜଣେ ଅବସର ପ୍ରାପ୍ତ ତହସିଲଦାର, ୨ ଜଣ ରାଜସ୍ୱ ନିରୀକ୍ଷକ ଓ ଜଣେ ଅମିନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଲୋକମାନଙ୍କ ଜମିପଟ୍ଟାର ବୈଧତା ଯାଞ୍ଚ କରାଯାଉଛି। କାରଣ କିଶନ ନଗର ତହସିଲ କାର୍ଯ୍ୟାଳୟରେ ଜମିପଟ୍ଟା ଦାଖଲଖାରଜ ମାମଲାର ମୂଳ ଫାଇଲଗୁଡ଼ିକ ଗାଏବ ହୋଇଯାଇଛି।

୧୯୯୨ ମସିହାରେ ତତ୍କାଳୀନ ତହସିଲଦାର ଶୁକପାଇକା ନଦୀଶଯ୍ୟା ଓ ପଠାକୁ ଅନେକ ପ୍ରଭାବଶାଳୀ ଲୋକଙ୍କ ନାମରେ ସ୍ଥିତିବାନ ପଟ୍ଟା ଜାରି କରିଥିଲେ। କେଉଁ ପରିସ୍ଥିତିରେ ଏଭଳି କାର୍ଯ୍ୟ କରାଯାଇଥିଲା, ତାହାର ପ୍ରମାଣ ତହସିଲ କାର୍ଯ୍ୟାଳୟରୁ ମିଳିପାରୁନାହିଁ। କିନ୍ତୁ ୧୯୭୪ ମସିହା ବନ୍ଦୋବସ୍ତରେ ଲୋକଙ୍କର ସ୍ଥିତିବାନ ଜମିଗୁଡ଼ିକ ନଦୀଶଯ୍ୟା ଓ ପଠା ଭାବେ ଉଲ୍ଲେଖ ରହିଛି। ତେଣୁ ରାଜ୍ୟ ସରକାରଙ୍କୁ ଭୂମି ଅଧିଗ୍ରହଣ କରିବାକୁ ପଡ଼ିବ। ଉକ୍ତ ନଦୀଟି ଜମିଜମାରେ ବିବାଦମୁକ୍ତ ବୋଲି ଜିଲା ପ୍ରଶାସନ ପକ୍ଷରୁ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରାଯାଇପାରିନାହିଁ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଯଦି ଭୂମି ଅଧିଗ୍ରହଣ କରାଯାଏ, ତାହାହେଲେ ବହୁ ଅର୍ଥ ବ୍ୟୟ ହେବା ସହ କାମ ଆରମ୍ଭରେ ବିଳମ୍ବ ହେବାର ସମ୍ଭାବନା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାର ୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୧୬ ମସିହାରେ ସମପୁର ମୌଜା ଖାତା ନଂ.୬୧୯, ପ୍ଲଟ୍ ନଂ.୩୩୪ରେ ୫୦ ଡିସିମିଲ ପରିମିତ ଯୋରୀ କିସମ ଜମିରେ ଏକ ବିଦ୍ୟୁତ୍ ସବ୍ ଷ୍ଟେଶନ ନିର୍ମାଣ କରାଯାଇଛି। ଯାହା ଏବେ ନଦୀ ଖନନରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି ତଦନ୍ତକାରୀ ଟିମ୍ ଜାଣିପାରିଛି। ଏ ସମ୍ପର୍କରେ କିଶନ ନଗର ତହସିଲଦାର ମଧୁସୂଦନ ନାଏକ କହିଛନ୍ତି, ସର୍ଭେ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# କାଚ ମେଢ଼ରେ ଶୋଭାପାଇବେ ମା'

**କଟକ,୧୫।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**



**ଧରାବତରଣ କରିବେ ମା'**

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହି ପୂଜା ଦୌଡ଼ରେ ସାମିଲ ହୋଇଛି ରାଉସାପାଟଣା ଦୁର୍ଗା-କାଳୀ ପୂଜା କମିଟି। ଚଳିତବର୍ଷ ଏହି କମିଟି ପକ୍ଷରୁ ସହରରେ ପ୍ରଥମଥର ପାଇଁ କାଚ ମେଢ଼ ପ୍ରସ୍ତୁତ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାହିର ଲୋକମାନେ ଏହାକୁ ତିଆରି କରୁଛନ୍ତି। ଏହି ମେଢରେ ୨୫୦ ପିସ୍ କାଚ ବ୍ୟବହାର କରାଯାଇଛି। ୨ଏମ୍‌ଏମ୍, ୩ଏମ୍‌ଏମ୍ ଏବଂ ୫ ଏମ୍‌ଏମ୍‌ର କାଚ ବ୍ୟବହାର କରାଯାଇଛି। ଏଥିସହ ବିଭିନ୍ନ ରଙ୍ଗବେରଙ୍ଗର ୨ ଏମ୍‌ଏମ୍‌ର ୫୯ ପିସ୍‌ର କାଚ ଯୋଡାଯାଇଛି। ଆଲୋକ ପଡିବା ମାତ୍ରେ ଏହା ଝଲସିବ। ଏହି ମେଢ ତିଆରି ପାଇଁ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମେଢର ଉଚ୍ଚତା ୧୦ ଫୁଟ ଓ ଚଉଡ଼ା ୧୪ ଫୁଟ ରହିଛି। ମେଢକୁ ସାହି କାରିଗର ତିଆରି କରୁଥିବାବେଳେ ସାହିର ଯୁବକ ଅମରଜିତ୍ ସେନ୍, ବନବିହାରୀ ଦାସ, ସଞ୍ଜୟ ଦାସ, ଅଜୟ ସେନ୍ ପ୍ରମୁଖ ସହଯୋଗ କରୁଛନ୍ତି। ତାରକସି କାର୍ଯ୍ୟ ଭଳି ଅତି ସୂକ୍ଷ୍ମ କାରୁକାର୍ଯ୍ୟ ଏଥିରେ କରାଯାଇଛି। ମେଢ ସହ କବାଟ, ସିଂହାସନ, ପାଶ କାଠି ମଧ୍ୟ କାଚରେ ପ୍ରସ୍ତୁତ କରାଯାଇଛି। ସୋଳ ଓ ଅଠାରେ କାଚକୁ ଯୋଡା ଯାଇଛି।



**ରାଉସାପାଟଣା ଦୁର୍ଗା-କାଳୀ ପୂଜା କମିଟି**



"କଟକ ଜିଲାରେ ପ୍ରଥମ କାଚ ମେଢ ପ୍ରସ୍ତୁତ ହୋଇଛି। ସାହି ଲୋକମାନେ ଏହାକୁ ତିଆରି କରିଛନ୍ତି। ଆସନ୍ତା ବର୍ଷ ଚାନ୍ଦୀ ମେଢ ପ୍ରସ୍ତୁତ ପାଇଁ ଯୋଜନା ରହିଛି। ଏଥିପାଇଁ ଡାଞ୍ଚା ମଧ୍ୟ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ପୂଜା ବଜେଟ୍ ପ୍ରାୟ ୫ ଲକ୍ଷ ଟଙ୍କା ରହିଛି। ପୂଜା ମଣ୍ଡପ ସହ ସାହିକୁ ଆଲୋକମାଳା ସଜ୍ଜିତ କରାଯିବ। ମଣ୍ଡପର ସମ୍ମୁଖ ଓ ପଛରେ ଦୁଇଟି ଲାଇଟ୍ ଗେଟ୍ ଲଗାଯିବ।

**ଦିଲ୍ଲୀପ କୁମାର ଦାସ, ସଭାପତି**



"ପ୍ରଥମେ ମହାବୀର କ୍ଲବ୍‌ରେ କାଚର ମେଢ ପ୍ରସ୍ତୁତ ହୋଇଥିଲା। ଏହାକୁ ଦେଖି ରାଉସାପାଟଣା ଦୁର୍ଗା-କାଳୀ ପୂଜା କମିଟି କାଚ ମେଢ ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନେଇଥିଲା। ଏଠାରେ ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିନୀତିରେ ଦୁର୍ଗା ପୂଜା ପାଳନ କରାଯାଉଛି। ଏଠାରେ ପ୍ରାୟ ୧୫୦୦ ବଙ୍ଗୀୟ ପରିବାରର ସଦସ୍ୟ ରହୁଛନ୍ତି।

**ମୀନକେତନ ଦାସ, ସମ୍ପାଦକ**



ପିଲାମାନଙ୍କ ଗହଣରେ ନିଜର ୭୧ତମ ଜନ୍ମ ଦିବସ ପାଳନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ନୀରବ ନାୟକ-ନବୀନ

ନବୀନ ପଟ୍ଟନାୟକ- କେବଳ ଏକ ନାମ ନୁହେଁ,
ବରଂ ଅନନ୍ୟ ସଫଳତାର ଏକ ବିରଳ କାହାଣୀ।

ଏକ ଦୁର୍ବାର ରାଜନୈତିକ ଅଭିଯାନ। ସେ ଅଭିଯାନ ଯେତିକି ରୋମାଞ୍ଚକର, ସେତିକି ଉଦ୍‌ବୋଧନୀୟ। ରାଜନୀତିରେ ରୁଚି ନ ଥାଇ ମଧ ଓଡ଼ିଶାବାସୀଙ୍କ ଶ୍ରଦ୍ଧା, ଆଗ୍ରହ ଓ ଅନୁରୋଧକୁ ଏଡ଼ି ନ ପାରି ସେ ରାଜନୀତି କ୍ଷେତ୍ରକୁ ଆସିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ(୧୯୯୭) ପରେ। କଳା ସାହିତ୍ୟର ପରିଚୟ ଓ ପ୍ରତିଷ୍ଠା ଭିତରୁ ବାହାରି ପ୍ରଥମେ ଉପନିର୍ବାଚନରେ ଜିତି କେନ୍ଦ୍ରମନ୍ତ୍ରୀ (୧୯୯୮) ଏବଂ ତା'ର ଦୁଇ ବର୍ଷ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ଜନସମର୍ଥନ ପାଇ ଶପଥ ନେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେତେବେଳେ ରାଜନୈତିକ ଅଭିଜ୍ଞତା ନ ଥିଲା ସତ, କିନ୍ତୁ ଥିଲା ନିଷ୍କଳଙ୍କ ବ୍ୟକ୍ତିତ୍ୱ ଓ ବୁଦ୍ଧିଦୀପ୍ତ ସ୍ଥିତପ୍ରଜ୍ଞତା। ନିଜର ନିଷ୍ଠାପର ଉଦ୍ୟମ ବଳରେ ଓଡ଼ିଶାର ବିକାଶ କ୍ରମରେ ଯୋଡ଼ିଚାଲିଲେ ସଫଳତାର ନୂଆ ନୂଆ ଫର୍ଦ୍ଦ। ଓଡ଼ିଶା ରାଜନୀତିକୁ ପ୍ରବେଶ କରିବାର ବର୍ଷ କେଇଟା ମଧରେ ସେ ଲୋକଙ୍କ ବିଶ୍ୱାସ ଓ ଭରସାକୁ ଜିଣି ହାସଲ କଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତାର ପରିଚୟ ଓ ପ୍ରତିଷ୍ଠା।

ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଲା ବେଳକୁ (୨୦୦୦) ପ୍ରଳୟଙ୍କରୀ ମହାବାତ୍ୟା(୧୯୯୯)ର ତାଣ୍ଡବରେ ଭାଙ୍ଗିଯାଇଥିଲା ଓଡ଼ିଶାର ମେରୁଦଣ୍ଡ। ରାଜ୍ୟର ଆର୍ଥିକ ସ୍ଥିତି ଏମିତି ଦେବାଳିଆ ଅବସ୍ଥାରେ ଥିଲା ଯେ ଉନ୍ନୟନ କାର୍ଯ୍ୟ ତ ଦୂରର କଥା, କର୍ମଚାରୀଙ୍କୁ ଦରମା ଦେବା ପାଇଁ ବି ରାଜକୋଷରେ ନ ଥିଲା ଅର୍ଥ। ଏଭଳି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ କଠୋର ଆର୍ଥିକ ଶୃଙ୍ଖଳା ଭିତରେ ଅତିବାହିତ ହୋଇଥିଲା ତାଙ୍କର ପ୍ରଥମ ପାଳି ଶାସନ ଅବଧି। ଦୀର୍ଘ ପାଞ୍ଚ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ଫଳରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି। ଦ୍ୱିତୀୟ ପାଳି ଆରମ୍ଭରୁ ରାଜସ୍ୱ ଆୟ ବୃଦ୍ଧି ସାଙ୍ଗକୁ ନିୟନ୍ତ୍ରଣକୁ ଆସିଲା ବିତ୍ତୀୟ ନିଅଣ୍ଟ। ଧୀରେ ଧୀରେ ତ୍ୱରାନ୍ୱିତ ହେବାକୁ ଲାଗିଲା ଉନ୍ନୟନ କାର୍ଯ୍ୟ।

ସେତେବେଳକୁ ଏକ ଲମ୍ବା ସମୟ ଧରି ଓଡ଼ିଶା ମଥାରେ ଲାଗିଥିଲା ଗୋଟେ ଅନାହାର ମୃତ୍ୟୁପ୍ରବଣ ରାଜ୍ୟର ମୋହର। ଦାରିଦ୍ର୍ୟ ଓ ଅନଗ୍ରସରତା ପାଇଁ ବିଶ୍ୱ ଦରବାରରେ ବାରମ୍ବାର ନିନ୍ଦିତ ହେଉଥିଲା ଓଡ଼ିଶା। ଖାଦ୍ୟାଭାବର ଏଭଳି ଦୟନୀୟ ଚିତ୍ରକୁ ବଦଳାଇବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଣୟନ କଲେ ଏକ ଯୁଗାନ୍ତକାରୀ ଯୋଜନା। କ୍ଷୁଧାର୍ତ୍ତ ଓ ଅନାହାର ପୀଡ଼ିତଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେଇ ସାରା ଦେଶରେ ସୃଷ୍ଟି କଲେ ଉଦାହରଣ। ତାଙ୍କର ଏହି କଲ୍ୟାଣକାରୀ ଯୋଜନାକୁ ଅନୁସରଣ କରି ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ପ୍ରଣୟନ କଲେ ଖାଦ୍ୟ ସୁରକ୍ଷା (୨୦୧୩) ଆଇନ।

ଏକ କୃଷି ପ୍ରଧାନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କୃଷି ଓ କୃଷକର ଉନ୍ନତିକୁ ଅଗ୍ରାଧିକାର ଦେଇ ସେ ପ୍ରସ୍ତୁତ କଲେ ସ୍ୱତନ୍ତ୍ର କୃଷି ବଜେଟ। କୃଷି ସହିତ ଜଳସେଚନ, ମତ୍ସ୍ୟଚାଷ, ପଶୁପାଳନ ଓ ସମବାୟ ଆଦି କ୍ଷେତ୍ରକୁ ନେଇ ଗଠନ ହେଲା କୃଷି କ୍ୟାବିନେଟ। ଧୀରେ ଧୀରେ ବଢ଼ିଲା କୃଷି ଉତ୍ପାଦନ। କ୍ରମାଗତ ଭାବେ ରାଜ୍ୟକୁ ମିଳିଲା କୃଷି କର୍ମଣ ପୁରସ୍କାର। କୃଷକର ଆୟ ବୃଦ୍ଧି ତଥା ଜୀବିକା ନିର୍ବାହ ନିମନ୍ତେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଲା କାଳିଆ ଯୋଜନା। ସାମଗ୍ରିକ ଭାବେ କୃଷି କ୍ଷେତ୍ରରେ ତିଆରି ହେଲା ବିକାଶର ନୂଆ ନକ୍ସା। ୧୯୯୯-୨୦୦୦ ସାମାଜିକ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ପ୍ରାୟ ୬୫.୫୮ ଲକ୍ଷ ହେକ୍ଟର ଚାଷଜମି ଥିଲା ଏବଂ ସେଥି ମଧରୁ ୨୪.୮୫ ଲକ୍ଷ ହେକ୍ଟର ଜମିଥିଲା ଜଳସେଚିତ। ସରକାର ଜଳସେଚନ ଉପରେ ଗୁରୁତ୍ୱ ଦେବା ଫଳରେ ୨୦୨୦-୨୧ ବେଳକୁ ଜଳସେଚିତ ଜମିର ପରିମାଣ ବୃଦ୍ଧିପାଇ ହେଲା ୪୨.୫୧ଲକ୍ଷ ହେକ୍ଟର।

ରାଜ୍ୟରେ ଅନୁସୂଚିତ ଜନଜାତି ଲୋକଙ୍କ ସଂଖ୍ୟା ପାଖାପାଖି ଏକ ଚତୁର୍ଥାଂଶ। ସେମାନଙ୍କ ଉନ୍ନତି ବିନା ରାଜ୍ୟର ବିକାଶ ଅସମ୍ଭବ। ଏକଥା ଉପଲବ୍ଧି କରି ଜନଜାତିର ବିକାଶ ଦିଗରେ ବିଶେଷ ଧାନ ଦେବା କାରଣରୁ ୯ ଆଦିବାସୀ ବହୁଳ ଜିଲାରେ ଗଠନ ହେଲା ସ୍ୱତନ୍ତ୍ର ବିକାଶ ପରିଷଦ। ତାକୁ ସାମ୍ବିଧାନିକ ମାନ୍ୟତା ମିଳିବା ସହିତ ଜନଜାତି ଉନ୍ନତି ପାଇଁ ମଞ୍ଜୁର ହେଲା ସ୍ୱତନ୍ତ୍ର ଅର୍ଥ ରାଶି। ଗାନ୍ଧିଜୀ କହୁଥିଲେ, ନାରୀ ସଶକ୍ତ ନ ହେଲେ ଆଗକୁ ଯାଇପାରିବନି ଦେଶ। ତେଣୁ ନାରୀମାନେ କେମିତି ଆତ୍ମନିର୍ଭରଶୀଳ ଓ ଶୋଷଣମୁକ୍ତ ହୋଇ ସ୍ୱାଧୀନ ଓ ନିର୍ଭୀକ ଭାବରେ ଜୀବନ ଧାରଣ କରିବେ,ତାହା ସୁନିଶ୍ଚିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ। ସେଥିପାଇଁ ବିଜୁବାବୁଙ୍କ ସ୍ଲୋଗାନ ଥିଲା ଗାଁକୁ କାମ ଓ ମାଆକୁ ସମ୍ମାନ। ଏହି ନୀତିକୁ ଅବଲମ୍ବନ କରି ନବୀନବାବୁ ଆରମ୍ଭ କଲେ ମିଶନ ଶକ୍ତି ପ୍ରକଳ୍ପ (୨୦୦୧)। ଏଥିରେ ସାମିଲ ହେଲେ ୭୦ଲକ୍ଷରୁ ଅଧିକ ମହିଳା। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବିନା ସୁଧରେ ଯୋଗାଇ ଦିଆଗଲା ଋଣ। ରାଜନୀତି କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପଞ୍ଚାୟତ ଓ ପୌର ସଂସ୍ଥାରେ ରହିଲା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା। ୫୦ ପ୍ରତିଶତ ଗାଁର ବିକାଶ ଦାୟିତ୍ୱ ମହିଳାଙ୍କ ହାତରେ ରହିବା ସାଙ୍ଗକୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାଙ୍କ ପାଇଁ ରହିଛି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା। ଏହି ଦୃଷ୍ଟିରୁ ବିଚାର କଲେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଏବେ ଯେକୌଣସି ରାଜ୍ୟଠାରୁ ଆଗରେ।

ବିପଦ ବେଳେ ଜଣାପଡ଼େ ନେତୃତ୍ୱର ଅସଲ ପରାକାଷ୍ଠା। ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ତା'ର ପ୍ରମାଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫାଇଲିନ(୨୦୧୩) ହେଉ କି ହୁଦ୍‌ହୁଦ୍(୨୦୧୪) ସବୁ କ୍ଷେତ୍ରରେ ଜିରୋ କାଜୁଆଲିଟି ଘୋଷଣା କରି କ୍ଷୟକ୍ଷତିକୁ ରୋକିଛନ୍ତି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ବଳରେ।

ଲୋକଙ୍କ ଧନଜୀବନ ରକ୍ଷାକରି ସାରା ଦେଶକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଇଛି ଓଡ଼ିଶା।

ବିଶେଷକରି ମହାମାରୀ କରୋନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମ ପାଳି ଥିଲା ସବୁଠାରୁ ସଂଘର୍ଷପୂର୍ଣ୍ଣ। 'ଅର୍ଥନୀତି ନୁହେଁ, ଜୀବନ ବଡ଼'-ଏହି ବିଚାରଧାରା ନେଇ ସେ ଲୋକଙ୍କ ସହଯୋଗ କ୍ରମେ କରୋନା ସହିତ ଲଢ଼ିଲେ ଯୋଜନାବଦ୍ଧ ଲଢ଼େଇ। ସଂକ୍ରମଣ ସାଂଘାତିକ ହେବା ପୂର୍ବରୁ ସବୁ ଜିଲାରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରି ପ୍ରମାଣ କଲେ ନିଜର ପ୍ରତିବଦ୍ଧତା। କରୋନା ଭୟଙ୍କର ସଂକ୍ରମଣ ବେଳେ ସ୍ଥିତିକୁ ଅଧିକ ଗମ୍ଭୀର କରି ଦେଇଥିଲା ଅମ୍ଳଜାନ ସଙ୍କଟ। ଡାକ୍ତରଖାନାରେ ଅମ୍ଳଜାନ ସିଲିଣ୍ଡର ଅଭାବ କାରଣରୁ ବିଭିନ୍ନ ରାଜ୍ୟରେ ପ୍ରତିଦିନ ମୃତ୍ୟୁବରଣ କରୁଥିଲେ ଅନେକ ହଜାର ରୋଗୀ। ଏତିକିବେଳେ ବିଭିନ୍ନ ରାଜ୍ୟକୁ ଓଡ଼ିଶା ଯୋଗାଇଥିଲା ଜୀବନ ସଞ୍ଜୀବନୀ ଅମ୍ଳଜାନ। ମୁଖ୍ୟମନ୍ତ୍ରୀଙ୍କ ଏହି ସମ୍ବେଦନା ପାଇଁ ସାରା ଦେଶରୁ ଅଜାଡ଼ି ହୋଇ ପଡ଼ିଥିଲା ଅଜସ୍ର ପ୍ରଶଂସା। ବସ୍ତୁତଃ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କେବଳ ଦେଶରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଏକ ମଡେଲ ହୋଇ ଉଭା ହୋଇଛି ଓଡ଼ିଶା।

କ୍ରୀଡ଼ା ଯୁବପିଢ଼ିଙ୍କ ଭବିଷ୍ୟତ। ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ସେ ଗ୍ରହଣ କରିଛନ୍ତି ଅନେକ ଉଲ୍ଲେଖନୀୟ ପଦକ୍ଷେପ। ସାହାରା ଇଣ୍ଡିଆ ହାତ ଛାଡ଼ିଦେବା ପରେ ଏକପ୍ରକାର ଅନାଥ ହୋଇ ପଡ଼ିଥିଲା ଭାରତୀୟ ହକି। ଏତିକିବେଳେ ଭାରତୀୟ ହକିକୁ ସାହାରା ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜାତୀୟ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ତା'ର ପୃଷ୍ଠପୋଷକତା କରିବାକୁ ଆଗେଇ ଆସିଥିଲା ଓଡ଼ିଶା। ଆଗରୁ କେବେ କୌଣସି ରାଜ୍ୟ ସରକାର ଜାତୀୟ କ୍ରୀଡ଼ାର ପୃଷ୍ଠପୋଷକ ହୋଇ ନ ଥିବାରୁ ଏହା ଥିଲା ହକି ଇତିହାସର ପ୍ରଥମ ଘଟଣା। ସାଧାରଣତଃ କୌଣସି ବ୍ୟବସାୟିକ ସଂସ୍ଥା କ୍ରୀଡ଼ାର ପୃଷ୍ଠପୋଷକତା କରିବା ପଛରେ ଥାଏ ନିଜକୁ ବିଜ୍ଞାପିତ କରିବାର ଲାଭଖୋର ମନୋବୃତ୍ତି। ମାତ୍ର ଭାରତୀୟ ହକିରେ ବିପ୍ଳବ ଆଣିବା ଥିଲା ଓଡ଼ିଶାର ଲକ୍ଷ୍ୟ। ତେଣୁ ଖୁବ୍‌ଶୀଘ୍ର ଦେଖିବାକୁ ମିଳିଲା ଭାରତୀୟ ହକିର ନବକଳେବର। ଦୀର୍ଘ ୪ ଦଶନ୍ଧି ପରେ ଟୋକିଓ ଅଲିମ୍ପିକ୍ସରେ ସଫଳତାର ସ୍ୱାଦ ଚାଖିଲା ଦେଶ। ସଫଳତାର ଶ୍ରେୟ ପାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଯେଉଁମାନେ ବିରୋଧ କରୁଥିଲେ, ସେମାନଙ୍କ ମୁହଁ ବନ୍ଦ ହୋଇଗଲା ଆପେ ଆପେ। କ୍ରୀଡ଼ାକୁ ନେଇ ରାଜନୀତି ହେବା କିଛି ନୂଆ କଥା ନୁହେଁ, ମାତ୍ର ଏଠି ପ୍ରଥମଥର ପାଇଁ କ୍ରୀଡ଼ା ବଦଳାଇ ଦେଲା ରାଜନୀତିର ଧାରା। ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ଆଣିଲା ନୂଆ ସମୀକରଣ। କାରଣ ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନଠାରୁ ଆରମ୍ଭ କରି ସୁନ୍ଦରଗଡ଼ରେ ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ପର୍ଯ୍ୟନ୍ତ କ୍ରୀଡ଼ାର ବିକାଶ ପାଇଁ ନବୀନ ପଟ୍ଟନାୟକ ଅନେକ କିଛି କରିଛନ୍ତି, ହେଲେ କୌଣସି ପ୍ରତିଷ୍ଠାନକୁ ନିଜ ନାମରେ ନାମିତ କରିନାହାନ୍ତି କି କେଉଁ ଅନୁଷ୍ଠାନର ନାମ ପରିବର୍ତ୍ତନ କରିନାହାନ୍ତି ଦଳୀୟ ରାଜନୀତି ଭିତ୍ତିରେ। ଏସବୁ ଦୃଷ୍ଟିରୁ ଯେତେ ପ୍ରଶଂସା କଲେ ବି ତାହା ଊଣା ପଡ଼ିବ ତାଙ୍କ ସଫଳତା ତୁଳନାରେ। ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ସ୍ଥିର ଶାସନର ସ୍ଥପତି ନବୀନ ପଟ୍ଟନାୟକ। ସମକାଳୀନ ରାଜନୀତିରେ ଜଣେ ବିରଳ ବ୍ୟକ୍ତିତ୍ୱ। ତାଙ୍କ ରାଜନୈତିକ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ। ସେ କହନ୍ତି, ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ଏକ ଆଲୋକ ବର୍ତ୍ତିକା। ସମଗ୍ର ବିଶ୍ୱ ଏକଥା ଅନୁଭବ କରିଥିବାରୁ ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବରେ ପାଳନ କରୁଛି ଜାତିସଂଘ। ତେଣୁ ଗାନ୍ଧିଜୀଙ୍କ ଅହିଂସା ତତ୍ତ୍ୱ ଭାରତ ସମ୍ବିଧାନର ମୁଖବନ୍ଧରେ ବି ସ୍ଥାନ ପାଇବା ଉଚିତ ବୋଲି ସେ ପ୍ରସ୍ତାବ ରଖିଥିଲେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଦିଲ୍ଲୀରେ ଆୟୋଜିତ ଆଲୋଚନାଚକ୍ରରେ। ତାଙ୍କର ଏଭଳି ପ୍ରସ୍ତାବ କେବଳ ଐତିହାସିକ ନୁହେଁ, ଯୁଗାନ୍ତକାରୀ। ସହଯୋଗ ଓ ସହମତି ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ପଟ୍ଟନାୟକଙ୍କୁ କେବେ କାବୁ କରିପାରିନି ରାଜନୈତିକ ସଂକୀର୍ଣ୍ଣତା। ତେଣୁ ତାଙ୍କ କାର୍ଯ୍ୟଧାରାକୁ ଯେତେ ଯିଏ ସମାଲୋଚନା କଲେ ବି ଆଦୌ ପ୍ରତିକ୍ରିୟାଶୀଳ ନ ହେବା ହିଁ ତାଙ୍କ ରାଜନୈତିକ ଉଦାରତାର ପରିଚାୟକ। ଓଡ଼ିଶାର ବିକାଶ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ତେଣୁ ବୈଚାରିକ ବିଭେଦତା ସତ୍ତ୍ୱେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଅନେକ ପ୍ରସ୍ତାବକୁ ସେ ସମର୍ଥନ କରିଛନ୍ତି ବାଧ ବାଧକତାରେ। ତାଙ୍କର ଏଭଳି ମନୋଭାବ ପାଇଁ ଦୀର୍ଘ ୨୩ ବର୍ଷ ମଧରେ ବିକାଶ ପଥରେ ଅନେକ ପାହାଚ ଅତିକ୍ରମ କରିଛି ଓଡ଼ିଶା। ଗତ ଦୁଇ ଦଶନ୍ଧି ଭିତରେ ରାଜ୍ୟର ଆମୂଳଚୂଳ ପରିବର୍ତ୍ତନ ହୋଇଛି ବିଦ୍ୟାଳୟ ଶିକ୍ଷାର ଛବି। ଆଉ ନାହିଁ ଚାଳଛପର ଓ ବାଉଁଶ ତିଆରି ଝାଟିମାଟି ଘରେ କିମ୍ବା ଗଛମୂଳେ ବସି ପିଲା ପାଠ ପଢ଼ିବାର ବିକଳ ଚିତ୍ର। ଶିକ୍ଷାର ପୁନର୍ବିନ୍ୟାସ ପାଇଁ ସହଭାଗିତା ଓ ସହଯୋଗିତାଭିତ୍ତିରେ ଆରମ୍ଭ ହୋଇଛି 'ମୋ ବିଦ୍ୟାଳୟ ଅଭିଯାନ'। ମାତୃଗର୍ଭରେ ଭ୍ରୂଣ ସଞ୍ଚାର ହେବାଠାରୁ(ମମତା ଯୋଜନା) ମୃତ୍ୟୁ ପର ପର୍ଯ୍ୟନ୍ତ (ହରିଶ୍ଚନ୍ଦ୍ର ଯୋଜନା) ଓଡ଼ିଶାରେ ଏବେ କାର୍ଯ୍ୟକାରୀ ହେଉଛି ଅସୁମାରି କଲ୍ୟାଣକାରୀ ଯୋଜନା।

- ଡ. ପ୍ରଫୁଲ୍ଲ କୁମାର ସାହୁ
ଅବସରପ୍ରାପ୍ତ ଅଧକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪





ଏକାମ୍ର ପ୍ରକଳ୍ପ ପ୍ରତିଷ୍ଠା ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଖ୍ୟାତ କ୍ରିକେଟର ସୁନୀଲ ଗାଭାସ୍କର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ।




ଗ୍ରାମୀ ଆୱାର୍ଡ ୱିନର ତଥା ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି କେଜ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି



ମାଲକାନଗିରିରେ ଆଦିବାସୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଅକ୍ଟୋବର, ୨୦୨୩

# ୭୮ରେ ପ୍ରବୀଣ ନବୀନ







## ଗାଁର ସମୃଦ୍ଧି ପାଇଁ 'ଲକ୍ଷ୍ମୀ'

ରାଜ୍ୟ ପରିବହନ ବ୍ୟବସ୍ଥାରେ ରୂପାନ୍ତରଣ ଆଣିବା ସହିତ ଅର୍ଥନୀତିକୁ ଆହୁରି ମଜଭୁତ କରିବା ଏବଂ ଗାଁ ଗାଁରେ ସମୃଦ୍ଧି ଆଣିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ ବସ୍ ଯୋଜନା'। ଏହି ଯୋଜନାରେ ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଜିଲାର ସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେବ। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ, କଲେଜ ସହିତ ଚାଷୀଙ୍କୁ ମାର୍କେଟ ଓ ରୋଗୀଙ୍କୁ ହସ୍ପିଟାଲ ନେବ। ମା'ମାନେ ସେମାନଙ୍କ କାମ ପାଇଁ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ ବୋଲି ଏହାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ମାଲକାନଗିରି ଜିଲା ଷ୍ଟାଡିୟମରୁ ଗତ ୧୨ ତାରିଖରେ 'ଲକ୍ଷ୍ମୀ ବସ୍ ଯୋଜନା'ର ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମାଲକାନଗିରି ଗସ୍ତରୁ ଲୋକଙ୍କ ଅସୁବିଧା ବିଷୟରେ ଜଣାପଡ଼ିଥିଲା। ଏହାପରେ ଏହି ଲକ୍ଷ୍ମୀ ଯୋଜନାର ପରିକଳ୍ପନା କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ୩୬ଟି ବସ୍ ଜିଲାର ୧୧୧ ପଞ୍ଚାୟତକୁ ସଦର ମହକୁମା ସହ ଯୋଡ଼ିବ। ଯୋଜନାର ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ୧୦ ଟଙ୍କା ଦେଇ ପ୍ରଥମ ଟିକେଟ୍ କିଣି ମାଲକାନଗିରିରୁ ଏମ୍‌ଭି-୦୩ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଥମ ଦିନରେ ମାଲକାନଗିରି ସହ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳରେ 'ଲକ୍ଷ୍ମୀ ଯୋଜନା' ଆରମ୍ଭ ହୋଇଛି। ଆଗକୁ ସବୁ ଗାଁକୁ ଲକ୍ଷ୍ମୀ ବସ୍ ଚାଲିବା ସହ ନୂଆ ବିକାଶର ପଥ ସୃଷ୍ଟି ହେବ।

ଦୀର୍ଘ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ସେବା କରି ଆସୁଥିବା ନବୀନ ପଟ୍ଟନାୟକ ସୋମବାର ୭୮ ବର୍ଷରେ ପଦାର୍ପଣ କରିଛନ୍ତି। ଲେଖକରୁ ରାଜନେତା ପାଲଟିବା ନବୀନଙ୍କ ପାଇଁ ଥିଲା ଏକ ସଂଯୋଗ। ସ୍ଥିର, ନମ୍ର ଏବଂ ବିଚକ୍ଷଣତା ତାଙ୍କୁ ଆଜି ଜଣେ ସଫଳ ରାଜନେତା କରାଇପାରିଛି। ଧୈର୍ଯ୍ୟର ସହ ଜଟିଳ ସ୍ଥିତିର ମୁକାବିଲା କରିବାରେ ଭାରତୀୟ ରାଜନୀତିକୁ ସେ ଦେଖାଇଛନ୍ତି ନୂଆ ବାଟ। ତାଙ୍କର ଜନ୍ମ ଦିବସରେ ଅଜସ୍ର ଶୁଭେଚ୍ଛା ଓ ଶୁଭକାମନା।

## ଗତି ହିଁ ଶକ୍ତି

ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର ଆଉଏକ ବଡ଼ ପଦକ୍ଷେପ ନେଇଥିଲେ। ଗତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ଐତିହାସିକ 'ମିଶନ ଶକ୍ତି ସ୍କୁଟର ଯୋଜନା' ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ମିଶନ ଶକ୍ତିର ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ସେମାନଙ୍କର ଏହି ଋଣ ବାବଦକୁ ରାଜ୍ୟ ସରକାର ୫୨୮ କୋଟି ଟଙ୍କାର ସୁଧ ଦେବେ। ୨ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍କୁଟର ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ୧୫ ହଜାର ସଦସ୍ୟଙ୍କୁ ସ୍କୁଟର ଦିଆଯାଇଛି। 'ଗତି ହିଁ ଶକ୍ତି, ଗତି ହିଁ ସଶକ୍ତୀକରଣ'ର ଆହ୍ୱାନ ଦେଉଥିବା ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁଗମ କରିବ। ବୃତ୍ତିଗତ କ୍ଷେତ୍ରରେ ମଧ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ୭୦ ଲକ୍ଷ ସଦସ୍ୟାଙ୍କ ନିଜ ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## ୨୦୨୩ର କିଛି ମୁହୂର୍ତ୍ତ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ନବୀନ ନିବାସରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ସାକ୍ଷାତ



ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



୨୦୨୩ ପୁରୁଷ ହକି ୱାର୍ଲ୍ଡ କପ୍ ଆରମ୍ଭ ପୂର୍ବରୁ ବଲିଉଡ୍ ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ ଦିଶା ପଟାନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ




ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି



ଭାରତୀୟ ହକିକୁ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଜାରି ରହିଥିବାବେଳେ ଦଳ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ଅର୍ଜନ କରିଆସୁଛି। ପୁରୁଷ ହକି ଦଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବିଶେଷ ମୁହୂର୍ତ୍ତ



ଇଣ୍ଟର କଣ୍ଟିନେଣ୍ଟାଲ୍ କପ୍-୨୦୨୩ରେ ଚାମ୍ପିୟନ୍ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ପ୍ରଦାନ କରୁଛନ୍ତି

**ଗୋ-ନବରାତ୍ର ଉତ୍ସବ ପ୍ରସ୍ତୁତି ବୈଠକ**

ସାକ୍ଷୀଗୋପାଳ, (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ): ହିନ୍ଦୁ ଏକତା ଜାଗରଣ ମଞ୍ଚ ଅଲଗୁମ୍ ଶାଖା ପକ୍ଷରୁ ଗୋ-ନବରାତ୍ର ଯଜ୍ଞ ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଶୁକ୍ଳ ପ୍ରତିପଦା ଠାରୁ ଏହି ଉତ୍ସବ ଆରମ୍ଭ ହୋଇ ଆଁଳା ନବମୀରେ ସରିବ । ବୈଠକରେ ଓଡିଶା ଗୋ-ସୁରକ୍ଷା ମଞ୍ଚର ସଂଗଠକ ପ୍ରଦୀପ୍ତ ତ୍ରିପାଠୀ ସଭାପତିତ୍ୱ କରି ଗୋବଂଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନବରାତ୍ର ଯୋଗରେ ଗୋ ପୂଜନ, ପଞ୍ଚଗବ୍ୟ ଚିକିତ୍ସା, ଗୋ କଥା ଆଲୋଚନା ସହିତ ୧ ଲକ୍ଷ ୮ ଗୋମୟ ଦୀପ ଆହୁତି ଦିଆଯିବ। ଆଁଳା ନବମୀରେ ଆଁଳା ପୂଜନ କରାଯାଇ ଗୋ- ନବରାତ୍ର ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ବୈଠକରେ ଡାକ୍ତର ସୁମନ୍ତ କୁମାର ପ୍ରଧାନ, ଅବସର ପ୍ରାପ୍ତ ଗୋ ଚିକିତ୍ସକ ଅଜିତ ଦାସ, ବିଜୟ ବାବା, ମହେଶ୍ୱର ମହାରଣା, ସନ୍ତୋଷ ମହାନ୍ତି, ସଚ୍ଚିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ମା' ରାମଚଣ୍ଡୀଙ୍କ ବଗଳାମୁଖୀ ବେଶ



କୋଣାର୍କ,୧୫।୧୦(ଜ୍ୟୋତିରାଜ ମହାନ୍ତି)

ଅର୍କକ୍ଷେତ୍ର କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ଷୋଳପୂଜା ଅବସରରେ ଷୋଳ ଦିନରେ ମା'ଙ୍କ ଅନେକ ବେଶ ହୋଇଥାଏ। ସେଥି ମଧ୍ୟରୁ ଶୀତଳା, ବଗଳାମୁଖୀ, ନବପତ୍ରିକା, ମହିଷମର୍ଦ୍ଦିନୀ, ସିଂହବାହିନୀ ଓ ଜଗଦ୍ଧାତ୍ରୀ ବେଶ ଅନ୍ୟତମ। ନବରାତ୍ରି ଉପଲକ୍ଷେ ରବିବାର ମା'ଙ୍କ ବଗଳାମୁଖୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦେଖିବାକୁ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା। ମୂଳାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ସ୍ୱତନ୍ତ୍ର ନୀତି ଅନୁଯାୟୀ ସ୍ୱତନ୍ତ୍ର ଭୋଗ କରାଯାଏ। ପ୍ରତିଦିନ ଦୁଇ ବେଳା ଚଣ୍ଡୀପାଠ କରାଯାଏ। ସକାଳ ୫ଟାରେ ମଙ୍ଗଳ ଆଳତି, ୭ଟାରେ ସାହାଣ ମେଲା, ୧୦ଟାରେ ଚଣ୍ଡୀପାଠ, ଅପରାହ୍ନ ଗୋଟାଏରେ ଅନ୍ନଭୋଗ, ମାଛପୋଡ଼ା, ମାଛ ବେସର, ଡାଲମା, ପିଠା ଭୋଗ ହୋଇଥାଏ। ଅପରାହ୍ନ ୨ଟାରେ ପହଡ଼ ପରେ ବଡ଼ସିଂହାର ଭୋଗ, ୩ଟାରେ ଦର୍ଶନ, ୬ଟାରେ ସନ୍ଧ୍ୟା ଆଳତି, ୭ଟାରେ ବଲ୍ଲଭ ଭୋଗ, ସାଢେ ୭ଟାରେ ଚଣ୍ଡୀପାଠ, ରାତି ୧୦ଟାରେ ଅନ୍ନ ଡାଲମା, କାକରା, ଦହିପଣା ଏବଂ ମହାପ୍ରସାଦ ସମର୍ପଣ ପରେ ରାତି ୧୨ଟାରେ ପହଡ଼ ହୁଏ ବୋଲି ପୂଜକ ପ୍ରକାଶ ଚନ୍ଦ୍ର ପଣ୍ଡା କହିଛନ୍ତି।

## ବିଦ୍ୟୁତ୍ ତାର ଜବତ: ୩ ଗିରଫ

କାକଟପୁର, ୧୫।୧୦ (ଶୁଭଦର୍ଶନ ମିଶ୍ର):

ଗତ କିଛିଦିନ ହେଲାଣି କାକଟପୁରରେ ଚୋରମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସୂଚନାଥାଉ କି କାକଟପୁର ବିଦ୍ୟୁତ୍ ବିଭାଗ (୧) ଅଧୀନରେ ଥିବା ବଡକଣ ନଦୀବନ୍ଧ ୬୩ କେଭି ସବ୍‌ଷ୍ଟେଶନଠାରୁ ମହାଦେବସ୍ତ କଳାସିରା ୩ କିଲୋମିଟର ପର୍ଯ୍ୟନ୍ତ ୧୧ କେଭି ଲାଇନ୍ ଟଣାଯାଇଛି। ଯେହେତୁ ଏଥିରେ କରେଣ୍ଟ ଦିଆଯାଇନାହିଁ ଚୋରମାନେ ଧୀରେ ଧୀରେ ପ୍ରାୟ ସବୁ ତାର ଚୋରିକରି ଅଞ୍ଚଳରେ ଥିବା କବାଡ଼ିଆ ଦୋକାନରେ ବିକ୍ରି କରିଦେଉଛନ୍ତି। ଏହାକୁ ନେଇ କାକଟପୁର ବିଦ୍ୟୁତ୍ ବିଭାଗର କର୍ମଚାରୀ ପ୍ରଶାନ୍ତ ତରାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି କାକଟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଉମେଶ ସାହୁଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ କାକଟପୁର ପଣ୍ଡାସାହି କେନାଲ ରୋଡ୍ ପଥରପକା ଗ୍ରାମର ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନଙ୍କଠାରୁ ପ୍ରାୟ ୬ ବଣ୍ଡଲ ତାର ଜବତ କରାଯାଇଛି।

# ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟରେ ତାଲା

ଚାରିଛକ,୧୫।୧୦(ଶିଶିର ସ୍ୱାଇଁ)

ସାଧାରଣ ଜନତାଙ୍କ ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଥିବାବେଳେ କିଛି ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏପରି ଘଟଣା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି। ଏହି ଶୌଚାଳୟ ଗତବର୍ଷ ଜାନୁଆରୀ ୯ରେ ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ଏହି ଶୌଚାଳୟରେ ଉଦ୍‌ଘାଟନର ପରଦିନଠାରୁ ଏପର୍ଯ୍ୟନ୍ତ ତାଲା ପଡ଼ି ରହିଛି। ଶୌଚାଳୟ ମଧ୍ୟରେ ବିଭିନ୍ନ ପ୍ରକାର ପତ୍ର, ଲଟା ମାଡିଯିବା ସହ ସେଠାରେ ଲାଗିଥିବା ଗ୍ରୀଲ, କବାଟ, ଝରକାରେ କଳଙ୍କି ଲାଗିଯାଇ ଉଇ ଧରିବାର ଦେଖିବାକୁ ମିଳିଛି। ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପୁରୀ, କଟକ ଓ ଖୋର୍ଦ୍ଧା ଜିଲାର ଅନେକ ଲୋକ ନିର୍ଭର କରିଥାନ୍ତି। ହେଲେ ଏଠାକୁ ଆସୁଥିବା ରୋଗୀଙ୍କ ସହଯୋଗୀମାନେ ଶୌଚ କରିବାକୁ ବିପଦପୂର୍ଣ୍ଣ ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ଯଦି ଆଗାମୀ ଦିନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ଏହି ସୁଲଭ ଶୌଚାଳୟ କାମରେ ନ ଆସେ, ତେବେ ନଷ୍ଟ ହୋଇଯିବାର ବହୁ ସମ୍ଭାବନା ରହିଛି ବୋଲି ଅଞ୍ଚଳରେ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ଦିଗରେ ପୁରୀ ଜିଲାପାଳ, ୫-ଟି ସଚିବ, ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।




## ମେକାନିକ୍‌ଙ୍କୁ ଆକ୍ରମଣ କରି ୧୨ ହଜାର ଲୁଟିଲେ

ନିମାପଡ଼ା,୧୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଜଣେ ଏସି ମେକାନିକ୍‌ଙ୍କୁ ଇଟାରେ ଆକ୍ରମଣ କରି ନିମାପଡ଼ା ବଜାରର ୩ ଯୁବକ ତାଙ୍କ ମନିପର୍ସ ସହ ୧୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଏଥିରେ ମେକାନିକ ଜଣଙ୍କ ମୁଣ୍ଡ ଫାଟି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ଏସି ମେକାନିକ୍ ଦୀପକ ସିଠ(୨୪) ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩ ଆକ୍ରମଣକାରୀ ଯୁବକଙ୍କ ବିରୋଧରେ ୩୭୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଦୀପକ ଏସିର ପାର୍ଟସ କିଣି ବସ୍‌ଷ୍ଟାଣ୍ଡରେ ଲସି ପିଉଥିଲେ। ଏହାପରେ ଅଞ୍ଚଳର ୩ ଯୁବକ ଦୀପକଙ୍କ ପାଖରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚିଥିଲେ। ତାଙ୍କ ପକେଟରୁ ୧୨ ହଜାର ଟଙ୍କା ଥିବା ମନିପର୍ସକୁ ଛଡ଼ାଇ ନେଇ ନିମାପଡ଼ା ବଜାର ଆଡ଼େ ପଳାଇଥିଲେ। ଏପରିକି ଦୀପକ ମେଡିକାଲରେ ଚିକିତ୍ସିତ ହୋଇ ମେଡିକାଲ ପାଖରେ ଠିଆ ହୋଇଥିବାବେଳେ ଆକ୍ରମଣକାରୀ ଯୁବକଙ୍କ ମୁରବିମାନେ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିବା ସିଠ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦୀପକଙ୍କ ସମ୍ପର୍କୀୟ ପୋଲିସ ନିକଟରେ ଦାବି କରିଛନ୍ତି।




ଶିଶୁ ସମାଚାର ପକ୍ଷରୁ ପୋଲିସ ଲାଇନ ସ୍କୁଲରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳନ ଅବସରରେ ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ ।

## ବିଶ୍ୱ ବିଦ୍ୟାର୍ଥୀ ଦିବସ

ପୁରୀ, ୧୫।୧୦(ଅଜିତ୍ ମହାନ୍ତି)

ପୂର୍ବତନ ରାଷ୍ଟ୍ରପତି ତଥା ମିଜାଇଲ ମ୍ୟାନ ଏ.ପି.ଜେ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ଅବସରରେ ରବିବାର ଶିଶୁ ସମାଚାର ପକ୍ଷରୁ ପୋଲିସ ଲାଇନ ସ୍କୁଲରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ଶରତ କୁମାର ରାୟଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ଉତ୍କଳ ବିଦ୍ବତ୍ ପରିଷଦ ଅକ୍ଷକ୍ଷ ମନୋଜ ରଥ, ଅବନୀଶ ରଥ, ପୂର୍ବତନ ବିଇଓ ବିଜୟଲକ୍ଷ୍ମୀ ଦାଶ, ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଅବଦୁଲ କଲାମଙ୍କ ଉପରେ ପ୍ରଶ୍ନ ମଞ୍ଚରେ କୃତକାର୍ଯ୍ୟ ହୋଇଥିବା ପିଲାମାନେ ପୁରସ୍କାର ପାଇଥିଲେ। ପ୍ରତିଯୋଗିତାକୁ ବିଜୟ ପଣ୍ଡା ସଂଯୋଜନା କରିଥିଲେ। ବକ୍ତୃତାରେ ପ୍ରତୀକ୍ଷା ମିଶ୍ର, ଜୟଶ୍ରୀ ସେଠୀ, ସ୍ମୃତିରେଖା ସାହୁ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା କନିଷ୍ଠ ବିଭାଗରେ ଦିବ୍ୟାଂଶି ମହାପାତ୍ର, ସ୍ଥିତି ପ୍ରଜ୍ଞା ଶୁଭଦର୍ଶିନୀ ବିଶ୍ୱାଳ ଓ ଆରୋଶିଖା ରଥ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ କରିଥିଲେ। ସେହିପରି ଚିତ୍ରାଙ୍କନ ବରିଷ୍ଠରେ ଅନିଷ୍ଠା ପଟ୍ଟନାୟକ, ବିଷ୍ଣୁ ଦାସ ଓ ଶ୍ରଦ୍ଧା ସ୍ୱରୂପ ନନ୍ଦ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଏବଂ କନିଷ୍ଠ ବିଭାଗର ଲକ୍ଷ୍ମୀପ୍ରିୟା ଦାସ, ଆରୋଶିଖା ରଥ, ଅଦିତି ସାମନ୍ତରାୟ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ପୋଲିସ ସ୍କୁଲର ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ପ୍ରଭାସ ଦାଶଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ କରାଯାଇଥିଲା। ରଶ୍ମି ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ୩ ଦଫା ଦାବିରେ ଆଜି କଂଗ୍ରେସର ଜନ ସମାବେଶ

ପୁରୀ, ୧୫।୧୦(ଅଜିତ୍ ମହାନ୍ତି)

ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ୩ ଦଫା ଦାବି ନେଇ ସୋମବାର ପୁରୀରେ ଏକ ଜନ ସମାବେଶ ଅନୁଷ୍ଠିତ ହେବ। ଏନେଇ ରବିବାର ଭିଆଇପି ରୋଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ପିସିସି ଉପସଭାପତି ଶିବନାରାୟଣ ରାୟ ଏବଂ ଜିଲା କଂଗ୍ରେସ କମିଟି ସଭାପତି ଜୟ ନାରାୟଣ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ମୁଖ୍ୟତଃ ୩ ଦାବି ତଥା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସୋମବାର ବିଶାଳ ଶୋଭାଯାତ୍ରା ଆୟୋଜନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ। ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ପ୍ରଶାସନ ସମ୍ମୁଖରେ ୩ ଦାବି ଉପସ୍ଥାପନ କରାଯିବ। କାର୍ତ୍ତିକ ମାସ ଆସୁଥିବାରୁ ଶ୍ରୀମନ୍ଦିରରେ ବହୁଳ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ତୁରନ୍ତ ୪ ଦ୍ୱାର ଖୋଲାଯାଉ। ରତ୍ନଭଣ୍ଡାରରେ ଥିବା ରତ୍ନ ମଣତି ଗଣତି ଓ ଏହାର ମରାମତି କରାଯାଉ। ମହାପ୍ରଭୁଙ୍କ ନାମରେ ଥିବା ଜମିଜମା ସମସ୍ୟାର ସମାଧାନ କରାଯାଉ। ଉକ୍ତ ୩ଟି ଦାବିରେ ବିଶାଳ ସମାବେଶ କରାଯାଉଛି। ସମାବେଶରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ଏବଂ ଅନ୍ୟ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଓ ଶାକ୍ତ ପରମ୍ପରା ଅନନ୍ୟ

ପୁରୀ,୧୫।୧୦(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ରବିବାର ଭକ୍ତ ସାଲବେଗ ପୀଠରେ 'ଶ୍ରୀଜଗନ୍ନାଥ ଓ ଶାକ୍ତ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ବେଦପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଶାକ୍ତ ପରମ୍ପରା ଅତି ପ୍ରାଚୀନ ତଥା ଶାକ୍ତ ପୀଠ ପୁରୀ ରୂପେ ପ୍ରସିଦ୍ଧି ଅର୍ଜନ କରିଛି। ଜଗନ୍ନାଥ ନିଜେ ଶାକ୍ତ ସ୍ୱରୂପ ବୋଲି ଷଡ଼ଙ୍ଗୀ କହିଥିଲେ। ସମ୍ପାଦକ ଡ. ଶଶିକାନ୍ତ ରଥ ସ୍ୱାଗତ ଭାଷଣ ଦେବା ସହ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ବକ୍ତା ରୂପେ ବାବା ବ୍ରଜବନ୍ଧୁ ଦାସ ଯୋଗଦେଇ ସଂକୀର୍ତ୍ତନ, ଭଜନ ଓ ଜଣାଣ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଗୁଣଗାନ ସହ ଶାକ୍ତ ପରମ୍ପରାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଶଙ୍କର୍ଷଣ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ବଳରାମ ଦାଶ ସଭାକାର୍ଯ୍ୟ ପରିଚାଳନା ସହ ଶ୍ରୀଜଗନ୍ନାଥ ଓ ଶାକ୍ତ ଚେତନାର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୌରପ୍ରିୟା ଦାଶ, ଅନାମ ଚରଣ ସାହୁ, ମନୋଜ କୁମାର ରଥ, ଦିବାକର ଷଡଙ୍ଗୀ, ବିଶିଷ୍ଟ ଅତିଥି ରୂପେ ପଣ୍ଡିତ ହରିହର କର, ଅନ୍ୟତମ ଅତିଥି ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଏବଂ ଶାକ୍ତ ପରମ୍ପରା ଅନନ୍ୟ ଓ ସମଗ୍ର ବିଶ୍ୱରେ ବିରଳ ପରମ୍ପରା ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ ସୁଧାଂଶୁବାଳା ପଟ୍ଟନାୟକ, ସଂଯୁକ୍ତା କୁମାରୀ ମହାପାତ୍ର, ଡ. ନୃସିହାନନ୍ଦ ମହାପାତ୍ର, ପୁଷ୍ପିତା ପଟ୍ଟନାୟକ ଏବଂ ପୌର୍ଣ୍ଣମାସୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତି ଦୟଣା ନାମକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଲୋଚନାଚକ୍ରରେ ପଣ୍ଡିତ ଦୟାନିଧି ପଣ୍ଡା, ଅଂଶୁମାନ ଜେନା, ସ୍ନେହଲତା ରଥ, ଡ. ଅଜୟାନନ୍ଦ ସାହୁ, ବାସୁଦେବ ସାହୁ, ଡ. ଅଜୟ କୁମାର ପାଣ୍ଡେ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ପିପିଡବ୍ଲ୍ୟୁଓ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ପାଳିତ




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ନିମାପଡ଼ା,୧୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଇଡି କଲେଜ ଓ ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ପିପିଡବ୍ଲ୍ୟୁଓ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ଦାସ, ଉପସଭାପତି, ପଦ୍ମଲୋଚନ ମହାନ୍ତି, ସାମାଜିକ କର୍ମୀ ପବିତ୍ରମୋହନ ମହାପାତ୍ର, ବିଇଡି କଲେଜର ଅଧ୍ୟକ୍ଷ ରିଜିୱାନ କରିମ, ଜନ୍ମେଜୟ ସ୍ୱାଇଁ, ସଂଯୋଜକ ପ୍ରଜ୍ଞା ପରମିତା ପରିଡ଼ା, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଧଳାବାଡ଼ି ହେଉଛି ହୃଦୟର ସ୍ପନ୍ଦନ, ଆମ ସ୍ୱାଭିମାନ, ବିପଦ ଆପଦର ସାହାରା ଓ ବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିବସର ବିଶେଷତା, ଉପଯୋଗିତା, ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ବିଦ୍ୟାଳୟ ଓ ସ୍ୱତନ୍ତ୍ର ବିଇଡି କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠାନରୁ ବାହାରି ସହର ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲା। ଇତ୍ୟବସରରେ ଅନୁଷ୍ଠାନ ପକ୍ଷରୁ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଧଳାବାଡ଼ି ବଣ୍ଟନ କରାଯାଇଥିଲା। ପ୍ରଭାତ ବେହେରା, ବିଶ୍ୱଜିତ୍ ମାହାର୍ଥା, ମନୋରଞ୍ଜନ ସାବୁତ୍, ଗିରୀଶଚନ୍ଦ୍ର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ହିଟାଚିକୁ ପିଟିଲା ବାଇକ, ୩ ଗୁରୁତର

ପିପିଲି, ୧୫।୧୦ (ପ୍ରଭାତ କୁମାର ମହାପାତ୍ର):

ରବିବାର ସନ୍ଧ୍ୟାରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଙ୍ଗଳପୁର ନିକଟବର୍ତ୍ତୀ ମଧୁବନ ଢାବାଠାରେ ଦ୍ରୁତ ଗତିରେ ଅସୁଥିବା ଏକ ବାଇକ (ଓଡି୦୨ସିଡି୬୨୭୩) ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ହିଟାଚିକୁ ଧକ୍କା ଦେବାରୁ ବାଇକରେ ଥିବା ଜଣେ ଯୁବତୀ ଓ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଡାକ୍ତର କାଳୀପ୍ରସାଦ ମିଶ୍ରଙ୍କ ସୂଚନା ଅନୁଯାୟୀ ଯୁବତୀ ବିକାଶମିତା ରାଉତ(୧୮)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ରହିଛି। ସେହିପରି ଦୁର୍ଘଟଣାରେ ଅମିତ (୨୮)ଙ୍କର ଦୁଇଟି ଗୋଡ ଭାଙ୍ଗି ଯାଇଥିବାବେଳେ ସୁବ୍ରତ ରାୟ ଚୌଧୁରୀ (୨୮)ଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି। ଅମିତ୍ ପାରାଦୀପ ଅଞ୍ଚଳର ହୋଇଥିବା ବେଳେ ସୁବ୍ରତଙ୍କ ଘର କୁଜଙ୍ଗ ଅଞ୍ଚଳରେ ବୋଲି ଜଣାଯାଇଛି। ସୂଚନାଥାଉକି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ପାଇପ୍ ବିଛା କାର୍ଯ୍ୟ ଚାଲୁଥିବାରୁ ସେଥିରେ ନିୟୋଜିତ ହିଟାଚି ରାଜପଥ ଉପରେ ରହି କାର୍ଯ୍ୟ କରୁଥିଲା। ପିପିଲି ସାତଶଙ୍ଖ ଫାଣ୍ଡି ଏଏସ୍ଆଇ ପ୍ରକାଶ ମଲ୍ଲିକ ଏବଂ ପିସିଆର୍ ଆହତମାନଙ୍କୁ ମେଡିକାଲ ପଠାଇବାରେ ସହଯୋଗ କରିଥିଲେ।

## ହାତ ଧୁଅ, ସୁସ୍ଥ ରୁହ

ଅସ୍ତରଙ୍ଗ, ୧୫।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ପରିଷ୍କାର ହାତ ଏବେ ହାତମୁଠାରେ, ହାତ ଧୁଅ, ସୁସ୍ଥ ରୁହ। ଏଭଳି ମହତ୍ ଉଦ୍ଦେଶ୍ୟ ରଖି ୨୦୦୮ ଷ୍ଟକହୋମ୍‌ଠାରେ ଅଗଷ୍ଟ ୧୭ରୁ ୨୩ ମଧ୍ୟରେ ଜନ୍ମ ନେଇଥିଲା ବିଶ୍ୱ ହାତଧୁଆ ଦିବସ। ଜାତିସଂଘର ସାଧାରଣ ସଭାରେ ତାରିଖ ନିର୍ଦ୍ଧାରଣ ହେବା ପରେ ସେହିବର୍ଷ ଅକ୍ଟୋବର ୧୫ ତାରିଖରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏହି ହାତଧୁଆ ଦିବସ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀସ୍ତରରେ ପାଳିତ ହୋଇଯାଇଛି। ଶ୍ୱାସ, ଡାଇରିଆ ଭଳି ରୋଗରୁ ଶିଶୁ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା।

## 'ଦଳୀୟ ସମର୍ଥନକୁ ନେଇ ବିରୋଧୀ ଭୟଭୀତ'

ଗୋପ,୧୫।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ବିରୋଧୀଙ୍କ କାର୍ଯ୍ୟ ହେଉଛି ବିରୋଧ କରିବା। ଆମ ଦଳର ବିକାଶମୂଳକ କାର୍ଯ୍ୟ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଦଳୀୟ ସମର୍ଥନକୁ ନେଇ ବିରୋଧୀ ଅଧିକ ମାତ୍ରାରେ ଭୟଭୀତ ହେଉଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବଣିଆସାହି ପଞ୍ଚାୟତରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ବଣିଆସାହିର ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ କଂଗ୍ରେସର ବରିଷ୍ଠ ନେତା ଭାସ୍କର ସ୍ୱାଇଁ, ଭାଜପା ଦଳର ଯୋଗେନ୍ଦ୍ର ଭୋଇ, ଜିତେନ୍ଦ୍ର ପ୍ରଧାନ, ମମତା ପ୍ରଧାନ, ମମତା ବେହେରା, ରଘୁନାଥ ସ୍ୱାଇଁ, ବବୁଲ ଭୋଇଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ପରିବାର ଦଳରେ ସାମିଲ ହୋଇଥିଲେ। ବିଜେଡି ପଞ୍ଚାୟତ ସଭାପତି ଶ୍ୟାମସୁନ୍ଦର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ରାଧାଶ୍ୟାମ ମହାନ୍ତି, ଯୁବ ପର୍ଯ୍ୟବେକ୍ଷକ ମନଦୀପ ପାଇକରାୟ, ପ୍ରଶାନ୍ତ ସ୍ୱାଇଁ, ଗଗନ ନାୟକ, ଗୋପ ବ୍ଲକ ଯୁବ ସଭାପତି ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଣ ପର୍ବରେ ବିଧାୟକ ସମୀର ରଞ୍ଜନ ଦାଶ ସାମିଲ ହୋଇଥିବା ୨ ଦଳର କର୍ମୀଙ୍କୁ ଦଳୀୟ ପତାକା ଦେଇ ପୁଷ୍ପଗୁଚ୍ଛ ସହ ସ୍ୱାଗତ କରିଥିଲେ।



ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିବା ଅନ୍ୟ ଦଳର କର୍ମୀ ।

# ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ହୁଏ ଗୋଷାଣି ଯାତ

ପୁରୀ,୧୫।୧୦(ଅଜିତ ମହାନ୍ତି):

ଧରାପୃଷ୍ଠକୁ ପାର୍ବଣର ଆଗମନ ହୋଇଥିବାବେଳେ ଜଗତ୍‌ଜନନୀ ମା' ଦୁର୍ଗା ଧରାବତରଣ କରିବେ। ଏଥିପାଇଁ ପବିତ୍ର ମୂଳାଷ୍ଟମୀ ବା ଦ୍ୱିତୀୟା ଓଷାଠାରୁ ଶ୍ରୀକ୍ଷେତ୍ରର ବିଭିନ୍ନ ପୀଠରେ ଷୋଳପୂଜା ଆରମ୍ଭ ହୋଇଛି। ପରମ୍ପରା ତଥା ନୀତି ନିୟମ ଅନୁଯାୟ, ବିଭିନ୍ନ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଚାଲିଛି। ସେହିପରି ବିଭିନ୍ନ ପୂଜା ମଣ୍ଡପରେ ଗୋଷାଣି ମୂର୍ତ୍ତି ନିର୍ମାଣ ଆଗେଇ ଚାଲିଛି। ଏଥିପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣି ପୂଜନର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ, ଯାହା ଅନ୍ୟ କୌଣସି ସ୍ଥାନରେ ଦେଖାଯାଏ ନାହିଁ। ଗୋଷାଣୀ ପୂଜନ ସପ୍ତମୀ ତିଥିରେ ଆରମ୍ଭ ହୋଇଥାଏ। ତେଣୁ ପୁରୀର ପ୍ରମୁଖ ସାତ ସାହିର ବିଭିନ୍ନ ସ୍ଥାନରେ ଗୋଷାଣୀମାନଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ସାହିର ପୂଜାମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ପୁରୀର ଗୋଷାଣୀମାନଙ୍କ ମଧ୍ୟରେ ହରଚଣ୍ଡୀ ସାହିର ମା' ବାରବାଟୀଙ୍କୁ ବଡ଼ ଭଉଣୀ ବୋଲି ବିବେଚନା କରାଯାଏ। ଅନ୍ୟମାନଙ୍କ ମଧ୍ୟରେ ଜହ୍ନିଖାଇ, ଶୂନ୍ୟ ଗୋଷାଣି, ତ୍ରିପୁରା ସୁନ୍ଦରୀ, ବନଦୁର୍ଗା, ଭୋଗଜାଗା ଗୋଷାଣି, ହାଡ଼ବାଇ, ଗେଲବାଳ, ପଣାପ୍ରିୟା, ଚକ୍ରକୋଟଙ୍କ ସହ ଅନ୍ୟ ଗୋଷାଣୀମାନେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବା ସହ ଆଶ୍ୱିନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେବୀ ସଭାରେ ଏକତ୍ର ହେବାର ପରମ୍ପରା ରହିଛି। ଗୋଷାଣି ମୂର୍ତ୍ତି ସହ ରାମାୟଣର ଅଷ୍ଟବୀର ସହ ସମ୍ପାଡ଼ି ଚଢେଇ, ବୀର ପ୍ରତୀକ ଭାବେ ନାଗା ଉପାସନା, ଶିବ ପାର୍ବତୀ, ହନୁମାନ, କୈଳାସ ସହ ଦଶାନନ ରାବଣର ମାଟି ନିର୍ମିତ ପ୍ରତିମୂର୍ତ୍ତିର ଉପାସନା ମଧ୍ୟ ଦେଖିବାକୁ ମିଳିଥାଏ। ପରମ୍ପରା ଅନୁଯାୟୀ, ଷଷ୍ଠୀ ଓଷାଠାରୁ କିଳାବାଡ଼ିଆ ହୋଇ ପାରମ୍ପରିକ ଶୈଳୀରେ ମୂର୍ତ୍ତି ନିର୍ମାଣ ଆରମ୍ଭ ହୁଏ। ପ୍ରଥମେ କିଳାରେ ଛଣ ଓ କତାରେ ବନ୍ଧା ହୁଏ। ପରେ ଏଥିରେ ମାଟି ପତଳା ଲାଗିଥାଏ। ପରେ ମାଠ କରାଯାଇ ମାଟି କନା ପକାଯାଏ। ରଙ୍ଗ ଦିଆଯାଇ ତାଙ୍କୁ ପିନ୍ଧାଇ ସଜାଇବା ସହ ବିଭିନ୍ନ ସାଜସରଞ୍ଜାମ ଲଗାଯାଇଥାଏ। ସପ୍ତମୀ ତିଥିଠାରୁ ମଣ୍ଡପରେ ପୂଜା ଆରମ୍ଭ ହୋଇଥାଏ। ଅନେକ ଗୋଷାଣୀଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଉଥିବାବେଳେ ଅନେକଙ୍କୁ ଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ତେବେ ଶ୍ରୀକ୍ଷେତ୍ରରେ ଶାରଦୀୟ ଦୁର୍ଗା ସମୟରେ ଗୋଷାଣି ପୂଜା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହନ୍ତି, ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ପରମ୍ପରା ଅନୁସାରେ ଶ୍ରୀକ୍ଷେତ୍ରରେ ଗୋଷାଣି ଯାତ ଅନୁଷ୍ଠିତ ହୋଇଥାଏ। ଶ୍ରୀକ୍ଷେତ୍ରରେ ଯେଉଁ ଦେବୀଙ୍କ ଯାତ୍ରା, ପୂଜା ଆରାଧନା ହୁଏ ତାହା ଅନ୍ୟ କେଉଁ ସ୍ଥାନରେ ଗୋଷାଣି ବୋଲି କୁହାଯାଏ ନାହିଁ। ଦେବୀଙ୍କୁ ଗୋଷାଣି କହିବାର ମଧ୍ୟ ତାତ୍ପର୍ଯ୍ୟ ରହିଛି। ପୂଜା ପରେ ଦେବୀଙ୍କୁ ବିସର୍ଜିତ କରିବା ପରେ ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ହେଉଥିବା ଦେବୀ ସଭାକୁ ଅଣାଯାଇଥାଏ। ଯେହେତୁ ବିସର୍ଜିତ ହୋଇଯିବା ପରେ ସଭାକୁ ଆସିଥାନ୍ତି ତେଣୁ ଦେବୀମାନଙ୍କୁ ଗୋଷାଣି କହିବା ସହ ଗୋଷାଣୀ ଯାତ ବୋଲି କୁହାଯାଇଥାଏ। ପୁରୀର ସାତସାହି ୪୨ କନ୍ଦିରୁ ନିୟମ ଓ ବିଧି ଅନୁସାରେ ଗୋଷାଣିଗୁଡ଼ିକ ଆସିଥାନ୍ତି। ସାହିର ଜାଗା ଆଖଡ଼ା ଏଥିରେ ସଂପୃକ୍ତ ରହିଥାନ୍ତି। ଏହା ଛଡା ପୁରୀରେ ଏହି ସମୟରେ ନାଗା ଉପାସନା ଦେଖିବାକୁ ମିଳିଥାଏ। ନାଗା ବୀର ପୁରୁଷତ୍ୱର ପ୍ରତୀକ ହୋଇଥିବା ବେଳେ ସମସ୍ତ ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଏ। ନାଗାମାନଙ୍କ ମଧ୍ୟ ପୂଜା ପରେ ବିସର୍ଜିତ କରି ସଭାକୁ ଅଣାଯାଏ। ଏହି ଶାରଦୀୟ ଦୁର୍ଗା ପୂଜାରେ ପୁରୀରେ ମଧ୍ୟ ରାମାୟଣରେ ବର୍ଣ୍ଣିତ ଅଷ୍ଟବରୀଙ୍କ ମୂର୍ତ୍ତି ସମ୍ପାଡ଼ି ଚଢେଇ ଉପରେ ବସି ପୂଜା ପାଇବା ସହ ସଭାକୁ ଆସିଥାନ୍ତି, ଯାହା ମାର୍କେଣ୍ଡେଶ୍ୱର ସାହିର ସାତବଖରା ଜାଗା ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ। ଏହି ନିଆରା ପରମ୍ପରା ପୁରୀ ଛଡା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ। ପ୍ରାଚୀନ କାଳରୁ ପରମ୍ପରା ଅନୁଯାୟୀ ଦେବୀମାନଙ୍କୁ ନିର୍ଦ୍ଦିଷ୍ଟ ଫୁଟ, ଉଚ୍ଚତା ଓ ଆଙ୍ଗୁଠି ମାପ ଅନୁଯାୟୀ ନିର୍ମାଣ କରାଯାଇଆସୁଛି। ତେବେ ଏକାଦଶୀ ତିଥିରେ ପୁରୀ ସାତ ସାହିର ଗୋଷାଣୀ ମୂର୍ତ୍ତିମାନଙ୍କର ସିଂହଦ୍ୱାର ସମ୍ମୁଖରେ ସଭା ବା ମିଳନ ହେଉଥିବା ବେଳେ ମା' ବିମଳାଙ୍କ ପ୍ରତିନିଧି ଭାବେ ବିବେଚିତ ମା' କାକୁଡ଼ିଖାଇ ସଭାକୁ ଆସି ନ ଥାନ୍ତି। ଦଶମୀ ବା ଦଶହାରା ଦିନ ମା' ନଗର ପରିକ୍ରମା କରି ବିସର୍ଜନ ହୋଇଥାନ୍ତି।



**ମୂର୍ତ୍ତି ନିର୍ମାଣରେ ମଗ୍ନ କାରିଗର**

## ସଂକ୍ଷେପରେ

### ମେକାନିକ୍‌ଙ୍କୁ ଆକ୍ରମଣ କରି ୧୨ ହଜାର ଲୁଟିଲେ

ନିମାପଡ଼ା,୧୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଜଣେ ଏସି ମେକାନିକଙ୍କୁ ଇଟାରେ ଆକ୍ରମଣ କରି ନିମାପଡ଼ା ବଜାରର ୩ ଯୁବକ ତାଙ୍କ ମନିପର୍ସ ସହ ୧୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଏଥିରେ ମେକାନିକ ଜଣଙ୍କ ମୁଣ୍ଡ ଫାଟି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ଏସି ମେକାନିକ୍ ଦୀପକ ସିଠ(୨୪) ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩ ଆକ୍ରମଣକାରୀ ଯୁବକଙ୍କ ବିରୋଧରେ ୩୭୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଦୀପକ ଏସିର ପାର୍ଟସ କିଣି ବସ୍‌ଷ୍ଟାଣ୍ଡରେ ଲସି ପିଉଥିଲେ। ଏହାପରେ ଅଞ୍ଚଳର ୩ ଯୁବକ ଦୀପକଙ୍କ ପାଖରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚିଥିଲେ। ତାଙ୍କ ପକେଟରୁ ୧୨ ହଜାର ଟଙ୍କା ଥିବା ମନିପର୍ସକୁ ଛଡ଼ାଇ ନେଇ ନିମାପଡ଼ା ବଜାର ଆଡ଼େ ପଳାଇଥିଲେ। ଏପରିକି ଦୀପକ ମେଡିକାଲରେ ଚିକିତ୍ସିତ ହୋଇ ମେଡିକାଲ ପାଖରେ ଠିଆ ହୋଇଥିବାବେଳେ ଆକ୍ରମଣକାରୀ ଯୁବକଙ୍କ ମୁରବିମାନେ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିବା ସିଠ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦୀପକଙ୍କ ସମ୍ପର୍କୀୟ ପୋଲିସ ନିକଟରେ ଦାବି କରିଛନ୍ତି।

### ବେଆଇନ ମାଟି ଉଠାଣ: ଜେସିବି, ହାଇୱା ଜବତ

ଡେଲାଙ୍ଗ,୧୫।୧୦(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର କାକୁଡ଼ିଆ ସନ୍ନିକଟ ଦୟାନଦୀ ପଠାରୁ ବେଆଇନ ମାଟି ଚୋରାଚାଲାଣ ଅଭିଯୋଗରେ ଡେଲାଙ୍ଗ ପୋଲିସ ରବିବାର ଜେସିବି ଓ ହାଇୱାକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ହରିରାଜପୁର ଫାଣ୍ଡି ଅଞ୍ଚଳ ତଥା କାକୁଡ଼ିଆ ସନ୍ନିକଟ ଦୟାନଦୀ ପଠାରୁ ଶନିବାର ରାତିରେ ବେଆଇନ ଭାବେ ମାଟି ଚୋରାଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, ଫାଣ୍ଡି ଅଧିକାରୀ ଗଦାଧର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଜେସିବି (ଓଡି ୩୩ଏବି୭୩୭୭) ଓ ହାଇୱା (ଓଡି ୦୨କେ ୨୯୧୦)କୁ ଜବତ କରିଥିବା ଆଇଆଇସି ମହାନ୍ତି ସୂଚନା ଦେଇଛନ୍ତି।

### ରାସ୍ତାରେ ଜଳିଗଲା ବାଇକ୍

ଭୁବନେଶ୍ୱର,୧୫।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ତମାଣ୍ଡୋଠାରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଏକ ବାଇକ୍ (ସିଜି୦୭ବିଆର୍‌୨୧୭୫) ଜଳିଯାଇଛି। ତମାଣ୍ଡୋ ଫାୟାର ଷ୍ଟେଶନ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ଉକ୍ତ ବାଇକ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ବାଇକ୍ ଚାଳକ ଦୀପକ କୁମାର ଜେନା ଓ ପଛରେ ବସିଥିବା ତାଙ୍କ ବାପାଙ୍କର କୌଣସି କ୍ଷତି ହୋଇନାହିଁ। ଦୀପକ ତାଙ୍କ ବାପାଙ୍କୁ ସମ୍ବଲପୁରରୁ ବାଇକ୍‌ରେ ବସାଇ ଭୁବନେଶ୍ୱର ଆସୁଥିଲେ। ଦୂର ଯାତ୍ରା ପାଇଁ ବାଇକ୍‌ଟି ଅତ୍ୟଧିକ ଉତ୍ତାପ କାରଣରୁ ନିଆଁ ଲାଗିଯାଇଥିଲା। ତମାଣ୍ଡୋ ଭି୨ ସପିଙ୍ଗ୍ ମଲ୍ ନିକଟରେ ବାଇକ୍‌ରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା।

# ଭିକାରିମୁକ୍ତ ଭୁବନେଶ୍ୱର ପାଇଁ ବିଏମ୍‌ସିର ତତ୍ପରତା

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)


କଳ୍ପନା ଛକରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଉଦ୍ଧାର କରି ଥଇଥାନ କେନ୍ଦ୍ରକୁ ନେବା ପାଇଁ ବୁଝାଶୁଝା କରାଯାଉଛି।

ରାଜଧାନୀ ଭୁବନେଶ୍ୱରରେ ରାସ୍ତାକଡ଼ରେ ଭିକ୍ଷୁକ ରହିବେ ନାହିଁ। ସହରକୁ ଭିକ୍ଷୁକମୁକ୍ତ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଭିକ୍ଷୁକ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବିଏମ୍‌ସି ମୁଖ୍ୟାଳୟରେ ବୈଠକ ହେବା ପରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳ ଯଥା ରେଳଷ୍ଟେଶନ, ବସ୍‌ଷ୍ଟପ୍, ବିଭିନ୍ନ ରାସ୍ତାକଡ଼ ଏବଂ ବିଭିନ୍ନ ମନ୍ଦିର ସମ୍ମୁଖରେ ଅବହେଳିତ ହୋଇ ପଡିଥିବା ଭିକ୍ଷୁକମାନଙ୍କୁ ଉଦ୍ଧାର କରାଯାଉଛି। ବିଶେଷକରି ସତ୍ୟନଗର ଶନିମନ୍ଦିର, ବାଣୀବିହାର ଶନିମନ୍ଦିର ତଥା ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ବସୁଥିବା ଭିକାରିଙ୍କୁ ବିଏମ୍‌ସି ଦ୍ୱାରା ପରିଚାଳିତ ବିଭିନ୍ନ ଥଇଥାନ କେନ୍ଦ୍ରକୁ ନିଆଯାଉଛି। ଭିକ୍ଷୁକମାନଙ୍କୁ ଉଦ୍ଧାର କରି ଘରୋଇ ସଂସ୍ଥା କର୍ତ୍ତୃପକ୍ଷ ଥଇଥାନ କେନ୍ଦ୍ରକୁ ନେଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଭିକାରୀଙ୍କ ଥଇଥାନ ପାଇଁ ବିଏମ୍‌ସି ନିକଟରେ ପୂର୍ବରୁ ୪ଟି ଥଇଥାନ କେନ୍ଦ୍ର ରହିଥିବାବେଳେ ଗତ ମଙ୍ଗଳବାର ଅନ୍ଧାରୁଆଠାରେ ୫ମ ଥଇଥାନକେନ୍ଦ୍ର ଖୋଲିଛି। ପ୍ରତ୍ୟେକ କେନ୍ଦ୍ରରେ ୧୦୦ ଜଣ ବାସହରାଙ୍କ ଲାଗି ସ୍ଥାନ ଥିବାବେଳେ ସେଠାରେ ସେମାନଙ୍କ ବୌଦ୍ଧିକ ବିକାଶ କରିବାକୁ ବିଏମ୍‌ସି ପକ୍ଷରୁ ପ୍ରୟାସ ଜାରିରହିଛି। ତେବେ ଭିକ୍ଷୁକମାନେ ପରବର୍ତ୍ତୀ ସମୟରେ କିଭଳି ଭିକ୍ଷାବୃତ୍ତି ନ କରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ମଧ୍ୟ ବିଏମ୍‌ସି ଦୃଷ୍ଟି ଦେଉଛି। ଯେଉଁମାନଙ୍କର ଯାହା ଦକ୍ଷତା ଅଛି ତାଙ୍କୁ ସେହି କ୍ଷେତ୍ରରେ କାମ କରାଇ ବା ଅଧିକ ଟ୍ରେନିଂ ଦେଇ ଭିକ୍ଷାବୃତ୍ତିରୁ ନିବୃତ୍ତ କରିବାକୁ ଚେଷ୍ଟା କରାଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭିକାରିଙ୍କୁ ଥଇଥାନ କେନ୍ଦ୍ରକୁ ନେବା ପାଇଁ ବିଏମ୍‌ସି ପକ୍ଷରୁ ସ୍କ୍ୱାଡ ଗଠନ କରାଯାଇଥିଲେ ବି ଯଦି କାହା ନଜରରେ ସେମାନେ ପଡନ୍ତି ତେବେ ଟୋଲ୍ ଫ୍ରି ନମ୍ବର ୧୯୨୯କୁ କଲ୍ କରି ଜଣାଇବାକୁ ଅନୁରୋଧ କରାଯାଇଛି। ଭିକ୍ଷୁକଙ୍କ ସମେତ ଥଇଥାନ କେନ୍ଦ୍ରରେ ଭିନ୍ନକ୍ଷମ, ମହିଳା ଓ ଶିଶୁ ଭିକାରିଙ୍କ ରହଣି ପାଇଁ ମଧ୍ୟ ବ୍ୟବସ୍ଥା ରହିଛି।



ଏଥେନା ବୁକ୍ସ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ଶ୍ରମଣାର ଶୋଷ', 'ନଈ ନାରୀ' ଓ 'ଅନୁପ୍ରିୟା'ର ଲୋକାର୍ପଣ କରୁଛନ୍ତି।

# ଆମ ଭାଷାର ଉନ୍ନତି ଆମର ଗୁରୁ ଦାୟିତ୍ୱ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସାହିତ୍ୟିକ ତଥା ସୁଲେଖକ ପ୍ରଫେସର ବାଉରୀବନ୍ଧୁ କରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଓ ବକ୍ତୃତା ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଆମେ ଆମ ବୃତ୍ତିରେ ଯେତେ ଆଗକୁ ଗଲେ ମଧ୍ୟ ଆମ ଭାଷା, ଜନନୀ ଓ ଜନ୍ମମାଟିକୁ କେବେବି ଭୁଲିବା ଉଚିତ ନୁହେଁ। ଅଜାଣତରେ ଆମେ ପ୍ରଗତି ପଥରେ ଯାଇ ଆମର ମାତୃଭାଷାଠାରୁ ଦୂରେଇ ଯାଉଛେ, ତେଣୁ ଆମ ଭାଷାର ଉନ୍ନତି ଆମର ଗୁରୁ ଦାୟିତ୍ୱ। ସମ୍ମାନିତ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ, ଶିଶୁ ସାହିତ୍ୟିକ ଦାଶ ବେନ୍‌ହୂର, ବିଭୁଦତ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଫେସର ବାଉରୀ ବନ୍ଧୁ ସମ୍ମାନରେ ସମ୍ମାନିତ ହେଲେ ବିଶ୍ୱରଞ୍ଜନ ଓ ଅଞ୍ଜଳି

ଏହି ସମାରୋହରେ ଡ. ବିଶ୍ୱରଞ୍ଜନ ଦାସଙ୍କୁ ପ୍ରଫେସର ବାଉରୀବନ୍ଧୁ ପ୍ରବନ୍ଧ ସମ୍ମାନ ଓ ଅଞ୍ଜଳି ସୁନାଙ୍କୁ ପ୍ରଫେସର ବାଉରୀ ବନ୍ଧୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଫେସର କରଙ୍କ ଛାତ୍ର ଶରତ କୁମାର ମହାନ୍ତିଙ୍କର ୫ମ କବିତା ସଙ୍କଳନ 'ସୁଖଭୋଗ' ଓ ଶୁଭଶ୍ରୀ କରଙ୍କର କବିତା ସଙ୍କଳନ ମୋ ଝରକାରୁ ପୃଥିବୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଫେସର କରଙ୍କ ଉପରେ ୨ଟି ନିବନ୍ଧ ପ୍ରଫେସର ସନ୍ତୋଷ ତ୍ରିପାଠୀ ଓ ଡ. କୁଳମଣି ଓଝା ଉପସ୍ଥାପନ କରିଥିଲେ। ଶୁଭାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ରୁ 'ସପ୍ତ ରୂପମ୍' ନାଟକ ଉତ୍ସବ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନବୀନ ବର୍ଣ୍ଣାଳୀ ଥିଏଟର ପକ୍ଷରୁ ଆସନ୍ତା ୧୭ରୁ ୨୫ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପଠାରେ ପ୍ରଥମଥର ପାଇଁ ନାଟକ ଉତ୍ସବ 'ସପ୍ତ-ରୂପମ୍' ଅନୁଷ୍ଠିତ ହେବ। ୭ଦିନରେ ୭ଟି ନାଟକ ମଞ୍ଚସ୍ଥ କରାଯିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ନବୀନ ବର୍ଣ୍ଣାଳୀ ଥିଏଟର ପକ୍ଷରୁ ନାଟକ 'ଭିନ୍ନ ଏକ ଗଳ୍ପ' ପରିବେଷଣ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ଲାବଣ୍ୟ ଥିଏଟର ପରିବେଷଣ କରିବ ନାଟକ 'ଭିନ୍ନ ଏକ ରାଜପୁତ୍ର'। ତୃତୀୟ ସନ୍ଧ୍ୟାରେ ବିଦ୍ୟା କନକ ସୃଜନାନୁଷ୍ଠାନ ପରିବେଷଣ କରିବ 'ଏଇ ବୋଧେ ପ୍ରେମ'। ଚତୁର୍ଥ ସନ୍ଧ୍ୟା ଡାଇନାମିକ ପ୍ଲାଟଫର୍ମ ନାଟକ 'ଶୁଣ ସୁଜନେ' ପରିବେଷଣ କରିବ। ପଞ୍ଚମ ସନ୍ଧ୍ୟାରେ ସାଇ ବିଦ୍ୟାଧର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଆମ ଘର କଥା' ମଞ୍ଚସ୍ଥ ହେବ। ସେହିପରି ଷଷ୍ଠ ସନ୍ଧ୍ୟାରେ ନବୀନ ବର୍ଣ୍ଣାଳୀ ଥିଏଟର ପକ୍ଷରୁ ନାଟକ 'ବାଇ ଚଢେଇର ଡେଣା' ଓ ଉଦ୍‌ଯାପନୀ ସନ୍ଧ୍ୟାରେ ମ୍ୟାଜିକ ଥିଏଟର ପକ୍ଷରୁ ନାଟକ 'ଯାନ୍ତ୍ରିକ' ପରିବେଷଣ କରାଯିବ। ଉତ୍ସବରେ ବହୁ ସଂଖ୍ୟକ ନାଟକପ୍ରେମୀ ଯୋଗ ଦେଇ ନାଟକ ଉପଭୋଗ କରିବାକୁ ପ୍ରେସ ବିଜ୍ଞପ୍ତିରେ ଥିଏଟରର ସଭାପତି ନବୀନ କୁମାର ପରିଡ଼ା ଜଣାଇଛନ୍ତି।

# କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)

ଭାରତୀୟ ଶିକ୍ଷାବିକାଶ ସଂସ୍ଥାନ ଓ ଡ. ଏପିଜେ ଅବଦୁଲ କଲାମ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ବୁଦ୍ଧମନ୍ଦିରଠାରେ ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଜୟନ୍ତୀ ତଥା ବିଶ୍ୱ ଛାତ୍ରଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଯୋଗଦେଇ କଲାମଙ୍କ ଆଦର୍ଶ ତଥା ପ୍ରତିଭାରେ ଅନୁପ୍ରାଣିତ ହୋଇ ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଜଗବନ୍ଧୁ ମିଶ୍ର ଯୋଗଦେଇ ରାଷ୍ଟ୍ର ସଂଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

### ଡ. ଶରତ ଚନ୍ଦ୍ର ସାହୁଙ୍କୁ 'ଡ. ଏପିଜେ ଅବଦୁଲ କାଲାମ ସମ୍ମାନ'

ଏହି ଅବସରରେ ପୂର୍ବତନ ପାଣିପାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁଙ୍କୁ 'ଡ. ଏ.ପି.ଜେ ଅବଦୁଲ କଲାମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଭାରତୀୟ ଶିକ୍ଷାବିକାଶ ସଂସ୍ଥାନ ଦ୍ୱାରା ଚୟନ ହୋଇଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ 'ଉତ୍କଳଜ୍ୟୋତି ସମ୍ମାନ', ସଂସ୍ଥାନ ଦ୍ୱାରା ଆୟୋଜିତ ବିଜ୍ଞାନମେଳାରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ୬୦ଜଣ କୁନି ବୈଜ୍ଞାନିକଙ୍କୁ 'ଡ. ଅବଦୁଲ କଲାମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାବାଦ୍ ଚିତ୍ରରେ ବିଜ୍ଞାନ ଓ ବିଜ୍ଞାନ କୁଇଜ୍‌ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ଆଚାର୍ଯ୍ୟ, ଶୈବାଳିନୀ ପରିଡ଼ା, ଶରତ କୁମାର ବିଶ୍ୱାଳ ପରିଚାଳନା କରିଥିବାବେଳେ ଗୌରାଙ୍ଗ କୁମାର ବିଶ୍ୱାଳ ସଂଯୋଜନା କରିଥିଲେ।


ବୁଦ୍ଧମନ୍ଦିରଠାରେ ରବିବାର ଅନୁଷ୍ଠିତ ଡ. ଏ.ପି.ଜେ ଅବଦୁଲ କାଲାମ ଜୟନ୍ତୀ ଓ ବିଶ୍ୱ ଛାତ୍ରଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୦ (ସୂର୍ଯ୍ୟକାନ୍ତ ବେହେରା)

ସଚେତନତା ସତ୍ତ୍ୱେ ରାଜ୍ୟରେ ସାଇବର କ୍ରାଇମ ମାମଲା ଦିନକୁ ଦିନ ବଢ଼ିଚାଲିଛି। ଏହି ଅପରାଧକୁ ରୋକିବାକୁ ବିଭିନ୍ନ ବିଭାଗ ସହଭାଗିତାରେ ଓଡ଼ିଶା ପୋଲିସ ଗତ ୩୦ ସେପ୍ଟେମ୍ବରରୁ ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ଅଭିଯାନର ଆୟୋଜନ କରିଥିଲା। ଗାନ୍ଧୀ ଜୟନ୍ତୀରୁ ୩୪ଟି ପୋଲିସ ଜିଲାରେ ସାଇବର ସୁରକ୍ଷା ରଥ ସହ ମାସ୍କଟ (ସାଇରା) ବୁଲି ସଚେତନ କରିଥିଲା। ତେବେ ଏହି ଅଭିଯାନ ରବିବାର ଉଦ୍‌ଯାପିତ ହୋଇଛି। ଅଭିଯାନର ଶୁଭାରମ୍ଭ ଦିନଠାରୁ ଏହି ରଥ ସବୁ ଜିଲା ପରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ସାଇବର ସୁରକ୍ଷାଜନିତ ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରାଇଥିଲା। ଏହି ସାଇବର ରଥ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକ, ଅଙ୍ଗନୱାଡି କେନ୍ଦ୍ର ଓ ଏସ୍‌ଏଚ୍‌ଜି ଗୋଷ୍ଠୀର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି ସାଇବର ସ୍ୱେଚ୍ଛାସେବୀମାନଙ୍କ ସହିତ ମିଶି ଘର ଘର ବୁଲି ସାଧାରଣ ଜନତାଙ୍କୁ ସାଇବର ସୁରକ୍ଷା ବିଷୟରେ ସୂଚିତ କରିଥିଲେ। ତା' ସହିତ ଭୁବନେଶ୍ୱରର ବିଭିନ୍ନ ସ୍କୁଲ, କଲେଜ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ମଧ୍ୟ କୁଇଜ୍ ଓ ଆର୍ଟ ପ୍ରତିଯୋଗିତାମାନ କରାଯାଇ ଶିକ୍ଷାର୍ଥୀମାନଙ୍କୁ ସାଇବର ଠକାମି ଓ ତା'ର ସୁରକ୍ଷା ବିଷୟରେ ଅବଗତ କରାଯାଇଥିଲା। ଏହାସହ ସାଇବର ସଚେତନତା ସମ୍ପର୍କିତ ଫଟୋ ତଥା ଭିଡିଓ ପ୍ରସାର କରାଯାଇ ଲୋକଙ୍କ ମଧ୍ୟରେ ସାଇବର ସଚେତନତାର ବାର୍ତ୍ତା ପ୍ରସାର କରାଯାଇଥିଲା, ତା' ଛଡା ବିଭିନ୍ନ ଛକ ଜାଗାରେ ପଥପ୍ରାନ୍ତ ନାଟକ ସାହାଯ୍ୟରେ ମଧ୍ୟ ଲୋକଙ୍କ ମଧ୍ୟରେ ସାଇବର ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା।


କମିଶନରେଟ ପୋଲିସ ପକ୍ଷରୁ ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପିପିଲି, ୧୫।୧୦ (ପ୍ରଭାତ କୁମାର ମହାପାତ୍ର)

ଶନିବାର ରାତିରେ ନିମାପଡା-ପିପିଲି ମୁଖ୍ୟରାସ୍ତା ଜଗନ୍ନାଥପୁର ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧଜଣକ ସ୍ଥାନୀୟ ଜଗନ୍ନାଥପୁର ବାସିନ୍ଦା ଲକ୍ଷ୍ମୀଧର ପାଣ୍ଡେ (୬୧)। ଲକ୍ଷ୍ମୀଧର ପାଣ୍ଡେ ପାଖ ବଜାରକୁ ଯାଇ ଫେରୁଥିବା ବେଳେ ନିମାପଡାରୁ ଏକ ଦ୍ରୁତଗାମୀ ବୋଲେରୋ ଗାଡି ଲକ୍ଷ୍ମୀଧରଙ୍କୁ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣାରେ ଲକ୍ଷ୍ମୀଧର ଛିଟ୍‌କିଯାଇ ରାସ୍ତା ଉପରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ପିପିଲି ମେଡିକାଲକୁ ଆଣିଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସଂପର୍କରେ ଖବରପାଇ ପିପିଲି ପୋଲିସ ମେଡିକାଲରେ ଲକ୍ଷ୍ମୀଧରଙ୍କ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ମୃତ ଲକ୍ଷ୍ମୀଧରଙ୍କ ପୁଅ ସ୍ନେହାଶିଷ ପାଣ୍ଡେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଥାନାରେ ୪୬୩/୨୩ରେ ଏକ ମାମଲା ରୁଜୁକରି ଶବକୁ ବ୍ୟବଛେଦ ନିମନ୍ତେ ପୁରୀ ପଠାଇଥିବା ଥାନା ଏସଆଇ ସନ୍ଦିପ ଦାଶ କହିଛନ୍ତି ।

# ଉତ୍କଳବୀର ସମ୍ମାନ, ସେବା ଉତ୍କଳିକା ସମ୍ମାନ ପ୍ରଦାନ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶା ସମାଜସେବୀ ମହାସଂଘର ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମେୟର ସୁଲୋଚନା ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁରେଶ କୁମାର ରାଉତରାୟ, ଉତ୍କଳ ସାମ୍ବାଦିକ

### ଓଡ଼ିଶା ସମାଜସେବୀ ମହାସଂଘର ବାର୍ଷିକୋତ୍ସବ

ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଜେଡି ରାଜ୍ୟ ସମ୍ପାଦକ ଅମରେଶ ଜେନା, କବି ଶଙ୍କର୍ଷଣ ପରିଡା, ରାଜନେତା ଅମୀୟ ପାଣ୍ଡବ, ପ୍ରେରଣା ଅଧ୍ୟକ୍ଷ ଦିଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ଚିଦାତ୍ମିକା ଖଟୁଆ, ବିଭୁତି ସାହୁ, ମନସ୍ମିତା ଜେନା, ମହାସଂଘ ଉପଦେଷ୍ଟା ଲିଙ୍ଗରାଜ ସାହୁ, ରାଜ୍ୟ ଉପସଭାପତି ସସ୍ମିତା ଦାସ, ସମ୍ପାଦକ ବାପି ମହାନ୍ତି, ଯୁବ ଉଦ୍ୟୋଗୀ ଟିଟନ ସାହୁ ଉପସ୍ଥିତ ଥିଲେ। ରାଜ୍ୟରେ କାର୍ଯ୍ୟରତ ସାମାଜିକ କର୍ମୀଙ୍କ ପାଇଁ ଦୁର୍ଘଟଣା ଜନିତ ବୀମାରାଶି ଘୋଷଣା କରାଯାଇଥିଲା। ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ସମାଜସେବୀ, ସାମ୍ବାଦିକ ଓ ବିଭିନ୍ନ ସାମାଜିକ ସଂଗଠନକୁ ଉତ୍କଳବୀର ସମ୍ମାନ ଓ ସେବା ଉତ୍କଳିକା ସମ୍ମାନ ପ୍ରଦାନ କରାଯାଇଥିଲା। ମହାସଂଘର ରାଜ୍ୟ ମହିଳା ସଭାପତି ଡ.ବନ୍ଦନା ହରିଚନ୍ଦନ ଓ ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝା ପରିଚାଳନା କରିଥିଲେ।



ଅତିଥିମାନେ ଧରିତ୍ରୀର ଫଟୋ ଖବରଦାତା ତଥା ଅଭିନେତା ମନୋରଞ୍ଜନ ମିଶ୍ର ଏବଂ ଧରିତ୍ରୀ ଲାଇଭ୍‌ର ଖବରଦାତା ଦେବୀ ପ୍ରସାଦ ସାହୁଙ୍କୁ 'ଉତ୍କଳ ବୀର' ସମ୍ମାନ ପ୍ରଦାନ କରୁଛନ୍ତି।

### ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ

# ୩୨ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ

କଟକ,୧୫।୧୦ (କାର୍ତ୍ତିକ ସାହୁ)

ନବକିଶୋର ଦାସ କ୍ରିଏଶନ ପକ୍ଷରୁ ସିଲଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ କଟକ ଶତାବ୍ଦୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶଚ୍ଚିକାନ୍ତ ନାଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଡ. ଧର୍ମଛଡ଼ା, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅରୁଣ ମହାନ୍ତି, ଇଂ. ସତ୍ୟଜିତ୍ ପାଣି, ବିଭୂତି ଭୂଷଣ ଭାରତ ଏବଂ ଡା. ସତ୍ୟ କୁମାର ଦାସ ଯୋଗଦେଇଥିଲେ। ଏଥିରେ ୩୨ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଅହମ୍ମଦ ନିଶାରଙ୍କ ନିର୍ଦ୍ଦେଶିତ ଭାରତୀୟ ଚଳଚ୍ଚିତ୍ର ହାୱାସ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏଥିସହ କୁନାଲ ବେହେରାଙ୍କ ନିର୍ଦ୍ଦେଶିତ ଡାଡି ମୁଁ ଦୁଷ୍ଟ ହେବିନି ଦ୍ୱିତୀୟ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ସଞ୍ଜୟ ରାଣା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରନାଟ୍ୟ, କାହାଣୀ ଓ ସଂଳାପ ପିଇରୋ ଟୋନିନ, ଶ୍ରେଷ୍ଠ ଅଭିନେତା



ଶତାବ୍ଦୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଶ୍ରେଷ୍ଠ ଚଳଚ୍ଚିତ୍ର 'ହାୱାସ'

ଏମ. ଜେ. ଇକ୍‌ବାଲ, ଶ୍ରେଷ୍ଠ ଅଭିନେତ୍ରୀ ସୁସ୍ମିତା ସ୍ୱାଇଁ, ଶ୍ରେଷ୍ଠ ଚରିତ୍ର ଅଭିନେତା ଡା. ଚିତ୍ତରଞ୍ଜନ ମିଶ୍ର, ଶ୍ରେଷ୍ଠ ଶିଶୁ କଳାକାର ସଜନୀ ପରିଡ଼ା, ଶ୍ରେଷ୍ଠ ଡିଓପି ଏବଂ ସମ୍ପାଦନା ପାଇଁ ଶ୍ରୀନିବାସ ଏନ.ଜିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ମୋବାଇଲ ଚଳଚ୍ଚିତ୍ର ସ୍ୱାଧୀନତାର ସ୍ୱାଭିମାନ, ଶ୍ରେଷ୍ଠ ଆନିମେଶନ ଚଳଚ୍ଚିତ୍ର ମୋଜାରତ, ଶ୍ରେଷ୍ଠ ଫିଚର ଫିଲ୍ମ ନିଆଁ ବାତ୍ୟା, ଶ୍ରେଷ୍ଠ ସମ୍ବଲପୁରୀ ଚଳଚ୍ଚିତ୍ର ମାହେଜୀ ବୁଢ଼ୀମା, ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ରଙ୍ଗମାଟି ଇନ୍ ଦି ବ୍ଲଡ୍, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ଦେଶପ୍ରେମ, ଶ୍ରେଷ୍ଠ ହାସ୍ୟ ଚଳଚ୍ଚିତ୍ର ଲଭ ଇଜ୍ ନୋ ବ୍ଲାଇଣ୍ଡକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନୁଷ୍ଠାନର ଅଧ୍ୟକ୍ଷ ତଥା ନାଟ୍ୟକାର ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ଏମ୍‌ପି ପ୍ରଶାନ୍ତ ନନ୍ଦ, ମୁଖ୍ୟବକ୍ତା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ବରେଣ୍ୟ ଅତିଥି ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ସମୀକ୍ଷକ ସୂର୍ଯ୍ୟ ଦେଓ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ ଯୋଗଦେଇଥିଲେ। ବିଚାରକ ଭାବେ କୁନା ତ୍ରିପାଠୀ, ବସନ୍ତ ସାହୁ, ଅରୁଣ ମହାନ୍ତି, ସୂର୍ଯ୍ୟ ଦେଓ ଏବଂ ସୁବାସ ରାମ ମୂଲ୍ୟାୟନ କରିଥିଲେ। ରାଜଲକ୍ଷ୍ମୀ ଦାସ, ବିଭୂତି ଭୂଷଣ ଭାରତ ଓ ପ୍ରଦେଶ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ସତ୍ୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

**ଷଣ୍ଢ ଆକ୍ରମଣରେ ବ୍ୟବସାୟୀ ଗୁରୁତର**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):ବାଙ୍କୀ ଟାଉନ ନ୍ୟାଶନାଲ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ସତ୍ୟବାନ ନାୟକ ଶନିବାର ରାତି ୧୦ଟାରେ ବାଇକ୍‌ରେ ଘରକୁ ଯାଉଥିଲେ। ଟାଉନର ଆଦିମାତା ଛକଠାରେ ଷଣ୍ଢମାନଙ୍କ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱର କିମସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।



## ସଂକ୍ଷେପରେ

### ବାଇକ୍‌ରେ ନିଆଁ ଲାଗି ଚାଳକ ଗୁରୁତର

**ନିଶ୍ଚିନ୍ତକୋଇଲି,୧୫।୧୦ (ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ସାଲେପୁର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଜିଗ୍ନିପୁର ପଞ୍ଚାୟତ ଜହ୍ନିଆ ବଜାର ନିକଟରେ ରବିବାର ଚଳନ୍ତା ବାଇକ୍‌ରେ ଆକସ୍ମିକ ଭାବେ ନିଆଁ ଲାଗିଯିବାରୁ ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ଅପରାହ୍ଣରେ ଜଣେ ବ୍ୟକ୍ତି ବାଇକ୍‌ରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ସମ୍ପୃକ୍ତ ବ୍ୟକ୍ତି ନିଆଁରେ ପୋଡି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଛନ୍ତି।

### ଶ୍ରୀମା ଶ୍ରୀଅରବିନ୍ଦଙ୍କ ସବ୍‌ଡିଭିଜନ ସ୍ତରୀୟ ପାଠଚକ୍ର

**ମାଣିଆବନ୍ଧ,୧୫।୧୦(ଅଖିଳକୁମାରସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଯୋଠାରେ ରବିବାର ସବ୍ ଡିଭିଜନସ୍ତରୀୟ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନ ଦର୍ଶନ ଉପରେ ଏବଂ ଅସୁବିଧା ସମୟରେ ମା' ସାହାଯ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନୁଷ୍ଠିତ ଆଲୋଚନା ଚକ୍ରକୁ ଆଠଗଡ଼ ଉପଖଣ୍ଡସ୍ତରୀୟ ଆବାହକ ସୁଚିତ୍ର କୁମାର ସାହୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର କୁମାର ସାଥୁଆ, ଅମ୍ରିତ ସେନାପତି, ନବଜ୍ୟୋତି ସାଥୁଆ, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଶେଷରେ ନନ୍ଦିନୀ ଅପା ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ରସାୟନ ବିଜ୍ଞାନ ଅଲିମ୍ପିୟାଡ଼

**ମାଣିଆବନ୍ଧ, ୧୫।୧୦ (ଅଖିଳ କୁମାର ସାହୁ):** ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ରବିବାର ରାଜ୍ୟସ୍ତରୀୟ ରସାୟନ ବିଭାଗ ଅଲିମ୍ପିୟାଡ଼-୨୩ ଅନୁଷ୍ଠିତ ହୋଇଯାଇଛି। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସଙ୍କ ସଞ୍ଚାଳନରେ ଅନୁଷ୍ଠିତ ପରୀକ୍ଷାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୬୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା, ଫଲଗୁନୀ ମାଝି ସହଯୋଗ କରିଥିଲେ। ଆଠଗଡ଼ ଉପଖଣ୍ଡର ଏହି ମହାବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଥିବାରୁ ଓଡ଼ିଶା ରସାୟନ ବିଭାଗ ସମିତିର ସମସ୍ତ କର୍ମକର୍ତ୍ତାମାନଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଚିସ୍ମିତା ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।

### ଶିକ୍ଷା ସଚେତନ ରଥ ପରିକ୍ରମା

**ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)** ସାଲେପୁର ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୫ଦିନ ଧରି ଶିକ୍ଷା ସଚେତନତା ରଥ ବିଭିନ୍ନ ଗ୍ରାମ, ବିଦ୍ୟାଳୟ ପରିକ୍ରମା ପରେ ରାଇସୁଙ୍ଗୁଡ଼ା କ୍ଲଷ୍ଟରର ଧର୍ମାଗତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ସଚେତନତା ରଥ ସିଆରସିସି ଅନ୍ତର୍ଯ୍ୟାମୀ ଭୋଳଙ୍କ ନେତୃତ୍ୱରେ ୫ଦିନ ବ୍ୟାପୀ ୩୫ଟି ପଞ୍ଚାୟତର ୧୩ଗୋଟି ଶିକ୍ଷା କ୍ଲଷ୍ଟରରେ ୧୨୦ରୁ ଅଧିକ ବିଦ୍ୟାଳୟ ପରିକ୍ରମା କରିଥିଲା। ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା ପରେ ବିଦ୍ୟାଳୟଗୁଡିକ ଦ୍ୱାରା ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟାସଦସ୍ୟ ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ ରଥକୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟଗୁଡିକ ଦ୍ୱାରା ବିଭିନ୍ନ ସଙ୍ଗୀତ, ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମାଗତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଇଓ ଜଗବନ୍ଧୁ ଶତପଥୀ , ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା ଓ ଅତିଥି ଭାବେ ନିର୍ମଳା ବେହେରା, ମିର୍ଜାପୁର ସରପଞ୍ଚ ଶ୍ରଦ୍ଧାଞ୍ଜଳି ସାହୁ, ଏକ୍ରାମ ରସୁଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ରାଉତ, ପରିଚାଳନା କମିଟି ସଭାପତି ଆଲୋକ ମହାନ୍ତି, ମୋ ସ୍କୁଲର ସଭାପତି ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୩୨ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ

**ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ**

■ ଶ୍ରେଷ୍ଠ ଚଳଚ୍ଚିତ୍ର 'ହାୱାସ'




ଶତାବ୍ଦୀ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ,୧୫।୧୦ (କାର୍ତ୍ତିକ ସାହୁ)** ନବକିଶୋର ଦାସ କ୍ରିଏଶନ ପକ୍ଷରୁ ସିଲଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ କଟକ ଶତାବ୍ଦୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶଶିକାନ୍ତ ନାଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଡ. ଧର୍ମଛଡ଼ା, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅରୁଣ ମହାନ୍ତି, ଇଂ. ସତ୍ୟଜିତ୍ ପାଣି, ବିଭୂତି ଭୂଷଣ ଭାରତ ଏବଂ ଡା. ସତ୍ୟ କୁମାର ଦାସ ଯୋଗଦେଇଥିଲେ। ଏଥିରେ ୩୨ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଅହମ୍ମଦ ନିଶାରଙ୍କ ନିର୍ଦ୍ଦେଶିତ ଭାରତୀୟ ଚଳଚ୍ଚିତ୍ର ହାୱାସ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏଥିସହ କୁନାଲ ବେହେରାଙ୍କ ନିର୍ଦ୍ଦେଶିତ ଡାଡି ମୁଁ ଦୁଷ୍ଟ ହେବିନି ଦ୍ୱିତୀୟ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ସଞ୍ଜୟ ରାଣା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରନାଟ୍ୟ, କାହାଣୀ ଓ ସଂଳାପ ପିଇରୋ ଟୋନିନ, ଶ୍ରେଷ୍ଠ ଅଭିନେତା ଏମ. ଜେ. ଇକ୍‌ବାଲ, ଶ୍ରେଷ୍ଠ ଅଭିନେତ୍ରୀ ସୁସ୍ମିକା ସ୍ୱାଇଁ, ଶ୍ରେଷ୍ଠ ଚରିତ୍ର ଅଭିନେତା ଡା. ଚିତ୍ତରଞ୍ଜନ ମିଶ୍ର, ଶ୍ରେଷ୍ଠ ଶିଶୁ କଳାକାର ସଜନୀ ପରିଡ଼ା, ଶ୍ରେଷ୍ଠ ଡିଓପି ଏବଂ ସମ୍ପାଦନା ପାଇଁ ଶ୍ରୀନିବାସ ଏନ.ଜିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ମୋବାଇଲ ଚଳଚ୍ଚିତ୍ର ସ୍ୱାଧୀନତାର ସ୍ୱାଭିମାନ, ଶ୍ରେଷ୍ଠ ଆନିମେଶନ ଚଳଚ୍ଚିତ୍ର ମୋଜାରତ, ଶ୍ରେଷ୍ଠ ଫିଚର ଫିଲ୍ମ ନିଆଁ ବାତ୍ୟା, ଶ୍ରେଷ୍ଠ ସମ୍ବଲପୁରୀ ଚଳଚ୍ଚିତ୍ର ମାହେଜୀ ବୁଢ଼ୀମା, ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ରଙ୍ଗମାଟି ଇନ୍ ଦି ବ୍ଲଡ୍, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର ଦେଶପ୍ରେମ, ଶ୍ରେଷ୍ଠ ହାସ୍ୟ ଚଳଚ୍ଚିତ୍ର ଲଭ ଇଜ୍ ନୋ ବ୍ଲାଇଣ୍ଡକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅନୁଷ୍ଠାନର ଅଧ୍ୟକ୍ଷ ତଥା ନାଟ୍ୟକାର ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ଏମ୍‌ପି ପ୍ରଶାନ୍ତ ନନ୍ଦ, ମୁଖ୍ୟବକ୍ତା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ବରେଣ୍ୟ ଅତିଥି ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ସମୀକ୍ଷକ ସୂର୍ଯ୍ୟ ଦେଓ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ ଯୋଗଦେଇଥିଲେ। ବିଚାରକ ଭାବେ କୁନା ତ୍ରିପାଠୀ, ବସନ୍ତ ସାହୁ, ଅରୁଣ ମହାନ୍ତି, ସୂର୍ଯ୍ୟ ଦେଓ ଏବଂ ସୁବାସ ରାମ ମୂଲ୍ୟାୟନ କରିଥିଲେ। ରାଜଲକ୍ଷ୍ମୀ ଦାସ, ବିଭୂତି ଭୂଷଣ ଭାରତ ଓ ପ୍ରଦେଶ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ସତ୍ୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ୨୬ରେ ସାମୂହିକ ଭସାଣି

**ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ପାଇଁ ବୈଠକ**

**ତିଗିରିଆ,୧୫।୧୦(ଜାଫର ଖାଁ)** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଓ ଜେମାଦେଇପୁର ଗ୍ରାମର ୪ ବଜାରରେ ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ସହ ଦଶହରା ପର୍ବ ପାଳନ ପାଇଁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ନୋଡାଲ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ବଜାର ସଂଲଗ୍ନ ୯ଟି ଗ୍ରାମର ସଭାପତି, ସମ୍ପାଦକ, ୪ ବଜାର କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜା ଗୋଟିଏ ଦିନ ବଢ଼ିବା ସହ ୨୬ ତାରିଖରେ ଦିନବେଳା ସାମୁହିକ ଭସାଣି ଉତ୍ସବ ହେବ ବୋଲି ସ୍ଥିର ହୋଇଥିଲା। ଯାତ୍ରା ଓ ଭସାଣି ସମୟରେ ମଦ, ବିକ୍ରି ଓ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବାରଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପୋଲିସ ପ୍ରଶାସନ ଓ ଦମକଳ ବିଭାଗ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବା ବୋଲି ଆଠଗଡ ଡିଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ୪ ବଜାର ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଉପଖଣ୍ଡ ଡିଏସପି ରବୀନ୍ଦ୍ର କୁମାର ମଲ୍ଲିକ, ତିଗିରିଆ ଥାନା ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସୋମନାଥ ଦାସ, ଅରୁଣ ନାୟକ, ମହେବୁବ ଅହମଦ ଖାଁ, ଜୈନୁଲ ଖାଁ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ କମିଟିର ସଦସ୍ୟମାନେ।




କଟକ ଟାଉନ୍ ହଲ୍‌ରେ ବାଇମୁଣ୍ଡି ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୁଦ୍ଧିଜୀବୀ ନାଗରିକ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

## ଅଧ୍ୟାପକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଣ୍ଟାପଡ଼ା, ୧୫।୧୦(ସୁରନାରାୟଣ ସାହୁ)** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ଶୁଭ୍ରାଂଶୁ ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖ ସକାଳେ ଶୁଭ୍ରାଂଶୁ ପାହାଳସ୍ଥିତ ବାସଭବନ ବାଥ୍‌ରୁମରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ସେ ତଳେପଡିଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ଗ୍ରାମ ପାହାଳରେ ଅନୁଷ୍ଠିତ ସଭାରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଉପରେ ଶୁଭ୍ରାଂଶୁ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଲାଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ୪ଜଣ ଛାତ୍ରୀଛାତ୍ର ନବକୃଷ୍ଣଙ୍କ ଉପରେ ଗବେଷଣା କରୁଛନ୍ତି। ନବକୃଷ୍ଣଙ୍କ ଉପରେ ତାଙ୍କ ଲିଖିତ ପୁସ୍ତକ 'ଯୋଗଜନ୍ମା ବାପି' ବହୁ ଜନାଦୃତ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଜଣାଶୁଣା ଥିଲେ। ତାଙ୍କ ଚତୁର୍ଦ୍ଦଶାହରେ ଗୋବିନ୍ଦପୁର କଲେଜ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ କହିଛନ୍ତି।

## ବିଶ୍ୱ ବିଦ୍ୟାର୍ଥୀ ଦିବସ

**ବଡମ୍ବା/ମାଣିଆବନ୍ଧ,୧୫।୧୦ (ମାୟାଧର ମଲ୍ଲିକ/ଅଖିଳ ସାହୁ)** ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ପ୍ରାଣ ଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବିନୟକୃଷ୍ଣ ମହାନ୍ତି, ମୁଖ୍ୟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ, ମୁଖ୍ୟବକ୍ତା ଭାବେ ମାଣିଆବନ୍ଧ ମହାବିଦ୍ୟାଳୟ ଇଂରାଜି ବିଭାଗ ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଧନେଶର ସ୍ୱାଇଁ, ଅଧ୍ୟାପକ ପିନାକୀ ରଞ୍ଜନ ସାହୁ ଯୋଗଦେଇଥିଲେ। ଭାରତର କ୍ଷେପଣାସ୍ତ୍ରର ଜନକ ତଥା ପୂର୍ବତନ ରାଷ୍ଟ୍ରପତି ଡ. ଏ. ପି. ଜେ ଅବଦୁଲ କାଲାମ ମୃତ୍ୟୁ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ ଦେଇଥିବାରୁ ଜାତିସଂଘ ଅନୁମୋଦନକ୍ରମେ ତାଙ୍କ ଜନ୍ମ ଦିବସ ଅକ୍ଟୋବର ୧୫କୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରାଯାଉଛି। ସେ ଖବରକାଗଜ ବିତରକ ଜୀବନ ଆରମ୍ଭରୁ ଶ୍ରେଷ୍ଠ ମିଶାଇଲ ମ୍ୟାନ ହୋଇ ପାରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତିଙ୍କ ପରିଚାଳନାରେ ସଭାକୁ ସାଧାରଣ ସମ୍ପାଦକ ଶିକ୍ଷକ ନେତା ଆଶୋକ କୁମାର ଧଳ ସଂଯୋଜନା କରିଥିଲେ। ଅତିଥିମାନେ ଡ. କଲାମଙ୍କ ତୈଳଚିତ୍ରରେ ମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାର୍ଥୀ ରାଣୀ ଦାସଙ୍କୁ 'ପ୍ରତିଭା ପତ୍ର' ପୁସ୍ତକ ପ୍ରଦାନ କରାଯାଇଥିଲା। ଅଧିକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।




ବିଶ୍ୱ ବିଦ୍ୟାର୍ଥୀ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଫୁଟବଲ୍ ପ୍ରତିଯୋଗିତା: ଢୋଲକାଠ ଚାମ୍ପିୟନ

**ବାଙ୍କୀ,୧୫।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)** ବାଙ୍କୀ ମହୋତ୍ସବ ଉପଲକ୍ଷେ ଆୟୋଜିତ ଫୁଟବଲ୍ ପ୍ରତିଯୋଗିତା ଡମପଡ଼ା ବାଘୁଆ ଖେଳପଡିଆଠାରେ ରବିବାର ଆୟୋଜିତ ହୋଇଯାଇଛି। ଫାଇନାଲ୍ ଖେଳ ଡମପଡ଼ା ଢ଼ୋଲକାଠ ଓ ବାଙ୍କୀ ପଣ୍ଡାଳମ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମିମାଂସୀତ ରହିବାରୁ ଟ୍ରାଇବ୍ରେକର ପଦ୍ଧତି ମାଧ୍ୟମରେ ୪-୨ ଗୋଲରେ ଢ଼ୋଲକାଠ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ମୋଟ୍ ୮ଟି ଦଳକୁ ନେଇ ଏହି ଫୁଟବଲ୍ ପ୍ରତିଯୋଗିତାକୁ ସରକାରୀ ଓକିଲ ଗୌରୀଶଙ୍କର ନନ୍ଦ ଉଦ୍‌ଘାଟନ କରିଥିବା ବେଳେ ଯୁବନେତା ରାକେଶ କୁମାର ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ତଥା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କଟକ ଜିଲା ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ମହୋତ୍ସବ କମିଟି ଉପସଭାପତି ସନାତନ ବେହେରା, ବାରଙ୍ଗ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ରାଉତ, କୁଶୁପଙ୍ଗି ସରପଞ୍ଚ ନରେଶ କୁମାର ବେଉରା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ଉପସଭାପତି ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ବାଙ୍କୀ କ୍ରୀଡା ସଂସଦ ସଭ୍ୟ କୃପାସିନ୍ଧୁ ପ୍ରଧାନ, ପ୍ରସନ୍ନ କୁମାର ବେହେରା ସହଯୋଗ କରିଥିଲେ। ସମସ୍ତ ମ୍ୟାଚକୁ ରେଫରୀ ଭାବେ ସଞ୍ଜୀବ ରଣା, ଏସ୍.କେ. ହାୟର, ବିଦ୍ୟାଧର ନାୟକ, ମନୋମୋହନ ନାୟକ ପରିଚାଳନା କରିଥିଲେ। ବାଘୁଆ ଗ୍ରାମର ମୁରବୀ ଶରତ ଚନ୍ଦ୍ର ନାୟକ, ପ୍ରେମାନନ୍ଦ ସ୍ୱାଇଁ ଓ ଗ୍ରାମବାସୀଙ୍କ ସହଯୋଗରେ କ୍ରୀଡା ପ୍ରତିଯୋଗିତା ହୋଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଗୋରୁ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

**ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)** ସାଲେପୁର ପୋଲିସ ରବିବାର ରାତିରେ କୁଳିଆ ବଜାର ନିକଟରେ ଗୋରୁ ବୋଝେଇ ହୋଇଥିବା ଏକ ପିକଅପ୍ ଭ୍ୟାନକୁ ଜବତ କରିଛି। ସେଥିରୁ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ଏହି ଅଭିଯୋଗରେ ପୋଲିସ ସୁକରପଡ଼ା ଗ୍ରାମର ସେକ୍ ଅନୱାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଦ୍ଧାର ହୋଇଥିବା ଗୋରୁଗୁଡିକୁ ଗୋରକ୍ଷଣୀରେ ଛାଡି ଦିଆଯାଇଛି।

## କଂଗ୍ରେସ ଆସିଲେ ଦେଶର ବିକାଶ ହେବ

**ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)** ସାଲେପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁ ସମର୍ଥକମାନଙ୍କୁ ଧରି ପଞ୍ଚାୟତର ଲୁଣାହାର ଗ୍ରାମର ଘରକୁ ଘର ବୁଲି କଂଗ୍ରେସର ବିକାଶର ବାର୍ତ୍ତା ପହଞ୍ଚାଇବା ସହ କଂଗ୍ରେସ ସରକାର ଦେଶର ସ୍ୱାଧୀନତାଠାରୁ ଆରମ୍ଭ କରି ଗରିବ ଦଳିତ ଆଦିବାସୀ ଓ ବେକାର ଯୁବତୀଯୁବକମାନଙ୍କ ପାଇଁ ସବୁବେଳେ କାର୍ଯ୍ୟ କରି ଆସୁଛି। କଂଗ୍ରେସ ଆସିଲେ ଦେଶର ବିକାଶ ହେବ ବୋଲି ଆକ୍ୟୁବ କହିଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ, ଯୁବ କଂଗ୍ରେସ କମିଟି ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, କଂଗ୍ରେସ ନେତା ସଫିଉଲ୍ ଆଲାମ୍, ଚନ୍ଦ୍ରାଦେଇପୁର କଂଗ୍ରେସ କମିଟି ସଭାପତି ଲୋକନାଥ ବେହେରା, ଚିରଞ୍ଜନ ରାଉତରାୟ, ଅଜିତ କୁମାର ପଣ୍ଡା, ଛାତ୍ରକଂଗ୍ରେସ ସଭାପତି ଫରମାନ୍ ଆତିକ୍, ବିଚିତ୍ରାନନ୍ଦ ଭୂୟାଁ, ବିଜ୍ଞାନ ଭୂୟାଁ, କୃଷ୍ଣଚନ୍ଦ୍ର ଜେନା, ସେକ୍ ଅନୱାର ଅଲ୍ଲୀ, ସେକ୍ ସୁରଜ୍ ପ୍ରମୁଖ ସାମିଲ ହୋଇଥିଲେ।

## ମଧୁସୂଦନ ନଗର ନାମରେ ନାମିତ ହେଲା ସପନପୁର ଗ୍ରାମର ନୂଆ କଲୋନୀ

**ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)** ଦୀର୍ଘଦିନ ଧରି ସପନପୁର ଗ୍ରାମର ବଜାଜ୍ ସୋରୁମ୍ ଗଳିରେ ଏକ କଲୋନୀ ସୃଷ୍ଟି ହୋଇଥିଲା। ରବିବାର ଏହାର ନାମକରଣ କରାଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ଏହି କଲୋନୀର ନାମ ମଧୁସୂଦନ ନଗର ରଖାଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ.କିଶୋର ଚନ୍ଦ୍ର ଦାସ, ଆଡ୍‌ଭୋକେଟ୍ ବିଜୟକେତନ ନାୟକ ଯୋଗଦେଇ ଏହି କଲୋନୀର ନାମକରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ସାହୁ, କବୀର ସ୍ୱାଇଁ, ଗଣେଶ୍ୱର ବେହେରା, ସୁନିଲ କୁମାର ପ୍ରତାପ, ଅମୀୟ କୁମାର ଦାସ, ସୁନାକର ନାୟକ, ଗୌରୀଶଙ୍କର ଦାଶ, ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଲୋନୀର ନାମକରଣ ଅବସରରେ ଅତିଥି ଓ ସ୍ଥାନୀୟ ବାସିନ୍ଦା।

## ଆଗାମୀ ନିର୍ବାଚନ ସମ୍ବିଧାନ ବଞ୍ଚାଇବାର ଶେଷ ନିର୍ବାଚନ : କୃଷି ମନ୍ତ୍ରୀ

**ତିଗିରିଆ ପଞ୍ଚାୟତସମିତି ବୈଠକ**

**ତିଗିରିଆ,୧୫।୧୦(ଜାଫର ଖାଁ )** ଆଗାମୀ ସାଧାରଣ ନିର୍ବାଚନ ହେଉଛି ସମ୍ବିଧାନ ବଞ୍ଚାଇବାର ଶେଷ ନିର୍ବାଚନ ବୋଲି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରବିବାର ତିଗିରିଆ ପଞ୍ଚାୟତ ସମିତି ବୈଠକରେ କହିଛନ୍ତି। ରବିବାର ପଞ୍ଚାୟତ ସମିତିର ସଦଭାବନା ଗୃହରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆସନ୍ତା ୧୯ରେ ଆମ ଓଡ଼ିଶା ନବୀନ ଓଡ଼ିଶା ନାମରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ସ୍ୱାଇଁ ଯୋଗ ଦେଇଥିଲେ। ତିଗିରିଆ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀ ବସ୍ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାକୁ ସଫଳ କରାଇବା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବିଡିଓ ପ୍ରଣବ କୁମାର ବେହେରା,କଟକ ଏମ୍‌ପିଙ୍କ ପ୍ରତିନିଧି ରୂପା ଦଳେଇ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



ପଞ୍ଚାୟତସମିତି ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପିପିଲି, ୧୫।୧୦ (ପ୍ରଭାତ କୁମାର ମହାପାତ୍ର):

ଶନିବାର ରାତିରେ ନିମାପଡା-ପିପିଲି ମୁଖ୍ୟରାସ୍ତା ଜଗନ୍ନାଥପୁର ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧଜଣକ ସ୍ଥାନୀୟ ଜଗନ୍ନାଥପୁର ବାସିନ୍ଦା ଲକ୍ଷ୍ମୀଧର ପାଣ୍ଡେ (୬୧)। ଲକ୍ଷ୍ମୀଧର ପାଣ୍ଡେ ପାଖ ବଜାରକୁ ଯାଇ ଫେରୁଥିବା ବେଳେ ନିମାପଡାରୁ ଏକ ଦ୍ରୁତଗାମୀ ବୋଲେରୋ ଗାଡି ଲକ୍ଷ୍ମୀଧରଙ୍କୁ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣାରେ ଲକ୍ଷ୍ମୀଧର ଛିଟ୍‌କିଯାଇ ରାସ୍ତା ଉପରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ପିପିଲି ମେଡିକାଲକୁ ଆଣିଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସଂପର୍କରେ ଖବରପାଇ ପିପିଲି ପୋଲିସ ମେଡିକାଲରେ ଲକ୍ଷ୍ମୀଧରଙ୍କ ମୃତଦେହକୁଜବତ କରିତଦନ୍ତ ଆରମ୍ଭ କରିଛି। ଏନେଇ ମୃତ ଲକ୍ଷ୍ମୀଧରଙ୍କ ପୁଅ ସ୍ନେହାଶିଷ ପାଣ୍ଡେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଥାନାରେ ୪୬୩/୨୩ରେ ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଥାନା ଏସଆଇ ସନ୍ଦିପ ଦାଶ କହିଛନ୍ତି ।

### ଡିଜେ ଗାଡିକୁ ଜବତ କଲା ପୋଲିସ

ପିପିଲି, ୧୫।୧୦(ପ୍ରଭାତ କୁମାର ମହାପାତ୍ର):

ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜରାସ୍ତା ଅବରୋଧ କରି ଜୋର୍ ସାଉଣ୍ଡରେ ଡିଜେ ବାଜୁଥିବାରୁ ପିପିଲି ପୋଲିସ ଏକ ଡିଜେ ଗାଡିକୁ ଜବତ କରିଛି। ଏହି ଗାଡିରେ ପ୍ରାୟ ୭୦ଲକ୍ଷ ଟଙ୍କାର ଅତ୍ୟାଧୁନିକ ସାଉଣ୍ଡ ସିଷ୍ଟମ୍ ଲଗାଯାଇଥିବା କୁହାଯାଇଛି। ସୂଚନାଥାଉକି ଶନିବାର ରାତିରେ ମଙ୍ଗଳପୁର ନିକଟ ଠଣଠଣା ଜେନାସାହିର ଗଣେଶ ଭସାଣିରେ ଏକ ଡିଜେ ଗାଡ଼ି ଜୋର୍ ସାଉଣ୍ଡ ସହ ଭୁବନେଶ୍ୱର-ପୁରୀ ମୁଖ୍ୟ ରାସ୍ତା ଅବରୋଧ କରିଥିବା ବେଳେ ସେହି ରାସ୍ତା ଦେଇ ଜଣେ ଅଧିକାରୀ ପୁରୀରୁ ଭୁବନେଶ୍ୱର ଫେରୁଥିଲେ। ରାସ୍ତା ଅବରୋଧ ଥିବାରୁ ଅଧିକାରୀ ଜଣକ ପିପିଲି ପୋଲିସର ସହାୟତା ନେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ଡିଜେ ଗାଡିକୁ ଜବତ କରିଛି।

### ମଙ୍ଗଳା ମନ୍ଦିରରେ ନବଦିନାତ୍ମକ ପୂଜା ଆରମ୍ଭ

କାକଟପୁର, ୧୫।୧୦ (ଶୁଭଦର୍ଶନ ମିଶ୍ର):

ପୁରୀ ଜିଲା କାକଟପୁରବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ଶାରଦୀୟ ପୂଜା ନିଷ୍ଠାର ସହ ଅନୁଷ୍ଠିତ ହେଉଛି। ମା' ମଙ୍ଗଳା ରାଜ୍ୟର ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଗଣାଯାଉଥିବାରୁ ପ୍ରତିଦିନ ମନ୍ଦିରରେ ଭକ୍ତଙ୍କ ସମାଗମ ହେଉଛି। ମନ୍ଦିର ମୁଖଶାଳାଠାରେ ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଦିନ ସପ୍ତଶତୀ ଚଣ୍ଡୀପାଠ କରାଯାଉଥିବାବେଳେ ପାରମ୍ପରିକ ପ୍ରଥା ଅନୁସାରେ ପାର୍ବଣ ରୋଷେଇରେ ଆମିଷ ଭୋଗ ପ୍ରସ୍ତୁତ କରାଯାଉଛି। ରବିବାରଠାରୁ ମନ୍ଦିରରେ ମା'ଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ମହାନବମୀ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବ ବୋଲି କହିଛନ୍ତି ମା'ଙ୍କ ପୂଜକ କମଳ ଲୋଚନ ଦୀକ୍ଷିତ। ରବିବାର ମା'ଙ୍କ ନାଲି କଲି ବେଶ ହୋଇଥିବା ବେଳେ ୧୬ରେ କଳା କଲି ବେଶ, ୧୭ରେ ନାଲି କଲି ବେଶ, ୧୮ରେ ତୀର କମାଣ ବା ରଘୁନାଥ ବେଶ, ୧୯ରେ କାତି ଖର୍ପର ବା କାତ୍ୟାୟନୀ ବେଶ ସହିତ ତୀର କମାଣ ଲାଗି, ୨୦ରେ ପ୍ରସିଦ୍ଧ ସିଂହବାହିନୀ ବେଶ, ୨୧ରେ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ମା'ଙ୍କ ପୂଜକ ତୁଷାର ରଞ୍ଜନ ଦୀକ୍ଷିତ ସୂଚନା ଦେଇଛନ୍ତି।

# ଗଣମାଧ୍ୟମ ସ୍ୱଚ୍ଛ, ଖବର ସତ୍ୟ ଆଧାରିତ ହେଉ

### ଓୟୁଡବ୍ଲୁଜେର ଜିଲାସ୍ତରୀୟ ସମ୍ମିଳନୀ ଓ ବନ୍ଧୁ ମିଳନ

ଖୋର୍ଦ୍ଧା, ୧୫।୧୦ (ପ୍ରଭାତ ପାଣିଗ୍ରାହୀ)


ଅତିଥିମାନେ 'ନବୀନ ପଟ୍ଟନାୟକ, ଏକ ଅନନ୍ୟ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଙ୍ଘ (ଓୟୁଡବ୍ଲୁଜେ)ଖୋର୍ଦ୍ଧା ଜିଲ୍ଲା ଶାଖାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ଆଇଓୟୁଡବ୍ଲୁଜେ କେନ୍ଦ୍ରୀୟ ସଭାପତି ଡ.ପୀତବାସ ମିଶ୍ର, ଓୟୁଡବ୍ଲୁଜେ ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ରାଜ୍ୟ ନିର୍ବାଚନ ଅଧିକାରୀ ମୁରଲୀଧର ମିଶ୍ର, ଖୋର୍ଦ୍ଧା ଜିଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇଓୟୁଡବ୍ଲୁଜେ କେନ୍ଦ୍ରୀୟ ସଭାପତି ଡ. ପୀତବାସ ମିଶ୍ର ଏବଂ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ମିତ୍ର କହିଥିଲେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ୨ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସାମ୍ବାଦିକଙ୍କ ଅନ୍ୟ ସମସ୍ୟାଗୁଡିକ ପ୍ରତି ରାଜ୍ୟ ସରକାର ବିଚାର କରୁଛନ୍ତି। ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ମହାପାତ୍ର କହିଥିଲେ, ଗଣମାଧ୍ୟମ ହେଉଛି ଜନତାଙ୍କ ସ୍ୱର। ସମାଜର ଜାଗ୍ରତ ପ୍ରହରୀ। ଗଣ ଓ ତନ୍ତ୍ର ମଧ୍ୟରେ ସେତୁବନ୍ଧୁ ଭଳି ସଂଯୋଗ ସ୍ଥାପନ କରିଥାଏ। ଗଣମାଧ୍ୟମ ସ୍ୱଚ୍ଛ, ନିରପେକ୍ଷ ଏବଂ ଖବର ସର୍ବଦା ସତ୍ୟ ଆଧାରିତ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପୀତବାସ ମିଶ୍ରଙ୍କ ଦ୍ୱାରା ଲିଖିତ 'ନବୀନ ପଟ୍ଟନାୟକ, ଏକ ଅନନ୍ୟ ବ୍ୟକ୍ତିତ୍ୱ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜିଲା ସଭାପତି ପ୍ରକାଶ କୁମାର ହାତୀ ସ୍ୱାଗତ ଭାଷଣ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଅତିଥି ପରିଚୟ, ବିବରଣୀ ପାଠ କରିଥିଲେ। ଜିଲ୍ଲା ଶାଖା ପ୍ରତିଷ୍ଠାତା ସମ୍ପାଦକ ଲଳିତ ମୋହନ ମହାପାତ୍ର ସଂଯୋଜନା କରିଥିଲେ। ସଙ୍ଘର ନୂତନ ସଦସ୍ୟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରବୀଣ ଭଞ୍ଜ, ସନ୍ତୋଷ ବାରିକ, ଗୋପାଳକୃଷ୍ଣ ଦାସ, ଆକାଶ ବିଶ୍ୱାଳ, ଜାଗେଶ୍ୱର ପ୍ରଧାନ, ଗୋବିନ୍ଦ ଖୁଣ୍ଟିଆ, ସୁବ୍ରତ ରଣା, ଲୀୟାକତ ଅଲ୍ଲୀ, ମୁଡାହାର ୟୁସୁଫ, ଜୋହେବ ହକ, ପ୍ରମୋଦ ମହାପାତ୍ର, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, କୃଷ୍ଣଚନ୍ଦ୍ର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ଦୃଷ୍ଟିବାଧିତମାନେ ହୃଦୟରୁ ସତ୍ୟ, ସୌନ୍ଦର୍ଯ୍ୟର ସନ୍ଧାନ ପାଇଥାନ୍ତି'

ଭୁବନେଶ୍ୱର, ୧୫।୧୦(ଅସମାପିକା ସାହୁ)

ଉତ୍କଳ ଦୃଷ୍ଟିହୀନ ସଂଘ ପକ୍ଷରୁ ଏସ୍‌ଭି ନିର୍‌ତାର, ଆନନ୍ଦ ଚାରିଟେବୁଲ୍ ଟ୍ରଷ୍ଟ, ଶାନ୍ତିଧାମ ଫାଉଣ୍ଡେଶନ, ସାଇଟ୍ ସେଭର୍ସ ଇଣ୍ଡିଆ ସଂଗଠନ ସହଯୋଗରେ ସତ୍ୟନଗରସ୍ଥିତ ସଂଘର ସମ୍ମିଳନୀ କକ୍ଷରେ 'ବିଶ୍ୱ ଧଳାବାଡ଼ି ଦିବସ' ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସଂଘ ସଭାପତି ସନ୍ୟାସୀ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତଙ୍କ ଶିକ୍ଷା, ବୃତ୍ତିଗତ ସଫଳତା ଓ ନିରାପତ୍ତା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଦିଲୀପ କୁମାର ରାୟ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସିନେ ଅଭିନେତା ପୃଥ୍ୱିରାଜ ଶତପଥୀ, ନୈନା ଦାସ, ଚନ୍ଦନ କର ଯୋଗଦେଇ ଦୃଷ୍ଟିବାଧିତମାନେ ହୃଦୟରୁ ସତ୍ୟ ଓ ସୌନ୍ଦର୍ଯ୍ୟର ସନ୍ଧାନ ପାଇଥାନ୍ତି ବୋଲି ପ୍ରକାଶ କରିଥିଲେ। ଦୃଷ୍ଟିବାଧିତମାନଙ୍କ ମଧ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରାୟ ପାଞ୍ଚଶହ ଧଳାବାଡ଼ି ବଣ୍ଟନ କରାଯାଇଥିଲା।

# 'ସାହିତ୍ୟିକଙ୍କ ମଧ୍ୟରେ ଅସୂୟା ଭାବ ନ ରହୁ'


ଜାତୀୟ ଅଭିଲେଖାଗାରଠାରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୧୫।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଦିଲ୍ଲୀ - ଉତ୍କଳ ଅସ୍ମିତା ପକ୍ଷରୁ ରବିବାର ଜାତୀୟ ଅଭିଲେଖାଗାରଠାରେ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ସଭାନେତ୍ରୀ ତଥା ସାହିତ୍ୟିକା ଡ. ଅନିତା ପଣ୍ଡାଙ୍କ ଲିଖିତ ଉପନ୍ୟାସ 'ଶାନ୍ତ ସକାଳ', ପ୍ରବନ୍ଧ ସଙ୍କଳନ 'ବିଗତ ଅପରାହ୍ନ' ଏବଂ ସାହିତ୍ୟିକ ଓ ଚିତ୍ରଶିଳ୍ପୀ ଉଦୟନ ସୂପକାରଙ୍କ ରଚିତ କ୍ଷୁଦ୍ର କାବ୍ୟ 'ସମଲେଇ ଗାଥା' ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ଗୀତିକାର ଡ. ଅଲେଖଚନ୍ଦ୍ର ପଡ଼ିଆରୀ ପୁସ୍ତକ ତିନୋଟିର ଉନ୍ମୋଚନ କରି କହିଲେ, ସାହିତ୍ୟିକଙ୍କ ମଧ୍ୟରେ ଅସୂୟା ଭାବ ନ ରହୁ। ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଲେଖିକା ଓ ଲେଖକ ଦ୍ୱୟ ଅଧିକରୁ ଅଧିକ ପୁସ୍ତକ ରଚନା କରିବାକୁ ପରାମର୍ଶ ଦେଇଥିଲେ। କବି ଅମରେଶ ପଟ୍ଟନାୟକ କହିଲେ, ପ୍ରବଳ ବିରୋଧାଭାସ ମଧ୍ୟରେ ଜୀବନ ଦୁର୍ବିସହ ହୋଇଯାଉଛି। ସାହିତ୍ୟିକ ବ୍ୟକ୍ତି କୈନ୍ଦ୍ରିକ ହେବା ପରିବର୍ତ୍ତେ ବିଶ୍ୱକୈନ୍ଦ୍ରିକ ହେବା ଉଚିତ। ଇନ୍ଦିରା ଦତ୍ତ ପୁସ୍ତକଗୁଡିକର ସମୀକ୍ଷା କରିଥିଲେ। ଔପନ୍ୟାସିକା ଡ. ପଣ୍ଡା ଏବେର ସାମାଜିକ ଓ ମନସାତ୍ତ୍ୱିକ ଘଟଣା ସବୁକୁ ଉପନ୍ୟାସରେ ଚିତ୍ରଣ କରିଥିବା କଥା ପ୍ରକାଶ କରିଥିଲେ। ଅନୁଷ୍ଠାନର ଉପ-ସଭାପତି ଗୁରୁ କଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କମଳ କୁମାରୀ ଦାଶ ଧନ୍ୟବାଦ ଦେଇଥିଲେ। ପୁସ୍ତକ ଉନ୍ମୋଚନ ପୂର୍ବରୁ ସାହିତ୍ୟିକ ଉଦୟନ ସୂପକାରଙ୍କ ଅନୁଷ୍ଠିତ କବିତା ପାଠୋତ୍ସବରେ କାନନ ପଟ୍ଟନାୟକ, ବୀଣାପାଣି ସାହୁ, ମନିକା ମହାପାତ୍ର, ଗୀତାଞ୍ଜଳି ପାଣି ଓ ଇନ୍ଦିରା ଦତ୍ତ ଅଂଶଗ୍ରହଣ କରିଥିଲେ। ସମାଜସେବୀ ତଥା ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ରଙ୍କୁ ଦିଲ୍ଲୀ-ଉତ୍କଳ ଅସ୍ମିତା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହିଟାଚିକୁ ପିଟିଲା ବାଇକ, ୩ ଗୁରୁତର

ପିପିଲି, ୧୫।୧୦ (ପ୍ରଭାତ କୁମାର ମହାପାତ୍ର)

ରବିବାର ସନ୍ଧ୍ୟାରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଙ୍ଗଳପୁର ନିକଟବର୍ତ୍ତୀ ମଧୁବନ ଡାବାଠାରେ ଦ୍ରୁତ ଗତିରେ ଅସୁଥିବା ଏକ ବାଇକ (ଓଡି୦୨ସିଡି୬୨୭୩) ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ହିଟାଚିକୁ ଧକ୍କା ଦେବାରୁ ବାଇକରେ ଥିବା ଜଣେ ଯୁବତୀ ଓ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଡାକ୍ତର କାଳୀପ୍ରସାଦ ମିଶ୍ରଙ୍କ ସୂଚନା ଅନୁଯାୟୀ ଯୁବତୀ ବିକାଶମିତା ରାଉତ(୧୮)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ରହିଛି। ସେହିପରି ଦୁର୍ଘଟଣାରେ ଅମିତ (୨୮)ଙ୍କର ଦୁଇଟି ଗୋଡ ଭାଙ୍ଗି ଯାଇଥିବାବେଳେ ସୁବ୍ରତ ରାୟ ଚୌଧୁରୀ (୨୮)ଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି। ଅମିତ୍ ପାରାଦୀପ ଅଞ୍ଚଳର ହୋଇଥିବା ବେଳେ ସୁବ୍ରତଙ୍କ ଘର କୁଜଙ୍ଗ ଅଞ୍ଚଳରେ ବୋଲି ଜଣାଯାଇଛି। ସୂଚନାଥାଉକି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ପାଇପ୍ ବିଛା କାର୍ଯ୍ୟ ଚାଲୁଥିବାରୁ ସେଥିରେ ନିୟୋଜିତ ହିଟାଚି ରାଜପଥ ଉପରେ ରହି କାର୍ଯ୍ୟ କରୁଥିଲା। ପିପିଲି ସାତଶଙ୍ଖ ଫାଣ୍ଡି ଏଏସ୍ଆଇ ପ୍ରକାଶ ମଲ୍ଲିକ ଏବଂ ପିସିଆର୍ ଆହତମାନଙ୍କୁ ମେଡିକାଲ ପଠାଇବାରେ ସହଯୋଗ କରିଥିଲେ।

# ଆଜିଠୁ ତିନିଦିନିଆ 'ଦିବ୍ୟ ସମାଗମ'



ପୁରୀ, ୧୫।୧୦(ଅଜିତ ମହାନ୍ତି):

ବିଶ୍ୱ ଭ୍ରାତୃତ୍ୱ ଓ ବନ୍ଧୁତ୍ୱ ନିମନ୍ତେ ଆଧ୍ୟାତ୍ମିକ ଉତ୍ସବ 'ଦିବ୍ୟ ସମାଗମ' ଶ୍ରୀଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁରୀ ହେଲିପ୍ୟାଡ଼ ନିକଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ୫ ହଜାର ସାଧୁସନ୍ଥ ଯୋଗଦେବେ। ଏ ନେଇ ଶ୍ରୀଚକ୍ରତୀର୍ଥ ରୋଡ ଗୋପୀନାଥ ଗୌଡ଼ୀୟ ମଠ ପରିସରରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଠ ସଭାପତି ବି. ବି. ବୋଧାୟନ ସ୍ୱାମୀ ମହାରାଜ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦିବ୍ୟ ସମାବେଶ ଏଚ୍.ଡି.ଜି. ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆର୍ବିଭାବ ବାର୍ଷିକୀ ଏବଂ ଏଚ୍.ଡି.ଜି. ପ୍ରଭୁପାଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ। ମୂଳ ରୂପରେ 'ଦିବ୍ୟ ସମାଗମ' ସନାତନ ଧର୍ମର ବିଶ୍ୱ ଆଧ୍ୟାତ୍ମିକ ପରମ୍ପରାକୁ ଏକତ୍ରିତ କରି ତାହାକୁ ସମ୍ମାନ ଦେବାର ପ୍ରୟାସ କରିଥାଏ। କୃଷ୍ଣ ଚେତନା, ସନାତନ ଧର୍ମ ଏବଂ ଭିନ୍ନ ଭିନ୍ନ ସନାତନ ସମ୍ପ୍ରଦାୟ ମଧ୍ୟରେ ଏକତାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ବିବିଧ ସନାତନ ସମ୍ପ୍ରଦାୟର ଆଧ୍ୟାତ୍ମିକ ନେତୃବୃନ୍ଦ, ପ୍ରବକ୍ତା ଓ ଭକ୍ତ ଗଣଙ୍କୁ ପରସ୍ପର ସହ ଯୋଡ଼ିଥାଏ। ଆଜିର ସମୟରେ ବସ୍ତୁବାଦ ଦ୍ୱାରା ସୃଷ୍ଟି ହୋଇଥିବା ଆଧ୍ୟାତ୍ମିକ ସଙ୍କଟକୁ ଦୂର କରିବା ଏବଂ ହିନ୍ଦୁ ସଂପ୍ରଦାୟରେ ବିବିଧତା ମଧ୍ୟରେ ଏକତାର ପ୍ରତିପୋଷଣ କରିବା ଉଦ୍ଦେଶ୍ୟ ରହିଛି। ଆଧ୍ୟାତ୍ମିକ ଉତ୍ଥାନ ଜ୍ଞାନ ବଣ୍ଟନ ଓ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଦର୍ଶକ ଆଧ୍ୟାତ୍ମିକ ଦୃଷ୍ଟିକୋଣ ହାସଲ କରିବେ, ଯାହା ତାଙ୍କର ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହିତ ଅନ୍ତର୍ନିହିତ ଶାନ୍ତି ଓ ସୁସ୍ଥତାକୁ ପ୍ରୋତ୍ସାହନ ଦେବ। 'ପରିବେଶ ସଚେତନତା ଗୋ ସୁରକ୍ଷା, ନଦୀ ସଂରକ୍ଷଣ ଏବଂ ଧାର୍ମିକ ପୀଠଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋଚନା' ଆମପରିବେଶ ସଂରକ୍ଷଣର ମହତ୍ତ୍ୱକୁ ନେଇ ସଚେତନତା ସୃଷ୍ଟି କରିବ।

# ଚୋରା ବାଇକ୍ କାରବାରର ପେଣ୍ଠସ୍ଥଳ କବାଡ଼ିଆ ଗୋଦାମ

ନିମାପଡ଼ା, ୧୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗୋଲେଇ ଛକ, ବିଷ୍ଣୁପୁର ଦେଉଳି ସାହି ଛକ, ହାଟ ଛକ, ନିମାପଡ଼ା ବଜାର, ମୁସଲିମ୍ ବସ୍ତି ଛକ ସମେତ ବିଭିନ୍ନ ସ୍ଥାନରେ ଥିବା ବହୁ କବାଡ଼ିଆ ଗୋଦାମ ଚୋରା ବାଇକ୍ କାରବାରର ପେଣ୍ଠସ୍ଥଳ ପାଲଟିଛି। ବାଇକ୍ ଚୋରମାନେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ଆଣି କବାଡ଼ିଆ ଗୋଦାମରେ ଖୁବ୍ କମ୍ ମୂଲ୍ୟରେ ବିକ୍ରି କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଗୋଦାମ ମାଲିକମାନେ ବାଇକରୁ ଯନ୍ତ୍ରାଂଶ, ନମ୍ବର ପ୍ଲେଟ ଖୋଲି ବିଭିନ୍ନ ଚାରି ଚକିଆ ଯାନର ପାର୍ଟସେ, ଲୁହା ସାମଗ୍ରୀକୁ ରାତାରାତି ବାହାରକୁ ଚାଲାଣ କରୁଛନ୍ତି। କେବଳ ବାଇକ୍ ନୁହେଁ, ବିଦ୍ୟୁତ୍ ତାର, ଟେଲିଫୋନ ତାର, ଲୁହା, ପାଣି ପାଇପ, ନଳକୂପ, ବିଦ୍ୟୁତ୍ ମୋଟର ଆଦିକୁ ଚୋରି କରି ଆଣି ଏହି କବାଡ଼ିଆ ଗୋଦାମଗୁଡ଼ିକରେ ଅନାୟାସରେ ବିକ୍ରି କରୁଛନ୍ତି। କବାଡ଼ିଆ ଗୋଦାମ ମାଲିକଙ୍କ ସହ ବାଇକ୍ ଚୋର, ତାର ଚୋର, ଲୁହା ସାମଗ୍ରୀ ଚୋରମାନଙ୍କ ବେଶ ମଧୁଚନ୍ଦ୍ରିକା, ସଲାସୁତରା ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ହେଲେ ଏ ଦିଗରେ ସ୍ଥାନୀୟ ପୋଲିସର ଆଦୌ ଦୃଷ୍ଟି ପଡୁ ନ ଥିବା ସ୍ପଷ୍ଟ ଜଣାପଡ଼ିଛି। ପୋଲିସ ପକ୍ଷରୁ କବାଡ଼ିଆ ଗୋଦାମଗୁଡ଼ିକ ଉପରେ ଚଢ଼ାଉ କରାଗଲେ ବହୁ ଚୋରା ବାଇକ୍ ସହ ଚୋରା ସାମଗ୍ରୀ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। କବାଡ଼ିଆ ଗୋଦାମ ମାଲିମାନେ ବହୁ ଚୋରା ଲୁହା ସାମଗ୍ରୀ କାରବାର କରି ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ସରକାରଙ୍କୁ ଆୟକର, ବାଣିଜ୍ୟକର, ଜିଏସ୍‌ଟି ନ ଦେଇ ଠକି ଚାଲିଛନ୍ତି। ଶନିବାର କ୍ରାଇମ ଇଣ୍ଟେଲିଜେନ୍ସ ବ୍ରାଞ୍ଚର ୨ ଜଣ ଅଧିକାରୀ ଆସି ନିମାପଡ଼ା ଗୋଲେଇ ଛକ, ଦେଉଳି ସାହି ଛକଠାରେ ଥିବା କେତେକ କବାଡ଼ିଆ ଗୋଦାମ ପରିଦର୍ଶନ କରି ବିଭିନ୍ନ ଗୋଦାମରେ ବହୁ ଚୋରା ସାମଗ୍ରୀ ବହୁଳ ଭାବେ ମହଜୁଦ ଥିବା ଆଶଙ୍କା କରିଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ନିମାପଡ଼ା ଅଞ୍ଚଳରେ ଥିବା କବାଡ଼ିଆ ଗୋଦାମ ଉପରେ ଚଢ଼ାଉକରିବା ସହ ଚୋରା ସାମଗ୍ରୀକୁ ଜବତ କରାଯାଇ ଏ ଦିଗରେ ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହେଉଛି।

# ରାସ୍ତାରେ ଜଳିଗଲା ବାଇକ୍

ଭୁବନେଶ୍ୱର, ୧୫।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ତମାଣ୍ଡୋଠାରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଏକ ବାଇକ୍ (ସିଜି୦୭ବିଆର୨୧୭୫) ଜଳିଯାଇଛି। ତମାଣ୍ଡୋ ଫାୟାର ଷ୍ଟେଶନ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ଉକ୍ତ ବାଇକ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତେବେ ବାଇକ୍ ଚାଳକ ଦୀପକ କୁମାର ଜେନା (୨୧) ଓ ପଛରେ ବସିଥିବା ତାଙ୍କ ବାପାଙ୍କର କୌଣସି କ୍ଷତି ହୋଇନାହିଁ। ଦୀପକ ତାଙ୍କ ବାପାଙ୍କୁ ସମ୍ବଲପୁରରୁ ବାଇକ୍‌ରେ ବସାଇ ଭୁବନେଶ୍ୱର ଆସୁଥିଲେ। ଦୂର ଯାତ୍ରା ପାଇଁ ବାଇକ୍‌ଟି ଅତ୍ୟଧିକ ଉତ୍ତାପ କାରଣରୁ ନିଆଁ ଲାଗିଯାଇଥିଲା। ତମାଣ୍ଡୋ ଭି୨ ସପିଙ୍ଗ୍ ମଲ୍ ନିକଟରେ ବାଇକ୍‌ରେ ନିଆଁ ଲାଗିଥିବା ଜଣାପଡ଼ିବା ପରେ ଦୀପକ ଓ ତାଙ୍କ ବାପା ଓହ୍ଲାଇ ପଡ଼ିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା।

# ଓଡ଼ିଆ ଭାଷା ଓ ଜାତି ପ୍ରତି ଶ୍ରଦ୍ଧା ଆବଶ୍ୟକ

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)

ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମିତି, ଭୁବନେଶ୍ୱର ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ଏକ ବୈଠକ ରବିବାର ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉପଦେଷ୍ଟା ତଥା ଗାନ୍ଧୀବାଦୀ ପଦ୍ମ ଚରଣ ନାୟକ ଯୋଗଦେଇ, ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଓଡିଆ ଭାଷା ଓ ଜାତିକୁ ଶ୍ରଦ୍ଧା କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ସମ୍ମିଳନୀ ଓଡ଼ିଆ ଜାତି ପାଇଁ କାମ କରିବା ଦରକାର ବୋଲି ମତ ରଖିଥିଲେ। ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ସାରା ରାଜ୍ୟ ବୁଲି ଉତ୍କଳ ସମ୍ମିଳନୀ ଶାଖାଗୁଡିକୁ ସକ୍ରିୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଂଯୋଜନା କରିଥିବାବେଳେ ବରିଷ୍ଠ ସଦସ୍ୟ ନଟବର ଖୁଣ୍ଟିଆ, କୋଷାଧ୍ୟକ୍ଷା ସୌଦାମିନୀ ସାମନ୍ତରାୟ, ସମ୍ପାଦିକା ବାସନ୍ତୀ ସିଂ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ବିହାଇଣ୍ଡ୍ ଦି ଉଡ୍‌ସ'ରେ ମନମୋହିଲା ଓଡ଼ିଶାର ଲୋକକଳା



ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ କଳିଙ୍ଗ କଳାକେନ୍ଦ୍ର ଟ୍ରଷ୍ଟ, ପୁଣେର ମିଳିତ ଆନୁକୂଲ୍ୟରେ ପୁଣେ ୟେରାଓ୍ୱାଡା ଆନ୍ନା ଭାଉ ସାଠେ ରଙ୍ଗ ମନ୍ଦିରଠାରେ 'ବିହାଇଣ୍ଡ୍ ଦି ଉଡ୍‌ସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୁପ୍ତ ହେବାକୁ ଲାଗିଥିବା ଲୋକକଳା, ସଙ୍ଗୀତ ତଥା ନୃତ୍ୟର ପୁନରୁଦ୍ଧାର କରିବା ସଙ୍ଗେସଙ୍ଗେ ସେମାନଙ୍କ ସମୃଦ୍ଧି ଓ ବିକାଶ ପାଇଁ ସମ୍ମିଳିତ ପ୍ରଚେଷ୍ଟା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଉତ୍ସବରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ଲୋକ ସଙ୍ଗୀତ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ଅନିନ୍ଦିତା ଦାସଙ୍କ ଓଡ଼ିଆ ଲୋକ ସଙ୍ଗୀତ, ମୟୂରଭଞ୍ଜ ଜିଲାର ଛଉ ନୃତ୍ୟ ତଥା ଗଞ୍ଜାମ ଜିଲାର ବାଘ ନୃତ୍ୟ କାର୍ଯ୍ୟକ୍ରମର ଆକର୍ଷଣ ସାଜିଥିଲା। ଏଥିସହ ଅର୍ଚ୍ଚନା ବସୁଙ୍କ ଓଡ଼ିଶୀ ନୃତ୍ୟ, ପଉଲବୀ ଚାଟାର୍ଜୀଙ୍କ ଗୌଡୀୟ ନୃତ୍ୟ, ଅନ୍ୱେଷା ସିଂଙ୍କ ଉଦୟ ଶଙ୍କରୀୟ ନାଟକ, ସାୟାନା ନନ୍ଦଙ୍କ କଥକ ନୃତ୍ୟ ସାଙ୍ଗକୁ ମହାରାଷ୍ଟ୍ରର ବିଭିନ୍ନ ଲୋକନୃତ୍ୟ ଏବଂ ପଶ୍ଚିମବଙ୍ଗର ଲୋକସଙ୍ଗୀତ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଚଞ୍ଚଳା ପାଟିଲ ଯୋଗଦେଇଥିଲେ। ଏହି ଅବସରରେ ଅନିନ୍ଦିତାଙ୍କୁ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ 'ସଙ୍ଗୀତ ଶ୍ରୀ' ଏବଂ ଅର୍ଚ୍ଚନା ବସୁଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ 'ରିତା ଦେବୀ' ସମ୍ମାନ ପ୍ରଦାନ କରାଯାଇଥିଲା। କଳିଙ୍ଗ କଳାକେନ୍ଦ୍ର ଟ୍ରଷ୍ଟର ଅଧ୍ୟକ୍ଷା ମମତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ପାଖେ ପହଞ୍ଚାଅ

କୃଷ୍ଣପ୍ରସାଦ, ୧୫।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)


କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ରବିବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ୯ନଂ. ଜୋନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଆଳ ପଞ୍ଚାୟତ ମୋରଡ଼ା ଗ୍ରାମର ବାବା ବଟେଶ୍ୱରଙ୍କ ମନ୍ଦିରଠାରୁ ପଦଯାତ୍ରା ବାହାରି ସିଆଁଣ୍ଡି ପଞ୍ଚାୟତ ଆଖଣ୍ଡଳେଶ୍ୱର ମନ୍ଦିରଠାରେ ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳର ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଜନପ୍ରତିନିଧି ଏବଂ ଦଳୀୟ କର୍ମୀଙ୍କୁ ଦାସବର୍ମା ପରାମର୍ଶ ଦେଇଥିଲେ। ଟିଟିପଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧ କୋଟି ଟଙ୍କା ଏବଂ ବଜ୍ରକୋଟ ପଞ୍ଚାୟତ କନ୍ଦାଖାଇଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। 'ଆମ ଓଡ଼ିଶା ଓ ନବୀନ ଓଡ଼ିଶା' ଯୋଜନାରେ କୃଷ୍ଣପ୍ରସାଦ ବ୍ଲକର ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଲେଖାଏ ମଞ୍ଜୁର କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ରୂପାନ୍ତରଣ ସହ ଆଧ୍ୟାତ୍ମିକ ମୂଲ୍ୟବୋଧର ଭିତ୍ତିକୁ ଆହୁରି ସୁଦୃଢ଼ କରିବ ବୋଲି ଦାସବର୍ମା କହିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ତିନି ମୌଜା ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜକିଶୋର ବିଶ୍ୱାଳ, ଗୁନୁ ମିଶ୍ର, ଜ୍ଞାନଚାନ୍ଦ ପ୍ରଧାନ, ସନ୍ଦୀପ କୁମାର ଜେନା, ଜନ୍ମେଶ୍ୱର ସାହୁ, କେଦାର ଜେନା, ବାଳକୃଷ୍ଣ ପେଣ୍ଡୋଇ, ପ୍ରଫୁଲ୍ଲ ଜେନା, ସରୋଜିନୀ ତରେଇ, ବିଜୟ ତରେଇ, ଶକୁନ୍ତଳା ଗଡ଼ୁ, ରତ୍ନାବାଳା ବେହେରା, ମାଳିନୀ ଦାଳାଇ, ଯୁଧିଷ୍ଠିର ନାୟକ, ଶାନ୍ତନୁ ମାଝୀ, ବସନ୍ତ ବିଶ୍ୱାଳ, ରବୀନ୍ଦ୍ର ମାଝୀ, ଅଜୟ ପଲେଇ, ଆଦିତ୍ୟ ରଞ୍ଜନ ପଲେଇ, ଦିଲୀପ ରଣସିଂହ, ଅଭୟ କୁମାର ମହାପାତ୍ର, ଅଞ୍ଜଳ କୁମାର ବିଶ୍ୱାଳ, ଶିବ ପ୍ରସାଦ ଦଳାଇ ଉପସ୍ଥିତ ଥିଲେ।

# ସୌଭାଗ୍ୟ ନଗରରେ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋ'ରୁମ୍

## ଭୁବନେଶ୍ୱରରେ ୩ୟ ଏବଂ ଓଡ଼ିଶାରେ ୮ମ ଷ୍ଟୋର

ଭୁବନେଶ୍ୱର,୧୫।୧୦ (ଅଭୟ ଦାଶ)



ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋ'ରୁମ୍ ରବିବାର ଭୁବନେଶ୍ୱରର ସୌଭାଗ୍ୟ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ଚେୟାରମ୍ୟାନ୍ ଦୀନେଶ ଖିମ୍‌ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ କିଶୋର ଖିମ୍‌ଜୀ, ନିର୍ଦ୍ଦେଶକ ମିତେଶ ଖିମଜୀ ଏବଂ ସୁମିତ୍ ଖିମ୍‌ଜୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ୫୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଶୋ'ରୁମ୍‌ରେ ରୁପା ଅଳଙ୍କାର ସମେତ ହଲ୍‌ମାର୍କ ସୁନା, ହୀରା ଏବଂ ପ୍ଲାଟିନମ୍ ଅଳଙ୍କାରର ଏକ ବିସ୍ତୃତ ସଂଗ୍ରହମାନ ଏଠାରେ ମଧ୍ୟ ଉପଲବ୍ଧ ରହିଛି। ଏହାବ୍ୟତୀତ ପୁରୁଣା ସୁନା ଅଳଙ୍କାରର ବଦଳ (ଏକ୍ସଚେଞ୍ଜ୍) ସୁବିଧା ମଧ୍ୟ ଏଠାରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଭୁବନେଶ୍ୱରରେ ଆମେ ଆମର ୩ୟ ଏବଂ ଓଡିଶାର ୮ମ ଷ୍ଟୋର୍ ଖୋଲି ବେଶ୍ ଉତ୍ସାହିତ ଅଛୁ, ବିଶେଷକରି ଆମର ଆକର୍ଷଣୀୟ ଅଳଙ୍କାର ଏବଂ ସର୍ବୋଚ୍ଚ ଗ୍ରାହକ ସେବାକୁ ପାଥେୟ କରି ଆମେ ଉଭୟ ସୌଭାଗ୍ୟ ନଗର ଅଞ୍ଚଳ ସମେତ ସହରବାସୀଙ୍କ ନିକଟତର ହେବା ପାଇଁ ବ୍ୟାପକ ପ୍ରୟାସ ଓ ଯୋଜନା କରିଛୁ। ଅପରପକ୍ଷରେ ଭୁବନେଶ୍ୱରର ଆମର ପ୍ରିୟ ଗ୍ରାହକଙ୍କ ପାଇଁ ଆମର ବ୍ରାଣ୍ଡକୁ ଅଧିକ ସୁଗମ କରିବା ହେଉଛି ଆମର ଲକ୍ଷ୍ୟ। ଏହି ସମ୍ପ୍ରସାରଣ ଗ୍ରାହକଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବା ପାଇଁ ରହିଥିବା ଆମର ଦାୟିତ୍ୱକୁ ପ୍ରତିଫଳିତ କରିବ। ସେହିଭଳି ଖିମ୍‌ଜୀ ଜୁଏଲର୍ସରେ ରିଟେଲ୍‌ଡ୍ ହୋଇଥିବା ସମସ୍ତ ଅଳଙ୍କାର ବିଆଇଏସ୍ ହଲ୍‌ମାର୍କ ଏବଂ ସମସ୍ତ ହୀରା ଆଇଜିଆଇ ସାର୍ଟିଫାୟାର୍ଡ ଅଟେ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଖିମଜୀର ଏହା ଅଷ୍ଟମ ଶୋ'ରୁମ୍ ହୋଇଥିବାବେଳେ ଭୁବନେଶ୍ୱରରେ ୩ୟ ଆଉଟଲେଟ ସୌଭାଗ୍ୟ ନଗରଠାରେ ଶୁଭାରମ୍ଭ ହୋଇଛି। ଏହା ପୂର୍ବରୁ ଭୁବନେଶ୍ୱରର ଶହୀଦନଗର ଏବଂ ଚନ୍ଦ୍ରଶେଖରପୁରଠାରେ ଖିମଜୀର ଏକ୍ସକ୍ଲୁସିଭ ଆଉଟଲେଟ ରହିଛି।

# ଗ୍ରାଣ୍ଡ୍ ବଜାରରେ ଟିଏମ୍ ହୋଲ୍‌ସେଲ ଷ୍ଟୁଡିଓ

କଟକ,୧୫।୧୦



ରାଜ୍ୟର ସର୍ବପୁରାତନ ତଥା ଜଣାଶୁଣା ଗାର୍ମେଣ୍ଟ ବ୍ୟବସାୟ ସଂସ୍ଥା ଟିଏମ୍ ଯୋଗେଶ ଟେକ୍ସଟାଇଲ ପ୍ରାଇଭେଟ ଲିମିଟେଡର ଏକ୍ସକ୍ଲୁସିଭ ଆଉଟଲେଟ 'ଟିଏମ୍ ହୋଲ୍‌ସେଲ ଷ୍ଟୁଡିଓ' ରବିବାର ଫୁଲନଖରା ନିକଟସ୍ଥ ଗ୍ରାଣ୍ଡ୍ ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜୈନ ଶ୍ୱେତାମ୍ବର ତେରାପନ୍ଥ ମହାସଭାର ସଭାପତି ମନସୁଖଲାଲ ସେଠିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେରାପନ୍ଥ ସଭାର ଅଧ୍ୟକ୍ଷ କଚ୍ଛରାଜ ଚୌତାଲା, ଲାଲାଜୀ ମୋହତା, ରାଜେନ୍ଦ୍ର ଲୁଣିଆ, ମୁକେଶ ଭାଲୁ, ଲଳିତ ପଟ୍ଟୱାରୀ, ଯଶବନ୍ତ ଜୈନଙ୍କ ସମେତ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମିଳନୀ ପୂର୍ବ ଓଡ଼ିଶାର ପ୍ରାନ୍ତୀୟ ଅଧ୍ୟକ୍ଷ ନଥମଲ ଚିନାନୀ, ଗଣେଶ କାଣ୍ଡୋଇ, ସୁରେଶ ପୋଦ୍ଦାର, ନନ୍ଦ କିଶୋର ଯୋଶୀ, ରାଜେଶ ଅଗ୍ରୱାଲ, କମଲ ସିକାରିଆ, ଦିନେଶ ଯୋଶୀ, ରାଜକୁମାର ଶର୍ମା, ସୁଭାଷ କେଡିଆ,ଶ୍ରୀଲାଲ ମୋହତା,ସୁଭାଷ ଚନ୍ଦ୍ର ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷ କରି ୧୦୦୦୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଦେଶର ସମସ୍ତ ବ୍ରାଣ୍ଡେଡ ଏବଂ ନାମୀଦାମୀ କମ୍ପାନୀର ଶାଢ଼ି, ଧୋତି, ଚାଦର, ଲୁଙ୍ଗି ଏବଂ ଗାମୁଛା ସମେତ ସମସ୍ତ ବର୍ଗର ପୋଷାକ ସୁଲଭ ଓ ହୋଲ୍‌ସେଲ ଦରରେ ଉପଲବ୍ଧ ବୋଲି ଷ୍ଟୁଡିଓର ସ୍ୱତ୍ୱାଧିକାରୀ ମୋହନଲାଲ ଜୈନ, ଯୋଗେଶ କୁମାର ଜୈନ ଏବଂ ବିନୟ କୁମାର ଜୈନ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଛନ୍ତି।

# ଆଇସିଆଇସିଆଇ ବ୍ୟାଙ୍କର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୧୦

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଉତ୍ପାଦ 'ଆଇ-ଫାଇନାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଗ୍ରାହକମାନେ ସଞ୍ଚୟ ଓ ଚଳନ୍ତି ଖାତାକୁ ଗୋଟିଏ ସ୍ଥାନରେ ଏକସଙ୍ଗେ ଦେଖିବାର ସୁଯୋଗ ପାଇବେ। ଏପରିକି ଉକ୍ତ ସୁବିଧାକୁ ଅନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ହାସଲ କରିପାରିବେ। ସେହିଭଳି ବ୍ୟାଙ୍କର ଡିଜିଟାଲ୍ ପ୍ଲାଟଫର୍ମ ଆଇ-ମୋବାଇଲ୍ ପେ' ଆପ୍, ରିଟେଲ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଓ ଇନଷ୍ଟାବିଜ୍ ଭଳି ଆକାଉଣ୍ଟ୍ ଏଗ୍ରିଗେଟର ବ୍ୟବସ୍ଥା ଜରିଆରେ ସେମାନେ ଏହାର ଲାଭ ପାଇପାରିବେ। ସମସ୍ତ ଆକାଉଣ୍ଟର ଏକକ ଡ୍ୟାସ୍‌ବୋର୍ଡ ଭାବେ ଆଇ ଫାଇନାନ୍ସ କାର୍ଯ୍ୟ କରିବ। ଏପରିକି ଗ୍ରାହକମାନେ ଖାତା ବାଲାନ୍ସ ଯାଞ୍ଚ କରିପାରିବେ, ବ୍ୟୟ ଢାଞ୍ଚା ଉପରେ ମୂଲ୍ୟବାନ ସୂଚନା ହାସଲ କରିପାରିବେ ଏବଂ ଖାତା ଷ୍ଟେଟମେଣ୍ଟ ଡାଉନ୍‌ଲୋଡ୍ କରିବା ଭଳି ବହୁ ସୁବିଧା ମଧ୍ୟ ପାଇପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସିଦ୍ଧାର୍ଥ ମିଶ୍ରା କହିଛନ୍ତି, ଆମ ଗ୍ରାହକମାନଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ ଓ ଅଭିନବ ଡିଜିଟାଲ୍ ସମାଧାନ ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ଆଇ-ଫାଇନାନ୍ସର ଶୁଭାରମ୍ଭ ସହିତ ଖାତା ତଥ୍ୟକୁ ଗୋଟିଏ ସ୍ଥାନରେ ଦେଖିବା ଏବଂ ସେମାନଙ୍କ ଫାଇନାନ୍ସ ଉପରେ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିବା ଲାଗି ଆମ ଗ୍ରାହକଙ୍କ ସମେତ ଅନ୍ୟ ଗ୍ରାହକମାନଙ୍କୁ ତାହା ସକ୍ଷମ କରିବ। ଆକାଉଣ୍ଟ ଏଗ୍ରିଗେଟର ବ୍ୟବସ୍ଥାକୁ ବ୍ୟବହାର କରି ଗ୍ରାହକମାନଙ୍କୁ ମୁକ୍ତ ବ୍ୟାଙ୍କିଙ୍ଗର ସୁବିଧା ପ୍ରଦାନ କରିବା ନିମନ୍ତେ ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏଥିରେ ରହିଥିବା ସ୍ୱତନ୍ତ୍ର ସୁବିଧା ଜରିଆରେ ବ୍ୟବହାରକାରୀମାନେ ଏକ ସୁରକ୍ଷିତ ଓ ନିରାପଦ ଭାବେ ନିଜ ବ୍ୟୟ ଢାଞ୍ଚାର ଅନୁଶୀଳନ କରି ତାହାର ପରିଚାଳନା କରିପାରିବେ।

# ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ

ଭୁବନେଶ୍ୱର,୧୫।୧୦

ଆଦାନୀ ଫାଉଣ୍ଡେଶନର ପ୍ରମୁଖ ସଂସ୍ଥା ଆଦାନୀ ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର(ଏଏସ୍‌ଡିସି)କୁ ନିକଟରେ ସମ୍ମାନଜନକ 'ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ-ଟାଟା କମ୍ୟୁନିକେଶନ୍ସ ସେଣ୍ଟର ଫର୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ ଦିଆଯାଇଛି। ବିଶେଷକରି ଏଏସ୍‌ଡିସି ତା'ର ସକ୍ଷମ କାର୍ଯ୍ୟକ୍ରମ ଜରିଆରେ ନବସୃଜନର ଉତ୍କର୍ଷ ଆଣିବା ଲାଗି ସେଣ୍ଟରର ପ୍ରତିବଦ୍ଧତାର ଏହି ପୁରସ୍କାର ହେଉଛି ପ୍ରମାଣ। ଉକ୍ତ ପ୍ରକଳ୍ପରେ ୱେଲଡର, ଇଲେକ୍ଟ୍ରିସିଆନ, ଭାରିଯାନ ଚାଳକ, କ୍ରେନ ଅପରେଟର ଆଦିଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ସିମୁଲେଟର କେନ୍ଦ୍ରରେ ଅଗମେଣ୍ଟେଡ ରିଅଲିଟି (ଏଆର୍), ଭର୍ଚୁଆଲ ରିଅଲିଟି (ଭିଆର୍) ଓ ମିକ୍ସଡ ରିଅଲିଟି (ଏମ୍ଆର୍) ପ୍ରଯୁକ୍ତି ଆଦି ସାମିଲ ରହିଛି।

ଏ ସମ୍ପର୍କରେ ଏଏସ୍‌ଡିସିର ସିଓଓ ଯତୀନ ତ୍ରିବେଦୀ କହିଛନ୍ତି, ଏଭଳି ଏକ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ । ପ୍ରଯୁକ୍ତିର ବ୍ୟବହାର ଜରିଆରେ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ପ୍ରସାର କରିବା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରୂପାନ୍ତରିତ ଶିକ୍ଷାଗତ ଅଭିଜ୍ଞତା ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହୋଇଥିବା ବେଳେ ବିଭିନ୍ନ ଶିଳ୍ପରେ ଦକ୍ଷତା ଅନ୍ତରକୁ ଦୂର କରୁଛି, ଦକ୍ଷତା ବିକାଶ ଜରିଆରେ ଜୀବନକୁ ସମୃଦ୍ଧ କରିବାର ଲକ୍ଷ୍ୟ ପ୍ରତି ଆମେ ସଂକଳ୍ପବଦ୍ଧ ରହିଛୁ। ବିଶ୍ୱର ପ୍ରଥମ ସଂସ୍ଥା ଭାବେ ମେଟାଭର୍ସରେ ଦକ୍ଷତା କେନ୍ଦ୍ର ସ୍ଥାପନ କରିବାର ମାନ୍ୟତା ଏଏସଡିସି ନାମରେ ରହିଛି।




କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ସନି ମୋଟର୍ସର ଅମରଜିତ୍ ସିଂ, ଅର୍ସଦୀପ ସିଂ ଏବଂ ହିରୋ ମୋଟକର୍ପର ଏଏସ୍ଏମ୍ ହର୍ଷବର୍ଦ୍ଧନଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ ହୋଇଯାଇଛି।

## ଓଡ଼ିଶା ବଜାରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦

ଭୁବନେଶ୍ୱର, ୧୫।୧୦

ହିରୋ ମୋଟକର୍ପ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରଗୁଡ଼ିକ ଜରିଆରେ ଉକ୍ତ ମଡେଲକୁ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। ବିଶେଷକରି କମ୍ପାନୀର ଉକ୍ତ ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ନୂତନ ସୁବିଧା ସଂଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ୩ଟି ଭାରିଆଣ୍ଟ ସହିତ ୪ଟି ଆକର୍ଷଣୀୟ କଲର(ରଙ୍ଗ)ରେ ଉପଲବ୍ଧ ହେଉଥିବାବେଳେ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ ନୂଆଦିଲ୍ଲୀ) ୨,୭୭,୬୪୦ ଟଙ୍କା ରହିଛି।




କଟକ ପ୍ରଫେସରପଡାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ଜେଏମ୍‌ଜି ଅଟୋମୋବାଇଲ୍ସର ଏମ୍‌ଡି ପ୍ରଦୀପ ଅଗ୍ରୱାଲ, ହିରୋ ମୋଟକର୍ପର ଏଏସ୍ଏମ୍ ହର୍ଷବର୍ଦ୍ଧନଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ କରାଯାଇଛି।

# ମେରି ସହେଲିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୫।୧୦

ରାଜ୍ୟର ସର୍ବ ପୁରାତନ କସ୍‌ମେଟିକ୍ସ ରିଟେଲ ଆଣ୍ଡ ସେଲୁନ୍ ସପ୍ଲାଏ ଚେନ୍ ମେରି ସହେଲିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ରବିବାର ବିଜେବି ନଗରସ୍ଥିତ ବିଜେଇଏମ୍ ସ୍କୁଲ ନିକଟରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରେଣୁକା ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ସେଠିଆ, ଜୁଗଲ ସେଠିଆ, ବିକାଶ ସେଠିଆ, ଅଙ୍କିତା ସେଠିଆ ଏବଂ ପ୍ରତିକ୍ ଜୈନ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମେରି ସହେଲିର ମୁଖ୍ୟ କମଳ ସେଠିଆ କହିଛନ୍ତି, ଗ୍ରାହକଙ୍କ ନିକଟତର ହେବା ସହ ସୁଲଭ ମୂଲ୍ୟରେ ଗୁଣାତ୍ମକ ସେବା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ଆହୁରି ସୁବିଧା କରାଇବା ସହ ହୋଲ୍‌ସେଲିଂ ମୂଲ୍ୟରେ ମେରି ସହେଲି ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରିବ। ସେହିଭଳି ମେରି ସହେଲିରେ ଉପଲବ୍ଧ ଉତ୍ପାଦଗୁଡିକ ଉପରେ ବିଶେଷ ରିହାତି ସହ ଗ୍ରାହକଙ୍କୁ ୨୦% ପର୍ଯ୍ୟନ୍ତ ରିହାତି ଦିଆଯିବ ବୋଲି ଆଉଟ୍‌ଲେଟ୍ ମୁଖ୍ୟ କମଳ ସେଠିଆ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।



# ଫ୍ୟାମିଲି ହାଇଭ୍‌ଜ ପୋର୍ଟାଲ ଉନ୍ମୋଚିତ



ପୁରୀ, ୧୫।୧୦(ଅଜିତ ମହାନ୍ତି)

ପରିବାର ସହ ଅବସର ସମୟରେ ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଅନ୍‌ଲାଇନରେ ସ୍ୱଳ୍ପ ଓ ଦୀର୍ଘସମୟ ସକାଶେ ଆବଶ୍ୟକ ହୋଟେଲ, ହଲିଡେ ହୋମ୍, କଟେଜ୍, ଭିଲ୍ଲା କିମ୍ବା ଅବସର ବିନୋଦନ କେନ୍ଦ୍ର ଯୋଗାଇଦେବା ଉଦ୍ଦେଶ୍ୟରେ ଫ୍ୟାମିଲି ହାଇଭ୍‌ଜ ନାମକ ଏକ ଷ୍ଟାର୍ଟ ଅପ୍ କମ୍ପାନୀ ଆରମ୍ଭ ହେବାକୁ ଯାଉଛି। ଏନେଇ ରବିବାର ପୁରୀର ଏକ ଘରୋଇ ହୋଟେଲରେ ଫ୍ୟାମିଲି ହାଇଭ୍‌ଜର ପୋର୍ଟାଲକୁ ଓଡ଼ିଆ ସିନେ ତାରକା ତଥା ବିଜେଡି ନେତା ଆକାଶ ଦାସନାୟକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିନେତା ଆକାଶଙ୍କ ସମେତ ଫ୍ୟାମିଲି ହାଇଭ୍‌ଜର ପ୍ରତିଷ୍ଠାତା ଗାୟତ୍ରୀ ଷଡ଼ଙ୍ଗୀ ଏବଂ ଦେବାଶିଷ ଷଡ଼ଙ୍ଗୀ ଉପସ୍ଥିତ ରହି ପୋର୍ଟାଲ ସମ୍ପର୍କରେ ସୂଚନା ଦେଇଥିଲେ। ପରିବାରର ଏକାଧିକ ଚାହିଦା ମେଣ୍ଟାଇବା ସହ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଫ୍ୟାମିଲି ହାଇଭ୍‌ଜ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ। ୨୦୨୨ରେ ଦୁବାଇରେ ଆୟୋଜିତ ଓଡ଼ିଆ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ପ୍ରବାସୀ ଓଡ଼ିଆମାନେ ପୁଞ୍ଜି ନିବେଶ ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସେ ଅନୁପ୍ରାଣିତ ହୋଇ ଫ୍ୟାମିଲି ହାଇଭ୍‌ଜ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କରିଛନ୍ତି ବୋଲି ଗାୟତ୍ରୀ କହିଥିଲେ। ମୁଖ୍ୟତଃ ପରିବାର ସଦସ୍ୟମାନଙ୍କ ଅବସର ବିନୋଦନକୁ ସରସ ସୁନ୍ଦର କରିବା ପାଇଁ ଫ୍ୟାମିଲି ହାଇଭ୍‌ଜ ଚେଷ୍ଟା କରିବ। ପରିବାର ସଦସ୍ୟମାନଙ୍କୁ ଆବଶ୍ୟକ ହେଉଥିବା ହୋଟେଲ୍, ଧର୍ମଶାଳା, ହଲିଡେ ହୋମ୍, କଟେଜ୍, ଫ୍ଲାଟ୍, ଭିଲ୍ଲା, ଅବସର ବିନୋଦନ କେନ୍ଦ୍ରଗୁଡ଼ିକର ତନଖି ପ୍ରଥମେ କମ୍ପାନୀ ଦ୍ୱାରା କରାଯିବା ପରେ ସେଗୁଡ଼ିକୁ ଉକ୍ତ ପୋର୍ଟାଲରେ ପ୍ରଦର୍ଶନ କରାଯିବ। ସେହିପରି ଗ୍ରାହକଙ୍କ ପ୍ରାମାଣିକତା ଯାଞ୍ଚ କରାଯିବ। ଦୀର୍ଘକାଳୀନ ହେଉ କିମ୍ବା ସ୍ୱଳ୍ପକାଳୀନ ଉଭୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯିବ। ଯେଉଁସବୁ ଅବସର ବିନୋଦନ କେନ୍ଦ୍ରରେ ପରିବାର ରହିବା ଭଳି ଆବଶ୍ୟକତାକୁ ମେଣ୍ଟାଉଥିବ କେବଳ ସେଗୁଡିକୁ ଏହି ପୋର୍ଟାଲରେ ପଞ୍ଜୀକରଣ କରାଯିବ। ଫ୍ୟାମିଲି ହାଇଭ୍‌ଜ ଓଡ଼ିଶାରୁ ଆରମ୍ଭ ହୋଇଥିବା ଏଭଳି ପ୍ରଥମ ପୋର୍ଟାଲ। ଏହି ପରିପ୍ରେକ୍ଷୀରେ ଆକାଶଙ୍କୁ ଫ୍ୟାମିଲି ହାଇଭ୍‌ଜ ପକ୍ଷରୁ ବ୍ରାଣ୍ଡ ଆମ୍ବାସାଡର ଭାବେ ୨ବର୍ଷ ଲାଗି ଚୁକ୍ତିବଦ୍ଧ କରାଯାଇଛି। କମ୍ପାନୀର ପ୍ରଚାର ପ୍ରସାର ଲାଗି ସହଯୋଗ ଯୋଗାଇଦେବାକୁ ଆକାଶ ସମ୍ମତି ଦେଇଛନ୍ତି। ଏଭଳି ଷ୍ଟାର୍ଟଅପ୍ କମ୍ପାନୀ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତ ରୂପରେଖକୁ ବଦଳାଇବାରେ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ଗାୟତ୍ରୀ କହିଛନ୍ତି। ଭୁବନେଶ୍ୱର ଓ ପୁରୀର ହଲିଡେ ହୋମ୍, କଟେଜ୍, ଫ୍ଲାଟ୍, ଭିଲ୍ଲା, ହୋଟେଲ୍ ଏବଂ ଅତିଥିଶାଳାରେ ସେବା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଓ ପୁରୀର ବହୁ ହୋଟେଲ୍ ମାଲିକ ଉପସ୍ଥିତ ଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଗୁରୁ କେଳୁଚରଣ ମହାପାତ୍ର
ଓଡ଼ିଶୀ ଗବେଷଣା କେନ୍ଦ୍ର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
ବିଜ୍ଞାପନ
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website-www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

# ଖାଦ୍ୟ ସଂରକ୍ଷଣ ଅପରିହାର୍ଯ୍ୟ

## ବିଶ୍ୱ ଖାଦ୍ୟ ଦିବସ



ବିଶ୍ୱ ଖାଦ୍ୟ ଦିବସ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖ ଦିନ ସାରା ବିଶ୍ୱରେ ପାଳିତ ହୁଏ। ମିଳିତ ଜାତିସଂଘ ଦ୍ୱାରା ୧୯୪୫ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସ୍ଥାପନା ଦିବସକୁ ସମ୍ମାନ ଜଣାଇ ଏହି ଦିନଟିକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବା ଲାଗି ଘୋଷଣା କରାଯାଇଛି। ନଭେମ୍ବର ୧୯୭୯ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କଦ୍ୱାରା ଏହି ସଂଗଠନର ୨୦ତମ ସମ୍ମିଳନୀରେ ଏହି ଦିବସ ପାଳନ କରିବା ନିଷ୍ପତ୍ତି ନିଆଯାଇଥିଲା।

ତତ୍କାଳୀନ ହଙ୍ଗେରିଆନ କୃଷି ଏବଂ ଖାଦ୍ୟ ମନ୍ତ୍ରୀ ଡଃ ପାଲ ରମାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଖାଦ୍ୟ ଏବଂ କୃଷି ସଂଗଠନର ୨୦ତମ ସମ୍ମିଳନୀରେ ଏକ ସକ୍ରୀୟ ଭୂମିକା ଗ୍ରହଣ କରି ଏ ସଂକ୍ରାନ୍ତରେ ଏକ ବିଚାର ବ୍ୟକ୍ତ କରିଥିଲେ। ଏହା ଉକ୍ତ ସମ୍ମିଳନୀରେ ଗୃହୀତ ହେବା ପରେ ବିଶ୍ୱର ୧୫୦ରୁ ଅଧିକ ଦେଶ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୁପେ ପାଳନ କରୁଛନ୍ତି।

ଖାଦ୍ୟାଭାବ ତଥା ଦାରିଦ୍ର୍ୟ ଜନିତ ସମସ୍ୟା ତଥା ଏହାର ନିରାକରଣ ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ବିଶ୍ୱରୁ କ୍ଷୁଧା ଦୂର କରି ସର୍ବଙ୍କୁ ଆହାର ଯୋଗାଇବା ପାଇଁ ପ୍ରୟାସ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଏହି ଦିନ ବିଚାର ବିମର୍ଷ କରାଯାଇଥାଏ। ଏହାସହ ଲୋକଙ୍କୁ ଜାଗୃତ କରିବା। ବିଶ୍ୱ ଖାଦ୍ୟ ଦିବସ ୧୯୮୧ରେ ପ୍ରଥମ ଥର ପାଳନ କରାଯାଇଥିଲା। ପୃଥିବୀରେ ଅଧିକାଂଶ ଲୋକେ ସଠିକ ସମୟରେ ଖାଦ୍ୟ ନ ପାଇବାରୁ ସେମାନଙ୍କ ମୃତ୍ୟୁ ହୋଇଥାଏ। ଏହାସହ ଏଭଳି ମଧ୍ୟ ଅଧିକାଂଶ ସମୟରେ ଦେଖାଯାଇଥାଏ ଅନେକ ଲୋକଙ୍କୁ ସଠିକ ସମୟରେ ଖାଦ୍ୟ ମିଳିଥାଏ, ମାତ୍ର ସେମାନେ ଖାଦ୍ୟ ଅଧା ଖାଇ ଫିଙ୍ଗିଥାନ୍ତି। ତେଣୁ କୁହାଯାଏ ଯେତିକି ଖାଦ୍ୟ ଖାଇବେ ସେତିକି ହିଁ ନେବା ଉଚିତ। ଖାଦ୍ୟ ଆଦୌ ନଷ୍ଟ କରିବା ଉଚିତ ନୁହେଁ। ଖାଦ୍ୟ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର। ତେଣୁ ଲୋକଙ୍କୁ ଭୋକରୁ ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଇଥାଏ। ଏହି ଦିନ ବିଭିନ୍ନ ସଚେତନା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଯାଦ୍ୱାରା ବିଭିନ୍ନ ପ୍ରକାର ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରିତ ହେବା ସହ ଭୋକ କାରଣରୁ କାହାର ମଧ୍ୟ ମୃତ୍ୟୁ ନ ହେଉ ସେଥିପ୍ରତି ଦୃଷ୍ଟି ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ଖାଦ୍ୟ ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି ' ଜଳ ହିଁ ଜୀବନ, ଜଳ ହିଁ ଖାଦ୍ୟ, ପଛରେ କାହାକୁ ଛାଡି ଦିଅନାହିଁ(ୱାଟର ଇଜ ଲାଇଫ, ୱାଟର ଇଜ ଫୁଡ, ଲିଭ ନୋ ୱାନ ବିହାଇଣ୍ଡ) ।

# ମ୍ୟାଚବେଳେ ସୁନାଖଚିତ ଫୋନ୍ ହଜାଇଲେ



**ମୁମ୍ବାଇ:** ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ବଲିଉଡ୍‌ର ଅଭିନେତ୍ରୀ ଉର୍ବଶୀ ରଉତେଲା ପହଞ୍ଚିଥିଲେ। ଏହି ସମୟରେ ଅଭିନେତ୍ରୀଙ୍କ ୨୪ କ୍ୟାରେଟ୍ ସୁନା ଖଚିତ ଆଇଫୋନ୍ ଷ୍ଟାଡିୟମରେ ହଜିଯାଇଛି। ଏନେଇ ସେ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଯେଉଁଥିରେ ସେ ଅହମଦାବାଦ ପୋଲିସକୁ ଟ୍ୟାଗ୍ କରି ଲେଖିଛନ୍ତି– 'ମୋର ୨୪ କ୍ୟାରେଟ୍ ସୁନାଖଚିତ ଆଇଫୋନ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜିଯାଇଛି। ଦୟାକରି ଯଦି କେହି ଏହା ପାଆନ୍ତି, ତୁରନ୍ତ ଯୋଗାଯୋଗ କରନ୍ତୁ। ଅଭିନେତ୍ରୀ ଏହି ପୋଷ୍ଟକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ମଧ୍ୟ ଶେୟାର କରିଛନ୍ତି। ଏହା ପୂର୍ବରୁ ଉର୍ବଶୀ ରଉତେଲା ଷ୍ଟାଡିୟମରୁ ଏକ ଭିଡିଓ ଶେୟାର କରିଥିଲେ। ଯେଉଁଥିରେ ଭାରତ ବିଜୟ ଆଡକୁ ଗତି କରୁଥିବା ଦେଖି ସେ ବହୁତ ଖୁସି ଥିଲେ।

# କଷ୍ଟ ଲାଘବ କରେ ନିଶ୍ଚେତକ

## ବିଶ୍ୱ ନିଶ୍ଚେତକ ଦିବସ



ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ବିନା ସାଧାରଣ ପରୀକ୍ଷାଠାରୁ ଆରମ୍ଭ କରି ଛୋଟ ଅବା ବଡ଼ ଅପରେଶନ ସମ୍ଭବ ହୋଇପାରି ନ ଥାଏ। ନିଶ୍ଚେତକ ବ୍ୟବହାର ଦ୍ୱାରା ରୋଗୀ ଅପରେଶନ ସମୟରେ କଷ୍ଟ ଅନୁଭବ କରିପାରି ନ ଥାନ୍ତି। ଚିକିତ୍ସା ବିନା କଷ୍ଟ ଅନୁଭବରେ ହେବା ଦ୍ୱାରା ରୋଗୀ ମାନସିକସ୍ତରରେ ଏହାର ସାମନା କରିବାକୁ ସକ୍ଷମ ହୋଇଥାନ୍ତି ଏବଂ ଚିକିତ୍ସା ସେବା ଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଥାନ୍ତି। ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ। ଏହାକୁ ଇଥର ଦିବସ ମଧ୍ୟ କୁହାଯାଇଥାଏ।

ଚିକିତ୍ସା କ୍ଷେତ୍ରରେ ୧୮୪୬ ଅକ୍ଟୋବର ୧୬ରେ ସଫଳତାର ସହିତ ଡାଇଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ।

ୱିଲିୟମ ଟି.ଜି. ମୋର୍ଟନ ଆନୁଷ୍ଠାନିକ ଭାବେ ଡାଇଇଥାଇଲ ଇଥରର ପ୍ରଥମ ସଫଳ ବ୍ୟବହାର ହାର୍ୱାର୍ଡ ସ୍କୁଲ ଅଫ ମେଡିସିନର ମାସାଚୁସେଟ୍ସ ଜେନେରାଲ ହସ୍ପିଟାଲରେ ଏକ ଅପରେଟିଂ ଥିଏଟରରେ କରିଥିଲେ। ବିଶ୍ୱ ନିଶ୍ଚେତକ ଦିବସ ପ୍ରତିବର୍ଷ ଏକ ବାର୍ତ୍ତା ଉପରେ ପର୍ଯ୍ୟବେସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି, 'ନିଶ୍ଚେତକ: ଆକ୍ସେସ ସୁନିଶ୍ଚିତ କରିବା, ସବୁ ସ୍ଥାନରେ ନିରାପଦ ସର୍ଜିକାଲ କେୟାର ବୃଦ୍ଧି କରିବା' ( ଆନାଥେସିଆ: ଏନସ୍ୟୁରିଂ ଆକ୍ସେସ, ଏନହାନ୍ସିଂ ସେଫ୍ ସର୍ଜିକାଲ କେୟାର ଏଭ୍ରିହ୍ୱେର)।

# ୟୁନିଭର୍ସିଟିରେ ତନ୍ତ୍ରବିଦ୍ୟା



**ଲଣ୍ଡନ**

ବିଜ୍ଞାନ ତନ୍ତ୍ରବିଦ୍ୟା ଉପରେ ବିଶ୍ୱାସ କରେନି। ହେଲେ ଜଣାପଡିଛି କି, ଏକ ୟୁନିଭର୍ସିଟି ଯାଦୁ-ଟୋନା ଉପରେ କୋର୍ସ ଆରମ୍ଭ କରିବାକୁ ଯାଉଛି। କୋର୍ସରେ ବିଭିନ୍ନ ପ୍ରକାରର ଯାଦୁ ସାମିଲ ରହିଛି। ଏହି ବାବଦରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ତନ୍ତ୍ର-ମନ୍ତ୍ର କିପରି ହୁଏ, ସେ ନେଇ ଟ୍ରେନିଂ ଦିଆଯିବ। ୨ ବର୍ଷ ଏହି କୋର୍ସ କରିବା ପରେ ପିଲାମାନେ ଏଥିରେ ପିଜି ମଧ୍ୟ କରିପାରିବେ। ରିପୋର୍ଟ ମୁତାବକ, ବ୍ରିଟେନର ଏକ୍ସିଟର ୟୁନିଭର୍ସିଟି ଯାଦୁ ଏବଂ ଗୁପ୍ତ ବିଜ୍ଞାନର ବିଦ୍ୟା ଆରମ୍ଭ କରିବାକୁ ଯାଉଛି। ଏହା ଦୁନିଆର ସବୁଠୁ ପ୍ରଥମ ୟୁନିଭର୍ସିଟି, ଯେଉଁଠାରେ ଏପରି ବିଦ୍ୟା ଆରମ୍ଭ ହେବାକୁ ଯାଉଛି। ଏଠାକାର ପ୍ରଫେସର ଏମିଲି ସିଲଭ୍ କହିଛନ୍ତି, ତନ୍ତ୍ର- ବିଦ୍ୟା ଅନେକ ରୋମାଞ୍ଚକର। ଏଥିପ୍ରତି ଅନେକଙ୍କ ଆଗ୍ରହ ରହିଛି। ସେଥିପାଇଁ ଏପରି ଏକ ପିଜି କୋର୍ସ ଆରମ୍ଭ ହେବାକୁ ଯାଉଛି। ଏମିଲି ସେଲୋୱେ ୟୁନିଭର୍ସିଟି ଏକ୍ସିଟରରେ ମଧ୍ୟକାଳୀନ ଆରବୀ ସାହିତ୍ୟ ପଢାନ୍ତି। ତାଙ୍କୁ ଏହି କୋର୍ସର କୋଅର୍ଡିନେଟର କରାଯାଇଛି। ପିଲାମାନେ ପଢିବାବେଳେ ତନ୍ତ୍ରବିଦ୍ୟା ବାବଦରେ ଜାଣିବେ। ଯାଦୁ-ଟୋନାରେ କ'ଣ ପ୍ରଭାବ ପଡ଼ିବ, ତାହା ମଧ୍ୟ ଶିକ୍ଷା ଦିଆଯିବ। ଏଥିସହ ମଧ୍ୟକାଳୀନ ଯୁଗରେ ମହିଳାମାନେ କିପରି ଯାଦୁ କରୁଥିଲେ, ତାହା ପଢ଼ାଯିବ। ଏମିଲିଙ୍କ କହିବା କଥା, ସାଧାରଣତଃ ଯୁବକ ଏବଂ ମହିଳାମାନେ ଏଥିପ୍ରତି ଅଧିକ ରୁଚି ରଖିଥାନ୍ତି। ନିକଟରେ ଲୋକେ ଟିକ୍‌ଟକ୍‌ରେ ଚୁଡେଲ ବାବଦରେ ଜାଣିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି।

## ରାଜ୍ୟ

# 'ମା'ର ଉନ୍ନତିରେ, ସମାଜର ଉନ୍ନତି'

### ଆର୍ଯ୍ୟସମାଜ ପକ୍ଷରୁ 'ନବମାତୃକା ପୂଜା' ମହୋତ୍ସବ




ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)

ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ନବରାତ୍ରର ପ୍ରଥମ ଦିବସରେ ରବିବାର ରାଜ୍ୟସ୍ତରୀୟ ନବମାତୃକା ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରି କହିଲେ, ଭାରତ ବର୍ଷରେ ଆର୍ଯ୍ୟସମାଜ ଏକ ସଂସ୍କାରବାଦୀ ଆନ୍ଦୋଳନ। ଏହା କେବଳ ଯଜ୍ଞ ପ୍ରବଚନରେ ସୀମିତ ନୁହେଁ, ୧୫୦ ବର୍ଷ ଧରି ଆର୍ଯ୍ୟସମାଜ ଭାରତର ସାଧାରଣ ସମାଜରେ ଜାତିପ୍ରଥାର ବିଲୋପ ଓ ମହିଳାଙ୍କ ଅଧିକାର ପାଇଁ ଲଢେଇ କରି ଆସିଛି। ନବମାତୃକା ପୂଜାରେ ଜୀବିତ ମହିଳାଙ୍କର ପୂଜା କରି ଆର୍ଯ୍ୟସମାଜ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିବା ମେୟର କହିଥିଲେ। ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦ ବିଦୂଷୀ ସନ୍ନୋ ଦେବୀ ଯୋଗଦେଇ କହିଲେ, ବେଦରେ ମା'କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ମା'ର ଉନ୍ନତିରେ, ସମାଜର ଉନ୍ନତି ଓ ଆର୍ଯ୍ୟସମାଜର ସଂସ୍କାରବାଦୀ ବିଚାରଧାରା ପ୍ରତ୍ୟେକ ଯୁବକ, ଛାତ୍ରଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ୯ଜଣ ପ୍ରତିଷ୍ଠିତ ମହିଳା ସାବିତ୍ରୀ ରାଉତ, ଡ. କନକ ମଞ୍ଜରୀ ମିଶ୍ର, ସରଳା କାନୁନ୍‌ଗୋ, ପୁଷ୍ପାଞ୍ଜଳି ପ୍ରଧାନ, ଆଶାଦେବୀ ଅଗ୍ରୱାଲ, ଡ. ବିମୋଚପ୍ରଜ୍ଞା ତ୍ରିପାଠୀ, ସରୋଜିନୀ ପଣ୍ଡା, ଆରତିଶାସ୍ତ୍ରୀ ଓ ଋତୁପର୍ଣ୍ଣା ମହାନ୍ତିଙ୍କୁ ପୂଜନ କରାଯାଇଥିଲା। ଆୟୋଜିତ ବୈଦିକ ଯଜ୍ଞ ଓ ନବମାତୃକା ପୂଜାକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ଆଚାର୍ଯ୍ୟ ଧର୍ମରାଜ ସଂଯୋଜନା କରିଥିଲେ। ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଥାବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ କର୍ପୋରେଟର ଟିଙ୍କିବାବୁ, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ପୂର୍ବତନ ପ୍ରଶାସକ ପଞ୍ଚାନନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଆରତି ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି: ମାଓବାଦୀ ସଂଗଠନ

### ଏସ୍‌ପି, ଘରୋଇ କମ୍ପାନୀ ବିରୋଧରେ ପ୍ରେସ୍ ରିଲିଜ ଜାରି

ରାୟଗଡ଼ା, ୧୫।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଓ ଘରୋଇ କମ୍ପାନୀ ବିରୋଧରେ ବାଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନାଲ ମାଓବାଦୀ କମିଟି ପ୍ରେସ୍ ରିଲିଜ ଜାରି କରିଛି। ଏସ୍‌ପି ଶର୍ମାଙ୍କ ନେତୃତ୍ୱରେ ଜିଲା ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି। ପୋଲିସ ନିରୀହ ଆଦିବାସୀ, ଦଳିତ ଓ ଚାଷୀ ସମାଜର ଲୋକଙ୍କୁ ଉଠାଇ ନେଇ ନିର୍ଯାତନା ଦେଉଛି । ବେଦାନ୍ତ, ଆଦାନୀ, ବିର୍ଲା ଭଳି ଖଣି ଲୁଟେରାଙ୍କୁ ସୁହାଇଲା ଭଳି ରାଜ୍ୟ ସରକାର ଓ ପୋଲିସ କାମ କରୁଥିବା ଉକ୍ତ ପ୍ରେସ୍ ରିଲିଜରେ ଉଲ୍ଲେଖ କରାଯାଇଛି । ହେଲେ ଏହି ଦମନଲୀଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମାଓବାଦୀ ସଂଗଠନ ପକ୍ଷରୁ କୁହାଯାଇଛି।



ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ରହିଥିବା ସିଜିମାଳି ଓ କୁତ୍ରୁମାଳି ପାହାଡ଼ ବେଦାନ୍ତ ଏବଂ ଆଦାନୀ କମ୍ପାନୀକୁ ଲିଜ୍‌ରେ ମିଳିଛି । ରାୟଗଡ଼ା ଏସପି ବିବେକାନନ୍ଦ ଶର୍ମା ଉକ୍ତ କମ୍ପାନୀର ଠିକା ଗୁଣ୍ଡା ଭଳି କାମ କରୁଛନ୍ତି। ଜୁଲାଇରୁ ଅଦ୍ୟାବଧି ଜିଲାର ୨୭ଜଣ ନିରୀହ ଆଦିବାସୀଙ୍କୁ ରାତିଅଧିଆ ଉଠାଇ ନେଇ ମାଡ଼ ମାରି ନିର୍ଯାତନା ଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଦେଶଦ୍ରୋହୀ ଭଳି ୟୁଏପିଏ ମାମଲାରେ ଛନ୍ଦି ଜେଲ ପଠାଉଛନ୍ତି। ସେହିଭଳି ଜିଲାରେ ରହୁଥିବା ବିଭିନ୍ନ ଦଳର ରାଜନେତା, କୁଜିନେତାମାନେ କମ୍ପାନୀର ଦଲାଲ ସାଜି ପଇସା ଖାଇ କମ୍ପାନୀ ସପକ୍ଷରେ ଖୋଲାଖୋଲି ଖବରଦାତା ସମ୍ମିଳନୀ କରୁଛନ୍ତି । ଏହା କ'ଣ ତାଙ୍କ ଦଳ ହାଇକମାଣ୍ଡଙ୍କ ନିଷ୍ପତ୍ତି ନା ଏହି ନେତାମାନେ ନିଜ ସ୍ୱାର୍ଥ ପାଇଁ ଏଭଳି କରୁଛନ୍ତି ବୋଲି ମାଓବାଦୀ ପ୍ରଶ୍ନ କରିଛନ୍ତି । ଖଣି ଅଞ୍ଚଳବାସୀ ଯଦି କମ୍ପାନୀ ଓ ପୋଲିସର ଏହି ଜୁଲମକୁ ବିରୋଧ କରିବା ପାଇଁ କୌଣସି ସହାୟତା ଚାହୁଁଛନ୍ତି, ତେବେ ବାଘୁନା କମିଟି ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଏହି ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି। ପ୍ରେସ ବିବୃତି ବାଘୁନା ଡିଭିଜନାଲ କମିଟି ସମ୍ପାଦିକା ରୀତାଙ୍କ ପକ୍ଷରୁ ଜାରି ହୋଇଥିବା ଉଲ୍ଲେଖ ରହିଛି। ଏ ନେଇ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ବିଷ ପିଇ ଗୁରୁତର ଚାଷୀଙ୍କ ମୃତ୍ୟୁ

### ଧାନ ଫସଲ ନଷ୍ଟ ଦେଖି ଭାଙ୍ଗିପଡ଼ିଥିଲେ

ଧର୍ମଶାଳା, ୧୫।୧୦ (ବଟକୃଷ୍ଣ ପରିଡ଼ା)

ଧାନ ଫସଲ ନଷ୍ଟ ଯୋଗୁ ବିଷ ପିଇ ଗୁରୁତର ହୋଇଥିବା ଜଣେ ଚାଷୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ବାଜବାଟି ଗ୍ରାମର ନିତ୍ୟାନନ୍ଦ ପରିଡ଼ା(୫୦)। ନିତ୍ୟାନନ୍ଦ ୩ ଏକର ଜମିରେ ଋଣ କରି ଧାନଚାଷ କରିଥିଲେ। ତେବେ ଧାନ ଜମି କଡ଼ରେ ଗଭୀର କଳାପଥର ଖାଦାନ ଥିବାରୁ ଜମିରେ ପାଣି ନ ରହି ଖାଦାନକୁ ବୋହିଯାଉଛି। ଫଳରେ ଜମି ଶୁଷ୍କ ହୋଇ ଧାନ ଫସଲ ପ୍ରଭାବିତ ହୋଇଛି। ଶନିବାର ପୂର୍ବାହ୍ନରେ ନିତ୍ୟାନନ୍ଦ ଧାନ ଜମିରେ କୀଟନାଶକ ପକାଇବା ପାଇଁ ଯାଇଥିବା ବେଳେ ଫସଲ ନଷ୍ଟ ହୋଇଥିବା ଦେଖି ଭାଙ୍ଗିପଡ଼ିଥିଲେ। ପରେ ସେ ବିଷ ପିଇ ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# ସର୍ଭେରେ ଲଟକିଛି ୧୭ ରେଳପ୍ରକଳ୍ପ

ଯାଜପୁର, ୧୫।୧୦(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାରେ ୧୭ ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଥିବା ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବର୍ଷ ବର୍ଷ ସର୍ଭେରେ ହିଁ ଲଟକି ରହିଛି। ସର୍ଭେ ଶେଷ ହୋଇ ବୃତ୍ତାନ୍ତ ରିପୋର୍ଟକୁ ଅନୁମୋଦନ ମିଳିବା ପରେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି କିସମ ପରିବର୍ତ୍ତନ, କ୍ଷତିପୂରଣ ପ୍ରଦାନ ଆଦି ପ୍ରକ୍ରିୟା ରହିଛି। ତେବେ ପ୍ରାରମ୍ଭିକ ସର୍ଭେ ପ୍ରକ୍ରିୟା ସରୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଗତ ୨୮ ବର୍ଷ ହେବ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ରେଳପ୍ରକଳ୍ପ ପୂର୍ଣ୍ଣତା ଲାଭ କରି ପାରିନାହିଁ। ସେହିପରି ୭ଟି ନୂତନ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର ଲାଭ କରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ରିପୋର୍ଟ ମିଳିଛି।

ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସୂଚନା ଅଧିକାର ଆଇନ(ଆରଟିଆଇ)ବଳରେ ୧୨।୧୦।୨୦୨୩ରେ ମିଳିଥିବା ତଥ୍ୟ ଆଧାରରେ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ୯୬ କିମି ରେଳଲାଇନ କାର୍ଯ୍ୟ ସର୍ଭେରେ ସୀମିତ ରହିଛି। ଏଭଳି ତଥ୍ୟ ବିଗତ ଏକ ଦଶନ୍ଧି ହେଲା ମିଳିଆସୁଛି। ହେଲେ ସର୍ଭେ କାର୍ଯ୍ୟ ସରୁନି କି ଆଗକୁ କୌଣସି କାର୍ଯ୍ୟ ବଢୁନାହିଁ ବୋଲି ଚର୍ଚ୍ଚା ହେଉଛି। ୧୧।୯।୨୦୨୩ରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବିତ ନୂତନ ରେଳପଥର ଫାଇନାଲ ଲୋକେସନ ସର୍ଭେ(ଏଫଏଲ୍ଏସ୍) ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଏଯାଏ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ହୋଇ ନ ଥିବା ସୂଚନା ମିଳିଛି। ସର୍ଭେରେ ସୀମିତ ଅନ୍ୟ ରେଳପ୍ରକଳ୍ପଗୁଡିକ ହେଲା ଜୁନାଗଡ-ନବରଙ୍ଗପୁର ୧୧୮ କିମି, ମାଲକାନଗିରି-ଭଦ୍ରଚଲମ୍ ୧୨୫ କିମି, ଶାଶୁବୋହୂମାଳି-ସିଜୁମାଳି-କୁତ୍ରୁମାଳି ବକ୍ସାଇଟ ମାଇନ୍ସଠାରୁ ଟିକିରି ରେଳଷ୍ଟେଶନ ୫୮ କିମି, ନାଉପଦା-ଗୁଣୁପୁରଠାରୁ ଥେରୁବାଲି ୭୯ କିମି, ତାଲଚେର-ଗୋପାଳପୁର ୨୮୨ କିମି, ବଲାଙ୍ଗୀର-ନୂଆପଡ଼ା ରୋଡ୍ ଭାୟା ପାଟଣାଗଡ ୧୦୦ କିମି, ପୁରୀ-କୋଣାର୍କ ୩୩ କିମି, ଦୈତାରୀ ଷ୍ଟେଶନଠାରୁ ବାଲିପର୍ବତ ଆଇରନ ଓର ମାଇନ୍ସ ୮ କିମି, ନୟାଗଡ଼ ଷ୍ଟେଶନଠାରୁ ଦୁବୁଣା ଆଇରନ ଓର ମାଇନ୍ସ ୫ କିମି, ରାୟପୁର-ସମ୍ବଲପୁର ୨୭୦ କିମି, ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ୧୪୨ କିମି, ବାରକୋଟ-ଝାରସୁଗୁଡା ୧୬୦ କିମି, ଜଗନ୍ନାଥପୁର-ରେଢ଼ାଖୋଲ ୨୪୦ କିମି, ରଜଥଗଡ଼ଠାରୁ କାଇପଦର ରୋଡ୍ ୭୦ କିମି, ଟେଣ୍ଟୁଲୋଇ-ବୁଢାପଙ୍କ ୧୦୬ କିମି ଏବଂ ଏମ୍‌ସିଆର୍ଏଲ୍ ଇନର କରିଡର ଫେଜ-୨୫୪ କିମି ରହିଛି। ଅନ୍ୟପକ୍ଷେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ୩୦୧ କିମି, ତାଲଚେର-ବିମଳଗଡ ୧୪୯ କିମି, ଜୟପୁର-ମାଲକାନଗିରି ୧୨୬ କିମି, ଜୟପୁର-ନବରଙ୍ଗପୁର ୫୦ କିମି, କୋଡିଙ୍ଗମାଳି ବକ୍ସାଇଟ ମାଇନ୍ସଠାରୁ ସିଙ୍ଗାରାମ ଷ୍ଟେଶନ ୯.୪ କିମି, ତାଲଚେର-ଅନୁଗୋଳ ୧୬.୫୦ କିମି ଓ ଗନ୍ଧମାର୍ଦ୍ଧନ ଆଇରନ ଓର ମାଇନ୍ସଠାରୁ ଗୋଲଡିହ ରେଳଷ୍ଟେଶନ ୧୨ କିମି ଆଦି ରେଳପ୍ରକଳ୍ପ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ୭ଟି ପ୍ରକଳ୍ପର ଅଗ୍ରଗତି ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ, ଗଛ ସଂଖ୍ୟା ନିରୂପଣ, ଗଛ କଟା ବାବଦ କ୍ଷତିପୂରଣ, ଏଫ୍ଆର୍ଏ (ଫରେଷ୍ଟ ରାଇଟ ଆକ୍ଟ) ସାର୍ଟିଫିକେଟ, ବନ୍ୟଜନ୍ତୁ ଇତ୍ୟାଦି ବିବାଦ ଯୋଗୁ ନୈରାଶ୍ୟଜନକ ରହିଛି। ୧୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା କେତେକ ପ୍ରକଳ୍ପର ଜଙ୍ଗଲ ଜମି ବିବାଦର ସମାଧାନ ହୋଇପାରି ନ ଥିବା ସୂଚନା ମିଳିଛି। ବିଭାଗସ୍ତରରେ ନିୟମିତ ଭାବେ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଉଥିଲେ ହେଁ ବିଭିନ୍ନ କାରଣରୁ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରେଳ ପ୍ରକଳ୍ପ ସ୍ୱପ୍ନ ଅଧୁରା ରହିଥିବା ମତପ୍ରକାଶ ପାଇଛି। ପ୍ଲାନିଂ ଷ୍ଟେଜ୍‌ରେ ଥିବା ୧୭ରୁ ୪ଟି ପ୍ରକଳ୍ପର ଅଟକଳ ପରିମାଣ ବୃତ୍ତାନ୍ତ ହୋଇଛି। ଏଥିରେ ଜୁନାଗଡ଼-ନବରଙ୍ଗପୁର ପ୍ରକଳ୍ପ ପାଇଁ ୨୮୬୪.୫୦ କୋଟି, ମାଲକାନଗିରି-ଭଦ୍ରଚଲମ ପ୍ରକଳ୍ପ ପାଇଁ ୩୫୯୧.୭୬ କୋଟି, ଶାଶୁବୋହୂମାଳି-ସିଜୁମାଳି-କୁତ୍ରୁମାଳି ପ୍ରକଳ୍ପ ପାଇଁ ୧୩୧୫.୧୬ କୋଟି ଏବଂ ନଉପଦା-ଗୁଣୁପୁର ପ୍ରକଳ୍ପ ପାଇଁ ୧୩୧୭.୩୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ଆର୍‌ଟିଆଇରେ ସୂଚନା ଦିଆଯାଇଛି।



# ଜବତ ମଦ, ବାଣ ଚୋରାଚାଲାଣ କରୁଥିଲା ପୋଲିସ

## ବେଗୁନିଆ ଥାନା ହୋମଗାର୍ଡ, କାର୍ ଡ୍ରାଇଭର ଗିରଫ

■ଭିଡିଓ ଭାଇରାଲ, ପୋଲିସର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ
■ଅନ୍ୟ ଜଣେ ହୋମଗାର୍ଡ, କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଚର୍ଚ୍ଚା

**ଖୋର୍ଦ୍ଧା/ବେଗୁନିଆ,୧୫।୧୦**
**(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିସରରୁ ଶନିବାର ବିଳମ୍ବିତ ରାତିରେ ଜବତ ବାଣ ଓ ମଦ ଏକ କାର୍‌ରେ ଚୋରାଚାଲାଣ ବେଳେ ଲୋକଙ୍କ ହାତରେ ଜଣେ ହୋମଗାର୍ଡଙ୍କ ସମେତ ଡ୍ରାଇଭର ଧରାପଡିଥିଲେ। ତାଙ୍କୁ ଛାଡିଦେବା ପାଇଁ ହୋମଗାର୍ଡ ଜଣଙ୍କ ଲୋକଙ୍କ ଆଗରେ କାନ ଧରି ଉଠ୍‌ବସ ହୋଇଥିଲେ। ତେବେ ଲୋକେ ଉଭୟଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସ ସଦଳବଳ ପହଞ୍ଚି କାର୍ (ନଂ.ଓଆର୦୨-ବିଏ-୫୨୬୭) ସହ ବାଣ ଓ ମଦ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ହୋମଗାର୍ଡ ପ୍ରକାଶ ମୁଦୁଲି ଏବଂ କାର୍ ଡ୍ରାଇଭର କୁନା ତାଡ଼ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୬୬/୨୩) ରୁଜୁ ହୋଇଛି।

ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ସ୍ଥିତ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥ ମହାପାତ୍ରଙ୍କ ଘରେ ଶନିବାର ପୋଲିସ ଚଢ଼ାଉ କରି ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାଣ ଏବଂ ୨୫ କେଜି ବାରୁଦ ଜବତ କରିଥିଲା। ବିପୁଳ ପରିମାଣର ବାଣ ଧରିଥିବାରୁ ପ୍ରଶଂସା ସାଉଁଟିଥିଲା ପୋଲିସ। ସେହିଦିନ ସନ୍ଧ୍ୟାରେ ଏକ ବାଇକ୍ ଓ କାର୍ ଦୁର୍ଘଟଣାରେ ଲୋକେ କାର ଚାଳକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। କାର୍ ଭିତରୁ ପୋଲିସ ପେଟି ପେଟି ମଦ ମଧ୍ୟ ଜବତ କରିଥିଲା। ଅନ୍ୟପକ୍ଷରେ ରାତି ପ୍ରାୟ ୧ଟାରେ ଉପରୋକ୍ତ କାର୍ (ଓଆର୦୨-ବିଏ-୫୨୬୭) ଥାନା ଭିତରକୁ ପ୍ରବେଶ କରିଥିଲା। ସେଠାରୁ ଜବତ ବାଣ ଏବଂ ମଦ ନେଇ ଥାନାର ପଛପଟ ଫାଟକ ଦେଇ ଯାଉଥିବା ବେଳେ ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସ୍ଥାନୀୟ ଲୋକେ କାରକୁ ଅଟକାଇଥିଲେ। କାର ଭିତରେ ବିପୁଳ ପରିମାଣର ବାଣ ଏବଂ ମଦ ଥିବା ଦେଖି ଏସ୍‌ଡିପିଓ ଦାସଙ୍କୁ ଯୋଗାଯୋଗ କରିଥିଲେ। ଏହି ସମୟରେ ହୋମଗାର୍ଡ ମୁଦୁଲି ତାଙ୍କୁ ଛାଡି ଦେବାକୁ ନେହୁରା ହେବା ସହ ଏପରି ଭୁଲ ଆଉ କରିବେ ନାହିଁ ବୋଲି କହି ଉଠ୍‌ବସ ହୋଇଥିଲେ।



ତେବେ ଏହି ବାଣ ଓ ମଦ କେଉଁଆଡେ ନେଉଥିଲେ ସେ ସମ୍ପର୍କରେ ଠିକ୍ ସୂଚନା ଦେଇନଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଏହାର ଭିଡିଓ କରିଥିଲେ। ଏହି ଘଟଣାରେ ଥାନାର ଅନ୍ୟ ଜଣେ ହୋମ୍‌ଗାର୍ଡ ଓ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଥିବା କହିଥିଲେ। ତେବେ କିଏ ସେ ସମ୍ପୃକ୍ତ ପୋଲିସ କର୍ମଚାରୀ ତାହା ତଦନ୍ତ ସାପେକ୍ଷ। ଖବରପାଇ ଏସ୍‌ଡିପିଓ ଦାସ ଏବଂ ଥାନା ଅଧିକାରୀ ବିଶ୍ୱନାଥ ରାଉତରାୟ ପହଞ୍ଚିଥିଲେ। ଏସ୍‌ଡିପିଓ ଦାସଙ୍କୁ ଲୋକେ କାର୍ ବୋଝେଇ ବାଣ, ମଦ


ହୋମଗାର୍ଡ ପ୍ରକାଶ ମୁଦୁଲି

ହସ୍ତାନ୍ତର କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଉପସ୍ଥିତ ଲୋକେ ଦାବି ମଧ୍ୟ କରିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ କିପରି ଜାଣିପାରିଲେ ନାହିଁ ସେ ନେଇ ସରପଞ୍ଚ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟଙ୍କୁ ସୁରକ୍ଷା ଦେଉଥିବା ପୋଲିସ ଯଦି ନିଜେ ଏପରି ଦୁର୍ନୀତିରେ ଲିପ୍ତ ରହିବ ସ୍ଥାନୀୟ ଅଞ୍ଚଳରେ କ'ଣ ଘଟିବ ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଥାନାରେ ଥିବା ଏଭଳି କର୍ମଚାରୀ ଓ ଅଧିକାରୀଙ୍କୁ ତୁରନ୍ତ ବଦଳି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ମୃତ


ପାରମସାହିରେ ହାତୀ ମୃତଦେହ ପଡ଼ି ରହିଛି।

**ଟେନ୍‌ସା,୧୫।୧୦**
**(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଓରାଘାଟ ଗ୍ରାମର ପାରମସାହିରେ ଦନ୍ତା ହାତୀର ମୃତ ଦେହ ପଡ଼ିରହିଛି। କୋଇଡା ରେଞ୍ଜର ଗୌତମ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ହାତୀର ବୟସ ୨୦ବର୍ଷ ହେବ ବୋଲି ଜଣାପଡ଼ିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ବଣାଇଁ ଡିଏଫ୍‌ଓ ଲଳିତ ପାତ୍ର ପ୍ରକାଶ କରିଛନ୍ତି। ଡାକ୍ତରୀ ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ରେ ମଧ୍ୟ ଏହି ସମାନ ସ୍ଥାନରେ ସନ୍ଦେହଜନକ ଭାବେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଗତ ୩ ବର୍ଷ ମଧ୍ୟରେ କୋଇଡା ଓ ବରସୁଆଁ ରେଞ୍ଜ ଅଞ୍ଚଳରେ ୪ ହାତୀଙ୍କ ଜୀବନ ଗଲାଣି।

# ଚାଷୀଙ୍କୁ କଚାଡ଼ି ମାରିଲା ହାତୀ

**ସାତମାଇଲ,୧୫।୧୦(ସୁଶାନ୍ତ କୁମାର ପତି)**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମର ଚାଷୀ ରଣଜିତ ରାଉତ (୪୮) ରବିବାର ସକାଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଘଟଣାରୁ ଜଣାପଡିଛି, ରଣଜିତ ଗାଁ ମୁଣ୍ଡରେ ଥିବା ନିଜ ଧାନକ୍ଷେତ ଦେଖିବା ପାଇଁ ଯାଉଥିବାବେଳେ ଏକ ହାତୀ ହାବୁଡରେ ପଡ଼ିଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଖବରପାଇ କଣ୍ଟାବଣିଆ ଥାନାଧିକାରୀ ଦୀପିକାଦେବୀ ରାୟ, ହିନ୍ଦୋଳରୋଡ ବନବିଭାଗ ଓ କୃଷି ଅଧିକାରୀ ଚିନ୍ମୟ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ପରିବାରକୁ ବନ ବିଭାଗ ତରଫରୁ ଅନୁକମ୍ପା ରାଶି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

ଗତ ଏକ ସପ୍ତାହ ହେଲା ୪୦ରୁ ଉର୍ଦ୍ଧ୍ୱ ଏକ ହାତୀପଲ କୁସୁପଙ୍ଗା ଓ ମଙ୍ଗଳପୁର ପଞ୍ଚାୟତ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ତୁରନ୍ତ ହାତୀପଲଙ୍କୁ ଘଉଡାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ୟବସାୟୀଙ୍କ ଘରୁ ୯ ବର୍ଷୀୟ ନାବାଳିକା ଉଦ୍ଧାର

■ ଘରେ ରଖି ବାସନକୁସନ ମଜାଉଥିଲେ, ଝାଡୁ ମରାଉଥିଲେ

**ଭୁବନେଶ୍ୱର,୧୫।୧୦**
**(ସୂର୍ଯ୍ୟକାନ୍ତ ବେହେରା)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ପ୍ଲଟ ନମ୍ବର ଭିଆଇଏମ୍-୩୨୮ ସ୍ଥିତ ଜଣେ ବ୍ୟବସାୟୀଙ୍କ ଘରୁ ରୁଚିକା ସାମାଜିକ ସେବା ସଂଗଠନ ଓ ସ୍ଥାନୀୟ ପୋଲିସର ମିଳିତ ଉଦ୍ୟମରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଝିଅଟିର ଘର କେନ୍ଦୁଝର ଜିଲା ଯୋଡା ଅଞ୍ଚଳରେ ହୋଇଥିବା ବେଳେ ସେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ଉଦ୍ଧାର ପରେ ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହସ୍ତାନ୍ତର ପରେ ସେଠାରୁ ଏକ ଓପନ ସେଣ୍ଟରକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଉକ୍ତ ସେବା ସଂଗଠନ ପକ୍ଷରୁ ଏ ନେଇ ନାବାଳିକାଙ୍କୁ ଘର କାମରେ ନିୟୋଜିତ କରାଇଥିବା ବ୍ୟବସାୟୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ସୂଚନାନୁସାରେ ନାବାଳିକାଙ୍କର ବାପା ନ ଥିବାବେଳେ ତାଙ୍କ ମା' ଯୋଡ଼ାରେ ଉକ୍ତ ବ୍ୟବସାୟୀଙ୍କ ଘରେ କାମ କରୁଥିଲେ। ହେଲେ ଦେଢମାସ ତଳେ ବ୍ୟବସାୟୀ ଜଣକ ଭଲ ସ୍କୁଲରେ ପାଠ ପଢାଇବାକୁ କହି ଭୁବନେଶ୍ୱର ଆଣିଥିଲେ। ପାଠ ପଢେଇବେ କ'ଣ ପିଲାଟିକୁ ଘରେ କାମରେ ନିୟୋଜିତ କରାଇବା ସହ ବାସନକୁସନ ମାଜିବା, ଘର ଝାଡୁ ମାରିବା, ପୋଛା ଆଦି କାମ କରାଉଥିଲେ । ଏନେଇ ରୁଚିକା ସଂଗଠନ ଖବର ପାଇବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଚଢାଉ କରି ବ୍ୟବସାୟୀଙ୍କ ଘରୁ ଉଦ୍ଧାର କରିଥିଲେ ।


ବିଶ୍ୱ ଧଳାବାଡ଼ି ଦିବସ ପାଳନ ଅବସରରେ ରବିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେଶାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ଏସ୍‌ଆଇଏସ୍‌ଇଆର୍) ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଏସ୍‌ଆଇଆର୍‌ଡି କାର୍ଯ୍ୟାଳୟଠାରୁ ବାହାରିଥିବା ସଚେତନତା ପଦଯାତ୍ରା।

# ବିଶ୍ୱ ଧଳାବାଡ଼ି ଦିବସରେ ସଚେତନତା ଶୋଭାଯାତ୍ରା

**ଭୁବନେଶ୍ୱର, ୧୫।୧୦**
**(ଅସମାପିକା ସାହୁ)**

ଦୃଷ୍ଟିବାଧିତଙ୍କ ନିମନ୍ତେ ସମର୍ପିତ 'ବିଶ୍ୱ ଧଳାବାଡ଼ି ଦିବସ' ଅବସରରେ ରବିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେଶାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍-୮ସ୍ଥିତ ଏସ୍‌ଆଇଆର୍‌ଡି କାର୍ଯ୍ୟାଳୟଠାରୁ ବାହାରିଥିବା ଏହି ସଚେତନତା ପଦଯାତ୍ରାକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଥିଲେ। ସେ କହିଲେ, ଧଳାବାଡ଼ି ଦୃଷ୍ଟିବାଧିତଙ୍କ ପାଇଁ ଜରୁରୀ ଆବଶ୍ୟକତା। ଧଳା ରଙ୍ଗରେ ଲାଲ ଗାର ରହିଥିବା ଏହି ବାଡ଼ି ସହଜରେ ଲକ୍ଷ୍ୟକରି ହେଉଥିବାରୁ ବ୍ୟବହାରକାରୀ ଦୃଷ୍ଟିବାଧିତଙ୍କ ଗମନାଗମନରେ ଯଥେଷ୍ଟ ସହାୟକ ହୋଇଥାଏ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଦୃଷ୍ଟିବାଧିତମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଦଯାତ୍ରାରେ ଶତାଧିକ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ନାଗରିକମାନେ ମଧ୍ୟ ସାମିଲ ହୋଇଥିଲେ। ପ୍ଲାକାର୍ଡ ଧରି ପଦଯାତ୍ରୀମାନେ ବାଦ୍ୟତାଳରେ ପଥ ଅତିକ୍ରମ କରିବା ସହିତ ଦୃଷ୍ଟିବାଧିତଙ୍କ ସୁରକ୍ଷା ଓ ସମସ୍ୟାରହିତ ଗତିବିଧି ବାବଦରେ ସଚେତନତାର ବାର୍ତ୍ତା ଦେଇଥିଲେ। ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଦିଲୀପ କୁମାର ରାୟ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଉପଶାସନ ସଚିବ ରଶ୍ମିରେଖା ମିଶ୍ର, ବିଭାଗୀୟ ଅଧିକାରୀ ସନ୍ନ୍ୟାସୀ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୀମାନ୍ତରୁ ୩ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ


ଜବତ ବିସ୍ଫୋରକ ସାମଗ୍ରୀ।

**ମାଲକାନଗିରି,୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଭଦ୍ରାଚଲମରେ ରବିବାର ପୋଲିସ ୩ ମାଓବାଦୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମାଓବାଦୀମାନେ ହେଲେ ଗୁଂଜି ବିଜୟ, ବୋଣ୍ଡା ନବୀନ, ଭୁକିୟା ନବୀନ। ସେମାନଙ୍କ ନିକଟରୁ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଜବତ ବିସ୍ଫୋରକ ସାମଗ୍ରୀ ମଧ୍ୟରେ କଡ୍ରେକ୍ସ ତାର, ଜିଲେଟିନ, ଡିଟୋନେଟର, ମୋବାଇଲ ଫୋନ ଆଦି ରହିଥିବା ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତକୁ ଲାଗିଥିବା ଆନ୍ଧ୍ରର ଭଦ୍ରାଚଲମ ବସ୍‌ଷ୍ଟାଣ୍ଡରେ ରବିବାର ୩ଜଣ ଯୁବକ ମାଓବାଦୀ ସଙ୍ଗଠନକୁ ବିପୁଳ ବିସ୍ଫୋରକ ସାମଗ୍ରୀ ଯୋଗାଇବା ପାଇଁ ବସ୍‌କୁ ଅପେକ୍ଷା କରି ରହିଥିଲେ। ଏ ନେଇ ବିଶେଷ ସୂତ୍ରରୁ ଖବରପାଇ ପୋଲିସ ସେଠାରେ ପହଞ୍ଚି ପ୍ରଥମେ ଏହି ୩ ଜଣଙ୍କୁ ଯାଞ୍ଚ କରିବାବେଳେ ସେମାନଙ୍କ ନିକଟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଉକ୍ତ ୩ ଜଣଙ୍କୁ ଗିରଫ କରି ଥାନାକୁ ନେଇ ପଚରାଉଚରା କରିବାବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ।

## ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଓଡ଼ିଶା ଚାମ୍ପିୟନ




**ଭୁବନେଶ୍ୱର,୧୫।୧୦**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଆଞ୍ଚଳିକ କ୍ରୀଡ଼ା ପ୍ରୋତ୍ସାହନ ପରିଷଦ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଉଭୟ କ୍ଷେତ୍ରରେ ଚାମ୍ପିଅନ୍ ହୋଇଛି। ଏଥିସହ ସର୍ବଭାରତୀୟ ପ୍ରତିଯୋଗିତାରେ ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛି। ଅଧିନାୟକ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଭଲିବଲ୍ ଟିମ୍ ଝାଡ଼ଖଣ୍ଡକୁ ୨-୦ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବାସ୍କେଟବଲ୍‌ରେ ଅଧିନାୟକ ଏନ୍.ଶ୍ରୀନିବାସଙ୍କ ଟିମ୍ ଉତ୍ତର-ପୂର୍ବାଞ୍ଚଳକୁ ୨୫-୮ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ, ଆଞ୍ଚଳିକ କମିଶନର ପି.ବି.ବର୍ମା, କିଟ୍‌ର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ସହାୟକ କମିଶନର ମୌସୁମୀଲତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅଲେଖ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଭବିଷ୍ୟନିଧି ରିକ୍ରିଏସନ୍ କ୍ଲବର ସମ୍ପାଦକ ନିରଞ୍ଜନ ପତି ସହାୟତା କରିଥିଲେ।

# ବର୍ଷକୁ ୧୦ଦିନ ଖୋଲାହୁଏ ମା' ଦାଣ୍ଡୁମାରମ୍ମାଙ୍କ ମନ୍ଦିର

■ ପାରଳାରେ ଭିନ୍ନ ପରମ୍ପରା
■ ନବରାତ୍ରରେ ମା' ଦୁର୍ଗାଙ୍କୁ ପୂଜା କରାଯାଏ

**ପାରଳାଖେମୁଣ୍ଡି**
**(ଗିରିଧାରୀ ପରିଛା),୧୫।୧୦**

ଗଜପତି ଜିଲା ପାରଳାଖେମୁଣ୍ଡି ସହରଠାରେ ଏକ ଭିନ୍ନ ପରମ୍ପରାର ଦୁର୍ଗା ମନ୍ଦିର ରହିଛି। ଯେଉଁ ମନ୍ଦିରଟି ବର୍ଷକୁ କେବଳ ୧୦ଦିନ ଖୋଲାଯାଇ ମା'ଙ୍କୁ ପୂଜା କରାଯାଇଥାଏ । ଅନ୍ୟଦିନେ ଏହି ମନ୍ଦିରରେ ତାଲା ଝୁଲିଥାଏ। ଏହି ମନ୍ଦିର ହେଉଛି ମା' ଦାଣ୍ଡୁମାରମ୍ମା ମନ୍ଦିର।

ପାରଳାଖେମୁଣ୍ଡି ସହରର ମୁଖ୍ୟ ଡାକ୍ତରଖାନାକୁ ଯିବା ବାମ ପାର୍ଶ୍ୱରେ ଏହି ମନ୍ଦିର ରହିଛି। ପାରଳାଖେମୁଣ୍ଡି ଗଜପତି ପରିବାରର ରାଜତ୍ୱ କାଳରେ ନିଜ ରାଜଧାନୀର ସୁରକ୍ଷା ପାଇଁ ସହରର ଉତ୍ତର ପୂର୍ବ କୋଣରେ ଏହି ମନ୍ଦିର ସ୍ଥାପନ କରାଯାଇଛି। ପାରଳା ରାଜ ପରିବାର ତରଫରୁ ନିର୍ମିତ ଏହି ମନ୍ଦିରରେ ମା' ଦୁର୍ଗା ଦାଣ୍ଡୁମାରମ୍ମା ନାମରେ ପୂଜିତ ହୋଇ ଆସୁଛନ୍ତି । ଏହି ମନ୍ଦିର ନିର୍ମାଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ କେବଳ ମା' ଦୁର୍ଗାଙ୍କ ନବରାତ୍ର ୯ ଦିନରେ ହିଁ ଖୋଲାଯାଇ ମା'ଙ୍କୁ ପୂଜା କରାଯାଇଥାଏ। ଦଶହରା ଦିନ ବିଳମ୍ବିତ ରାତିରେ ଏହି ମନ୍ଦିରକୁ ବନ୍ଦ କରି ଦିଆଯାଏ। ଚଳିତ ବର୍ଷ ରବିବାର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ହୋମ ଯଜ୍ଞ କରି ମନ୍ଦିର ଖୋଲାଯାଇଛି ଏବଂ ଏହା ଆସନ୍ତା ୨୩ତାରିଖ ବିଳମ୍ବିତ ରାତ୍ରରେ ବନ୍ଦ କରାଯିବ ବୋଲି ମନ୍ଦିର କମିଟି ସଭାପତି କହିଛନ୍ତି। ନବରାତ୍ରି ଆରମ୍ଭରେ ଶଙ୍ଖ, ହୁଳହୁଳି ଓ ବିଭିନ୍ନ ବାଦ୍ୟ ବଜାଇ ଏହି ମନ୍ଦିରର କବାଟ ଖୋଲାଯାଇ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ଏହି ୯ ଦିନ ଏଠାରେ ଅତ୍ୟନ୍ତ ଜାକଜମକରେ ମା'ଙ୍କ ପୂଜା କରାଯାଏ । ରାଜାଙ୍କ ସମୟରେ ବର୍ଷକୁ ଥରେ ମନ୍ଦିର ଖୋଲାଯାଇ ପୂଜା କରାଯାଇ ଅଷ୍ଟମୀ ଦିନ ବଳି ଦେବା ପ୍ରଥା ମଧ୍ୟ ରହିଥିଲା। ପୁଣି ଶେଷ ଦିନରେ ଅନ୍ୟ ଏକ ପଶୁକୁ ବଳି ଦେଇ ମନ୍ଦିରକୁ ବନ୍ଦ କରାଯାଉଥିଲା। କାଳକ୍ରମେ ବଳି ପ୍ରଥା ବନ୍ଦ ହୋଇଯାଇଛି। ମନ୍ଦିର ନିକଟରେ ଥିବା ଦଣ୍ଡୁମାଲାସାହି ବାସିନ୍ଦାଙ୍କ ଦ୍ୱାରା ଏହି ମନ୍ଦିର ବର୍ତ୍ତମାନ ପରିଚାଳନା ହେଉଛି। ପାରଳା ସହରର ଜନସାଧାରଣଙ୍କ ସହାୟତାରେ ଏହି ମନ୍ଦିରଠାରେ ନବରାତ୍ର ପାଳନ ଓ ପୂଜାର୍ଚ୍ଚନା ଚାଲୁ ରହିଛି। ଦାଣ୍ଡୁମାଲାସାହିର ବାସିନ୍ଦାମାନେ ମା'ଙ୍କୁ ନବରାତ୍ର ୯ ଦିନ ପର୍ଯ୍ୟନ୍ତ ନିଜ ଘରୁ ଖିରି, ଖେଚୁଡି ଏବଂ ନିରାମିଷ ପ୍ରସାଦ ଆଦି ତିଆରି କରି ଭୋଗ



ଲଗାଇଥାନ୍ତି। ଏହି ମନ୍ଦିରରେ ମା'ଙ୍କ ପ୍ରତିମୂର୍ତ୍ତି ପଛରେ ଏକ ସାପବିଲା ରହିଛି । ଏଥିରେ ବହୁ ପୁରାତନ କାଳରୁ ଏକମାତ୍ର ନାଗସାପ ରହିଥିବା ବିଶ୍ୱାସ ରହିଛି। ଏହି ସାପଟି ମା'ଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ଯେଉଁ ସାପଟିର ଦର୍ଶନ ପାଇଁ ସହରର ଚାରିପଟୁ ଭକ୍ତଙ୍କ ଗହଳି ଜମିଥାଏ। ମନ୍ଦିର ବନ୍ଦ ହେବା ପରେ ଏହି ନାଗସାପଟି ମନ୍ଦିରରେ ମା'ଙ୍କୁ ପୂଜା କରିବା ସହ ସେଠାରେ ଜଗି ରହି ଆସୁଥିବା ଗାଥା ରହିଛି । ମା' ଦାଣ୍ଡୁମାରମ୍ମାଙ୍କୁ ଦର୍ଶନ କରିଲେ ସର୍ବ ମଙ୍ଗଳ ପ୍ରାପ୍ତି ହେବା ସହ ଦୁରାରୋଗ୍ୟ ଓ ସମସ୍ତ କ୍ଲେଶ ଦୂର ହୁଏ ଏବଂ ମାନସିକ ପୂରଣ ହୋଇଥାଏ। ତେଣୁ ଏହି ମନ୍ଦିରକୁ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ନବରାତ୍ରରେ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖାଦେଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସାଇନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ ଭବନରେ ଅଣ ଭାଜପା-ବିଜେଡି ଦଳର ବୈଠକ



କଂଗ୍ରେସ ଭବନଠାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

**ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)**

- **୧୭ ଜଣିଆ ସଂଯୋଜନା କମିଟିରେ ପିସିସି ସଭାପତି ରହିଲେ ଅଧ୍ୟକ୍ଷ**
- **୪ ପର୍ଯ୍ୟାୟରେ ୪ ଜିଲାରେ ଜନଆକ୍ରୋଶ ସମାବେଶ କରିବାକୁ ନିଷ୍ପତ୍ତି**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଣଭାଜପା ଏବଂ ବିଜେଡି ରାଜନୈତିକ ଦଳର ନେତୃବୃନ୍ଦମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ରବିବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପସ୍ଥିତ ନେତୃବୃନ୍ଦମାନଙ୍କ ପରାମର୍ଶ ଅନୁଯାୟୀ ୧୬ଟି ରାଜନୈତିକ ଦଳକୁ ନେଇ ଏକ ୧୭ ଜଣିଆ ସଂଯୋଜନା କମିଟି ଗଠନ କରାଯାଇଛି। ଏହି କମିଟିରେ ପିସିସି ସଭାପତି ଅଧ୍ୟକ୍ଷ ଥିବାବେଳେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମୁଖ୍ୟ ସଂଯୋଜକ ଏବଂ ଅନ୍ୟ ସମଭାବାପନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ ସଭ୍ୟ ଅଛନ୍ତି। ବିଜେଡି ଓ ଭାଜପାର ଜନବିରୋଧୀ ନୀତି ବିରୋଧରେ ଜନଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଆକାଶଛୁଆଁ ଦରବୃଦ୍ଧି, ଜାତିଭିତ୍ତିକ ଗଣନା, ଉତ୍କଟ ବେକାରି ସମସ୍ୟା, ବ୍ୟାପକ ଦୁର୍ନୀତି ଆଦି ପ୍ରସଙ୍ଗ ନେଇ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ରାୟଗଡ଼ାଠାରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ନଭେମ୍ବର ଦ୍ୱିତୀୟ ସପ୍ତାହରେ ରାଉରକେଲା ଏବଂ ଡିସେମ୍ବରର ପ୍ରଥମ ସପ୍ତାହରେ ସମ୍ବଲପୁର ଓ ଦ୍ୱିତୀୟ ସପ୍ତାହରେ ବାଲେଶ୍ୱରରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକ ଶେଷରେ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ, ସିପିଆଇଏମ୍, ସିପିଆଇଏମ୍ଏଲ୍(ଏଲ୍), ଅଲ୍ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇଏମ୍ଏଲ୍ଏ ରେଡଷ୍ଟାର, ଏନ୍ସିପି, ଆର୍ଏସ୍ପି, ଆମ୍ ଆଦ୍ମୀ ପାର୍ଟି, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ସମତାକ୍ରାନ୍ତି, ଆର୍ଜେଡି ଏବଂ ଜେଡିୟୁ ଦଳର ପ୍ରତିନିଧିମାନେ ଅଂଶଗ୍ରହଣ କରି ନିଜର ମତାମତ ରଖିଛନ୍ତି।

# ଏଏପିରେ ଅଭିନେତ୍ରୀ ଗୌରୀ

**ନୂଆଦିଲ୍ଲୀ,୧୫।୧୦**

ବିଗ୍ ବସ୍ ଫେମ୍ ତଥା ଅଭିନେତ୍ରୀ ଗୌରୀ ନାଗୌରୀ ଆମ୍ ଆଦ୍ମୀ ପାର୍ଟି (ଏଏପି)ରେ ଯୋଗ ଦେଇଛନ୍ତି। ଏହି ଅବସରରେ ଗୌରୀ କହିଛନ୍ତି, ନାଗୌରକୁ ପରିଚୟ ଦେବାକୁ ଚାହୁଁଛି, ତେଣୁ ଏଏପିରେ ଯୋଗ ଦେଇଛି। ମୁଁ ଭାବୁଛି ଏଏପି ନାଗୌରକୁ ପରିଚୟ ଦେଇପାରିବ। ଭାଜପା ଓ କଂଗ୍ରେସ ବଦଳରେ ରାଜନୀତି ପାଇଁ ଏଏପିରେ ଯୋଗଦେବା ସମ୍ପର୍କରେ ସେ କହିଛନ୍ତି, ଆମେ ଚାହୁଁ ଯେ ଆମ୍ ଆଦ୍ମୀ ପାର୍ଟି ଏକ ସୁଯୋଗ ପାଉ। ଦେଶରେ ଦୁଇଟି ଷ୍ଟେରିଓଟାଇପ୍ ପାର୍ଟି ଭାଜପା ଏବଂ କଂଗ୍ରେସ ଅଛି। ତେଣୁ ଦେଶରେ କିଛି ନୂଆ ଆସିବା ଦରକାର। ଏଏପିର କାର୍ଯ୍ୟ ଦେଖିବା ପରେ ମୁଁ ଏଥିରେ ଯୋଗଦେବାକୁ ନିଷ୍ପତ୍ତି ନେଲି। ପଞ୍ଜାବ ଓ ଦିଲ୍ଲୀର ବିଦ୍ୟୁତ, ଶିକ୍ଷା ଏବଂ ଡାକ୍ତରଖାନା କ୍ଷେତ୍ରରେ ଏହି ଦଳ ଅନେକ କାର୍ଯ୍ୟ କରିଛି। ତେଣୁ ମୁଁ ଚାହେଁ ରାଜସ୍ଥାନରେ ମଧ୍ୟ ଏହିସବୁ କାର୍ଯ୍ୟ ହେଉ।



ନୂଆଦିଲ୍ଲୀସ୍ଥିତ ତେଲଙ୍ଗାନା ଭବନ ସମ୍ମୁଖରେ ରବିବାର ଦିଲ୍ଲୀ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ତେଲଙ୍ଗାନା ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର



ଭୁବନେଶ୍ୱରଠାରେ ଆୟୋଜିତ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ରାଜଧାନୀର ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ ସାମିଲ ହୋଇ ‘ଅମୃତ କଳସ’ରେ ମାଟି ସଂଗ୍ରହ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ‘ଆଜାଦୀ କା ଅମୃତ ମହୋତ୍ସବ’ ଅନ୍ତର୍ଗତ ଦେଶବ୍ୟାପୀ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ଆମର ସଂଗ୍ରହ ହୋଇଥିବା ମାଟି ନୂଆଦିଲ୍ଲୀରେ କର୍ତ୍ତବ୍ୟ ପଥରେ ‘ଅମୃତ ବାଟିକା’ରେ ସ୍ଥାପିତ ହେବ। ଏହି ‘ଅମୃତ ବାଟିକା’ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ପ୍ରତିବଦ୍ଧତାର ପ୍ରତୀକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ବୀର ଯୋଦ୍ଧାମାନଙ୍କୁ ମନେପକାଇବାର ଏକ ଭଲ ଅବସର ଦେଇଛି। ଦେଶମାତୃକାର ସେବା ପାଇଁ ବୀରଙ୍କୁ ବନ୍ଦନ କରାଯାଉଛି ଓ ସମସ୍ତଙ୍କ ପ୍ରାଣରେ ଦେଶପ୍ରେମ ଜାଗ୍ରତ ହୋଇଛି। ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ମହିଳାଙ୍କ ମଧ୍ୟରେ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମକୁ ନେଇ ବହୁତ ଉତ୍ସାହ ଦେଖାଯାଇଛି। ଆଜି

# ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର: ବିଜୟ



ପଦଯାତ୍ରାରେ ସାମିଲ ହୋଇଛନ୍ତି କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓ ଅନ୍ୟମାନେ।

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

**ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରୁ ଚମ୍ପାଦେଇପୁର ପର୍ଯ୍ୟନ୍ତ କଂଗ୍ରେସର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ରବିବାର ଚମ୍ପାଦେଇପୁରଠାରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବସନ୍ତପଡା ସରପଞ୍ଚ ଚାଙ୍ଗେର ମାଝିଙ୍କ ନେତୃତ୍ୱରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ବହୁ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଯୋଗଦେଇଥିଲେ। ପଦଯାତ୍ରାରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ଜୟପାଟଣା, ଥୁଆମୂଳ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ଅଞ୍ଚଳର ବହୁ କର୍ମୀ ଓ ଜନସାଧାରଣ ପଦଯାତ୍ରାରେ ଆସି ଚମ୍ପାଦେଇପୁରଠାରେ ବିଶାଳ ସମାବେଶରେ ସାମିଲ ହୋଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜୟ ପଟ୍ଟନାୟକ କହିଥିଲେ। ଏହି ସମାବେଶରେ ଜିଲା ସଭାପତି ଭାରତଭୂଷଣ ବେମାଲ, ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଉପସଭାପତି ପରମାନନ୍ଦ ମାଝି, ଲାଞ୍ଜିଗଡ଼ ବ୍ଲକ ସଭାପତି ବିଜୟ ନାଏକ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଥୁଆମୂଳ ରାମପୁରର ମହିଳା କଂଗ୍ରେସ ସମ୍ପାଦିକା ଦ୍ରୌପଦୀ ମାଝି ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଭଗବାନ ମାଝି, ବୁଦ୍ଧୁ ପଟେଲ, ତାରେଶ୍ୱର ସାହୁ, ପଠାଣି ସାମନ୍ତ ନାଗ, ଗୋପାଳ ଚନ୍ଦ୍ର ଦାସଙ୍କ ସମେତ ୨୬ଟି ପଞ୍ଚାୟତର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ସମାବେଶରେ ମାଲିଯୁବାଙ୍ଗ, କର୍ଲାମୁଣ୍ଡା ଓ ବିଶ୍ୱନାଥପୁର ପଞ୍ଚାୟତର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ସମାବେଶକୁ ବିଜୟ ନାଏକ ପରିଚାଳନା କରିଥିବା ବେଳେ ହରିହର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।


# Classified Everyday
0674-2580101, 2549949



AUTOMOBILE

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235



REAL ESTATE

**SALE**

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛଟାବର- 500/-, ନଖରା SC/Gen plot-300/-. 7978663279. D-75231

**Twincity ମଧ୍ୟଭାଗରେ Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଘରବାରି ବାସୋପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

**PURCHASE**

ଭୁବନେଶ୍ୱରରେ ଘର କଳା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589



CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469.** D-75226





Newly open spa positively Health benefits with expert therapist. 9040286886. D-75152

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Newly open health benefits Spa special offer @ 999. Contact: 7749034655. D- 75157

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body massage by expert therapist positively health benefits. 9938843929.** D-75159

Spa Kerala body Massage only best Therapist @699/- Bhubaneswar. 9337672475. D-1535

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

**LOST**

ମୁଁ ହରିଶ୍ଚନ୍ଦ୍ର ସାହୁ, ପିତା: ଭିକାରୀ ଚରଣ ସାହୁ, ଗ୍ରା: ବଳରାମପୁର, ପୋ:ଅ: ବେଗୁନିଆ, ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା। ମୁଁ ବିଜ୍ଞାପନ ଦେବାର କାରଣ ଏହିକି ଯେ, ମୋର ଓରିଜିନାଲ କବଲା ନଂ- ୩୬୭ / ୦୭, ମୌଜା ଓଡ଼ଗାଁ, ଖାତା- ନଂ. ୨୩୯/୪୬, ଏରିଆ- ୦.୦୭୨ ଡେସିମିଲ। ମୁଁ ତା. ୬।୧୦।୨୦୨୩, ସମୟ ଅପରାହ୍ନ ୨ ଘଟିକା ସମୟରେ ତହସିଲ ଯିବା ରାସ୍ତାରେ କେଉଁଠାରେ ଉକ୍ତ କବଲାଟି ହଜି ଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି, ଯଦି କେହି ସହୃଦୟ ବ୍ୟକ୍ତି କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ।
ଆଡ୍‌ଭୋକେଟ୍- ଦୀପକ କୁମାର ସାହୁ
ମୋ- 9937058785
D22864
ଧ-୧୪୭୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit c.f. No. 66/11.09.23 before the Court of Executive Magistrate, Bhubaneswar, that I Choudhury Harshita Sutar, D/o Choudhury Bijay Kumar Sutar, At/ PO/PS-Tirtol, Dist.- Jagatsinghpur , Pin -754137 Wrongly reflected in aadhar as Arjya Prajna Rudhimanta instead of CHOUDHURY HARSHITA SUTAR. That Choudhury Harshita Sutar and Arjya Prajna Rudhimanta is one and same person. D-1574

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କୁମାରୀ ଦାଶ**
(ବାଉଁଶିଆ ରଘୁନାଥପୁରଶାସନ)
ଶରଣକୁଳ, ନୟାଗଡ଼
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ: ୦୮।୧୦।୨୦୨୧
ତା୧୬।୧୦।୨୦୨୩ ଆଶ୍ୱିନ, ଶୁକ୍ଳପକ୍ଷ, ଦ୍ୱିତୀୟା

ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତ କୋଟି ପ୍ରଣାମ ଜଣାଉଛୁ।

**ଶୋକସନ୍ତପ୍ତ:** ସ୍ୱାମୀ- ତ୍ରିନାଥ ଦାଶ, ପୁତ୍ର- ସନ୍ତୋଷ, ସୁଶାନ୍ତ ପୁତ୍ରବଧୂ- ନନ୍ଦିତା, ସରୋଜିନୀ, ନାତୁଣୀ/ ନାତି- ଅଙ୍କିତା, ଅଂଶୁମାନ
ଧ-୧୫୭୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଜାନକୀ ପୃଷ୍ଟି**
(ବ୍ରାହ୍ମଣ ସାହି, ଚୌଦ୍ୱାର)
ଆବିର୍ଭାବ: ୩୦।୦୧।୧୯୫୪
ତିରୋଧାନ: ୨୭।୦୯।୨୦୨୨

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନି ତୁମେ ଆମ ପାଖରେ ନାହଁ ବୋଲି। ତୁମର ଅନାବିଳ ପ୍ରେମ, ଶ୍ରଦ୍ଧା, ଓ ଭଲପାଇବା ଆମ ପାଇଁ ଅମୂଲ୍ୟ ସମ୍ପଦ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାଥନା।

**ଶୋକସନ୍ତପ୍ତ:** ପତି: ବୈକୁଣ୍ଠନାଥ ପୃଷ୍ଟି, ପୁତ୍ର- ଶିବ ଓ ପବିତ୍ର, ଝିଅ- ଜ୍ୱାଇଁ, ରବି, ନାରାୟଣ, ନାତି /ନାତୁଣୀ ଓ ପରିବାରବର୍ଗ
ଧ-୧୫୭୬

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ସାଇନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର: ବିଜୟ

**ଲାଞ୍ଜିଗଡ଼,୧୫ା୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରୁ ଚମ୍ପାଦେଇପୁର ପର୍ଯ୍ୟନ୍ତ କଂଗ୍ରେସର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ରବିବାର ଚମ୍ପାଦେଇପୁରଠାରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବସନ୍ତପଡା ସରପଞ୍ଚ ଚାଞ୍ଚେର ମାଝିଙ୍କ ନେତୃତ୍ୱରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରୁ ବହୁ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜୟ ପଟ୍ଟନାୟକ କହିଥିଲେ। ପଦଯାତ୍ରାରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ଜୟପାଟଣା, ଥୁଆମୂଳ ରାମପୁର, ଭବାନୀପାଟଣା ଓ ଲାଞ୍ଜିଗଡ ଅଞ୍ଚଳର ବହୁ କର୍ମୀ ଓ ଜନସାଧାରଣ ପଦଯାତ୍ରାରେ ଆସି ଚମ୍ପାଦେଇପୁରଠାରେ ବିଶାଳ ସମାବେଶରେ ସାମିଲ ହୋଇଥିଲେ। ସମାବେଶରେ ମାଲିଗୁବାଙ୍ଗ, କର୍ଲାମୁଣ୍ଡା ଓ ବିଶ୍ୱନାଥପୁର ପଞ୍ଚାୟତର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ।

# ଏଏପିରେ ଅଭିନେତ୍ରୀ ଗୌରୀ

**ନୂଆଦିଲ୍ଲୀ,୧୫ା୧୦**

ବିଗ୍ ବସ୍ ଫେମ୍ ତଥା ଅଭିନେତ୍ରୀ ଗୌରୀ ନାଗୌରୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ଯୋଗ ଦେଇଛନ୍ତି। ଏହି ଅବସରରେ ଗୌରୀ କହିଛନ୍ତି, ନାଗୌରକୁ ପରିଚୟ ଦେବାକୁ ଚାହୁଁଛି, ତେଣୁ ଏଏପିରେ ଯୋଗ ଦେଇଛି। ମୁଁ ଭାବୁଛି ଏଏପି ନାଗୌରକୁ ପରିଚୟ ଦେଇପାରିବ। ଭାଜପା ଓ କଂଗ୍ରେସ ବଦଳରେ ରାଜନୀତି ପାଇଁ ଏଏପିରେ ଯୋଗଦେବା ସମ୍ପର୍କରେ ସେ କହିଛନ୍ତି, ଆମେ ଚାହୁଁ ଯେ ଆମ୍ ଆଦ୍‌ମୀ ପାର୍ଟି ଏକ ସୁଯୋଗ ପାଉ। ଦେଶରେ ଦୁଇଟି ଷ୍ଟେରିଓଟାଇପ୍ ପାର୍ଟି ଭାଜପା ଏବଂ କଂଗ୍ରେସ ଅଛି। ତେଣୁ ଦେଶରେ କିଛି ନୂଆ ଆସିବା ଦରକାର। ଏଏପିର କାର୍ଯ୍ୟ ଦେଖିବା ପରେ ମୁଁ ଏଥିରେ ଯୋଗଦେବାକୁ ନିଷ୍ପତ୍ତି ନେଲି। ପଞ୍ଜାବ ଓ ଦିଲ୍ଲୀର ବିଦ୍ୟୁତ, ଶିକ୍ଷା ଏବଂ ଡାକ୍ତରଖାନା କ୍ଷେତ୍ରରେ ଏହି ଦଳ ଅନେକ କାର୍ଯ୍ୟ କରିଛି। ତେଣୁ ମୁଁ ଚାହେଁ ରାଜସ୍ଥାନରେ ମଧ୍ୟ ଏହିସବୁ କାର୍ଯ୍ୟ ହେଉ।



ନୂଆଦିଲ୍ଲୀସ୍ଥିତ ତେଲଙ୍ଗାନା ଭବନ ସମ୍ମୁଖରେ ରବିବାର ଦିଲ୍ଲୀ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ତେଲଙ୍ଗାନା ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଽକୁମାରୀ ଦାଶ
(ବାଉଁଶିଆ ରଘୁନାଥପୁରଶାସନ)
ଶରଣକୁଳ, ନୟାଗଡ଼
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ: ୦୮।୧୦।୨୦୨୧
ତା୧୬।୧୦।୨୦୨୩ ଆଶ୍ୱିନ, ଶୁକ୍ଳପକ୍ଷ, ଦ୍ୱିତୀୟା
ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତ କୋଟି ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ: ସ୍ୱାମୀ- ତ୍ରିନାଥ ଦାଶ, ପୁତ୍ର- ସନ୍ତୋଷ, ସୁଶାନ୍ତ ପୁତ୍ରବଧୂ- ନନ୍ଦିତା, ସରୋଜିନୀ, ନାତୁଣୀ/ ନାତି- ଅଙ୍କିତା, ଅଂଶୁମାନ
ଧ-୧୫୭୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଜାନକୀ ପୃଷ୍ଟି
(ବ୍ରାହ୍ମଣ ସାହି, ଚୌଦ୍ୱାର)
ଆବିର୍ଭାବ: ୩୦।୦୧।୧୯୫୪
ତିରୋଧାନ: ୨୭।୦୯।୨୦୨୨
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନି ତୁମେ ଆମ ପାଖରେ ନାହିଁ ବୋଲି । ତୁମର ଅନାବିଳ ପ୍ରେମ, ଶ୍ରଦ୍ଧା, ଓ ଭଲପାଇବା ଆମ ପାଇଁ ଅମୂଲ୍ୟ ସମ୍ପଦ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତି: ବୈକୁଣ୍ଠନାଥ ପୃଷ୍ଟି, ପୁତ୍ର- ଶିବ ଓ ପବିତ୍ର, ଝିଅ- କ୍ୱାଇଁ, ରବି, ନାରାୟଣ, ନାତି /ନାତୁଣୀ ଓ ପରିବାରବର୍ଗ
ଧ-୧୫୭୬


# କଂଗ୍ରେସ ଭବନରେ ଅଣ ଭାଜପା-ବିଜେଡି ଦଳର ବୈଠକ

**ଭୁବନେଶ୍ୱର, ୧୫ା୧୦(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଣଭାଜପା ଏବଂ ବିଜେଡି ରାଜନୈତିକ ଦଳର ନେତୃବୃନ୍ଦମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ରବିବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପସ୍ଥିତ ନେତୃବୃନ୍ଦମାନଙ୍କ ପରାମର୍ଶ ଅନୁଯାୟୀ ୧୬ଟି ରାଜନୈତିକ ଦଳକୁ ନେଇ ଏକ ୧୭ ଜଣିଆ ସଂଯୋଜନା କମିଟି ଗଠନ କରାଯାଇଛି। ଏହି କମିଟିରେ ପିସିସି ସଭାପତି ଅଧ୍ୟକ୍ଷ ଥିବାବେଳେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମୁଖ୍ୟ ସଂଯୋଜକ ଏବଂ ଅନ୍ୟ ସମଭାବାପନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନେ ସଭ୍ୟ ଅଛନ୍ତି। ବିଜେଡି ଓ ଭାଜପାର ଜନବିରୋଧୀ ନୀତି ବିରୋଧରେ ଜନଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଆକାଶଛୁଆଁ ଦରବୃଦ୍ଧି, ଜାତିଭିତ୍ତିକ ଗଣନା, ଉତ୍କଟ ବେକାରି ସମସ୍ୟା, ବ୍ୟାପକ ଦୁର୍ନୀତି ଆଦିପ୍ରସଙ୍ଗ ନେଇ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ରାୟଗଡ଼ାଠାରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ନଭେମ୍ବର ଦ୍ୱିତୀୟ ସପ୍ତାହରେ ରାଉରକେଲା ଏବଂ ଡିସେମ୍ବରର ପ୍ରଥମ ସପ୍ତାହରେ ସମ୍ବଲପୁର ଓ ଦ୍ୱିତୀୟ ସପ୍ତାହରେ ବାଲେଶ୍ୱରରେ ଜନଆକ୍ରୋଶ ସମାବେଶ ହେବ ବୋଲି ବୈଠକ ଶେଷରେ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ, ସିପିଆଇଏମ୍, ସିପିଆଇଏମ୍ଏଲ୍(ଏଲ୍), ଅଲ୍ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇଏମ୍ଏଲ୍ଏ ରେଡଷ୍ଟାର, ଏନ୍‌ସିପି, ଆର୍‌ଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ସମତାକ୍ରାନ୍ତି, ଆର୍‌ଜେଡି ଏବଂ ଜେଡିୟୁ ଦଳର ପ୍ରତିନିଧିମାନେ ଅଂଶଗ୍ରହଣ କରି ନିଜର ମତାମତ ରଖିଛନ୍ତି।

# ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର


ଭୁବନେଶ୍ୱରଠାରେ ଆୟୋଜିତ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୫ା୧୦(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ରାଜଧାନୀର ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମରେ ସାମିଲ ହୋଇ ‘ଅମୃତ କଳସ’ରେ ମାଟି ସଂଗ୍ରହ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ‘ଆଜାଦୀ କା ଅମୃତ ମହୋତ୍ସବ’ ଅନ୍ତର୍ଗତ ଦେଶବ୍ୟାପୀ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ଆମର ବୀର ଯୋଦ୍ଧାମାନଙ୍କୁ ମନେପକାଇବାର ଏକ ଭଲ ଅବସର ଦେଇଛି। ଦେଶମାତୃକାର ସେବା ପାଇଁ ବୀରଙ୍କୁ ବନ୍ଦନ କରାଯାଉଛି ଓ ସମସ୍ତଙ୍କ ପ୍ରାଣରେ ଦେଶପ୍ରେମ ଜାଗ୍ରତ ହୋଇଛି। ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ମହିଳାଙ୍କ ମଧ୍ୟରେ ‘ମୋ ମାଟି ମୋ ଦେଶ’ କାର୍ଯ୍ୟକ୍ରମକୁ ନେଇ ବହୁତ ଉତ୍ସାହ ଦେଖାଯାଇଛି। ଆଜି ସଂଗ୍ରହ ହୋଇଥିବା ମାଟି ନୂଆଦିଲ୍ଲୀରେ କର୍ତ୍ତବ୍ୟ ପଥରେ ‘ଅମୃତ ବାଟିକା’ରେ ସ୍ଥାପିତ ହେବ। ଏହି ‘ଅମୃତ ବାଟିକା’ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ପ୍ରତିବଦ୍ଧତାର ପ୍ରତୀକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।


# Classified Everyday
0674-2580101, 2549949


AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE

SALE

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

**Twincity ମଧ୍ୟଭାଗରେ Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିକସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589


CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469.** D-75226




Newly open spa positively Health benefits with expert therapist. 9040286886. D-75152

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Newly open health benefits Spa special offer @ 999. Contact: 7749034655. D- 75157

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body massage by expert therapist positively health benefits. 9938843929.** D-75159

Spa Kerala body Massage only best Therapist @699/- Bhubaneswar. 9337672475. D-1535

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

LOST

ମୁଁ ହରିଶ୍ଚନ୍ଦ୍ର ସାହୁ, ପିତା: ଭିକାରୀ ଚରଣ ସାହୁ, ଗ୍ରା: ବଳରାମପୁର, ପୋ:ଅ: ବେଗୁନିଆ, ଥାନା- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା। ମୁଁ ବିଜ୍ଞାପନ ଦେବାର କାରଣ ଏହିକି ଯେ, ମୋର ଓରିଜିନାଲ କବଲା ନଂ- ୩୬୭ / ୦୭, ମୌଜା ଓଡ଼ଗାଁ, ଖାତା- ନଂ. ୨୩୯/୪୬, ଏରିଆ- ୦.୦୭୨ ଡେସିମିଲ। ମୁଁ ତା. ୬।୧୦।୨୦୨୩, ସମୟ ଅପରାହ୍ନ ୨ ଘଟିକା ସମୟରେ ତହସିଲ ଯିବା ରାସ୍ତାରେ କେଉଁଠାରେ ଉକ୍ତ କବଲାଟି ହଜି ଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି, ଯଦି କେହି ସହୃଦୟ ବ୍ୟକ୍ତି କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ।
ଆଡ୍‌ଭୋକେଟ୍- ଦୀପକ କୁମାର ସାହୁ
ମୋ- 9937058785
D22864
ଧ-୧୫୭୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue of an affidavit c.f. No. 66/11.09.23 before the Court of Executive Magistrate, Bhubaneswar, that I Choudhury Harshita Sutar, D/o Choudhury Bijay Kumar Sutar, At/ PO/PS-Tirtol, Dist.- Jagatsinghpur , Pin -754137 Wrongly reflected in aadhar as Arjya Prajna Rudhimanta instead of CHOUDHURY HARSHITA SUTAR. That Choudhury Harshita Sutar and Arjya Prajna Rudhimanta is one and same person.
D-1574

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

ସିଭିଲ ଜଜ୍, ସିନିୟର ଡିଭିଜନ, ପିପିଲି
ସିଏସ୍ ନଂ - ୧୮୬ / ୨୦୨୧

୧)- କନକ ଦୁର୍ଗା ଦେବୀ, ବିଜେ ଭବାନିପୁର, ରିପ୍ରେଜେନଟେଡ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀ ବିକ୍ରମ କେଶରୀ ସିଂ, ବ୬୮ ର୍ଷ, ପି-ଽ ରାମ ଚନ୍ଦ୍ର ସିଂ, ୨)- ବିଶ୍ୱନାଥ ସାହୁ, ବ୪୯ର୍ଷ, ପି- କୃଷ୍ଣ ଚନ୍ଦ୍ର ସାହୁ, ଉଭୟଙ୍କର ସା- ମଢିଆଳି ସାହି, ପୋ/ ଥାନା- ପିପିଲି, ଜି-ପୁରୀ, ୩)- ଗଣେଶ ଚନ୍ଦ୍ର ବଇଠାରୁ ବ୪୬ର୍ଷ, ପି- ରାମ ଚନ୍ଦ୍ର ବଇଠାରୁ, ସା- ଭବାନିପୁର, ପୋ / ଥାନା- ପିପିଲି, ଜି- ପୁରୀ।
.......ବାଦୀ

ବନାମ

୧)- ସବିତା ସାହୁ, ବ୪୫ର୍ଷ, ସ୍ୱା-ଽ ପ୍ରଦୀପ କୁମାର ସାହୁ, ୨)- ବର୍ଷା ରାଣୀ ସାହୁ, ବ୨୨ର୍ଷ, ପି- ଽ ପ୍ରଦୀପ କୁମାର ସାହୁ, ୩)- ଦିପ୍ତିଶିଖା ସାହୁ, ବ୧୮ର୍ଷ, ପି-ଽ ପ୍ରଦୀପ କୁମାର ସାହୁ, ୪)- ପ୍ରତିମା ବଇଠାରୁ, ବ୪୧ର୍ଷ, ସ୍ୱା- ଽ ରାଜକୀଶୋର ବଇଠାରୁ, ୫)- ଅକ୍ଷୟ କୁମାର ବଇଠାରୁ, ବ୪୦ର୍ଷ, ପି-ବିଷ୍ଣୁ ଚରଣ ବଇଠାରୁ, ୬)- ଅଜୟ କୁମାର ବଇଠାରୁ, ବ୩୨ର୍ଷ, ପି-ବିଷ୍ଣୁ ଚରଣ ବଇଠାରୁ ସମସ୍ତଙ୍କର ସା- ଭବାନିପୁର, ପୋ / ଥାନା- ପିପିଲି, ଜି- ପୁରୀ
........ ପ୍ରତିବାଦୀ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ସମସ୍ତ ବାଦୀମାନେ ଶ୍ରୀ କନକଦୁର୍ଗା ଦେବୀଙ୍କର ମ୍ୟାନେଜିଙ୍ଗ ଟ୍ରଷ୍ଟି ଓ ମେମ୍ବର ଥାଇ ଠାକୁରାଣୀଙ୍କ ପ୍ରତିନିଧି ଭାବେ ଉପରୋକ୍ତ ମୋକଦ୍ଦମା ଆଗତ କରି ତହିଁରେ ନିମ୍ନ ତଫସିଲ ସମ୍ପତ୍ତିକୁ ରାସ୍ତାର ଅଂଶ ବିଶେଷ ଓ ସମସ୍ତ ଜନସାଧାରଣ କନକ ଦୁର୍ଗା ମନ୍ଦିର, ଭବାନିପୁର, ପିପିଲି ଶାସନ, ପଣ୍ଡା ବଜାର ଓ ହସନପୁରକୁ ଯାତାୟାତର ଅଧିକାର, ପ୍ରତିବାଦୀମାନଙ୍କର ଉକ୍ତ ସମ୍ପତ୍ତିରେ ସ୍ୱତ୍ୱ, ସାବ୍ୟସ୍ତ, ଦାଖଲ ଓ ଅଧିକାର ନଥିବା ପାଇଁ ଏବଂ କବଲା ନଂ- ୭୩୭, ତା୧.୨.୧୯୬୭ରିଖ କୁ ରଦ୍ଦ ଘୋଷଣା ଏବଂ ପ୍ରତିବାଦୀଙ୍କ ବିରୁଦ୍ଧେ ଚିରସ୍ଥାୟୀ ନିଷେଧାଜ୍ଞା ମୋକଦ୍ଦମା ଆଗତ କରିଅଛନ୍ତି। ଅତ୍ର ମୋକଦ୍ଦମା ଆସନ୍ତା ତା ୦୧.୧୧.୨୦୨୩ ରିଖକୁ ଧାର୍ଯ୍ୟ ଅଛି। ଅତ୍ର ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉକ୍ତ ମୋକଦ୍ଦମା ସମ୍ପର୍କରେ ଯଦି କୌଣସି ଆପତ୍ତି ବା ଅଭିଯୋଗ ଥାଏ, ତେବେ ଧାର୍ଯ୍ୟ ତାରିଖ ଦିନ କୋର୍ଟରେ ହାଜର ହୋଇ ଜଣାଇବେ ।

ସ୍ୱା./- ସିଭିଲ ଜଜ୍ ସିନିୟର ଡିଭିଜନ, ପିପିଲି

ସମ୍ପତ୍ତିର ବିବରଣୀ:
ଜି- ପୁରୀ, ଥାନା- ପିପିଲି, ମୌଜା- ଭବାନିପୁର, ଖାତା ନଂ- ୩୯୭, ପ୍ଲଟ୍ ନଂ- ୩୪୩, ଏରିଆ ଏସି୦. ୦ ୨୦୦ ଡିସିମିଲ (ରାସ୍ତା), ୧୯୬୬ ବନ୍ଦୋବସ୍ତ ଖାତା ନଂ- ୨୨, ସାବିକ ପ୍ଲଟ୍ ନଂ- ୪୫୨, ଏରିଆ ଏସି୦.୦୨ ଡିସିମିଲ ଓ ପ୍ଲଟ୍ ନଂ- ୪୫୩, ଏରିଆ ଏସି୦. ୦୧ ଡିସିମିଲ ସନ ୧୯୨୭- ୨୮ ସାବକ ବନ୍ଦୋବସ୍ତ ଖାତା ନଂ- ୪୨, ପ୍ଲଟ୍ -୪୮୮, ଏ୦.୦୨୦ ଡିସିମିଲ, ପ୍ଲଟ୍ ନଂ-୪୮୯, ଏରିଆ ଏ୦. ୦୧୦ ଡିସିମିଲ।
ଧ-୧୫୭୫

**ନୋବେଲ ପୁରସ୍କାର-୨୦୨୩ (ପଦାର୍ଥ ବିଜ୍ଞାନ)**

# ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନର ଆବିଷ୍କାର



ଇଂ. ମାୟାଧର ସ୍ୱାଇଁ

"ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍ର ଆନି ଲ'ହ୍ୟୁଲିୟରଙ୍କୁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣି ହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା।"



ପାଇରେ ଏଗୋଷ୍ଟିନି   ଫେରେଙ୍କ୍ କ୍ରାଉଜ୍   ଲ' ହ୍ୟୁଲିୟର




ଅତି କ୍ଷୁଦ୍ର ସ୍ପନ୍ଦବିଶିଷ୍ଟ ଆଲୋକ ସୃଷ୍ଟି କରି ଏବଂ ଏହା ସାହାଯ୍ୟରେ ତୀବ୍ର ବେଗରେ ଗତି କରୁଥିବାର ଇଲେକଟ୍ରନଗୁଡ଼ିକୁ ସହଜରେ ଅଧ୍ୟୟନ କରିପାରିବାର ଉପାୟ ଆବିଷ୍କାର କରିଥିବାରୁ ତିନି ଜଣ ବୈଜ୍ଞାନିକଙ୍କୁ ୨୦୨୩ ପାଇଁ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବାକୁ ଜାତୀୟ ସୁଇଡେନ୍ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ସେମାନେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍ର ଆନି ଲ'ହ୍ୟୁଲିୟର। ପୁରସ୍କାର ରାଶି ଭାବରେ ଥିବା ଏଗାର ନିୟୁତ ସୁଇଡେନ୍ କ୍ରୋନୋର (ପ୍ରାୟ ଏକ ନିୟୁତ ଆମେରିକୀୟ ଡଲାର) ତିନି ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯିବ। ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍ଫ୍ରେଡ ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଅର୍ଥାତ୍ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯିବ।

ଗୋଟିଏ ପରମାଣୁ କେନ୍ଦ୍ରରେ ପ୍ରୋଟୋନ ଓ ନିଉଟ୍ରନକୁ ନେଇ ନାଭିକ ଅଛି ଏବଂ ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍ଟ୍ରନଗୁଡ଼ିକ ଘୁରୁଛନ୍ତି। ଇଲେକଟ୍ରନଗୁଡ଼ିକ ଏତେ ବେଗରେ ଘୂରୁଛନ୍ତି ଯେ ସେଗୁଡ଼ିକୁ ବାସ୍ତବ ସମୟରେ ପର୍ଯ୍ୟବେକ୍ଷଣ କରିବା ଅସମ୍ଭବ। ଏହି ବର୍ଷର ତିନି ନୋବେଲ ବିଜ୍ଞାନୀଙ୍କ କାର୍ଯ୍ୟ ଏବଂ ଗବେଷଣା ଯୋଗୁ ଆଜି ଆମେ ଏହି ଇଲେକଟ୍ରନ୍ଗୁଡ଼ିକୁ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିପାରୁଛେ। ଆଟୋସେକେଣ୍ଡ ହେଉଛି ଗୋଟିଏ ସେକେଣ୍ଡର ଏକ ବିଲିୟନ। ତାହା ଆଜକୁ ୧୩.୮ ବିଲିୟନ ବର୍ଷ ପୂର୍ବେ ବିଶ୍ୱ ସୃଷ୍ଟି ବେଳରୁ ସେକେଣ୍ଡରେ ଆଜି ପର୍ଯ୍ୟନ୍ତ ବିତିଯାଇଥିବା ସମୟ ସହିତ ସମାନ। ଅନ୍ୟ ଏକ ଉଦାହରଣ ଦେଖିବା। ଗୋଟିଏ କୋଠରିର ଗୋଟିଏ କାନ୍ଥରୁ ବିପରୀତ କାନ୍ଥକୁ ଆଲୋକ ଯିବା ପାଇଁ ଦଶ ବିଲିୟନ ଆଟୋସେକେଣ୍ଡ ନେଇଥାଏ। କଳ୍ପନା କର ଯେ ବୈଜ୍ଞାନିକମାନେ ଏହି ଅତିକ୍ଷୁଦ୍ର ଆଲୋକ ସ୍ପନ୍ଦ ସୃଷ୍ଟି କରିବା ପାଇଁ କେତେ ପରିଶ୍ରମ କରି ନ ଥିବେ !

୧୯୮୭ ମସିହାରେ ଆନି ଲ'ହ୍ୟୁଲିଅର ଗୋଟିଏ ନିଷ୍କ୍ରିୟ ଗ୍ୟାସ୍ ଦେଇ ଅବଲୋହିତ ଲେଜର ଆଲୋକକୁ ଗତି କରାଇ ଆଲୋକର ବିଭିନ୍ନ ଓଭରଟୋନ୍ ଆବିଷ୍କାର କଲେ। ଲେଜର ଆଲୋକର ପ୍ରତ୍ୟେକ ଚକ୍ର ପାଇଁ ପ୍ରତ୍ୟେକ ଓଭରଟୋନ୍ ହେଉଛି ନିର୍ଦ୍ଦିଷ୍ଟ ସଂଖ୍ୟକ ଚକ୍ର ଥିବା ଆଲୋକ ତରଙ୍ଗ। ଗ୍ୟାସ୍ର ପରମାଣୁ ସହିତ ଲେଜର ଆଲୋକର ଅନ୍ତଃପ୍ରକ୍ରିୟା ଫଳରେ ଏହା ସୃଷ୍ଟି ହୋଇଥାଏ। ଏହା କେତେକ ଇଲେକଟ୍ରନ୍କୁ ଅତିରିକ୍ତ ଶକ୍ତି ପ୍ରଦାନ କରିଥାଏ, ଯାହା ଏହାପରେ ଆଲୋକ ଭାବେ ନିର୍ଗତ ହୋଇଥାଏ। ଲ' ହ୍ୟୁଲିଅର ଏହା ଉପରେ ଅନେକ ବର୍ଷ ଗବେଷଣା କରି ନିବନ୍ଧମାନ ପ୍ରକାଶ କରିଥିଲେ। ଏହା ପରବର୍ତ୍ତୀ ଗବେଷଣା ଓ ଆବିଷ୍କାର ପାଇଁ ମୂଳଦୁଆ ପକାଇଥିଲା।

୨୦୦୧ ମସିହାରେ ପାଇରେ ଏଗୋଷ୍ଟିନି କେତେଗୁଡ଼ିଏ କ୍ରମିକ ଆଲୋକ ସ୍ପନ୍ଦ ସୃଷ୍ଟି କରି ଏହା ଉପରେ ଗବେଷଣା କଲେ। ଏହାର ପ୍ରତ୍ୟେକ ସ୍ପନ୍ଦ ୨୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା। ଠିକ୍ ଏହି ସମୟରେ ଫେରେଙ୍କ୍ କ୍ରାଉଜ ଆଲୋକ ଉପରେ ଅନ୍ୟ ଏକ ପରୀକ୍ଷା କରି ଗୋଟିଏ ଏକକ ଆଲୋକ ସ୍ପନ୍ଦକୁ ପୃଥକ୍ କରିପାରିଲେ, ଯାହା ୬୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା।

ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣିହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା। ଏହାର ସମ୍ଭାବ୍ୟ ବ୍ୟବହାର ଇଲେକଟ୍ରୋନିକ୍ସ ଓ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଅଛି। ଇଲେକ୍ଟ୍ରୋନିକ୍ସରେ ଗୋଟିଏ ପଦାର୍ଥରେ ଇଲେକଟ୍ରନଗୁଡ଼ିକର ଆଚରଣକୁ ବୁଝିବା ଓ ନିୟନ୍ତ୍ରଣ କରିବା ଜରୁରୀ। ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ ଏଥିରେ ଯଥେଷ୍ଟ ସାହାଯ୍ୟ କରିବ। ଉଦାହରଣସ୍ୱରୂପ, ଏହା ସାହାଯ୍ୟରେ ରକ୍ତରେ ଆଣବିକ ସ୍ତରରେ ହେଉଥିବା ପରିବର୍ତ୍ତନକୁ ବୁଝିପାରି ରୋଗକୁ ଚିହ୍ନଟ କରାଯାଇପାରିବ। ତିନି ବୈଜ୍ଞାନିକ ଏହି କାର୍ଯ୍ୟ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଜାତୀୟ ସୁଇଡେନ୍ ଏକାଡେମୀ ପ୍ରକାଶ କରିଛି।

ଆନି ଲ' ହ୍ୟୁଲିଅର ଫ୍ରାନ୍ସର ପ୍ୟାରିସଠାରେ ୧୯୫୮ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି। ସେ ପ୍ୟାରିସର ପିଏରି ଓ ମେରି କ୍ୟୁରି ବିଶ୍ୱବିଦ୍ୟାଳୟରୁ ୧୯୮୬ ମସିହାରେ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ସୁଇଡେନ୍ର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ସେ ହେଉଛନ୍ତି ପଞ୍ଚମ ମହିଳା।

ଫେରେଙ୍କ୍ କ୍ରାଉଜ୍ ହଙ୍ଗେରୀର ମୋରଠାରେ ୧୯୬୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୯୧ରେ ଅଷ୍ଟ୍ରିଆର ଭିଏନା ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ଜର୍ମାନୀର ଗାର୍ସିଙ୍ଗସ୍ଥିତ ମାକ୍ସ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଣ୍ଟମ ଅପ୍ଟିକସ୍ର ନିର୍ଦ୍ଦେଶକ ଏବଂ ମୁଞ୍ଚେନସ୍ଥିତ ଲୁଡଉଇଗ ମାକସିମିଲାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି।

ପାଇରେ ଏଗୋଷ୍ଟିନି ଫରାସୀ ଟ୍ୟୁନିସିଆର ଟ୍ୟୁନିସଠାରେ ୧୯୪୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୮ ମସିହାରେ ଫ୍ରାନ୍ସର ଏଇକ୍ସ-ମର୍ସେଲେ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବସ୍ସ୍ଥିତ ଓହିଓ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

-୭୦, ଲକ୍ଷ୍ମୀ ବିହାର,ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ହାର୍ଟ ପାଇଁ ଉପକାରୀ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏଭଳି ଖାଦ୍ୟ ଖାଆନ୍ତି ତେବେ ସେ ହୃଦ୍ଜନିତ ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରନ୍ତି ବୋଲି ମତ ଦେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରୁଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ରକ୍ତରେ ୟୁରିକ୍ ଏସିଡ୍ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।



## ସଙ୍ଗୀତ ଏବଂ ସ୍ମରଣ ଶକ୍ତି

ଅନେକେ ଅବସର ମିଳିଲେ ନିଜ ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ଏହାଦ୍ୱାରା ଭାରାକ୍ରାନ୍ତ ମନ କେତେକାଂଶରେ ହାଲକା ହୋଇଥାଏ। ମନପସନ୍ଦର ଗୀତ ଶୁଣିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଆହୁରି ତୀବ୍ର ହୋଇଥାଏ ବୋଲି ମତ ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ସ୍ମରଣ ଶକ୍ତିରେ ତାରତମ୍ୟ ପରିଲକ୍ଷିତ ହେଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ତା'ସହ ସେମାନଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ବୃଦ୍ଧି ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।



## 'କଲରା' ଜିନିଷ ଏକ: ଉପକାର ଅନେକ

**କଲରାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆମ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।
- ଏଥିରେ ଭିଟାମିନ୍ 'ଏ' ମଧ୍ୟ ରହିଛି। ଏହା ଶରୀରରେ ଚର୍ମ ଗଠନ କରିଥାଏ।
- ହାର୍ଟ ପାଇଁ ବେଶ୍ ଉପକାରୀ ହେଉଛି କଲରା। ତା'ସହ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।



- କଲରା ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ଉଚ୍ଚ ରକ୍ତଚାପ, ଆଜ୍ମା ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ଏହା କିଛି ମାତ୍ରାରେ ମଧ୍ୟ ସନ୍ତୁଳିତ ରଖିଥାଏ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ମଧ୍ୟ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ।
- ଏହା ଲିଭର (ଯକୃତ୍)ରୁ ବାଇଲ୍ ଏସିଡ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ।
- କଲରା କେତେକାଂଶରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।
- କଲରା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➤ ପ୍ରତିଦିନ ସକାଳେ ଅତିକମ୍ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। କାରଣ ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ 'ଡି' ଭରି ରହିଛି।

➤ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଜାତୀୟ ଖାଦ୍ୟ ସାମିଲ କରନ୍ତୁ।

➤ ନିଜକୁ ଅବସାଦ ବଳୟରେ ବେଶି ସମୟ ରଖନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଏଥିରୁ କିପରି ମୁକୁଳିବେ ସେ ନେଇ ଥଣ୍ଡା ମନରେ ଚିନ୍ତା କରନ୍ତୁ।



➤ ରକ୍ତଚାପ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ବିଶେଷଭାବରେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଏହାସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।

➤ କୌଣସି କାମ କରିବା ସମୟରେ ମନରେ ନକାରାତ୍ମକ ଭାବନା ଯେମିତି ଉଦ୍ରେକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦୀର୍ଘ ସମୟ ଧରି କାମ କରୁଥିଲେ ତା' ମଧ୍ୟରେ କିଛି ସମୟ ବିରତି ନିଅନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ କାମ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୁଏ।

➤ ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବାହାରେ ତଥା ରାସ୍ତା କଡରେ ଚଟପଟି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଏସିଡିଟି ସୃଷ୍ଟି କରିଥାଏ।

# ଗ୍ରହାଣୁ ଧୂଳିରେ ଜୀବନର ଜାତକ

(ଶେଷ ଭାଗ)

ବେନୁ ଗ୍ରହାଣୁ ନମୁନାର ବିଶ୍ଳେଷଣ ଜରିଆରେ ବୈଜ୍ଞାନିକମାନଙ୍କୁ ସୃଷ୍ଟିର ପ୍ରାରମ୍ଭ କାଳରେ ଘଟିଥିବା ସୌରଜଗତ ଜନ୍ମ ତଥା ଆମ ଗ୍ରହ ପୃଥିବୀରେ ଜୀବନର ଅଭ୍ୟୁଦୟ କିପରି ହୋଇଥିଲା ସୂଚନା ମିଳିବ। ଆହୁରି ମଧ୍ୟ ଏହା ଦ୍ୱାରା ପୃଥିବୀ ଅଭିମୁଖେ ସମ୍ଭାବ୍ୟ ସଂଘର୍ଷ ପଥରେ ଅଗ୍ରସର ହେଉଥିବା କିଛି ଗ୍ରହାଣୁଙ୍କ ସମ୍ପର୍କରେ ମଧ୍ୟ ଜାଣିବା ପାଇଁ ସୁଯୋଗ ମିଳିବ। ଏପରି କିଛି ବିପଜ୍ଜନକ ଗ୍ରହାଣୁର ସନ୍ଧାନ ମିଳିଲେ ସେମାନଙ୍କୁ ଯଥେଷ୍ଟ ପୂର୍ବରୁ ଠାବକରି ତଥା ପୃଥିବୀରେ ଧକ୍କା ଜନିତ ବିପଦ ଘଟାଇବା ପୂର୍ବରୁ ସେଗୁଡ଼ିକୁ ଶକ୍ତିଶାଳୀ ରକେଟ୍ ଦ୍ୱାରା ଆଘାତପୂର୍ବକ ଧ୍ୱଂସ କରିପାରିଲେ ଯାଇ ଆମର ଗ୍ରହ ପୃଥିବୀକୁ ସୁରକ୍ଷିତ ରଖିହେବ। ସୁତରାଂ ସୁଦୂର ଗ୍ରହାଣୁଙ୍କ କ୍ଷେତ୍ରରେ ଏଭଳି କଠିନ ଓ ଉଚ୍ଚ ଜ୍ଞାନକୌଶଳଯୁକ୍ତ କାର୍ଯ୍ୟକୁ ବାସ୍ତବତାରେ ରୂପାୟନ କରିବା ପାଇଁ ହେଲେ ଆମକୁ ସେମାନଙ୍କ ଗଠନ, କ୍ରମବିକାଶ ତଥା ଅନ୍ତରୀକ୍ଷରେ ଅବସ୍ଥାନ ଓ ଗତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମ୍ୟକ୍ ତଥା ନିରନ୍ତର ଜ୍ଞାନ ଆହରଣ କରିବାକୁ ପଡ଼ିବ।

**ରହସ୍ୟମୟ ଗ୍ରହାଣୁ ବେନୁ:** ଗତ ୧୯୯୯ ମସିହାରେ ଆମ ସୌରମଣ୍ଡଳରେ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ବିଦ୍ୟମାନ ଗ୍ରହାଣୁ ବଳୟରେ ଆବିଷ୍କାର କରାଯାଇଥିବା ଏହି କ୍ଷୁଦ୍ର ଗ୍ରହାଣୁଟି ପ୍ରତି ୬ ବର୍ଷରେ ଥରେ ପୃଥିବୀର ନିକଟବର୍ତ୍ତୀ ହୋଇଥାଏ। ଏହା ଦେଖିବାକୁ ଆକାରରେ ଏକ ନଟୁ ସଦୃଶ। ଏହା ଏତେ ଛୋଟ ଯେ ଏହାର ବ୍ୟାସ ମାତ୍ର ଅଧ କିଲୋମିଟର ପରିମିତ। ନିଜ କକ୍ଷପଥରେ ସୂର୍ଯ୍ୟଠାରୁ ଏହାର ହାରାହାରି ଦୂରତା ୧୬.୮ କୋଟି କିଲୋମିଟର ଏବଂ ଏହା ସୂର୍ଯ୍ୟକୁ ଥରେ ପରିକ୍ରମା କରିବା ପାଇଁ ପ୍ରାୟ ୧.୨ ବର୍ଷ ସମୟ ନେଇଥାଏ। ଏହା ମାତ୍ର ୪.୩ ଘଣ୍ଟା ସମୟ ଅନ୍ତରାଳରେ ନିଜ ଅକ୍ଷ ଚାରିପଟେ ଏକ ସମ୍ପୂର୍ଣ୍ଣ ଘୂର୍ଣ୍ଣନ ସମାପ୍ତ କରିଥାଏ; ସୁତରାଂ ଏହାର ଦିନ ଓ ରାତିର ଅବଧି ପ୍ରାୟ ଦୁଇ ଦୁଇ ଘଣ୍ଟା। ଏହାର ଜନ୍ମ ପ୍ରାୟ ୪.୫ କୋଟି ବର୍ଷ ପୂର୍ବେ ହୋଇଥିଲା। ଏହା ଗ୍ରହାଣୁ ବଳୟର କୌଣସି ବଡ଼ କାର୍ବନ୍ଯୁକ୍ତ ଗ୍ରହାଣୁ ଭାଙ୍ଗିଯିବା ଦ୍ୱାରା ତା'ର ଭଗ୍ନାବଶେଷରୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। ଏହାର ପୃଷ୍ଠଦେଶ ଅତ୍ୟନ୍ତ ରୁକ୍ଷ ଓ ବନ୍ଧୁର, ଯାହା କେବଳ ଶିଳା ଓ ପଥର ଦ୍ୱାରା ଢଙ୍କା। ଏହାର ସବୁଠାରୁ ବଡ଼ ପଥରର ଲମ୍ବ ୭୨ ଫୁଟ। ଗ୍ରହାଣୁଟିର ସ୍ୱଳ୍ପ ମହାକର୍ଷଣ ବଳ ହେତୁ ଏହାର କୌଣସି ବାୟୁମଣ୍ଡଳ ଧାରଣର ସାମର୍ଥ୍ୟ ନାହିଁ। ଏହାର ଦିନ ସମୟରେ ସର୍ବାଧିକ ତାପମାତ୍ର ୧୧୬ ଡିଗ୍ରୀ ସେଲସିୟସ୍ ହୋଇଥିଲାବେଳେ ରାତି ସମୟର ସର୍ବନିମ୍ନ ତାପମାତ୍ରା -୧୦୦ ଡିଗ୍ରୀ ସେଲସିୟସ୍। ସୌରଜଗତର ଜନ୍ମ ତଥା ପୃଥିବୀରେ ଜୀବନସୃଷ୍ଟିର ପ୍ରାରମ୍ଭ କାଳରେ ଥିବା କିଛି ଜୈବିକ ଅଣୁ ସମୟର କରାଳ ସ୍ରୋତରେ ପରିବର୍ତ୍ତିତ ନ ହୋଇ ଅକ୍ଷତ ରୂପରେ ଏହି ବେନୁ ଗ୍ରହାଣୁରେ ଏବେବି ବିଦ୍ୟମାନ ଥିବାର ବିଶ୍ୱାସ କରାଯାଏ।



**୩.୫x୧୦୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଏକ ଝୋଳ :** ଆମର ବିଶ୍ୱ ୧୩୮୦ କୋଟି ବର୍ଷ ପୂର୍ବେ 'ବିଗ୍ ବ୍ୟାଙ୍ଗ୍' ନାମକ ଏକ ବିଶାଳ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନଙ୍କ ମତ। ସେତେବେଳେ ବିଶ୍ୱ ଅତ୍ୟନ୍ତ ଉତ୍ତପ୍ତ ଓ ଅତିଶୟ ଘନ ପିଣ୍ଡ ରୂପରେ ରହିଥିଲା ଏବଂ ପଦାର୍ଥର ସଂରଚନା ଓ ରୂପରେଖ ଏବେଠାରୁ ବହୁ ଗୁଣରେ ଭିନ୍ନ ଥିଲା। ବିଗ୍ ବ୍ୟାଙ୍ଗ୍ର ମାତ୍ର ୧୦-୧୨ ସେକେଣ୍ଡ ସମୟ ପରେ ପଦାର୍ଥ କ୍ୱାର୍କ, ଗ୍ଲୁଅନ୍ ଓ ଇଲେକ୍ଟ୍ରନ୍ ଭଳି ଅନ୍ୟ କଣିକା ସମୂହର ଏକ ବିଚିତ୍ର ଘନ ତରଳିକୃତ ଅବସ୍ଥାରେ ଥିଲା। ସେତେବେଳେ ଏହି ବିଚିତ୍ର ଝୋଳର ତାପମାତ୍ରା ଥିଲା ୩.୫x୧୦୧୫ ଡିଗ୍ରୀ ସେଲସିୟସ୍। ଏହାର ୧୦-୬ ସେକେଣ୍ଡ ପରେ ଅବପରମାଣବିକ କଣିକାରୁ ଯେପରି ପ୍ରୋଟୋନ୍ ଓ ନିଉଟ୍ରନ୍ ମାନ ସୃଷ୍ଟି ହେଲେ ଏବଂ ଏହାର ଆଉ ୩ ମିନିଟ୍ ପରେ ତାପମାତ୍ରା ୧୦୧୫ ଡିଗ୍ରୀ ସେଲସିୟସକୁ ଖସି ଆସିବାରୁ ଏହିସବୁ କଣିକା ପରସ୍ପର ସହିତ ସଂଯୋଜିତ ହୋଇ ପରମାଣୁର ପ୍ରଥମ ନିଉକ୍ଲିୟସ୍ ଜନ୍ମ ନେଲା। ବିଗ୍ ବ୍ୟାଙ୍ଗ୍ର ୩,୦୦,୦୦୦ ବର୍ଷ ପରେ ତାପମାତ୍ରା ୬୦,୦୦୦ ଡିଗ୍ରୀ ସେଲସିୟସ୍ ଥିଲାବେଳେ ପ୍ରଥମ 'ପରମାଣୁ' ସଷ୍ଟି ହେଲା। ଏହାର ଆଉ ୧ ଅୟୁତ କୋଟି ବର୍ଷ ପରେ ନିହାରିକାମାନ ସୃଷ୍ଟି ହେଲେ। ପୁଣି, ନୀହାରିକାରୁ ତାରାଗଣ ଏବଂ ତାରାରୁ ଗ୍ରହ ଓ ଗ୍ରହାଣୁ ସମୂହ ଜନ୍ମ ନେଲେ। ଘଟଣାକ୍ରମେ ପ୍ରାୟ ୪୫୦ କୋଟି ବର୍ଷ ତଳେ, ଆମର ସୌରଜଗତ ସୃଷ୍ଟି ହୋଇ ପୃଥିବୀ ଭଳି କିଛି ଅଦ୍ୱିତୀୟ ଗ୍ରହରେ ଜୀବନର ସୂତ୍ରପାତ ହେଲା ଏବଂ ଏହିପରି ଭାବରେ ଆମର ଦୃଶ୍ୟମାନ ବିଶ୍ୱ ବିକଶିତ ହେଲା। ନାସାର ସଦ୍ୟତମ ଅଭିଯାନ ଆଗାମୀ ଦିନରେ 'ବେନୁ' ଗ୍ରହାଣୁରୁ ଆସିଥିବା ସେଭଳି କିଛି ଦୁର୍ଲଭ ପଦାର୍ଥର ବିଶ୍ଳେଷଣ ଜରିଆରେ ବିଶ୍ୱ ତଥା ସୌରଜଗତ ସୃଷ୍ଟିର ପ୍ରାରମ୍ଭକାଳର ସେହି ଅଭାବନୀୟ ଇତିହାସକୁ ଦୃଷ୍ଟିପାତ କଲେ ସଙ୍ଗେ ସଙ୍ଗେ ଆମ ଗ୍ରହ ପୃଥିବୀରେ ଜଳ ଓ ଜୀବନର ସୃଷ୍ଟି ସମ୍ପର୍କରେ ଥିବା ରହସ୍ୟ ବଳୟର ପର୍ଦ୍ଦାଫାଶ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ।

-ନିକୁଞ୍ଜ ବିହାରୀ ସାହୁ
ମୋ : ୮୯୧୭୬୩୭୯୭୪

# ରୋନାଲ୍ଡୋଙ୍କୁ କୋରଡ଼ା ମାଡ଼ ଆଦେଶ ମିଥ୍ୟା

ତେହରାନ,୧୫।୧୦

ପର୍ତ୍ତୁଗାଲର ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ୯୯ ଥର କୋରଡା(ଚାବୁକ) ମାଡ କରାଯିବ ବୋଲି ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ମାଡ୍ରିଡ୍‌ରେ ଅବସ୍ଥିତ ଇରାନିଆନ୍ ଦୂତାବାସ ପକ୍ଷରୁ ଏକ ସ୍ୱଷ୍ଟୀକରଣ ଆସିଛି। ସାଉଦି ଆରବର କ୍ଲବ ଅଲ ନାସେର ପାଇଁ ଖେଳୁଥିବା ରୋନାଲ୍ଡୋ ସେପ୍ଟେମ୍ବର ମାସରେ ଏଏଫ୍‌ସି କପ୍‌ର ମ୍ୟାଚ୍ ଖେଳିବା ପାଇଁ ଇରାନ୍ ଯାଇଥିଲେ। ପର୍ସେପୋଲିସ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇରାନର ଦିବ୍ୟାଙ୍ଗ କଳାକାର ଫାତିମା ହମାମୀ ତାଙ୍କୁ ଭେଟିବା ସହିତ ଏକ ପ୍ରତିକୃତି ଉପହାର ଭାବରେ ପ୍ରଦାନ କରିଥିଲେ। ଏହାପରେ ହ୍ୱିଲ ଚେୟାରରେ ବସିଥିବା ଫାତିମାଙ୍କୁ ରୋନାଲ୍ଡୋ ଆଲିଙ୍ଗନ କରିବା ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ଏପରିକି ଅଲ ନାସେରର ଏକ ଜର୍ସି ମଧ୍ୟ ଉପହାର ଭାବରେ ଦେଇଥିଲେ। ତେବେ ଇରାନରେ ଆଇନ ଅନୁସାରେ ନିଜ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କୌଣସି ଅବିବାହିତ ମହିଳାଙ୍କୁ ଛୁଇଁବା ଅପରାଧ ଅଟେ। ଏହାକୁ ନେଇ ଏକାଧିକ ଓକିଲ ରୋନାଲ୍ଡୋଙ୍କ ବିପକ୍ଷରେ ମାମଲା ରୁଜୁ କରିଥିବା ବେଳେ ତାଙ୍କୁ ୯୯ଥର କୋରଡା ମରାଯିବାକୁ ଆଦେଶ ଦିଆଯାଇଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ମାଡ୍ରିଡ ସ୍ଥିତ ଇରାନିଆନ୍ ଦୂତାବାସ ଏହାକୁ ଖଣ୍ଡନ କରିବା ସହିତ ଏଭଳି ହୋଇ ନ ଥିବା ସ୍ପଷ୍ଟ କରିଛି। ଏପରିକି ଇରାନରେ ସମସ୍ତେ ଏହି ବୈଠକକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିଥିବା ଦୂତାବାସ ପକ୍ଷରୁ କୁହାଯାଇଛି।



ଫାତିମା ହମାମୀଙ୍କୁ ଜର୍ସି ଉପହାର ଦେଉଛନ୍ତି ରୋନାଲ୍ଡୋ।

# ପେଗୁଲା ଜିତିଲେ କୋରିଆ ଓପନ ଟାଇଟଲ

ସିଓଲ, ୧୫।୧୦ (ଏପି)

କୋରିଆ ଓପନ ଫାଇନାଲରେ ଚାଇନାର ୟୁଆନ ୟୁଇଙ୍କୁ ୬-୨, ୬-୩ରେ ପରାସ୍ତ କରି ଜେସିକା ପେଗୁଲା ତାଙ୍କ କ୍ୟାରିୟରର ଚତୁର୍ଥ ଟାଇଟଲ ଜିତିଛନ୍ତି। ଟପ୍ ସିଡ୍ ପେଗୁଲା ସମଗ୍ର ଟୁର୍ନାମେଣ୍ଟରେ ମାତ୍ର ଗୋଟିଏ ସେଟ୍ ଡ୍ରପ୍ କରିଥିଲେ। ୨୦୦୭ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ଆମେରିକୀୟ ଭାବେ ସେ ସିଓଲରେ ଟାଇଟଲ ଜିତିଛନ୍ତି। ପେଗୁଲା କହିଛନ୍ତି, ତାଙ୍କ ମା' କୋରିଆରେ ଜନ୍ମ ଗ୍ରହଣ କରିଥିବାରୁ ଏଠାରେ ଟାଇଟଲ ଜିତିବା ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। ମ୍ୟାଚ ବେଳେ ସ୍ଥାନୀୟ ଦର୍ଶକଙ୍କଠାରୁ ଯେତିକି ସମର୍ଥନ ମିଳିବ ବୋଲି ମୁଁ ଆଶା କରୁଥିଲି ତା' ଠାରୁ ଅଧିକ ମିଳିଥିଲା। ଅନ୍ୟପକ୍ଷରେ କ୍ୟାରିୟରର ପ୍ରଥମ ଫାଇନାଲ ଖେଳିଥିବା ୧୨୮ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ୟୁଆନ୍ ମ୍ୟାଚରେ ଆଦୌ ନର୍ଭସ ପରିଲକ୍ଷିତ ହୋଇ ନ ଥିଲେ। ପେଗୁଲାଙ୍କ ଓପନିଂ ସର୍ଭିସ ଗେମ୍‌ରେ ସେ ଏକ ବ୍ରେକ୍ ପଏଣ୍ଟ ସୁଯୋଗ ପାଇଥିଲେ, ମାତ୍ର ଆମେରିକୀୟ ଖେଳାଳି ଏକ ଫୋରହ୍ୟାଣ୍ଡ ୱିନର ସହ ଏହାକୁ ସେଭ୍ କରିଦେଇଥିଲେ। ବିଶ୍ୱର ୪ ନମ୍ବର ର୍‌ୟାଙ୍କିଙ୍ଗ ଖେଳାଳି ପରେ କ୍ରମାଗତ ୮ଟି ଗେମ୍ ଜିତି ପ୍ରଥମ ସେଟ୍ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ୩-୦ରେ ଅଗ୍ରଣୀ ରହିବା ପରେ ସେ ମ୍ୟାଚ୍‌କୁ ଶୀଘ୍ର ଜିତିନେବେ ବୋଲି ସ୍ପଷ୍ଟ ହୋଇଯାଇଥିଲା।


ଟ୍ରଫି ସହ କୋରିଆ ଓପନ ଟେନିସ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆମେରିକାର ଜେସିକା ପେଗୁଲା।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ

**ଆଇଟିଏଫ୍ ଜୁନିୟର ଟୁର୍ନାମେଣ୍ଟ**

ଭୁବନେଶ୍ୱର,୧୫।୧୦

(ସରୋଜ ଜେନା)

ରାଜ୍ୟର ଉଦୀୟମାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ହାସଲ କରିଛନ୍ତି ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍। ଘାନାର ଆକ୍ରାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଦେବାଶିଷ ସିଙ୍ଗଲ୍ସ ଇଭେଣ୍ଟରେ ସେମିରେ ପ୍ରବେଶ କରିଥିବା ବେଳେ ଡବଲ୍ସରେ ଟାଇଟଲ ହାସଲ କରିଥିଲେ। ସର୍ବିୟାର ନିକୋଲା ଜୋଭିକ୍‌ଙ୍କୁ ସାଥୀ କରି ଖେଳିଥିବା ଦେବାଶିଷ ଫାଇନାଲରେ ଟପ୍ ସିଡେଡ୍ ନାଇଜେରିଆର ଡେଭିଡ୍ ଏକପେନ୍ୟୋ ଓ ଡେନମାର୍କର କ୍ରିଷ୍ଟିଆନୋ ଗ୍ରୋନଫେଲଙ୍କୁ ୭-୬ ଓ ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ଦେବାଶିଷ ବାଳକ ସିଙ୍ଗଲ୍ସ ଇଭେଣ୍ଟ ସେମିରେ ପ୍ରବେଶ କରିଥିବା ବେଳେ ନିକୋଲ ଜୋଭିକଙ୍କ ଠାରୁ ୭-୫, ୨-୬ ଓ ୪-୬ ସେଟରେ ପରାଜିତ ହୋଇଥିଲେ। ଅନ୍ତର୍ଜାତୀୟ ସର୍କିଟରେ ଏହା ଦେବାଶିଷଙ୍କ ଷଷ୍ଠ ଟାଇଟଲ ତଥା ଜେ ୧୦୦ ବର୍ଗରେ ପ୍ରଥମ ଟାଇଟଲ। ଏହି ସଫଳତା ପାଇଁ ସେ ଓଡ଼ିଶା ଟେନିସ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଶ୍ରେୟ ଦେଇଛନ୍ତି।


ଟ୍ରଫି ସହ ଦେବାଶିଷ ସାହୁ।

**ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

# ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ଦଳ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଭାରତୀୟ ମହିଳା ହକି ଦଳ ଜାତୀୟ କ୍ୟାମ୍ପ ପାଇଁ ୩୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ବେଙ୍ଗାଲୁରୁସ୍ଥିତ ସାଇରେ ଏହି କ୍ୟାମ୍ପ ୧୬ ତାରିଖରୁ ଅନୁଷ୍ଠିତ ହେବ। ଏହି କ୍ୟାମ୍ପଟି ୬ ଦିନ ପାଇଁ ଅନୁଷ୍ଠିତ ହେବ। ୨୨ ତାରିଖ ଯାଏ ଏହି କ୍ୟାମ୍ପ ହେବାକୁ ଥିବା ବେଳେ ରାଞ୍ଚିରେ ୨୭ ତାରିଖରୁ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ଚାଇନା, ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ବଡ ଟୁର୍ନାମେଣ୍ଟ ପୂର୍ବରୁ ଆମେ କେତେ ପ୍ରସ୍ତୁତ ତାହା ଏହି କ୍ୟାମ୍ପରୁ ଜଣାପଡିବ ବୋଲି ମୁଖ୍ୟ କୋଚ୍ ଜାନେକ ଶପମ୍ୟାନ କହିଛନ୍ତି।
ଗୋଲକିପର୍ସ: ସବିତା, ରଜନୀ ଏଟିମାର୍ପୁ ବିଚୁ ଦେବୀ, ବଂଶାରୀ ସୋଲାଙ୍କି। ଡିଫେଣ୍ଡର୍ସ: ଦୀପ ଗ୍ରେସ୍ ଏକ୍କା, ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ଅକ୍ଷତା ଧେକାଲେ, ଜ୍ୟୋତି ଛତ୍ରି, ମହିମା ଚୌଧାରୀ। ମିଡଫିଲ୍ଡର୍ସ: ନିଶା, ସଲିମା ଟେଟେ, ସୁଶୀଳା ଚାନୁ, ଜ୍ୟୋତି, ନଭଜୋତ କୌର, ମୋନିକା, ମାରିନା କୁଜୁର, ସୋନିକା, ନେହା, ବଳଜିତ କୌର୍, ରୀନା ଖୋଖର, ବୈଷ୍ଣବୀ ଫାଲକେ, ଆଜମିନା କୁଜୁର। ଫରୱାର୍ଡ୍ସ: ଲାଲରେମସିଆମି, ନବନୀତ କୌର, ବନ୍ଦନା କଟାରିୟା, ଶର୍ମିଳା ଦେବୀ, ଦୀପିକା, ସଙ୍ଗୀତା କୁମାରୀ, ମୁମତାଜ ଖାନ, ସୁନେଲିତା ଟପ୍ପୋ, ବ୍ୟୁଟି ଡୁଙ୍ଗଡୁଙ୍ଗ।

# ଖେଳ ଛାଡ଼ିବା ଲକ୍ଷ୍ୟରେ ଥିଲେ ଅନୁ

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

ଚଳିତ ବର୍ଷ ଖରାପ ପ୍ରଦର୍ଶନ ରହିବାରୁ ଏସିଆନ ଗେମ୍ସ ପୂର୍ବରୁ ଖେଳ ଛାଡ଼ିଦେବା ଲକ୍ଷ୍ୟରେ ଥିଲେ ଭାରତୀୟ ଜାଭେଲିନ୍ ଥ୍ରୋୟର ଅନୁ ରାଣୀ। ମାତ୍ର ଉତ୍ତର ପ୍ରଦେଶର ଏହି ୩୧ ବର୍ଷୀୟା ଜାଭେଲିନ ଥ୍ରୋୟର ସିଜନ ଶ୍ରେଷ୍ଠ ପ୍ରୟାସ ୬୨.୯୨ ମିଟର ରହିଥିଲା। ସେ ପ୍ରଥମ ଭାରତୀୟ ମହିଳା ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିବାରେ ସଫଳ ରହିଥିଲେ। ଅନୁ କହିଛନ୍ତି, ଚଳିତବର୍ଷ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ହୋଇଛି। ଅଭ୍ୟାସ ପାଇଁ ସେ ବିଦେଶ ଗସ୍ତ କରିଥିଲେ। ଜଣେ ବିଦେଶୀ କୋଚ୍‌ଙ୍କଠାରୁ ଟ୍ରେନିଂ ନେବା ସତ୍ତ୍ୱେ ପ୍ରତିଟି ପ୍ରତିଯୋଗିତାରେ ତାଙ୍କ ପ୍ରଦର୍ଶନରେ ଅବନତି ଘଟିଥିଲା। ତାଙ୍କର ବର୍ଷଟା ନଷ୍ଟ ହୋଇଯାଇଥିଲା। ସରକାର ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତାଙ୍କ ପିଛା ବହୁ ଅର୍ଥ ବ୍ୟୟ କରିଛନ୍ତି। କିନ୍ତୁ ସେ ଭଲ ପ୍ରଦର୍ଶନ କରିବାରେ ବିଫଳ ରହୁଛନ୍ତି। ବୁଦାପେଷ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ପରେ ସେ ଖେଳ ଛାଡ଼ିଦେବା ଲାଗି ମନସ୍ଥ କରିଥିଲେ। ଅନୁ ସେଠାରେ ୫୭.୦୫ ମିଟର ଶ୍ରେଷ୍ଠ ଥ୍ରୋ ସହ ଏକାଦଶ ସ୍ଥାନରେ ରହି ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ସେ ସେପ୍ଟେମ୍ବରରେ ୫୭.୭୪ ମିଟର ଥ୍ରୋ ସହ ବ୍ରସେଲ୍ସ ଡାଇମଣ୍ଡ ଲିଗ୍‌ରେ ୭ମ ସ୍ଥାନ ଅଧିକାର କରିଥିଲେ। ସମଗ୍ର ସିଜନରେ ସେ ୬୦ ମିଟର ଅଙ୍କ ଅତିକ୍ରମ କରିପାରି ନ ଥିଲେ। ତେବେ ସେ ପରେ ତାଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରିଥିଲେ। ଏସିଆନ ଗେମ୍ସରେ ଶେଷ ଥର ପାଇଁ ଚେଷ୍ଟା କରିବା ଲାଗି ସ୍ଥିର କରିଥିଲେ। ସେ କଠିନ ପରିଶ୍ରମ କରିଥିଲେ ଏବଂ ମନକୁ ଦୃଢ କରି ଏସିଆନ ଗେମ୍ସରେ ଭାଗ ନେଇଥିଲେ। ଶେଷରେ ସେ ୬୯.୯୨ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଲାଭ କରିପାରିଥିଲେ।

# ବୋପାନ୍ନା-ଇବିଡେନ୍ ରନରଅପ୍


ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ବିଜେତା ସ୍ପେନର ମାର୍ସେଲୋ ଗ୍ରାନୋଲର୍ସ (ଡାହାଣ) ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସ (ଡାହାଣ ଦ୍ୱିତୀୟ) ଏବଂ ରନରଅପ୍ ଅଷ୍ଟ୍ରେଲିଆର ମାଥ୍ୟୁ ଇବିଡେନ୍ (ବାମ) ଏବଂ ଭାରତର ରୋହନ ବୋପାନା (ଦ୍ୱିତୀୟ ବାମ)।

ଶାଂଘାଇ, ୧୫।୧୦ (ଏପି)

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବିଡେନ୍ ଏଠାରେ ଚାଲିଥିବା ଶାଂଘାଇ ମାଷ୍ଟର୍ସ ଏଟିପି ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ୭ମ ସିଡ୍ ସ୍ପାନିଶ-ଆର୍ଜେଣ୍ଟାଇନ ଯୋଡ଼ି ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ଚତୁର୍ଥ ସିଡ ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ିଙ୍କୁ ୫-୭, ୬-୨ (୧୦-୭)ରେ ହରାଇ ଦେଇଛନ୍ତି। ଚାମ୍ପିୟନ ଟିମ୍ ୧୦୦୦ ଏଟିପି ପଏଣ୍ଟ ସହ ୪୩୬,୭୩୦ ଡଲାର ଏବଂ ରନରଅପ୍ ଦଳ ୬୦୦ ପଏଣ୍ଟ ସହ ୨୩୧,୬୬୦ ଡଲାର ପକେଟସ୍ଥ କରିଛି। ବୋପାନ୍ନା ଓ ଇବିଡେନ୍‌ଙ୍କର ଏହା ହେଉଛି ଚଳିତ ସିଜନର ୬ଷ୍ଠ ଫାଇନାଲ। ଏହି ଯୋଡ଼ି ମାଡ୍ରିଡ ମାଷ୍ଟର୍ସ ଏବଂ ରୋଟରଡାମ୍‌କୁ ଛାଡ଼ିଦେଲେ ୟୁଏସ୍ ଓପନ ଫାଇନାଲରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଜିତି ହୁବର୍ଟ ହୁର୍କାଜ ତାଙ୍କର ଦ୍ୱିତୀୟ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ଏକ ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ସେ ଆନ୍ଦ୍ରେ ରୁବ୍ଲେଭଙ୍କ ବିପକ୍ଷ ମ୍ୟାଚକୁ ୬-୩, ୩-୬,୭-୬ (୮)ରେ ଜିତି ନେଇଛନ୍ତି। ପୋଲାଣ୍ଡର ଏହି ଖେଳାଳି ସେବାଷ୍ଟିଆନ କୋର୍ଡାଙ୍କ ବିପକ୍ଷ ସେମିଫାଇନାଲ ବିଜୟ ମ୍ୟାଚ ଭଳି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୨୬ ବର୍ଷୀୟ ଏହି ଖେଳାଳିଙ୍କର ଏହା ହେଉଛି ୭ମ ଟୁର୍ ଲେଭଲ ଟାଇଟଲ। ରୁବ୍ଲେଭ ପୂର୍ବରୁ ତାଙ୍କ ପ୍ରଥମ ମାଷ୍ଟର୍ସ ଟାଇଟଲ ୨୦୨୧ରେ ମାୟାମିଠାରେ ଜିତିଥିଲେ।

# ବାକ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ସପକ୍ଷରେ ଆଇଓସି ସଦସ୍ୟ

ମୁମ୍ବାଇ, ୧୫।୧୦ (ପି.ଟି.)

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ କାର୍ଯ୍ୟକାଳ ୨୦୨୫ରେ ଶେଷ ହେବାକୁ ଥିବାରୁ ତାଙ୍କୁ ଆଉ ଏକ ପର୍ଯ୍ୟାୟ ଏହି ପଦବୀରେ ରଖିବା ଲାଗି ଆଇଓସି ସଦସ୍ୟମାନେ ଚାହୁଁଛନ୍ତି। ପୂର୍ବତନ ଅଲିମ୍ପିଆନ ତଥା ଜର୍ମାନୀର ବାକ୍ ହେଉଛନ୍ତି ଆଇଓସିର ୯ମ ସଭାପତି। ୨୦୧୩ରେ ବୁଏନ୍ସଏୟାର୍ସ ଅନୁଷ୍ଠିତ ଆଓସିର ୧୨୫ତମ ଅଧିବେଶନରେ ସେ ୮ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ୨୦୨୧ ମାର୍ଚ୍ଚରେ ବାକ୍ ଆଇଓସି ସଭାପତି ଭାବେ ଆଉ ୪ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଅଲିମ୍ପିକ ନିୟମାବଳୀ ଅନୁସାରେ ଜଣେ ସଭାପତି ପଦବୀରେ ଅତିବେଶିରେ ୧୨ ବର୍ଷ ରହିପାରିବେ। ଏହି ନିୟମ ଜ୍ୟାକ୍ସ ରଗ୍‌ଙ୍କ କାର୍ଯ୍ୟକାଳ ସମୟରେ କରାଯାଇଥିଲା। ରଗ୍ ୨୦୦୧ରୁ ୨୦୧୩ ପର୍ଯ୍ୟନ୍ତ ଆଇଓସି ମୁଖ୍ୟ ରହିଥିଲେ। ତାଙ୍କ ପରେ ବାକ୍ ଏହି ପଦବୀ ଅଳଙ୍କୃତ କରିଥିଲେ। ଏଠାରେ ଆଇଓସିର ୧୪୧ତମ ଅଧିବେଶନରେ ମୋଟ ସଦସ୍ୟ ୯୯ ମଧ୍ୟରୁ ଅଧିକାଂଶ ୨୦୨୫ ପରେ ବାକ୍‌ଙ୍କ ତୃତୀୟ କାର୍ଯ୍ୟକାଳ ସପକ୍ଷରେ ମତ ଦେଇଥିଲେ। ହେଲେ ଏଥିପାଇଁ ନିୟମାବଳୀର ସଂଶୋଧନ ଆବଶ୍ୟକ ରହିଛି। ଆଇଓସି ସଦସ୍ୟ ଲୁଇସ୍ ଓଭିଡୋ କହିଥିଲେ ବାକ୍ ଅଲିମ୍ପିକ ଆନ୍ଦୋଳନକୁ ଠିକଣା ଦିଗରେ ଆଗେଇ ନେଉଛନ୍ତି। ସେ ତାଙ୍କର ଏହି କାର୍ଯ୍ୟଧାରାକୁ ବଜାୟ ରଖନ୍ତୁ ବୋଲି ଆମେ ଚାହୁଁ। ଜବାବରେ ବାକ୍ ଆଇଓସି ସଦସ୍ୟମାନଙ୍କୁ ତାଙ୍କର ଧନ୍ୟବାଦ ଜଣାଇବା ସହ ସଦସ୍ୟମାନଙ୍କ ଏହି ଚିନ୍ତାଧାରା ତାଙ୍କ ହୃଦୟକୁ ସ୍ପର୍ଶ କରିଛି ବୋଲି କହିଥିଲେ। ଆଇଓସି ଅଧିବେଶନରେ ସୋମବାର କ୍ରିକେଟ ଏବଂ ଅନ୍ୟ ୪ଟି କ୍ରୀଡ଼ାକୁ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସାମିଲ କରାଯିବା ସମ୍ପର୍କରେ ଭୋଟ ଗ୍ରହଣ ହେବ ବୋଲି ଆଶା କରାଯାଉଛି।


ଥୋମାସ ବାକ୍

# ଏସିଆଡ୍‌ରେ ସଫଳ ଖେଳାଳିଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର

**ରାଜ୍ୟ ଅଲିମ୍ପିକ ସଂଘ ବାର୍ଷିକ ସାଧାରଣ ପରିଷଦ ବୈଠକ**

କଟକ,୧୫।୧୦

(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ଅଲିମ୍ପିକ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଲିମ୍ପିକ ସଂଘ ଅଧୀନରେ ଆସୁଥିବା ସମସ୍ତ ଖେଳର ବିକାଶକୁ ନେଇ ଆଲୋଚନା ହେଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ସ୍ତରୀୟ ମ୍ୟାଚ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି। ଏହାସହ ଏସିଆନ ଗେମ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟରେ ସାମିଲ ଥିବା କୃତୀ ଓଡ଼ିଆ ଖେଳାଳିଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛି ରାଜ୍ୟ ସଂଘ। ବୈଠକରେ ୩ ନୂଆ କ୍ରୀଡ଼ା ସଂଘ (ଓଡ଼ିଶା ହକି ସଂଘ , ରଗ୍‌ବୀ କ୍ରୀଡ଼ା ସଂଘ, ଓ ରାଇଫେଲ କ୍ରୀଡ଼ାକୁ ରାଜ୍ୟ ଅଲିମ୍ପିକ ସଂଘ) ବୈଠକରେ ଅନୁବନ୍ଧିତ କରାଯାଇଥିଲା। ଆଗାମୀ ଦିନରେ କିଭଳି ସଂଘରେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରୁ ଭଲ ଖେଳାଳି ଚୟନ କରିବା ଓ ଭଲ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କୋଚ ନିଯୁକ୍ତି ଦେବା ପ୍ରସଙ୍ଗରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ କ୍ରୀଡ଼ା ସଂଘର ସମ୍ପାଦକ। ତେବେ ଏହି ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବୈଠକରେ ବାର୍ଷିକ ବଜେଟ ପାସ କରାଯାଇଛି। ଏହି ବୈଠକରେ ରାଜ୍ୟ ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ, ଆଥ୍‌ଲେଟିକ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ହକି ଖେଳାଳି ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜାଭେଲିନ୍‌ରେ ବିକ୍ରାନ୍ତଙ୍କୁ ବ୍ରୋଞ୍ଜ

**ବେଙ୍ଗାଲୁରୁ, ୧୫।୧୦ (ପି.ଟି.):** ଠାରେ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଲୱେ ୨୨୦ ପଏଣ୍ଟ ସହ ଓଭରାଲ୍ ଟାଇଟଲ ହାସଲ କରିଛି। ସର୍ଭିସେସ ୧୭୫ ପଏଣ୍ଟ ସହ ପୁରୁଷ ଟିମ୍ ଟାଇଟଲ ଜିତିଥିବା ବେଳେ ରେଲୱେ ୧୫୬ ପଏଣ୍ଟ ସହ ମହିଳା ଟିମ୍ ଟାଇଟଲ ହାସଲ କରିଛି। ସର୍ଭିସେସ୍‌ର ଜାଭେଲିନ ଥ୍ରୋୟର ମନୁ ଡିପି ୧୧୨୭ ପଏଣ୍ଟ ସହ ଶ୍ରେଷ୍ଠ ପୁରୁଷ ଆଥଲେଟ ଏବଂ ମହାରାଷ୍ଟ୍ରର ଯମୁନା ଲାଡକାଟ୍ ମିଟ୍‌ର ଶ୍ରେଷ୍ଠ ମହିଳା ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଜାଭେଲିନ୍‌ରେ ରାଜସ୍ଥାନର ଯଶବୀର ସିଂ (୭୭.୭୨ ମିଟର) ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଓଡ଼ିଶାର ବିକ୍ରାନ୍ତ ମଲିକ (୭୭.୬୫ମିଟର) ତୃତୀୟ ସ୍ଥାନ ଅଧିକାର ସହ ବ୍ରୋଞ୍ଜ ହାସଲ କରିଥିଲେ। ତାମିଲନାଡୁ ୩୯.୪୨ ସେକେଣ୍ଡ ଟାଇମିଂରେ ମିଟ୍ ରେକର୍ଡ ସହ ପୁରୁଷ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଛି।

# ଇବେନ୍ୟୋ, ଆୟାନା ବିଜେତା

**ଦିଲ୍ଲୀ ହାଫ୍ ମାରାଥନ**

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

କେନିଆର ଡାନିଲ ଇବେନ୍ୟୋ ଏବଂ ଇଥିଓପିଆର ଅଲ୍‌ମାଜ୍ ଆୟାନା ଯଥାକ୍ରମେ ଏଠାରେ ରବିବାର ଅନୁଷ୍ଠିତ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ ରେସ୍ ବିଜେତା ହୋଇଛନ୍ତି। ବୁଦାପେଷ୍ଟଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୦୦୦୦ମିଟର ରେସ୍‌ରେ ଏକ ରୌପ୍ୟ ଜିତିଥିବା ୨୮ ବର୍ଷୀୟ ଇବେନ୍ୟୋ ୫୯ ମିନିଟ ଓ ୨୭ ସେକେଣ୍ଡ ଟାଇମିଂରେ ନିଜ ଦେଶ କେନିଆର ଚାର୍ଲ୍ସ ମାଟାଟା (୧:୦୦:୦୫)ଙ୍କ ଆଗରେ ରହି ପୁରୁଷ ରେସ୍ ଜିତିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ୧୦,୦୦୦ ମିଟର ସ୍ୱର୍ଣ୍ଣ ଜିତିଥିବା ଆୟାନା ୧ ଘଣ୍ଟା ୭ ମିନିଟ ୫୯ ସେକେଣ୍ଡ ଟାଇମିଂରେ ମହିଳା ଏଲିଟ୍ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଉଗାଣ୍ଡାର ଷ୍ଟେଲା ଚେସାଙ୍ଗ (୧:୦୮:୨୮) ଏବଂ କେନିଆର ଭିଓଲା ଚେପେନୋ (୧:୦୯:୦୯) ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଓ ମହିଳା ଏଲିଟ କାଟାଗୋରିରେ ଅଭିଷେକ ପାଲ୍ ଓ କବିତା ଯାଦବ ଯଥାକ୍ରମେ ୧:୦୪:୦୮ ଏବଂ ୧:୧୭:୪୨ ଟାଇମିଂରେ ଦ୍ରୁତତମ ବିବେଚିତ ହୋଇଥିଲେ। ୬ବର୍ଷ ପୂର୍ବେ ଦିଲ୍ଲୀ ମାରାଥନ ଜିତିଥିବା ୩୧ ବର୍ଷୀୟା ଆୟାନା ମହିଳା ରେସ୍‌ରେ ତାଙ୍କ ୨୦୧୭ ବିଜୟ ଟାଇମିଂ ୧:୦୭:୧୧ର ନିକଟତର ହୋଇଥିଲେ। ନିଜ ଦେଶର ସାଥୀ ଧାବିକା ଆବେରାଶ ମିନ୍‌ସେଓ ଓ ଡେସି ଆଞ୍ଜିନାଲୁଙ୍କ ସମେତ କେନିଆର ଭିଓଲା ଚେପନଗେନୋ ଏବଂ ଉଗାଣ୍ଡାର ଷ୍ଟେଲା ଚୋସାଙ୍ଗଙ୍କଠାରୁ ପ୍ରତ୍ୟେକ ୫ କି.ମି. ମଧ୍ୟାନ୍ତରରେ ଆୟାନା ତାଙ୍କ ୧୬ ମିନିଟ ବ୍ୟବଧାନ ବଜାୟ ରଖିଥିଲେ। ରେସ୍‌ର ଅନ୍ତିମ ପର୍ଯ୍ୟାୟରେ କିନ୍ତୁ ସେ ଧିମା ପଡ଼ିଯାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚେସାଙ୍ଗଙ୍କଠାରୁ ସେ ୬୭:୫୮ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିଲ୍ଲୀ ହାଫ୍ ମାରାଥନ ରେସ୍‌ର ବିଭିନ୍ନ କାଟାଗୋରିରେ ୩୬,୦୦୦ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅତିଥିଭାବେ ଯୋଗଦେଇଥିଲେ।



ଦିଲ୍ଲୀ ହାଫ୍ ମାରାଥନ ପୋଡିୟମରେ ତିନି ଜଣ ପଦକ ବିଜେତା।



# ଇଂଲଣ୍ଡକୁ ହରାଇଲା ଆଫଗାନିସ୍ତାନ

## ବିଶ୍ୱକପରେ ବିପର୍ଯ୍ୟୟ

**ଦିଲ୍ଲୀ,୧୫।୧୦**

ଚଳିତ କ୍ରିକେଟ ବିଶ୍ୱକପରେ ଦେଖିବାକୁ ମିଳିଛି ପ୍ରଥମ ବିପର୍ଯ୍ୟୟ। ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରି ପଏଣ୍ଟ ଖାତା ଖୋଲିଛି ଆଫଗାନିସ୍ତାନ। ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଆଫଗାନିସ୍ତାନ ୬୯ ରନରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଂଲଣ୍ଡ ୪୦.୩ ଓଭରରେ ୨୧୫ ରନ୍ କରି ଅଲଆଉଟ ହୋଇଥିଲା। ଏହା ସହିତ ବିଶ୍ୱକପରେ ଇଂଲଣ୍ଡ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହେଇ ଏକ ନିମ୍ନ ର୍ୟାଙ୍କ ଦଳଠାରୁ ହାରିଛି। ପୂର୍ବରୁ ଦଳ ୪ଥର ଏଭଳି ପରସ୍ଥିତିର ସମ୍ମୁଖୀନ ହୋଇଥିଲା। ୧୯୯୨ରେ ଜିମ୍ବାୱେ, ୨୦୧୧ରେ ଆୟର୍ଲାଣ୍ଡ ଓ ବାଂଲାଦେଶ ଏବଂ ୨୦୧୫ରେ ଦଳ ବାଂଲାଦେଶ ନିକଟରୁ ପରାଜିତ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପକ୍ଷରୁ ରହମାନଉଲ୍ଲା ଗୁରବାଜ(୮୦) ଓ ଇବ୍ରାହିମ୍ ଜାଦ୍ରାନ(୨୮) ପ୍ରଥମ ଉଇକେଟରେ ୧୧୪ ରନ୍ ଯୋଡି ଏକ ଦୃଢ ଆରମ୍ଭ ପ୍ରଦାନ କରିଥିଲେ। ଜାଦ୍ରାନ ୨୮ ରନ୍ କରି ଆଉଟ ହେବା ପରେ ରହମତ ଶାହ ମାତ୍ର ୩ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଆଦିଲ ରଶିଦ୍। ଦଳର ଟପ୍ ସ୍କୋରର ରହିଥିବା ଗୁରବାଜ ୮୦ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ୫୭ ବଲର ଏହି ଇନିଂସରେ ୮ଚୌକା ଓ ୪ ଛକା ସାମିଲ ଥିଲା। ମଧ୍ୟକ୍ରମରେ ଅନ୍ୟ ଖେଳାଳି ବିଫଳ ହୋଇଥିବା ବେଳେ ଉଇକେଟ କିପର ଇକ୍ରାମ ଅଲିଖିଲ ୬୬ ବଲରୁ ୫୮ ରନ କରିଥିଲେ। ଶେଷ ଆଡକୁ ରଶିଦ୍ ଖାନ୍ ୨୩ ଓ ମୁଜିବ୍ ଉର ରେହମାନ ୨୮ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ୍ ୩ ଉଇକେଟ ନେଇଥିବା ବେଳେ ମାର୍କ ଉଡ୍ ୨ ଉଇକେଟ ଅକ୍ତିଆର କରିଥିଲେ।

୨୮୫ ରନ୍‌ର ଲକ୍ଷ୍ୟ ଦିଲ୍ଲୀର ଫ୍ଲାଟ ଉଇକେଟରେ ସହଜ ରହିବା ନେଇ ଆଶା କରାଯାଉଥିଲା। ତେବେ ଆଫଗାନୀ ସ୍ପିନର ମାନେ ଚମତ୍କାର ବୋଲିଂ କରିବା ସହ ଚଳିତ ସଂସ୍କରଣର ପ୍ରଥମ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଫଜଲ୍ଲହକ ଫାରୁକି ଜନି ବେୟାରଷ୍ଟୋଙ୍କୁ ଆଉଟ କରି ଦଳକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ସପ୍ତମ ଓଭରରେ ନିର୍ଭରଯୋଗ୍ୟ ଜୋ ରୁଟ୍‌ଙ୍କୁ ବୋଲ୍ଡ କରିଥିଲେ ମୁଜିବ। ଡାୱିଡ ମଲାନ ୩୨ ରନ୍ କରିଥିବା ବେଳେ ତାଙ୍କୁ ଆଉଟ କରିଥିଲେ ମହମ୍ମଦ ନବି। ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ମାତ୍ର ୯ ରନ୍ କରି ନବୀନ ଉଲ ହକଙ୍କ ଅଫ କଟରରେ ବୋଲ୍ଡ ହୋଇଥିଲେ। ଆଫଗାନ ସ୍ପିନର ମାନେ ନିଜ ମଧ୍ୟରେ ୮ ଉଇକେଟ ବାଣ୍ଟି ନେବାରୁ ଇଂଲଣ୍ଡ ହାରିଥିଲା। କେବଳ ହ୍ୟାରି ବ୍ରୁକ ୬୬ ରନ୍ କରିଥିବା ବେଳେ ଅନ୍ୟ ସମସ୍ତ ଖେଳାଳି ବିଫଳ ହୋଇଥିଲେ। ମୁଜିବ ଉର ରେହମାନ ଓ ରାଶିଦ ଖାନ ୩ ଓ ମହମ୍ମଦ ନବି ୨ ଉଇକେଟ ନେଇଥିବା ବେଳେ ନବୀନ ଓ ଫାରୁକି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪/୧୦ (ରହମାନଉଲ୍ଲା ଗୁରବାଜ–୮୦, ଇକ୍ରାମ ଅଲିଖିଲ–୫୮, ମୁଜିବ ଉର ରେହମାନ–୨୮, ଆଦିଲ ରଶିଦ–୩/୪୨, ମାର୍କ ଉଡ୍–୨/୫୦, ଜୋ ରୁଟ୍–୧/୧୯)। ଇଂଲଣ୍ଡ ୪୦.୩ ଓଭରରେ ୨୧୫/୧୦(ହ୍ୟାରୀ ବ୍ରୁକ୍–୬୬, ଡାୱିଡ୍ ମଲାନ୍–୩୨, ମୁଜିବ୍ ଉର ରେହମାନ–୩/୫୧, ରାଶିଦ୍ ଖାନ୍–୩/୩୭ ,ମହମ୍ମଦ ନବି–୨/୧୬)।



ଉଇକେଟ ନେବାପରେ ଉତ୍ସାହିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ମୁଜିବ ଉର ରେହମାନ (ମଝି)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | –୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | –୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | –୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | –୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | –୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | –୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | –୧.୮୪୬ |



ଶତକୀୟ ଭାଗୀଦାରି ଅବସରରେ ଇବ୍ରାଇନ ଜାଦ୍ରାନ ଓ ରହମାନଉଲ୍ଲା ଗୁରବାଜ।

# ପ୍ରଥମ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା



ଏକାନ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଦଳର ଅଭ୍ୟାସ।

**ଲକ୍ଷ୍ନୌ,୧୫।୧୦(ପି.ଟି.)**

କ୍ରମାଗତ ପରାଜୟ ପରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ଏହାର ତୃତୀୟ ମ୍ୟାଚ୍ ଖେଳିବ ଅଷ୍ଟ୍ରେଲିଆ। ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍‌ଟି କର ବା ମର ପରସ୍ଥିତି ସୃଷ୍ଟି କରିଛି। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ ଖେଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଥମ ବିଜୟ ସନ୍ଧାନରେ ରହିଛନ୍ତି। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ଉଭୟ ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ନିକଟରୁ ପରାଜିତ ହୋଇଛି। ୫ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଥିବା ବେଳେ ଏହାର ନେଟ୍ ରନ୍‌ରେଟ୍ –୧.୮୪୬ ରହିଛି । ଅନ୍ୟପକ୍ଷରେ ଶ୍ରୀଲଙ୍କା –୧.୧୬୧ର ନେଟ୍ ରନ୍‌ରେଟ୍ ସହିତ ସପ୍ତମ ସ୍ଥାନରେ ରହିଛି।

୧୯୯୨ ପରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଏଭଳି ଦୟନୀୟ ପ୍ରଦର୍ଶନ କରିଛି। ତେବେ ନିଜର ଦୃଢ଼ ମନୋବଳ ପାଇଁ ପରିଚିତ ଏହି ଦଳ କମବ୍ୟାକ୍ ମଧ୍ୟ କରିପାରେ। ପ୍ରଥମ ଥର ପାଇଁ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଖରାପ ପ୍ରଦର୍ଶନ କରିଛି ଅଷ୍ଟ୍ରେଲିଆ। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳର ବ୍ୟାଟିଂ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ବୋଲିଂ ଦନ୍ତହୀନ ବାଘ ଭଳି ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଫିଲ୍ଡିଂ ଆଶ୍ଚର୍ଯ୍ୟଜନକ ଭାବରେ ନିରାଶ କରିଛି। ଦଳ ଦୁଇ ମ୍ୟାଚରେ ୬ରୁ ଅଧିକ କ୍ୟାଚ୍ ହାତଛଡା କରିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

ଅନ୍ୟପକ୍ଷରେ ଶ୍ରୀଲଙ୍କା ମଧ୍ୟ ସମାନ ପରିସ୍ଥିତି ଦେଇ ଗତି କରୁଛି। ଦଳର ଅଧିନାୟକ ଦସୁନ ଶନକା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହାଦ୍ୱାରା ପ୍ରଦର୍ଶନ ପ୍ରଭାବିତ ହେବାର ଆଶଙ୍କା କରାଯାଏ। ଦଳର ଏକାଧିକ ଫ୍ରଣ୍ଟଲାଇନ ବୋଲର ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ଶନକାଙ୍କ ଆହତ ହେବା ଦ୍ୱାରା ଦଳର ନିମ୍ନ ମଧ୍ୟକ୍ରମ ବ୍ୟାଟିଂ ଅତ୍ୟନ୍ତ ଦୁର୍ବଳ ମନେହେଉଛି। ୨୦ ବର୍ଷୀୟ ମଥିଶା ପଥିରାନା ବୋଲିଂର ନେତୃତ୍ୱ ନେଉଥିବା ବେଳେ ଦଳ ଦୁଇ ମ୍ୟାଚରେ ୭୭୫ ରନ୍ କରିବା ଆଉ ଏକ ବଡ ସମସ୍ୟା ରହିଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**

**ସ୍ଥାନ: ଲକ୍ଷ୍ନୌ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## 'ସବୁ ମ୍ୟାଚ୍ ଆମ ପାଇଁ ଫାଇନାଲ'

**ଲକ୍ଷ୍ନୌ,୧୫।୧୦(ପି.ଟି.)**

ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହେବା ଦ୍ୱାରା ବର୍ତ୍ତମାନ ସମସ୍ତ ମ୍ୟାଚ୍ ଆମ ପାଇଁ ଫାଇନାଲ ସଦୃଶ ରହିଛି ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କୁମିନ୍ସ। ଏହି ପରିସ୍ଥିତିରୁ ଦଳ ଆଉ ଗୋଟିଏ ବି ପରାଜୟ ଚାହିଁବ ନାହିଁ। ତେଣୁ ପ୍ରତ୍ୟେକ ମ୍ୟାଚ୍‌କୁ ଫାଇନାଲ ଭଳି ଭାବି ଖେଳିବାକୁ ପଡିବ ବୋଲି କୁମିନ୍ସ କହିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ଦୁଇଟି ଶକ୍ତିଶାଳୀ ଦଳ ଏହା ନିଃସନ୍ଦେହ। ୨୦୧୯ରେ ଆମେ ଉଭୟ ଦଳ ନିକଟରୁ ପରାଜିତ ହୋଇଥିଲୁ। ତେବେ ଆମେ ପ୍ରଦର୍ଶନରେ ସୁଧାର ଆଣି ଆଗକୁ ଥିବା ମ୍ୟାଚ୍ ଗୁଡିକରେ ବିଜୟୀ ହେବାକୁ ପ୍ରାଣପଣେ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଆମର ଆରମ୍ଭ ଏତେଟା ଭଲ ରହିନାହିଁ। ଏକ ବଡ଼ ଟୁର୍ନାମେଣ୍ଟରେ ଏମିତି ଆରମ୍ଭ ଆଗକୁ ବଢିବାର ସମ୍ଭାବନାକୁ କ୍ଷୀଣ କରିବାର ସମ୍ଭାବନା ରହିଛି। ଟୁର୍ନାମେଣ୍ଟ ଇତିହାସରେ ଆମେ ସବୁଠାରୁ ଶକ୍ତିଶାଳୀ ଦଳ, ତେଣୁ ଆମେ ପ୍ରଦର୍ଶନ ଜରିଆରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବୁ ବୋଲି କୁମିନ୍ସ କହିଛନ୍ତି।

## ନେଟ୍ସକୁ ଫେରିଲେ ଟ୍ରାଭିସ୍ ହେଡ୍

**ଲକ୍ଷ୍ନୌ,୧୫।୧୦(ପି.ଟି.)**

ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍ ରବିବାର ନେଟ୍ସକୁ ଫେରିଛନ୍ତି। ବାମ ହାତରେ ଫାକ୍ଚର କାରଣରୁ ଅଭ୍ୟାସରୁ ଦୂରେଇ ରହିଥିବା ହେଡ୍ ଆସନ୍ତା ସପ୍ତାହରେ ଅଷ୍ଟ୍ରେଲିଆ ବିଶ୍ୱକପ ଦଳରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବିଶ୍ୱକପ ପୂର୍ବରୁ ଦକ୍ଷିଣ ଆଫ୍ରିକା ସିରିଜ୍‌ରେ ତାଙ୍କ ହାତରେ ଆଘାତ ଲାଗିଥିଲା। ଜେରାଲ୍ଡ କୋଏଟ୍‌ଜିଙ୍କ ବଲ୍ ତାଙ୍କ ହାତରେ ବାଜିଥିବା ବେଳେ ବାମହାତ ଭାଙ୍ଗି ଯାଇଥିଲା। ତେବେ ରବିବାର ତାଙ୍କ ହାତରୁ କାଷ୍ଟ କଢା ଯାଇଥିବା ଦେଖିବାକୁ ମିଳିଥିଲା।

# ବିଶ୍ୱକପ୍‌ର ୬ଟି ବିପର୍ଯ୍ୟୟ



କେଭିନ ଓ'ବ୍ରିଏନ୍

### ➤୧୯୮୩: ଭାରତ ବନାମ ୱେଷ୍ଟଇଣ୍ଡିଜ

ଆଇକନିକ ଲର୍ଡ୍ସଠାରେ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ (୧୯୭୫ ଓ ୧୯୭୯)କୁ ୭୩ ରନରେ ହରାଇ କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତର ପ୍ରଥମ ବିଶ୍ୱକପ୍ ଟାଇଟଲ ହାସଲ। ମ୍ୟାଚରେ ଭାରତ ଦ୍ୱାରା ଧାର୍ଯ୍ୟ ୧୮୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ୧୪୦ରନରେ ପରାଜିତ ହୋଇଥିଲା।

### ➤୧୯୮୩: ଜିମ୍ବାୱେ ବନାମ ଅଷ୍ଟ୍ରେଲିଆ

ବିଶ୍ୱକପ ପଦାର୍ପଣରେ ଜିମ୍ବାୱେ ୧୩ ରନରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଟ୍ରେଣ୍ଟବ୍ରିଜଠାରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ୬୦ ଓଭରରେ ୬ ଉଇକେଟ ବିନିମୟରେ ୨୩୯ରନ କରିଥିଲା। ଦଳ ପକ୍ଷରୁ ଡନକାନ ଫ୍ଲେଚର ୬୯ ରନ କରି ଅପରାଜିତ ରହିଥିଲେ। ସେ ମଧ୍ୟ ବୋଲିଂ କରି ୪୨ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଡେନିସ ଲିଲି, ଜେଫ୍ ଥମ୍ପସନ ଓ ଆଲାନ ବର୍ଡରଙ୍କ ଭଳି ଖେଳାଳି ଥାଇ ଅଷ୍ଟ୍ରେଲିଆ ଦଳର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୨୬ ରନ କରିଥିଲା।

### ➤୨୦୧୧: ଆୟର୍ଲାଣ୍ଡ ବନାମ ଇଂଲଣ୍ଡ

ବାଙ୍ଗାଲୋରର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୩୨୮ରନର ବିଜୟ ଲକ୍ଷ୍ୟକୁ ଆୟର୍ଲାଣ୍ଡ ୩ ଉଇକେଟ ବାକିଥାଇ ହାସଲ କରିନେଇଥିଲା। ଓ'ବ୍ରିଏନ୍ ୬୦ ବଲ୍‌ରେ ବିଶ୍ୱକପ୍‌ରେ ଦ୍ରୁତତମ ଶତକ ହାସଲ କରିଥିଲେ। ସେ ମାତ୍ର ୬୩ ବଲ୍‌ରେ ୧୧୩ ରନ କରିଥିଲେ। ଏଥିରେ ୧୩ ଚୌକା ଓ ୬ ଛକା ସାମିଲ ଥିଲା।

### ➤୧୯୯୬: କେନିଆ ବନାମ ୱେଷ୍ଟଇଣ୍ଡିଜ

ପ୍ରଥମ ଥର ବିଶ୍ୱକପ୍ ଖେଳୁଥିବା କେନିଆ ପୁଣେଠାରେ ୭୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ନାଟକୀୟ ବିପର୍ଯ୍ୟୟ ଘଟାଇଥିଲା। ଟେଷ୍ଟ ଖେଳୁ ନ ଥିବା ଏକ ଦେଶ ଟେଷ୍ଟ ଖେଳୁଥିବା ଦେଶକୁ ପରାସ୍ତ କରିବା ବିଶ୍ୱକପ୍ ଇତିହାସରେ ଏହା ପ୍ରଥମ ଦୃଷ୍ଟାନ୍ତ ଥିଲା। ଅଫ୍ ସ୍ପିନର ମରିସ ଓଡୁମ୍ବେ ମ୍ୟାଚରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ୧୦ ଓଭର ବୋଲିଂରେ ମାତ୍ର ୧୫ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ବ୍ରାଏନ ଲାରା, ରିଚି ରିଚାର୍ଡସନଙ୍କ ଭଳି ଷ୍ଟାର ବ୍ୟାଟ୍ସମ୍ୟାନ ଥିବା ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୧୬୪ ରନ ପିଛା କରୁଥିବା ବେଳେ ମାତ୍ର ୯୩ରନରେ ଅଲଆଉଟ ହୋଇଯାଇଥିଲା।

### ➤୧୯୯୯: ବାଂଲାଦେଶ ବନାମ ପାକିସ୍ତାନ

ନର୍ଥହାମ୍ପଟନଠାରେ ବାଂଲାଦେଶ ପାକିସ୍ତାନକୁ ହରାଇଥିଲା ବାଂଲାଦେଶ ୨୨୩ ରନ କରିଥିବା ବେଳେ ପାକିସ୍ତାନ ୪୪.୩ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଯାଇଥିଲା।

### ➤୨୦୦୭: ବାଂଲାଦେଶ ବନାମ ଭାରତ

ପୋର୍ଟ ଅଫ୍ ସ୍ପେନଠାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବାଂଲାଦେଶ ୫ ଉଇକେଟରେ ଭାରତକୁ ହରାଇ ଦେଇଥିଲା। ଫଳତଃ ଭାରତ ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ମାଶ୍ରାଫି ମୋର୍ତାଜା (୪/୩୮)ଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତର ସ୍କୋର ୪୯.୩ ଓଭରରେ ୧୯୧ରେ ସୀମିତ ହୋଇଯାଇଥିଲା। ବାଂଲାଦେଶ ୫ ଉଇକେଟ ବିନିମୟରେ ୪୮. ୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

## ପୂର୍ବ ଅଭିଜ୍ଞତା ସହାୟକ ହେଲା: ବୁମ୍‌ରା

**ଅହମଦାବାଦ,୧୫।୧୦(ପି.ଟି.)**

ଭାରତୀୟ ଷ୍ଟାର ପେସର୍ ଯଶପ୍ରୀତ୍ ବୁମ୍‌ରା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଘାତକ ବୋଲିଂ କରି ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ୧୯ ରନ୍‌ରେ ଦୁଇ ଉଇକେଟ ନେବା ସହିତ ସେ ପାକିସ୍ତାନ ମଧ୍ୟକ୍ରମକୁ ରନ୍ ସଂଗ୍ରହ କରିବାର ସୁଯୋଗ ଦେଇ ନ ଥିଲେ। ଏହି ପ୍ରଦର୍ଶନ ପାଇଁ ସେ ଅହମଦାବାଦରେ ନିଜର ପୂର୍ବ ଅଭିଜ୍ଞତାକୁ ଶ୍ରେୟ ଦେଇଛନ୍ତି। ଏଠିକାର ପିଚ୍ ବ୍ୟାଟିଂ ଅନୁକୂଳ ଥିଲେ ମଧ୍ୟ ଏହାକୁ ଆଗୁଆ ଠଉରେଇ ନେବା ସହିତ ନିଜ ଲାଇନ୍ ଓ ଲେନ୍ଥକୁ ସେହି ହିସାବରେ ଆଡଜଷ୍ଟ କରିଥିଲେ ବୁମ୍‌ରା। ଏହି ଗ୍ରାଉଣ୍ଡରେ ସେ ଜୁନିୟର କ୍ରିକେଟ ଖେଳିଛନ୍ତି। ଗୁଜରାଟ ପକ୍ଷରୁ ନିଜ ସମଗ୍ର କ୍ୟାରିୟର ଖେଳିଥିବା ବେଳେ ଏଠିକାର ଉଇକେଟ ଫ୍ଲାଟ ବୋଲି ସେ ଆଗରୁ ଜାଣିଥିଲେ। ପିଚ୍‌ରେ ବୋଲିଂ କରିବା ପରେ ଏହା ସ୍ପଷ୍ଟ ହୋଇ ଯାଇଥିଲା। ସେହି ଅନୁସାରେ ନିଜର ଲାଇନ୍, ଲେନ୍ଥ ଓ ସ୍ପିଡ୍ ଆଡଜଷ୍ଟ କରିବା ପରେ ତାଙ୍କୁ ସଫଳତା ମିଳିଥିଲା ବୋଲି ବୁମ୍‌ରା କହିଛନ୍ତି। ମ୍ୟାଚ୍ ପରେ ଭାରତୀୟ ଦଳର ଉପ ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା ସମସ୍ତ ଖେଳାଳିଙ୍କ ଇଣ୍ଟରଭ୍ୟୁ କରୁଥିବା ବେଳେ ବୁମ୍‌ରା ଏଭଳି କହିଛନ୍ତି। ଏହା ସହିତ ଦୀର୍ଘ ୧୧ ବର୍ଷ ଧରି ଆଇପିଏଲ ଖେଳୁଥିବା ବେଳେ ଏହା ମଧ୍ୟ ଏଭଳି ପରସ୍ଥିତିରେ ବୋଲିଂ କରିବା ପାଇଁ ସହାୟକ ବୋଲି ସେ କହିଛନ୍ତି। ସେହିପରି ହାର୍ଦ୍ଦିକ ମଧ୍ୟ ବୁମ୍‌ରାଙ୍କୁ ପ୍ରଶଂସା କରିଥିଲେ। ଗୋଟିଏ ଚୌକା ପରେ ବୁମ୍‌ରା ଯେଉଁଭଳି ଭାବରେ ସ୍ଲୋ ବଲ୍ ବୋଲିଂ କରନ୍ତି ତାହା ପ୍ରଶଂସନୀୟ ବୋଲି କହିଛନ୍ତି ପାଣ୍ଡ୍ୟା।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


ଆଜି ଖୋଲୁଛି
ଯାଜପୁରରେ!
KALYAN JEWELLERS
ଉଦଘାଟନ କରିବେ
ସୁଶ୍ରୀ ସୋନାକ୍ଷୀ ସିହ୍ନା
ଅପରାହ୍ଣ 5:00 ଟାରେ
KALYAN SPECIAL 1g GOLD RATE ₹5540**
SAVE ₹70 per g*
MARKET 1g GOLD RATE ₹5610**
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
JAJPUR ROAD - MAUJA-BHATIA, ARJUN COMPLEX, CHORDA-755019
216 BRANCHES SPREAD ACROSS INDIA AND MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET
T&C apply. *Savings per gram may vary.
**22ct gold rate for 1g on 14/10/2023 at 2:00 p.m. at Patia.